ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୩/୨୦୨୪ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 13/2024 | Page 14 | ₹ 7.00 | SAMBALPUR
୫୦ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 139 | ମୂଲ୍ୟ₹୭/-

**ଦୁଇ ବାନ୍ଧବୀଙ୍କୁ ଡେଟ୍ କରୁଛନ୍ତି କାର୍ତ୍ତିକ**
ବଲିଉଡ୍‌ର ଚକ୍‌ଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନ୍ ତାଙ୍କ ଦୁଇ ବାନ୍ଧବୀ ସାରା ଅଲ୍ଲୀ ଖାନ୍ ଓ ଜାହ୍ନବୀ କପୁରଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି। ୦୨

୧୪ **ଅଭିଯୋଗ ଆଣିଲେ ଭିନେଶ**
ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ତାଙ୍କ ଅଲିମ୍ପିକ ସ୍ୱପ୍ନକୁ ଶେଷ କରିବାକୁ ପ୍ରୟାସ ଚଳାଇଥିବା ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଅଭିଯୋଗ କରିଛନ୍ତି।

# ଇଭିଏମ୍‌ର ବିଶ୍ୱସନୀୟତା | ଉତ୍ତର ଦେଉନାହାନ୍ତି ଇସି

## ସୂଚନା ଅଧିକାର ଆଇନର ଉଲ୍ଲଂଘନ:ସିଆଇସି



ନୂଆଦିଲ୍ଲୀ,୧୨।୪(ପି.ଟି.)

ମତଦାନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନର କାର୍ଯ୍ୟରେ ନିରପେକ୍ଷତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠୁଥିବାବେଳେ ଏନେଇ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ବହୁ ବିଶିଷ୍ଟ ନାଗରିକ ନିର୍ବାଚନ କମିଶନ(ଇସି)ଙ୍କୁ ଉତ୍ତର ମାଗୁଛନ୍ତି। ତେବେ ଇସି ଉତ୍ତର ନ ଦେବାକୁ ନେଇ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଆଇନର ବ୍ୟାପକ ଉଲ୍ଲଂଘନ ବୋଲି ସିଆଇସି କହିବା ସହ ଏଥିପାଇଁ ଲିଖିତ ସ୍ପଷ୍ଟୀକରଣ ଦେବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମ୍, ଭିଭିପିଏଟି ଏବଂ ଭୋଟ ଗଣନା ପ୍ରକ୍ରିୟାର ବିଶ୍ୱସନୀୟତାକୁ ନେଇ ପୂର୍ବତନ ଆଇଏଏସ୍ ଅଫିସର ଏମ୍.ଜି. ଦେବସହାୟମ୍ ଓ ଅନ୍ୟମାନେ ପ୍ରଶ୍ନ କରିଥିଲେ। ଏନେଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଜଣାଇବା ପାଇଁ ସେମାନେ ୨୦୨୨ ନଭେମ୍ବର ୨୨ରେ ସୂଚନା ଅଧିକାର ଆଇନ ବଳରେ ନିର୍ବାଚନ କମିଶନଙ୍କୁ ଆବେଦନ କରିଥିଲେ। ଉକ୍ତ ଆବେଦନ ପତ୍ରକୁ କାହା ପାଖକୁ ଏବଂ କେଉଁ ସରକାରୀ ଅଧିକାରୀଙ୍କ ପାଖକୁ ପଠାଯାଇଛି, ଉକ୍ତ ପ୍ରସଙ୍ଗରେ କୌଣସି ବୈଠକ ହୋଇଛି କି ନାହିଁ ଏବଂ ସମସ୍ତ ଆନୁଷଙ୍ଗିକ ଫାଇଲ ସମ୍ପର୍କରେ ଜାଣିବା ପାଇଁ ଦେବସହାୟମ ଚାହିଁଥିଲେ। ତେବେ ୩୦ ଦିନର ବାଧ୍ୟତାମୂଳକ ସମୟସୀମା ମଧ୍ୟରେ ଇସି କୌଣସି ଉତ୍ତର ଦେଲେ ନାହିଁ। ଦେବସହାୟମ୍‌ଙ୍କ ପ୍ରଥମ ଆବେଦନର ଶୁଣାଣି କରାଗଲା ନାହିଁ। ଫଳରେ ସେ ସିଆଇସିଙ୍କ ଦ୍ୱାରସ୍ଥ ହୋଇ ଇସି ଉତ୍ତର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**
ଜମି ବିବାଦ

**ଆଜିର ମନ୍ତବ୍ୟ**
" ଜମ୍ମୁ-କଶ୍ମୀରରେ ଭାଜପା ନିର୍ବାଚନ ଲଢ଼ିଲେ ଏହାର ସବୁ ପ୍ରାର୍ଥୀ ଅମାନତ ହରାଇବେ। ଏପରି ନ ହେଲେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି।
–ଓମାର ଅବଦୁଲ୍ଲା, ନ୍ୟାଶନାଲ କନଫରେନ୍ସ ଉପାଧ୍ୟକ୍ଷ

# ପ୍ୟାରିସ ଅଲିମ୍ପିକ୍ସ ଚିଫ୍ ଡି' ମିଶନ ପଦବୀରୁ ଓହରିଲେ ମେରୀକମ୍

ନୂଆଦିଲ୍ଲୀ, ୧୨।୪ (ପି.ଟି.)


ଏମ୍.ସି. ମେରୀକମ୍

ଛଅ ଥର ବିଶ୍ୱ ଚାମ୍ପିୟନ ବକ୍ସର ଏମ୍.ସି. ମେରୀକମ୍ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତର ଚିଫ୍ ଡି' ମିଶନ ପଦବୀରୁ ଓହରିଯାଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ମେରୀକମ୍ ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ) ସଭାପତି ପି.ଟି. ଉଷାଙ୍କ ନିକଟକୁ ଏକ ଚିଠି ଲେଖି ପଦବୀରୁ ତାଙ୍କୁ ଅବ୍ୟାହତି ଦେବାକୁ ଅନୁରୋଧ କରିଛନ୍ତି। ୪୧ ବର୍ଷୀୟ ବକ୍ସର ଏଥିରେ ଦର୍ଶାଇଛନ୍ତି, ଦେଶର ସେବା କରିବା ଏକ ଗୌରବର ବିଷୟ ବୋଲି ସେ ବିବେଚନା କରନ୍ତି। ☞ପୃଷ୍ଠା–୪






# ୪୦୦ ଟାର୍ଗେଟ ପାଇଁ ଜେଲ

**ପିଲିଭିଟ୍,୧୨।୪**

ଲୋକ ସଭା ନିର୍ବାଚନରେ ୪୦୦ ଆସନ ଦଖଲ ନେଇ ଦାବି କରୁଥିବା ଲୋକେ ଏତେ ଆତଙ୍କିତ ହୋଇଯାଇଛନ୍ତି, ଯେ ସେମାନେ ମୁଖ୍ୟମନ୍ତ୍ରୀମାନଙ୍କୁ ଜେଲରେ ପୂରାଇ ରଖିଛନ୍ତି ବୋଲି ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ କରି ଜେଲ ପଠାଯିବା ଘଟଣାକୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସେ ଏଭଳି ଭାଷାରେ ଟାର୍ଗେଟ କରିଛନ୍ତି।

ଉତ୍ତର ପ୍ରଦେଶର ପିଲିଭିଟ୍‌ରେ ଏସ୍‌ପିର ଏକ ସଭାକୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ନିୟନ୍ତ୍ରଣରେ କେନ୍ଦ୍ର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ସରକାର ୩ଟି କଳା ଆଇନ ଆଣିଥିଲେ। ଚାରିଆଡ଼େ ବିରୋଧ ହେବାରୁ କୃଷକଙ୍କ ଶକ୍ତି ଦେଖି ଶେଷରେ ୩ ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେଲେ। ଇଲେକ୍ଟୋରାଲ ବଣ୍ଡ ଏବଂ ବିମୁଦ୍ରୀକରଣ କଳାଧନକୁ ଧଳା କରିବାର ମାଧ୍ୟମ ନୁହେଁ କି। ଭାଜପା ବାଲା ଏଥିରେ ନିଜର ସବୁ କଳାଧନକୁ ଧଳା କରିଦେଇଛନ୍ତି। ଦୁର୍ନୀତି ଏତେ ପରିମାଣରେ ବଢ଼ିଯାଇଛି ଯେ, ୨୦୨୪ ନିର୍ବାଚନରେ ଲୋକେ ଏମାନଙ୍କୁ କ୍ଷମତାଚ୍ୟୁତ କରିବେ ବୋଲି ଅଖିଳେଶ କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ ଏହା ହେଉଛି ଅଖିଳେଶଙ୍କ ପ୍ରଥମ ନିର୍ବାଚନୀ ସଭା। ଏପ୍ରିଲ ୧୯ରେ ପିଲିଭିଟ୍‌ରେ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ୧୮ ଲକ୍ଷ ଭୋଟର ମତଦାନ କରିବେ। ୟୁପିରେ ଏସ୍‌ପି ସହ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ମେଣ୍ଟ କରିଛନ୍ତି।


ଅଖିଳେଶ ଯାଦବ

## ସଂକ୍ଷେପରେ

### ଆମ୍ବେଡକର ଆସିଲେ ବି ସମ୍ବିଧାନକୁ ହଟାଇ ପାରିବେ ନାହିଁ: ମୋଦି

**ଜୟପୁର,୧୨।୪:** ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକର ଆସିଲେ ବି ଭାରତୀୟ ସମ୍ବିଧାନକୁ ହଟାଇପାରିବେ ନାହିଁ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାଜପା ସମ୍ବିଧାନକୁ ଧ୍ୱଂସ କରିଦେଉଛି ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣୁଥିବାବେଳେ ପ୍ରଧାନମନ୍ତ୍ରୀ ରାଜସ୍ଥାନର ବାଡ଼ମେରରେ ଏକ ସଭାକୁ ସମ୍ବୋଧିତ କରି ଏଭଳି ଉତ୍ତର ଦେଇଛନ୍ତି। ମୋଦି କହିଛନ୍ତି, ବିରୋଧୀ ଇଣ୍ଡିଆ ବ୍ଲକ୍ ଦେଶକୁ ଦୁର୍ବଳ କରିବା ପାଇଁ ଉଦ୍ୟମ ଚଳାଇଛି। କଂଗ୍ରେସ ଦେଶବିରୋଧୀ ଶକ୍ତିଗୁଡ଼ିକ ସହ ରହିଛି। ଭାଜପା ସରକାର ପାଇଁ ଦେଶର ସମ୍ବିଧାନ ହେଉଛି ସବୁକିଛି। ବର୍ତ୍ତମାନ ସ୍ୱୟଂ ସମ୍ବିଧାନର ମୁଖ୍ୟ ସ୍ଥପତି ଆମ୍ବେଡକର ଆସିଲେ ମଧ୍ୟ ଏହାକୁ ହଟାଇପାରିବେ ନାହିଁ।

### ବନ୍ଦିତା କୌଲ ଡାକ ସଚିବ

**ନୂଆଦିଲ୍ଲୀ,୧୨।୪:** ବରିଷ୍ଠ ଅମଲାତନ୍ତ୍ରୀ ବନ୍ଦିତା କୌଲଙ୍କୁ ଶୁକ୍ରବାର କେନ୍ଦ୍ର ସରକାର ଡାକ ବିଭାଗ ସଚିବ ରୂପେ ନିଯୁକ୍ତି ଦେଇଥିବା କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୯୮୯ ବ୍ୟାଚ୍ ଭାରତୀୟ ଡାକ ସେବା ଅଧିକାରୀ ବନ୍ଦିତା ବର୍ତ୍ତମାନ ପୋଷ୍ଟାଲ ସର୍ଭିସେସ୍ ବୋର୍ଡ (ବ୍ୟାଙ୍କିଙ୍ଗ୍ ଆଣ୍ଡ୍ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ସଦସ୍ୟ ଭାବେ କାର୍ଯ୍ୟରତ। ଡାକ ସଚିବ ବିନୀତ ପାଣ୍ଡେଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ ବୋଲି ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି।

## ଜେଲ ତାଲା ଖୋଲିବ, ସୋରେନ୍ ମୁକୁଳିବେ

**ରାଞ୍ଚି,୧୨।୪**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍‌ଙ୍କୁ ଜେଲରେ ରଖାଯିବା ପ୍ରତିବାଦରେ ଶୁକ୍ରବାର ରାଞ୍ଚିରେ ସରହୁଲ ଶୋଭାଯାତ୍ରା କରାଯାଇଛି। ଏକ ଗାଡ଼ିରେ ଶୋଭାଯାତ୍ରା ବେଳେ ସୋରେନ୍‌ଙ୍କୁ ଜେଲ ଭିତରେ ରଖାଯାଇଥିବା ଫଟୋ ରଖାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମର୍ଥକମାନେ ଇଡି ଏବଂ ସିବିଆଇ ବିରୋଧୀ ମନ୍ତବ୍ୟ ଦେଇଥିଲେ। ସେମାନେ କହିଥିଲେ, ଜେଲ୍ କା ତାଲା ଟୁଟେଗା, ହେମନ୍ତ ସୋରେନ୍ ଛୁଟେଗା। କେନ୍ଦ୍ରୀୟ ସରନା ସମିତି ନେତା ଫୁଲଚାନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଦର୍ଶାଇ କୋଟ୍‌ୱାଲି ପୋଲିସ ଅନ୍ୟୂନ ୨୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ନିକଟକୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି।



ରାଞ୍ଚିରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମର୍ଥନରେ ଶୋଭାଯାତ୍ରା ଗାଡ଼ି।

## ରାଷ୍ଟ୍ରପତି ଶାସନ ଲାଗି କେଜ୍‌ରିୱାଲ ଗିରଫ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରେ ଥିବାବେଳେ ଆପ୍ ପକ୍ଷରୁ ତାଙ୍କ ଫଟୋ ଥିବା ଏକ ପୋଷ୍ଟରକୁ ନୂଆଦିଲ୍ଲୀର ଆଇଟିଓରେ ଲଗାଯାଇଛି।

**ନୂଆଦିଲ୍ଲୀ, ୧୨।୪:** ଜାତୀୟ ରାଜଧାନୀରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ବଡ଼ ଧରଣର ରାଜନୈତିକ ଷଡ଼ଯନ୍ତ୍ର ଚରୁଥିବା ଦିଲ୍ଲୀର କ୍ୟାବିନେଟ୍ ମନ୍ତ୍ରୀ ଆତିଶୀ ଶୁକ୍ରବାର ଅଭିଯୋଗ ଆଣିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ କିଛିମାସ ହେଲା ଷଡ଼ଯନ୍ତ୍ର ଚାଲିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫକରି ଜେଲ ପଠାଯାଇଛି। ଆଗାମୀ ଦିନରେ ତାଙ୍କ ସରକାରର ପତନ ଘଟାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଷ୍ଟ୍ରପତି ଶାସନ ଜାରି କରିବା ବେଆଇନ ଏବଂ ଜନାଦେଶ ବିରୋଧୀ ବୋଲି ଆତିଶୀ ସମାଲୋଚନା କରିଛନ୍ତି।

## ୧୫ ଯାଏ ସିବିଆଇ ହାଜତରେ କବିତା

ଦିଲ୍ଲୀ ଅବକାରୀ ନୀତି ମାମଲାରେ ସମ୍ପୃକ୍ତି ନେଇ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୩ ଦିନିଆ ସିବିଆଇ ରିମାଣ୍ଡରେ ପଠାଇଛନ୍ତି। ସେ ଏପ୍ରିଲ ୧୫ ପର୍ଯ୍ୟନ୍ତ ସିବିଆଇ ହାଜତରେ ରହିବେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅଧିକାରୀମାନେ କବିତାଙ୍କୁ ତିହାର ଜେଲରେ ପଚରାଉଚରା କରିବା ପରେ ତାଙ୍କୁ ଗୁରୁବାର ଗିରଫ କରିଥିଲେ। ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୧୦୦ କୋଟି ଟଙ୍କା ଲାଞ୍ଚ ପ୍ରଦାନରେ କବିତାଙ୍କ ଭୂମିକା ରହିଥିବା ସିବିଆଇ କହିଛି। ମଦ ବ୍ୟବସାୟୀମାନଙ୍କଠାରୁ ଏହି ଲାଞ୍ଚ ଅର୍ଥ ସଂଗ୍ରହ ଲାଗି ଷଡ଼ଯନ୍ତ୍ରରେ କବିତା ସାମିଲ ଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ କବିତା ଯୋଗାଯୋଗ କରିବା ନେଇ ତାଙ୍କୁ ସାକ୍ଷାତ କରିଥିବା ଦକ୍ଷିଣ ଭାରତୀୟ ମଦ ବ୍ୟବସାୟୀ କହିଥିଲେ। ସିବିଆଇ ଏନେଇ କୋର୍ଟକୁ ଅବଗତ କରାଇବା ସହ ଅଧିକ ଜେରା ପାଇଁ ବିଆର୍‌ଏସ୍ ନେତ୍ରୀଙ୍କୁ ୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା।

## ଖାଇବାକୁ ଦେଇ ନ ପାରି ସ୍ତ୍ରୀ, ୭ ପିଲାଙ୍କୁ ହତ୍ୟା

**ଲାହୋର,୧୨।୪**

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ ବ୍ୟକ୍ତି ଦାରିଦ୍ର୍ୟର ତାଡ଼ନାରେ ଅତିଷ୍ଠ ହୋଇ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସାଜଦ ଖୋକର ପରିବାର ସଦସ୍ୟମାନଙ୍କୁ ଖାଇବାକୁ ଦେଇ ନ ପାରି ଶୁକ୍ରବାର ନିଜର ସ୍ତ୍ରୀ ଓ ୭ ଜଣ ପିଲାଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ୭ ପିଲାଙ୍କ ମଧ୍ୟରୁ ୪ ଜଣ ଝିଅ ଏବଂ ୩ ପୁଅ। ସେମାନଙ୍କର ବୟସ ୮ ମାସରୁ ୧୦ ବର୍ଷ ମଧ୍ୟରେ। ସାଜଦ ଆର୍ଥିକ ସଙ୍କଟକୁ ନେଇ ବିଚଳିତ ଥିଲେ ଓ ଅନେକ ସମୟରେ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟା ମାମଲା ରୁଜୁ କରିଛି।

## ପପ୍ ଗାୟିକାଙ୍କ ସନ୍ଦେହଜନକ ମୃତ୍ୟୁ


ପାର୍କ ବୋ ରାମ୍

**ସିଓଲ,୧୨।୪**

ଦକ୍ଷିଣ କୋରିଆର ପପ୍ ଗାୟିକା ପାର୍କ ବୋ ରାମ୍‌ଙ୍କର ଗୁରୁବାର ରାତିରେ ମାତ୍ର ୩୦ ବର୍ଷ ବୟସରେ ପରଲୋକ ଘଟିଛି। ଏଭଳି ଦୁଃଖଦ ଖବର ତାଙ୍କ ପ୍ରଶଂସକମାନଙ୍କୁ ମର୍ମାହତ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ ଚାଲିଛି। ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଗାୟିକା ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ ଦୁଇ ବନ୍ଧୁଙ୍କ ସହ ମଦ ପିଇ ରେଷ୍ଟରୁମ୍‌କୁ ଯାଇଥିଲେ। ସେ ନ ଫେରିବାରୁ କ'ଣ ହେଲା ବୋଲି ଦୁଇ ବନ୍ଧୁ ଦେଖିବାକୁ ଯାଇ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇଥିଲେ। ୨୦୧୪ରେ ପାର୍କ ପପ୍ ସଙ୍ଗୀତ ଶିଳ୍ପରେ ପାଦଦେଇ ନିଜର ଟ୍ୟାଲେଣ୍ଟ ବଳରେ ଶ୍ରୋତାଙ୍କ ହୃଦୟ ଜିତିଥିଲେ।

## ବେଙ୍ଗାଲୁରୁ ବିସ୍ଫୋରଣ ମାଷ୍ଟରମାଇଣ୍ଡ ପଶ୍ଚିମବଙ୍ଗରେ ଗିରଫ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୨।୪**

ଗତ ମାସରେ ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟଣାରେ ଏହାର ମାଷ୍ଟରମାଇଣ୍ଡ ଏବଂ ବୋମା ଖଞ୍ଜିଥିବା ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲାର କାନ୍ଥି ଅଞ୍ଚଳରୁ ଗିରଫ କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ସକାଳେ ଏହି ସୂଚନା ଦେଇଛି। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଏବଂ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତେଲଙ୍ଗାନା ଓ କେରଳ ପୋଲିସର ମିଳିତ ଅଭିଯାନ ପରେ ଅଭିଯୁକ୍ତ ମୁସାଭିର ହୁସେନ୍ ଶାଜେବ ଏବଂ ଅବଦୁଲ ମାଥିନ ତାହାଙ୍କୁ ଗିରଫ କରାଯାଇଛି। ସେମାନେ କୋଲକାତା ଯାଉଥିଲେ ବୋଲି ଏନ୍‌ଆଇଏ କହିଛି। ଶାଜେବ ଏକ ବ୍ୟାଗରେ ବିସ୍ଫୋରକ ଡିଭାଇସ୍ ନେଇ ଲୋକପ୍ରିୟ କାଫେରେ ଖଞ୍ଜିଥିଲା ବୋଲି ଉପଲବ୍ଧ ହୋଇଥିବା ତଥ୍ୟ ପ୍ରମାଣରୁ ସୂଚନା ମିଳିଛି। ଆକ୍ରମଣ କରିବା ଓ ଖସିପଳାଇବାର ଯୋଜନା ତାହା କରିଥିଲା ବୋଲି ଜଣାପଡ଼ିଛି। ଗତ ମାସରେ ଏହି ମାମଲାରେ ମୁଜାମିଲ ଶରିଫଙ୍କୁ ଗିରଫ କରାଯାଇଥିଲା। ସେ ଶାଜେବ ଏବଂ ତାହାଙ୍କୁ ଲଜିଷ୍ଟିକାଲ ସହାୟତା କରିଥିଲେ ବୋଲି ଏନ୍‌ଆଇଏ କହିଛି। ତେବେ ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତ ଗିରଫ ହେବା ନେଇ ଶାସକ ତୃଣମୂଳ କଂଗ୍ରେସ ଏବଂ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ ଆତଙ୍କବାଦୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଥିବା ଏହି ଗିରଫଦାରିରୁ ସ୍ପଷ୍ଟ ହୋଇଛି ବୋଲି ଭାଜପାର ସୋସିଆଲ ମିଡିଆ ମୁଖ୍ୟ ଅମିତ ମାଲବ୍ୟ କହିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାଜପା ତାଙ୍କ ରାଜ୍ୟ ବିରୋଧରେ ମନଗଢ଼ା କାହାଣୀର ପ୍ରସାର କରୁଥିବା ସେ ଅଭିଯୋଗ କରିଛନ୍ତି।

### ମନଗଢ଼ା କାହାଣୀ ପ୍ରସାର କରୁଛି ଭାଜପା: ମମତା



## ଖୁବ୍‌ଶୀଘ୍ର ଇସ୍ରାଏଲ୍‌କୁ ଆକ୍ରମଣ କରିପାରେ ଇରାନ

**ନୂଆଦିଲ୍ଲୀ,୧୨।୪**

ଆଗାମୀ ୪୮ ଘଣ୍ଟା ମଧ୍ୟରେ ଇରାନ ସିଧାସଳଖ ଇସ୍ରାଏଲ୍ ଉପରେ ଆକ୍ରମଣ କରିପାରେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଗତ ୧ ତାରିଖରେ ଇସ୍ରାଏଲ୍ ସୈନ୍ୟ ଡମାସ୍କସ୍‌ରେ ଥିବା ଇରାନ ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲେ। ଇରାନର ଇସ୍‌ଲାମିକ ଗାର୍ଡ କର୍‌ର ୨ ବରିଷ୍ଠ ସଦସ୍ୟଙ୍କ ସମେତ ୭ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ଲାଗି ଇରାନ ପ୍ରତିଜ୍ଞା କରଥିଲା। ଏଥିପାଇଁ ଇସ୍ରାଏଲ ଦଣ୍ଡିତହେବା ଜରୁରୀ ବୋଲି ଇରାନର ସୁପ୍ରିମ ଲିଡର ଅୟାତୋଲା ଅଲି ଖାମନେଇ କହିଛନ୍ତି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ସୁରକ୍ଷା ପାଇଁ ଯାହା କିଛି ଆବଶ୍ୟକ ୱାଶିଂଟନ ସବୁ କରିବ ବୋଲି ବାଇଡେନ୍ କହିଛନ୍ତି। ଫଳରେ ଏହି ଉତ୍ତେଜନା କେବଳ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ୟୁରୋପକୁ ବ୍ୟାପିବା ଆଶଙ୍କା କରାଯାଉଛି। ଗାଜାରେ ହମାସ ଆତଙ୍କବାଦୀଙ୍କ ସହ ଇସ୍ରାଏଲ୍ ଯୁଦ୍ଧରେ ଲିପ୍ତ ଥିବାବେଳେ ଇରାନ ଆକ୍ରମଣ କଲେ ସମ୍ଭାବ୍ୟ ଯୁଦ୍ଧର ପରିଣାମ ବିଶ୍ୱବାସୀଙ୍କୁ ଭୋଗିବାକୁ ପଡ଼ିବ ବୋଲି କୁହାଯାଉଛି।

ଇତିମଧ୍ୟରେ ଇସ୍ରାଏଲ୍ ଓ ଇରାନକୁ ନ ଯିବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଜରୁରୀ ଯାତ୍ରା ସତର୍କତା ଜାରି କରିଛି। ସମ୍ପୃକ୍ତ କ୍ଷେତ୍ରରେ ଉତ୍ତେଜନା ଲାଗି ରହିଥିବାରୁ ସୁରକ୍ଷା ଦୃଷ୍ଟିରୁ ଇରାନ କିମ୍ବା ଇସ୍ରାଏଲ୍‌କୁ ଅନ୍ୟାଦେଶ ଜାରି ପର୍ଯ୍ୟନ୍ତ ଭାରତୀୟମାନେ ନ ଯିବାକୁ ନୂଆଦିଲ୍ଲୀ ବାରଣ କରିଛି।

### ୨ ଦେଶକୁ ନ ଯିବା ଲାଗି ଭାରତୀୟଙ୍କୁ ସତର୍କ କରାଗଲା

## ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ଭାରତ ବିଫଳ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ୨୦୨୧ରୁ ଇତିମଧ୍ୟରେ ୭.୧୧ ପ୍ରତିଶତ ବଢ଼ିଥିବା ସୁଇଜରଲାଣ୍ଡର ଅଣଲାଭଦାୟକ ସଂସ୍ଥା ଇଏ ଆର୍ଥ ଆକ୍ସନ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ୨୨୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେବ ବୋଲି ଆକଳନ କରାଯାଇଥିବାବେଳେ ସେଥିରୁ ୭୦ ନିୟୁତ ଟନ୍ ପରିବେଶ ପ୍ରଦୂଷଣର କାରଣ ହେବ ବୋଲି ପ୍ଲାଷ୍ଟିକ୍ ଓଭରଶୁଟ୍ ଡେ' ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦ୍ରୁତ ବିକାଶଶୀଳ ଦକ୍ଷିଣ ଏସୀୟ ରାଷ୍ଟ୍ର ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ବିଶ୍ୱରେ କମ୍। ତେବେ ବିଶ୍ୱର ୬୦ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ବିଫଳତା ପାଇଁ ଦାୟୀ ୧୨ ଦେଶ ମଧ୍ୟରେ ଭାରତ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। କାନାଡାର ଓଟ୍ଟାୱାରେ ଜାତିସଂଘ ଆନ୍ତଃସରକାରୀ ବୁଝାମଣା କମିଟି (ଆଇଏନ୍‌ସି)ର ଚତୁର୍ଥ ବୈଠକ ବସିବାକୁ ଯାଉଥିବାବେଳେ ଏହା ପୂର୍ବରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ପାଇଁ ଦାୟୀ ୧୨ ଦେଶ ହେଲେ ଚାଇନା, ଭାରତ, ରୁଷିଆ, ବ୍ରାଜିଲ, ମେକ୍ସିକୋ, ଭିଏତ୍‌ନାମ, ଇରାନ, ଇଣ୍ଡୋନେସିଆ, ଇଜିପ୍ଟ, ପାକିସ୍ତାନ, ଆମେରିକା ଏବଂ ତୁର୍କୀ।

ଭାରତର ମୁଣ୍ଡପିଛା ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ୮ କେଜି ହୋଇଥିବାବେଳେ ଚଳିତ ବର୍ଷ ଦେଶର କୁପରିଚାଳିତ ବର୍ଜ୍ୟ ପରିମାଣ ୭.୪ ନିୟୁତ ଟନ୍‌ରେ ପହଞ୍ଚିବା ଆଶଙ୍କା କରାଯାଉଛି, ଯାହାକି ବହୁତ ବେଶୀ। ଅନ୍ୟପକ୍ଷରେ ଏହା ଚାଇନାର କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟର ଏକ–ପଞ୍ଚମାଂଶରୁ କମ୍ ହୋଇଥିବାବେଳେ ଆମେରିକାର ଏକ–ତୃତୀୟାଂଶରୁ କମ୍ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଭାରତ ପରିବେଶକୁ ହାରାହାରି ୩,୯୧,୮୭୯ ଟନ୍ ମାଇକ୍ରୋପ୍ଲାଷ୍ଟିକ୍ ଛାଡ଼ିବାକୁ ଥିବାବେଳେ ଜଳସ୍ରୋତକୁ ୩୧,୪୮୩ ଟନ୍ ରାସାୟନିକ ଉପାଦାନ ଛାଡ଼ିବ ବୋଲି ଆକଳନ କରାଯାଇଛି।

ବେଲ୍‌ଜିୟମରେ ମୁଣ୍ଡ ପିଛା ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ୧୪୭.୭ କିଲୋଗ୍ରାମ, ଯାହା ଭାରତୀୟଙ୍କ ତୁଳନାରେ ୧୬ ଗୁଣ ଅଧିକ। କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟରେ ଓମାନ ଶୀର୍ଷରେ ରହିଛି। ସେଠାରେ ୨୦୨୪ରେ ମୁଣ୍ଡପିଛା କୁପରିଚାଳିତ ପ୍ଲାଷ୍ଟିକ୍ ପରିମାଣ ୧୧୧ କେଜି ହେବ ବୋଲି ଆକଳନ କରାଯାଇଛି। ଏହା ନରୱେର ମୁଣ୍ଡପିଛା କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣର ୩୦ ଗୁଣ। ସେହି ଅନୁଯାୟୀ ଦେଖିଲେ ଭାରତ ୧୨ ଦେଶ ମଧ୍ୟରେ ସବୁଠୁ ତଳେ ରହିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ସାମର୍ଥ୍ୟ ବାହାରକୁ ଚାଲିଯାଇଥିବା ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ଅଧା ରହୁଥିବା ରିପୋର୍ଟରେ କୁହାଯାଇଛି। ଏପ୍ରିଲ ୨୩ରେ ଭାରତ ପ୍ଲାଷ୍ଟିକ୍ ଓଭରଶୁଟ୍ ଡେ'ରେ ପହଞ୍ଚିବାକୁ ଯାଉଛି, ଅର୍ଥାତ୍ ଏହାର ବର୍ଜ୍ୟ ପରିଚାଳନା ବ୍ୟବସ୍ଥାଠାରୁ ବର୍ଜ୍ୟ ଉତ୍ପାଦନ ଅଧିକ ହେଉଛି।



### ବିଶ୍ୱର ୬୦% ଆବର୍ଜନା ସୃଷ୍ଟିକାରୀ ୧୨ ଦେଶ ମଧ୍ୟରେ ସ୍ଥାନିତ

## ଫୁର୍‌ସତ୍

## ଭାରତ ଇତିହାସର ଏକ କଳାଦିନ

### ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ଦିବସ

ପ୍ରତ୍ୟେକ ଦିନ କିଛି ନା କିଛି ଇତିହାସ ସହିତ ଜଡିତ, ଯାହା ଅନ୍ୟକୁ ଶିକ୍ଷା ଦିଏ। ସେହିଭଳି ଆଜିର ଦିନ ଅର୍ଥାତ୍ ୧୩ ଏପ୍ରିଲ ଭାରତ ଇତିହାସରେ ଏକ କଳା ଦିନ। ଏହି ଦିନ ଅମୃତସରର ସ୍ୱର୍ଣ୍ଣମନ୍ଦିର ନିକଟ ଜାଲିଆନୱାଲାବାଗରେ ରକ୍ତର ହୋଲି ଖେଳାଯାଇଥିଲା। ଆଜି ମଧ୍ୟ ଜାଲିଆନୱାଲାବାଗ କଥା ମନେ ପଡ଼ିଗଲେ ଲୋକଙ୍କ ଆତ୍ମା ଥରିଉଠେ। ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ୧୩ ଏପ୍ରିଲ ୧୯୧୯ରେ ଘଟିଥିଲା।



ଉକ୍ତ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୦୫ ବର୍ଷ ବିତିଗଲାଣି, କିନ୍ତୁ ଏହାର କ୍ଷତ ଏବେ ବି ଲୋକଙ୍କ ହୃଦୟରେ ସତେଜ ହୋଇ ରହିଛି। ଏହି ହତ୍ୟାକାଣ୍ଡ ବିରୋଧରେ ଭାରତୀୟ ଜାତୀୟ କଂଗ୍ରେସ ଧର୍ମଘଟ ଘୋଷଣା କରିଥିଲା। ଏହା ବ୍ୟତୀତ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ଘଟଣା ଯୋଗୁ ସାଇମନ କମିଶନ ମଧ୍ୟ ଗଠନ କରାଯାଇଥିଲା।

୧୩ ଏପ୍ରିଲ ୧୯୧୯ରେ ଜାଲିଆନାୱାଲା ବାଗରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇ ଦୁଇ ଜାତୀୟତାବାଦୀ ନେତା ସତ୍ୟ ପାଲ ଏବଂ ଡା. ସୈଫୁଦ୍ଦିନ କିଚଲୁଙ୍କ ଗିରଫଦାରୀକୁ ବିରୋଧ କରିଥିଲେ। ଏହି ସମୟରେ ହଠାତ୍ ବ୍ରିଟିଶ ସାମରିକ ଅଧିକାରୀ ଜେନେରାଲ ଡାୟର୍ ତାଙ୍କ ସୈନିକଙ୍କ ସହିତ ପାର୍କ ଭିତରକୁ ଆସିଥିଲେ। ଲୋକଙ୍କୁ ଚେତାବନୀ ନ ଦେଇ ସେ ତାଙ୍କ ସୈନିକମାନଙ୍କୁ ଦଶ ମିନିଟ ପାଇଁ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। କୁହାଯାଏ ଯେ, ଦଶ ମିନିଟ ମଧ୍ୟରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ଆଜି ମଧ୍ୟ ଜାଲିଆନାୱାଲା ବାଗ କାନ୍ଥରେ ଏହି ହତ୍ୟାକାଣ୍ଡର ଚିହ୍ନ ଦେଖିବାକୁ ମିଳେ। ବ୍ରିଟିଶ ସରକାରୀ ରେକର୍ଡ ଅନୁଯାୟୀ, ପୁରୁଷ, ମହିଳା ଏବଂ ଶିଶୁଙ୍କ ସମେତ ୩୮୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨୦୦ ଜଣ ଆହତ ହୋଇଥିଲେ।

## ୨ ବାନ୍ଧବୀଙ୍କୁ ଡେଟ୍

**ମୁମ୍ବାଇ:** ଦିନ ଥିଲା ନବାଗତ ଯୋଗୁ ଫିଲ୍ମରେ ନେବା ପାଇଁ ନିର୍ମାତାମାନେ ନାକ ଟେକୁଥିଲେ। ହେଲେ ଏବେ ତାଙ୍କ ସହ କାମ କରିବାକୁ ଡେଟ୍ ମିଳିବା କଷ୍ଟକର। ଆମେ କହୁଛୁ ବଲିଉଡ୍‌ର ଚକ୍‌ଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ବିଷୟରେ। ଏଯାବତ ସେ କରିଥିବା ପ୍ରତିଟି ଫିଲ୍ମରେ ତାଙ୍କ ଅଭିନୟ ସବୁଠୁ ବାରି ହୋଇ ପଡ଼େ। କମେଡି ସାଙ୍ଗକୁ ରୋମାନ୍ସରେ ସେ ସିଦ୍ଧହସ୍ତ ବୋଲି ପ୍ରଶଂସକ ମତ ରଖନ୍ତି। ପରଦା ଉପରେ ଯେମିତି ବ୍ୟକ୍ତିଗତ ଜୀବନରେ ବି ରୋମାନ୍ସରେ ମାହିର କାର୍ତ୍ତିକଙ୍କ ନାମ ଅନେକ ନାୟିକାଙ୍କ ସହ ଯୋଡ଼ା ଯାଇଛି। 'ଲଭ୍ ଆଜ କଲ୍' ଶୁଟିଂ ସମୟରେ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କୁ ଡେଟ୍ କରୁଥିଲେ କାର୍ତ୍ତିକ। ପରେ କାର୍ତ୍ତିକ ଶ୍ରୀଦେବୀ ଲଳନା ଜାହ୍ନବୀଙ୍କ ସମ୍ପର୍କ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଥିଲା। 'ଦୋସ୍ତାନା ୨' ସମୟରେ ଦୁହେଁ ନିକଟତର ହୋଇଥିଲେ। ହେଲେ ଫିଲ୍ମର ଶୁଟିଂ ମଝିରେ ବନ୍ଦ ହୋଇଯିବା ପରେ ସେମାନଙ୍କ ବାଟ ହୋଇଯାଇଥିଲା ଅଲଗା। ଏବେ ଏହି ସମ୍ପର୍କ ନେଇ ପରୋକ୍ଷରେ ମନକଥା କହିଛନ୍ତି ଅଭିନେତା। ନିକଟରେ ଏକ ସାକ୍ଷାତ୍‌କାରରେ ସେ ଦୁଇ ବନ୍ଧୁ (ସାରା,ଜାହ୍ନବୀ)ଙ୍କୁ ଡେଟ୍ କରିଥିବା ଖୁଲାସା କରିଛନ୍ତି। ଏହା ତାଙ୍କର ଏକ ଅବଶୋଷ। ସର୍ବଦା ସେ ସେସବୁ ଭାବି ଲଜ୍ଜାବୋଧ କରନ୍ତି ବୋଲି ମଧ୍ୟ କହିଛନ୍ତି।

ଅଭିନୟ ବିଷୟରେ କହିଲେ ଆଗାମୀ ଦିନରେ ତାଙ୍କର ଅନେକ ଫିଲ୍ମ ରିଲିଜ ହେବାକୁ ଯାଉଛି। ସେଥିରେ ଚନ୍ଦୁ ଚମ୍ପିଆନ୍, ଭୁଲ୍ ଭୁଲୈୟା ୩, ଆଶିକି ୩ ଆଦି ରହିଛି।


କାର୍ତ୍ତିକ ଆର୍ଯ୍ୟନ୍







# ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ରୋକିବେ ପ୍ରତିହାରୀ ସେବକ

**ପୁରୀ,୧୨।୪(ଅଜିତ୍ ମହାନ୍ତି)**

ଏଣିକି ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ ପ୍ରତିହାରୀ ସେବକ। ଶ୍ରୀମନ୍ଦିରକୁ ଅନେକ ସମୟରେ ଅଣହିନ୍ଦୁ ପ୍ରବେଶ କରୁଥିବା ନେଇ ବାରମ୍ବାର ଅଭିଯୋଗ ଆସିବା ପରେ ପ୍ରତିହାରୀ ନିଯୋଗର ଏଭଳି ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେଇଥିବା ନିଯୋଗର ସମ୍ପାଦକ ରାମନାରାୟଣ ଗୋଛିକାର ଶୁକ୍ରବାର ସୂଚନା ଦେଇଛନ୍ତି।

ଗୋଛିକାର କହିଛନ୍ତି, ପୂର୍ବକାଳରେ ଶ୍ରୀଜଗନ୍ନାଥଙ୍କ ଓ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରତିହାରୀ ସେବକମାନେ ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। କାଳକ୍ରମେ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା। ଶ୍ରୀମନ୍ଦିର ଭିତରେ ପ୍ରତିହାରୀ ସେବକମାନେ ସେବା ଯୋଗାଉଥିଲେ। ଏପରିକି ରଥଯାତ୍ରା ସମୟରେ ମହାପ୍ରଭୁଙ୍କୁ ସେବା ଯୋଗାଇଆସୁଥିଲେ। ମାତ୍ର ମାଳ ମାଳ ପୋଲିସ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହୁଥିଲେ ମଧ୍ୟ ଅନେକ ସମୟରେ ସୁରକ୍ଷା ବଳୟ ଭେଦି ଅଣହିନ୍ଦୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ତେଣୁ ଅଣହିନ୍ଦୁମାନେ ଯେପରି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ତାହାକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବାୟତମାନେ ନିୟୋଜିତ ରହିବେ।

**ଅମୁଲ କ୍ଷୀର**

ଆବଶ୍ୟକ କରୁଛନ୍ତି
ଏରିଆ ମିଲ୍କ ଡିଷ୍ଟ୍ରିବ୍ୟୁଟର୍ସ, ହୋମ୍ ଡେଲିଭରୀ ଏଜେଣ୍ଟସ୍ ଏବଂ ରିଟେଲର୍ସ ।

ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଙ୍ଗ ଫେଡେରେସନ୍ ଲିମିଟେଡ (ଜିସିଏମଏମଏଫ୍) ହେଉଛି ଭାରତର ସର୍ବବୃହତ ଖାଦ୍ୟ ବ୍ୟବସାୟ ସଂସ୍ଥା ଯାହା ଉଭୟ ଭାରତରେ ଏବଂ ବିଦେଶରେ ଅମୁଲ ଏବଂ ସାଗର ବ୍ରାଣ୍ଡ ନାମ ଅଧୀନରେ ଡେଇରୀ ଉତ୍ପାଦ ବିପଣନ କରେ । ଆମର ଦ୍ରୁତ ବିସ୍ତୃତ ହେଉଥିବା ବ୍ୟବସାୟ ସହ ପାଦ ମିଶେଇ ଆଗେଇବା ପାଇଁ ଜିସିଏମଏମଏଫ୍ **ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ସହର** ରେ ପାଉଚ୍ ମିଲ୍କ ପାଇଁ ଏରିଆ ମିଲ୍କ ଡିଷ୍ଟ୍ରିବ୍ୟୁଟର୍ସ, ରିଟେଲର୍ସ, ଏବଂ ହୋମ ଡେଲିଭରୀ ଏଜେଣ୍ଟସ୍ ଆବଶ୍ୟକ କରୁଛନ୍ତି ।

**ଏରିଆ ମିଲ୍କ ଡିଷ୍ଟ୍ରିବ୍ୟୁଟର୍ସ**

ଆଗ୍ରହୀ ସଂସ୍ଥା ଯେଉଁମାନଙ୍କର ଏକ ବିକ୍ରୟ ଦଳ ଏବଂ ବଣ୍ଟନ ପାଇଁ ଯାନ ଅଛି ସେମାନଙ୍କୁ ଆବେଦନ କରିବାକୁ ସ୍ୱାଗତ କରାଯାଉଛି । କ୍ଷୀର ବଣ୍ଟନରେ ପୂର୍ବ ଅଭିଜ୍ଞତା ଥିବା ବିତରକମାନଙ୍କୁ ଅଗ୍ରାଧିକାର ଦିଆଯିବ ।

**ହୋମ୍ ଡେଲିଭରୀ ଏଜେଣ୍ଟସ୍**

ପୂର୍ବ ଗୃହ ବିତରଣ ଅଭିଜ୍ଞତା ଥିବା ଏଜେଣ୍ଟମାନଙ୍କୁ ସ୍ୱତନ୍ତ୍ର କମିଶନ୍ ସହିତ ପୁରସ୍କୃତ କରାଯିବ ।

**ରିଟେଲର୍ସ**

ଅମୁଲ କ୍ଷୀର ବିକ୍ରୟ କରିବାକୁ ଇଚ୍ଛୁକ ଦୋକାନୀମାନଙ୍କୁ ସ୍ୱତନ୍ତ୍ର କମିଶନ୍ ସହିତ ପୁରସ୍କୃତ କରାଯିବ ।



ଆଗ୍ରହୀ ସଂସ୍ଥାଗୁଡିକ ନିମ୍ନଲିଖିତ କର୍ତ୍ତୃପକ୍ଷଙ୍କୁ ଆବେଦନ କରିପାରିବେ :
**ଜିସିଏମଏମଏଫ୍ ଲିମିଟେଡ,**
C/o ଜୟ ଜଗନ୍ନାଥ ଏଣ୍ଟରପ୍ରାଇଜେସ୍ ପ୍ରା.ଲି.
ମାଝିପାଲ୍ଲୀ, ପୋ/ଥାନା-ଶାସନ,
ସମ୍ବଲପୁର, ଓଡିଶା-768200,
ଶ୍ରୀ ଜ୍ଞାନଦତ୍ତ ରଥ (ପ୍ରେସ୍ ପ୍ରକଳ୍ପ ଇନଚାର୍ଜ): 9437076457
ଇମେଲ: gyanadutta.rath@amul.coop
ଶ୍ରୀ ପ୍ରିୟବ୍ରତ ସାହୁ (ଶାଖା ପ୍ରବନ୍ଧକ): 9147048115
ଇମେଲ: p.sahoo@amul.coop
କଷ୍ଟମର କେୟାର ନମ୍ବର: 1800-258-3333
Amul The Taste of India

# ପୋଲିଂ କର୍ମଚାରୀଙ୍କୁ ମିଳିବ କ୍ୟାଶ୍‌ଲେସ ଚିକିତ୍ସା

**ଭୁବନେଶ୍ୱର,୧୨।୪(ଅସମାପିକା ସାହୁ)**

ଚଳିତ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିଂ କର୍ମଚାରୀ ଯଦି ଅଂଶୁଘାତରେ ଅସୁସ୍ଥ ହୁଅନ୍ତି, ତେବେ ସେମାନଙ୍କୁ କ୍ୟାଶ୍‌ଲେସ ଚିକିତ୍ସା ସୁବିଧା ଯୋଗାଇଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ପରିସରଭୁକ୍ତ ହୋଇଥିବା ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲଗୁଡ଼ିକୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ହୋଇଛି। ନିର୍ବାଚନକାଳୀନ ଡ୍ୟୁଟି ସଂକ୍ରାନ୍ତ ନିଯୁକ୍ତିପତ୍ର ଦାଖଲ କରାଯିବା ପରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ। ସୂଚନାଯୋଗ୍ୟ, ରାଜ୍ୟର କୋଟି କୋଟି ଲୋକ ବିଏସ୍‌କେୱାଇ ଜରିଆରେ ଉପକୃତ ହେଉଥିବାବେଳେ ରାଜ୍ୟ ସରକାର ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ଲାଗି ଏହାକୁ ଉପଲବ୍ଧ କରାଇଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ଚିକିତ୍ସା ବାବଦ ପେମେଣ୍ଟ ପାଇବାକୁ ଷ୍ଟେଟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟି ନିକଟରେ ଅଫ୍‌ଲାଇନରେ ବିଏସ୍‌କେୱାଇ ପ୍ୟାକେଜ ରେଟ୍ ଆଧାରରେ ବିଲ୍ ପେଠ କରିବା ପାଇଁ କୁହାଯାଇଛି।

# ୧୪ରୁ ଅସହ୍ୟ ଗୁଳୁଗୁଳି, ୧୭ରୁ ଅସମ୍ଭାଳ ତାତି

**ଭୁବନେଶ୍ୱର, ୧୨।୪ (ଅସମାପିକା ସାହୁ)**

## ୪୫ ଡିଗ୍ରୀ ଛୁଇଁପାରେ ପାରଦ

## ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପରାମର୍ଶ

ରାଜ୍ୟରେ ପୁଣି ଗରମ ଓ ଗୁଳୁଗୁଳି ଲେଉଟିଛି। ଶୁକ୍ରବାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୭.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୬.୨ ଓ ଜଗତ୍‌ସିଂହପୁରରେ ୩୬ ଡିଗ୍ରୀ ରହିଥିଲା। ବୌଦ୍ଧ ଓ ରାୟଗଡ଼ାର କିଛି ସ୍ଥାନରେ ବର୍ଷା ହୋଇଥିଲେ ମଧ୍ୟ ଶନିବାରଠାରୁ ତାତି ଆହୁରି ବଢ଼ିବା ସମ୍ଭାବନା ରହିଛି। ତେବେ ୧୪ରୁ ଅସହ୍ୟ ତାତି ଅନୁଭୂତ ହେବ। ଦିନ ତାପମାତ୍ରାରେ ୬ରୁ ୮ ଡିଗ୍ରୀ ବୃଦ୍ଧି ପାଇବାର ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୨୪ ଘଣ୍ଟାରେ ଦିନ ତାପମାତ୍ରରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବାର ନାହିଁ। କିନ୍ତୁ ୧୪ରେ କଟକ, ନୟାଗଡ଼, ବୌଦ୍ଧ, ଅନୁଗୋଳ ଓ ଖୋର୍ଦ୍ଧାରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ରହିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଫଳରେ ଗୁଳୁଗୁଳି ଅସହ୍ୟ ହେବ। ସେହିଭଳି ୧୫ ଓ ୧୬ରେ ବିଭିନ୍ନ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବିଶେଷକରି ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ପଡ଼ିବ। ୧୫ରେ କଟକ, ନୟାଗଡ଼, ମାଲକାନଗିରି, କୋରାପୁଟ, ଅନୁଗୋଳ ଏବଂ ଢେଙ୍କାନାଳ ଓ ୧୬ରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଏବଂ ଭଦ୍ରକରେ ଗ୍ରୀଷ୍ମ ପ୍ରବାହ ସାଧାରଣ ଜନଜୀବନକୁ ପ୍ରଭାବିତ କରିବ। ତେବେ ଆଗାମୀ ୧୭ରୁ ୨୦ ତାରିଖ ଯାଏ ସାଂଘାତିକ ସ୍ଥିତି ରହିବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ବଢ଼ିବ। ୪୩ ରୁ ୪୫ ଡିଗ୍ରୀ ତାପମାତ୍ରା ଛୁଇଁବ। ଅସହ୍ୟ ପାଣିପାଗ ସ୍ଥିତି ସୃଷ୍ଟି ହେବ। ଏହା ଶରୀର ପାଇଁ ଘାତକ ହୋଇପାରେ। ତେଣୁ ଏଥିପ୍ରତି ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ

**ବ୍ରହ୍ମପୁର,୧୨।୪(ସୁବାସ ଚନ୍ଦ୍ର ପାଢ଼ୀ)**

## ସରକାରୀ ଅର୍ଥ ଆତ୍ମସାତ ମାମଲା

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶୁକ୍ରବାର ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାର କରି ଜଣେ ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗଜପତି ଜିଲା କାଶୀନଗର ବ୍ଲକ କିଡିଗାଁ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଡି.ରାମାରାଓ(୪୯)। ଏହି ମାମଲାର ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଉକ୍ତ ପଞ୍ଚାୟତର ଗ୍ରାମସେବକ ତଥା ନିର୍ବାହୀ ଅଧିକାରୀ ଆଦିକନ୍ଦ ରାଇତାଙ୍କ ମୃତ୍ୟୁ ଘଟିଥିଲା। ତେଣୁ ତାଙ୍କୁ ମାମଲାରୁ ବାଦ ଦିଆଯାଇଥିଲା।

୨୦୦୬-୦୭ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପଞ୍ଚାୟତରେ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ କାମ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ସେଥିରୁ ଅର୍ଥ ଆତ୍ମସାତ ହୋଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସର ଏକ ଟିମ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ୧ ଲକ୍ଷ ୪୧ ହଜାର ୨୫୧ ଟଙ୍କାର ହିସାବ ସରପଞ୍ଚ ଓ ଗ୍ରାମସେବକ ଦେଇପାରି ନ ଥିଲେ। ପଞ୍ଚାୟତର ସୁକର୍ଣ୍ଣପେଟାରୁ ବାଇରିଗୁଡା ରାସ୍ତା ପାଇଁ ୫୯ ହଜାର ୨୩ ଟଙ୍କା ମିଥ୍ୟା ବିଲ ଦାଖଲ କରିଥିବା ଜଣାପଡ଼ିଥିଲା। ସେହିପରି ଭେଙ୍କଟପୁରରୁ ଅପଲାନାଇଡୁପେଟା ଗ୍ରାମ ରାସ୍ତା କାମ ପାଇଁ ୪୮ ହଜାର ୨୯୫ ଟଙ୍କାର ମିଥ୍ୟା ବିଲ ଦିଆଯାଇଥିବା ଜଣାପଡିଥିଲା। ୧୦ ହଜାର ଟଙ୍କାର ଋଣ ପରିଶୋଧ କରିଥିବା କ୍ୟାଶବୁକରେ ଲେଖାଯାଇଥିବା ବେଳେ ସେ ସମ୍ପର୍କରେ ଋଣ ଆଣିଥିବା କେଉଁଠାରେ ଦର୍ଶାଯାଇ ନ ଥିଲା। ମାମଲାର ବିଚାର ବେଳେ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ୮ ବର୍ଷର ପ୍ରେମରେ ଧୋକା: ଥାନାରେ ରାଣୀ ପଣ୍ଡା

**ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା)**

ପ୍ରେମ-ପ୍ରତାରଣା ଅଭିଯୋଗ ଆଣି ମହିଳା ଥାନାରେ ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ତାଙ୍କ ପୁରୁଷ ବନ୍ଧୁଙ୍କ ବିରୋଧରେ ଏତଲା ଦେଇଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ପୁରୁଷ ବନ୍ଧୁ ପ୍ରତାରଣା କରିଥିବା ରାଣୀ ଏତଲାରେ ଦର୍ଶାଇଛନ୍ତି। ଦୀର୍ଘ ୮ ବର୍ଷ ଧରି ପ୍ରେମ ସମ୍ପର୍କରେ ରହିବା ପରେ ପୁରୁଷ ବନ୍ଧୁ ଅନ୍ୟତ୍ର ବିବାହ କରୁଥିବା ଖବର ପାଇବା ପରେ ଶୁକ୍ରବାର ରାଣୀ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୭୪/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଥାନାରେ ଅଭିଯୋଗ କରିବା ପରେ ରାଣୀ ଗଣମାଧ୍ୟମକୁ କହିଛନ୍ତି, ଏତେ ଭଲପାଇବାର ପରିଣାମ ମୋତେ ଏଇଆ ମିଳିଲା। ମୁଁ ନ୍ୟାୟ ଚାହୁଁଛି। ମୋର ମାନ, ଇଜ୍ଜତ ସବୁ ମାଟିରେ ମିଶି ଯାଇଛି। ତେଣୁ ସେ ପିଲା ଓ ତାଙ୍କର ପରିବାର ଲୋକେ ମୋ ସହିତ ଆଲୋଚନା କରିବା ଦରକାର। ମୋତେ ବାହାହେଲେ ତାଙ୍କ ପରିବାରର ଇଜ୍ଜତ ଚାଲିଯିବ ବୋଲି ତାଙ୍କ ପୁଅ ମୋତେ କହିଛି। ସେ ଯଦି ଏହା ପୂର୍ବରୁ ଜାଣିଥିଲେ ତେବେ ମୋ ସହିତ ବର୍ଷ ବର୍ଷ ଧରି କାହିଁକି ସମ୍ପର୍କରେ ରହିଥିଲେ ବୋଲି ରାଣୀ ପ୍ରଶ୍ନ କରିଛନ୍ତି। ମୁଁ ଏହି କଥା ସୋସିଆଲ ମିଡ଼ିଆରେ ଛାଡ଼ିବା ପରେ ସେ ମୋତେ ନାନା ଧମକ ଚମକ ଦେବା ଆରମ୍ଭ କରିଥିଲେ। ତାଙ୍କର ନେତା ମନ୍ତ୍ରୀ ଅଛନ୍ତି, ମୁଁ ତାଙ୍କର କିଛି କରିପାରିବି ନାହିଁ ବୋଲି କହୁଛନ୍ତି। ତେଣୁ ଗଣମାଧ୍ୟମ ଏବଂ ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ। ସେ ମୋତେ ଯେଉଁ ଅପମାନ ଓ ନିର୍ଯାତନା ଦେଇଛନ୍ତି ମୁଁ ତା'ର ନ୍ୟାୟ ଚାହୁଁଛି ବୋଲି ରାଣୀ କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଡା. କମଳା ଦାସଙ୍କ ପରଲୋକ

**କଟକ,(କାର୍ତ୍ତିକ ସାହୁ)/ ଭୋଗରାଇ, ୧୨।୪ (ପ୍ରଦୀପ ଦାସ)**

## ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରୁ ୩ ଥର ବିଧାୟିକା ନିର୍ବାଚିତ ହୋଇଥିବା ତଥା ପୂର୍ବତନ ମନ୍ତ୍ରୀ ଡା. କମଳା ଦାସଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଗୁରୁବାର ରାତି ୧୨ଟା ୧୫ରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ ସଂକ୍ରମଣରେ ପୀଡ଼ିତ ଥିବାରୁ ପ୍ରାୟ ୧୨ ଦିନ ତଳେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜ୍ୟ ରାଜନୀତିରେ ଜଣେ ଜଣାଶୁଣା ଚେହେରା ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ରାଜ୍ୟରେ ଶୋକର ଛାୟା ଖେଳାଇଦେଇଛି। ଡା. ଦାସଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ଉନ୍ନତି ପାଇଁ ତାଙ୍କ କାମକୁ ରାଷ୍ଟ୍ରପତି ସ୍ମରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଡା. ଦାସଙ୍କ କାମ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି। ସେହିପରି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ମଧ୍ୟ ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମରେ ଜନ୍ମିତ କମଳା ଦାସ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଜଣେ ପ୍ରଫେସର ଭାବେ ଯୋଗଦେଇ ଖ୍ୟାତି ଅର୍ଜନ କରିଥିଲେ। ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଚାକିରିରୁ ଇଚ୍ଛାଧୀନ ଅବସର ନେଇ ରାଜନୀତିରେ ଯୋଗ ଦେଇଥିଲେ। ଭୋଗରାଇ ନିର୍ବାଚନମଣ୍ଡଳୀରୁ ଜନତା ଦଳ ଟିକେଟରେ ୧୯୯୦ ଓ ୧୯୯୫ ଏବଂ ୨୦୦୦ ମସିହାରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ସେ ବିଧାୟିକା ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସରେ ଯୋଗଦେଇ ଭୋଗରାଇ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏହାପରେ ସେ ପୁନର୍ବାର ବିଜେଡିକୁ ଫେରିଥିଲେ। ଡା. ଦାସ ଶଙ୍ଖାରୀ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଡ. କାଳୀକୁମାର ଦାସଙ୍କୁ ବିବାହ କରିଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଡ. ମନ୍ମଥ ନାଥ ଦାସ ଓ ବିଶିଷ୍ଟ କଥାକାର ମନୋଜ ଦାସଙ୍କର ସେ ଥିଲେ ଭାଇବୋହୂ। କଟକରୁ ତାଙ୍କ ମରଶରୀରକୁ ପ୍ରଥମେ ଭୁବନେଶ୍ୱରସ୍ଥିତ ବାସଭବନ ଓ ପରେ ଗାଁ ମାଟି ଶଙ୍ଖାରିସ୍ଥିତ ଶାଶୁ ଘରକୁ ନିଆଯାଇଥିଲା। ମୃତଦେହ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସହସ୍ରାଧିକ ଜନତାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ଅନନ୍ତ ଦାସ, ତହସିଲଦାର ସୁଧାଂଶୁ ଶେଖର ଗିରି, କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ସାମାଜିକ କର୍ମୀ ଅଭିଜିତ ଦାସ, ଗୌତମବୁଦ୍ଧ ଦାସ ପ୍ରମୁଖ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ପୋଲିସ ପକ୍ଷରୁ ୩ଥର ତୋପ ସଲାମୀ ଦିଆଯାଇଥିଲା। ଏହାପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଝିଅ ଲିଜା ଦାସ ଏବଂ ୨ ପୁଅ ସୋମ ଓ ଓମ୍, ପୁତୁରା ଚନ୍ଦନ ଦାସ, ଅରବିନ୍ଦ ଦାସ, ଅଶ୍ୱିନୀ ଦାସ ମୁଖାଗ୍ନି ଦେଇଥିଲେ।



ଡା. କମଳା ଦାସ

# ନିର୍ବାଚନକୁ ବିରୋଧ କରି ହେବ ମାଓବାଦୀ ମେଳି

**ମାଲକାନଗିରି,୧୨।୪(ଦୁର୍ଯ୍ୟୋଧନ ପାତ୍ର)**

ଶନିବାରଠାରୁ ନିର୍ବାଚନକୁ ବିରୋଧ କରିବା ସହ ବିଭିନ୍ନ ସ୍ଥାନରେ ମେଳି କରିବା ନେଇ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ପକ୍ଷରୁ ଚିଠି ମାଧ୍ୟମରେ ସ୍ପଷ୍ଟ କରାଯାଇଛି। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ମାଓବାଦୀ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଛତିଶଗଡ଼ ସହ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଲାଗି ରହିଥିବା ଜିଲାର ବିଭିନ୍ନ ଅଞ୍ଚଳରେ ସଙ୍ଗଠନ ବିରୋଧ ଦିବସ ପାଳନ କରିବ। ମାଓବାଦୀ ସଙ୍ଗଠନ ନିର୍ବାଚନରେ ବାଧା ଦେବା ଆଶଙ୍କା ଥିବାରୁ ଏହାର ବହୁ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ଉଭୟ ଛତିଶଗଡ଼ ଓ ମାଲକାନଗିରିରେ କଡାକଡି କରାଯାଇଛି। ଉଭୟ ସୀମାରେ ହାଇଆଲର୍ଟ ଜାରି କରି ଯାଞ୍ଚ କରାଯାଉଛି। ସିସିଟିଭି ଲଗାଇ ନଜର ମଧ୍ୟ ରଖାଯାଇ ତଲାସି ଅଭିଯାନକୁ ଜୋରଦାର କରାଯାଇଛି। ଆସନ୍ତା ୧୫ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ମେଳି ଓ ଶୋଭାଯାତ୍ରା ଚାଲିବ ବୋଲି ଜଣାପଡିଛି।

# ଆଜି ରାଜଧାନୀ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୨।୪(ବନ୍ଦନା ସେଠୀ)**

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ଶନିବାର ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହେବ। ଏହି ଅବସରରେ ସକାଳ ୭ଟା ୩୦ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରଣା, ଡିସିପି ପ୍ରତୀକ ସିଂ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ବିଧାନସୌଧ ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିବେ। ପରେ ଅତିଥିଙ୍କ ଦ୍ୱାରା ସୂଚନା ଭବନରେ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରାଯିବ। ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିରୂପେ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ, ସମୟ: ସକାଳ ୭ଟା ୩୦।
- ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା ୩୦।
- ସିଆଇଏସ୍‌ସିଇ ରିଜିଓନାଲ ଯୋଗ ଅଲମ୍ପିଆଡ୍ କମ୍ପିଟିଶନ, ସ୍ଥାନ: ଲୟଲା ସ୍କୁଲ ପରିସର, ସମୟ: ସକାଳ ୯ଟା।

## କଟକ

- ଝଙ୍କାର ପତ୍ରିକାର ୭୫ତମ ବାର୍ଷିକୀ ଅବସରରେ ପ୍ରଜାତନ୍ତ୍ର ପ୍ରଚାର ସମିତିର ସାରସ୍ୱତ ଉତ୍ସବ ବିଷୁବ ମିଳନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୭ଟା

## ପୁରୀ

- ଜଗତ୍‌ଜନନୀ ମା'ଦେବୀ ବନଦୁର୍ଗାଙ୍କ ୬ ଦିନିଆ ପୂଜା ଉତ୍ସବର ଶୁଭାରମ୍ଭ, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ, ଜ୍ଞାନଯଜ୍ଞ ନବମ ଦିବସ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଲବଣଗିରି ମହିମା ଧର୍ମାଶ୍ରମର ୩୮ତମ ବାର୍ଷିକ ମହୋତ୍ସବ ଆରମ୍ଭ, ସ୍ଥାନ: ଜାମୁକୋଳି ମହିମା ଆଶ୍ରମ, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: ବେଗୁନିଆ ମା'ଦୁର୍ଗାଦେବୀଙ୍କ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମହାବୀର ଜୟନ୍ତୀ ଉତ୍ସବ, ସ୍ଥାନ: ସିମୁଳିଆ ଥାନା ପରିସର, ସମୟ: ଦିବସବ୍ୟାପୀ।
- ମହାବିଷୁବ ସଂକ୍ରାନ୍ତି ପାଳନ ଓ କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଆଙ୍ଗୁଡ଼େଶ୍ୱରୀ ପୀଠରେ ଘଟୋତ୍ତଳନ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ପ୍ରାତଃ ୫ଟା।
- ବୁଢ଼ୀମଙ୍ଗଳାଙ୍କ ପୂଜାର୍ଚ୍ଚନା ଓ ଘଟ ପୂଜନ, ସ୍ଥାନ: ରାଧାବଲ୍ଲଭପୁର, ବାସୁଦେବପୁର, ସମୟ: ସକାଳ ୬ଟା।
- ହନୁମାନ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଗିରିଧାରୀ ନଗର, ବନ୍ତ, ସମୟ: ସକାଳ ୬ଟା।
- ଭୋଟର ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ଭେଡ଼ାନାୟକାଣୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ଦପାନାୟକାଣୀ ପୀଠ, ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ମା' ବାସୁଳୀ ପୀଠ, କାଁପଡ଼ା, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: କଣ୍ଟିମଙ୍ଗଳା ପୀଠ, ନୟାନନ୍ଦ, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ସାହାଡ଼ାଶୁଣୀ ପୀଠ, ବନମାଚିଆ, ତିହିଡ଼ି, ସମୟ: ସକାଳ ୭ଟା।
- ନଗର କୀର୍ତ୍ତନ ଓ ୧୦୮ କଳସ ଶୋଭାଯାତ୍ରା, ସ୍ଥାନ: ଗୋପାଳଦୋହରା, ତିହିଡ଼ି, ସମୟ: ସକାଳ ୮ଟା।
- ଗଡ଼ଚଣ୍ଡୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଚିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ମଠଛକ, ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସ୍ୱର୍ଣ୍ଣମୟୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଭଣ୍ଡାରଗଡ଼ିଆ, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ: ଟାଉନ ହଲ୍, ତିହିଡ଼ି, ସମୟ: ଅପରାହ୍ନ ୫ଟା। ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଯଜ୍ଞ ପୂର୍ଣ୍ଣାହୁତି ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭଗବତୀ ତାରିଣୀ ପୀଠ, ଭାଟପଡ଼ା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ମରୈଗାଁ, ହାଟଡିହୀ, ସମୟ: ପ୍ରାତଃ ୫ ଟା।
- ମା' ଗଡ଼ଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଏବଂ ଯଜ୍ଞ ଉତ୍ସବ, ସ୍ଥାନ: ଶଡା, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା।
- ମା ରାମଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଏବଂ ଭଜନ ଉତ୍ସବ, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡିହୀ, ସମୟ: ପ୍ରାତଃ ୫ ଘଟିକା
- ହନୁମାନ ଜୟନ୍ତୀ, ଭଜନ କୀର୍ତ୍ତନ ଉତ୍ସବ, ସ୍ଥାନ: ବିଷ୍ଣୁପୁର, ହାଟଡିହୀ, ସମୟ: ପ୍ରାତଃ ୫ ଟା।
- ହନୁମାନ ଜୟନ୍ତୀ, ଯଜ୍ଞ, ବେଦପାଠ, ଭଜନ କୀର୍ତ୍ତନ, ପଣା ସଂକ୍ରାନ୍ତି ଉତ୍ସବ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା ୨୦।
- ହନୁମାନ ଜୟନ୍ତୀ,ଭଜନ ଉତ୍ସବ, ସ୍ଥାନ: ସୋସୋ, ହାଟଡିହୀ, ସମୟ: ପ୍ରାତଃ ୫ଟା ୩୦।
- ହନୁମାନ ଜୟନ୍ତୀ, ଭଜନ ସମାରୋହ ଉତ୍ସବ, ସ୍ଥାନ: ଶାଳନିଆ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ବିଜେଡି ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: ସାହାରପଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- କିଡ୍‌ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : କେନ୍ଦୁଝର ଷ୍ଟେସନ ରୋଡ ସ୍କୁଲ କ୍ୟାମ୍ପସ, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ

- ଗାଲେରୀ ମେରୁ ଯାତ୍ରା, ସ୍ଥାନ: ଭଞ୍ଜନଗର ବ୍ଲକ ଗାଲେରୀ, ସମୟ: ଅପରାହ୍ନ ୧ ଟା।
- ଆସିକା ଦଣ୍ଡନାଚ ଦଳର ମାସନ୍ତ ମେରୁ, ସ୍ଥାନ: ସୁନାମ୍ବ ସାହି, ସମୟ: ଅପରାହ୍ନ ୧ଟା୩୦।
- ନାଟକ ଏ ଆଖି କାନ୍ଦୁଛି ତୋରି ପାଇଁ ମଞ୍ଚସ୍ଥ, ସ୍ଥାନ: ବେଲଗୁଣ୍ଠା ବ୍ଲକ ନୂଆଁଗା, ସମୟ: ରାତି ୧ ଟା।
- ସାମାଜିକ ନାଟକ,ସ୍ଥାନ : ବୁଗୁଡ଼ା ବ୍ଲକ ଗୋଲିଆ, ସମୟ:ରାତି ୧ ଟା।

## ଢେଙ୍କାନାଳ

- ଢେଙ୍କାନାଳ 'ବିଭାବନା' ସାରସ୍ୱତ ସମାରୋହ, ସ୍ଥାନ: ଲେଖକ ସଂସଦ ଭବନ, ସମୟ: ସକାଳ ୯ଟା ୪୫।

## ଅନୁଗୋଳ

- ହନୁମାନ ଜୟନ୍ତୀ ପାଇଁ କଳସଯାତ୍ରା, ସ୍ଥାନ: ଅମଲାପଡ଼ା, ସମୟ: ସକାଳ ୮.୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ୧୦ ନଂ. ଜିଲା ପରିଷଦ ଜୋନରେ ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: କଣିହାଁ ବ୍ଲକ ସୁଲେଇପାଳ ଗ୍ରାମ ଆମ୍ବତୋଟା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ଅନ୍ନପ୍ରସାଦ ସେବନ, ସ୍ଥାନ: ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧ ଟା।
- ମେରୁ ଯାତ୍ରା, ସ୍ଥାନ: ବସଲା, ସମୟ: ରାତି ୧୦ଟା।
- ଦଣ୍ଡନାଚ, ସ୍ଥାନ: କାଙ୍ଗୁଲା, ସମୟ: ରାତି ୧୦ ଟା।
- ମେରୁ ଯାତ୍ରା, ସ୍ଥାନ: ବଲାସିଂହା, ବଡ଼କନ୍ତକୁଳ, ଖାଲଗାଁ, ଖିଣ୍ଡା ସମୟ: ରାତି ୧୧ଟା

## ଜଗତ୍‌ସିଂହପୁର

- ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଜୀବନ ଦର୍ଶନ କଥା, ସ୍ଥାନ: ତାଳଦଣ୍ଡା, କୁଜଙ୍ଗ, ସମୟ : ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ଶ୍ରୀରାମ ଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପ୍ରଭୁ ନାରାୟଣ ଗୋସାଇଁଙ୍କ ଜଳ ଆବିର୍ଭାବ ଉତ୍ସବ ଆରମ୍ଭ, ସ୍ଥାନ: ରସୁଲପୁର ବ୍ଲକ୍‌ର ସିଂହାପୁର ମଧୁତୀର୍ଥ ପୁଷ୍କରିଣୀ, ସମୟ: ପ୍ରାତଃ ୫ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା। ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ମହାବୀର ଜିମ୍ନାସିୟମ ପରିସରରେ ହନୁମାନଙ୍କ ଜନ୍ମୋତ୍ସବ, ସ୍ଥାନ: ଯାଜପୁର ପୌରପରିଷଦର ଚମ୍ପାମଡେଇ, ସମୟ: ସକାଳ ୮ଟା।
- ମା' ତାରିଣୀଙ୍କ ଯଜ୍ଞ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ଓଡ଼ଶୋ ପଞ୍ଚାୟତର ମାନପୁର ଗ୍ରାମ, ସମୟ: ସକାଳ ୮ଟା।
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ୯ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ସ୍ମୃତିରେଖା ପାହିଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଖଣ୍ଡିତର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଥାନପତିଙ୍କ ୧୦ମ ବାର୍ଷିକ ଯଜ୍ଞ ମହୋତ୍ସବ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ଉପରବରୁଆଁ ପଞ୍ଚାୟତର ତାରା ଦେବୀପୀଠ, ସମୟ: ଅପରାହ୍ନ ୫ଟା।
- ମା' ସିଂହାରଶୁଣୀଙ୍କ ତୃତୀୟ ବାର୍ଷିକ ଯଜ୍ଞ ଅବସରରେ ସଙ୍ଗୀତ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସିଂହାରସାହି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ପଞ୍ଚ କୁଣ୍ଡିୟ ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ାର ଗିରି ହନୁମାନ ପୀଠ, ସମୟ: ସକାଳ ସାଢ଼େ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ାର ବ୍ଲକର ବଡବାଣପୁର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଝରିଗାଁ ହାଇସ୍କୁଲ୍ ପଡ଼ିଆ, ସମୟ: ରାତି ୮ଟା.୩୦।

## କୋରାପୁଟ

- ଶ୍ରୀଅଭୟ ଆଞ୍ଜେନେୟଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନାଲ୍‌କୋ ଟାଉନଶିପ, ଦାମନଯୋଡି, ସମୟ: ସକାଳ ୯ଟା।

## ସମ୍ବଲପୁର

- ଷୋହଳ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଦେବେଇପାଲି, ସମୟ: ସକାଳ ୮ଟା।
- ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଜୟନ୍ତପୁର, ସମୟ: ଅପରାହ୍ନ ୪ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର

- ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ହନୁମାନ ମନ୍ଦିର ହେମାଲ ଭବନ କଣ୍ଟାବାଞ୍ଜି, ସମୟ: ସକାଳ ୮ଟା୪୫।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ମୁରିବାହାଲ ବ୍ଲକ ଡଙ୍ଗରପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମ ଏବଂ ଜିଲା ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ପଥରଚେପା, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା୩୦।
- ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଗାଳ୍ପିକା ଗାୟତ୍ରୀ ସରାଫଙ୍କ ଆଲୋଚନା ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା୧୫।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଟିଟିଲାଗଡ଼ ଭାଜପା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ନବାହ୍ନ ପାରାୟଣ ଉଦ୍‌ଯାପନ, ସ୍ଥାନ: କମିରା,ବୀରମହାରାଜପୁର,ସମୟ: ପୂର୍ବାହ୍ନ ୧୦ ଟା।
- ନବରାତ୍ରିର ପଞ୍ଚମ ଦିବସ, ସ୍ଥାନ: ଦୁର୍ଗାମନ୍ଦିର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଯୁବ ଜନତା ଦଳର ସମାବେଶ, ସ୍ଥାନ: ଲିଙ୍ଗମାର୍ଣ୍ଣି ଖେଳପଡିଆ,ଡୁଙ୍ଗୁରିପାଲି, ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ରାମାୟଣ ପାରାୟଣର ପଞ୍ଚମ ଦିବସ, କୁଦେଇପଡାସ୍ଥିତ ଶ୍ରୀରାମ ମନ୍ଦିର ପରିସର,ଡୁଙ୍ଗୁରିପାଲି, ପୂର୍ବାହ୍ନ ୧୧ଟା।
- ଝାମୁଯାତ୍ରାରେ ଧୂଳିଦଣ୍ଡ ପରିବେଷଣ, ସ୍ଥାନ: ବଡମାଲ,ବୀରମହାରାଜପୁର, ସମୟ: ଅପରାହ୍ନ ୩ ଟା।
- ଝାମୁ ଯାତ୍ରା, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା ୩୦।
- ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ, ସ୍ଥାନ: ଅମରପାଲି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ ଟା ୩୦।
- ଷୋଳ ସୁଆଙ୍ଗ ନୃତ୍ୟ ପରିବେଷଣ, ସ୍ଥାନ: ସିନ୍ଧିରିଆବାହାଲ,ଉଲୁଣ୍ଡା, ସମୟ: ରାତି ୧୦ ଟା।
- ଦଣ୍ଡଯାତ୍ରା, ସ୍ଥାନ: ଚୌକା, ବୀରମହାରାଜପୁର, ସମୟ: ରାତି ୧୧ ଟା।

## ରାଉରକେଲା

- ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୭ଟା।
- ଅର୍ଚ୍ଚିଷ୍ଟ କ୍ରିକେଟ ମ୍ୟାଚ ତୃତୀୟ ଦିବସ ମ୍ୟାଚ୍, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ହନୁମାନଙ୍କ ସିନ୍ଦୂର ଗ୍ରହଣ ଓ ଝଣ୍ଡା ପରିକ୍ରମା, କୀର୍ତ୍ତନ ପାଇଁ ଅଧିବାସ, ସ୍ଥାନ: ବଡ଼ଗାଁ ବ୍ଲକ ଶଙ୍କରାପୋଷ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା।

## ବରଗଡ଼

- ଚୈତ୍ର ବାସନ୍ତୀକ ନବଦିନାତ୍ମକ ପୂଜନୋତ୍ସବ, ସ୍ଥାନ: ଗ୍ରାମ୍ୟଦେବୀ ସମଲେଶ୍ୱରୀଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମା' ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଚୈତ୍ର ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶ୍ରୀଶ୍ରୀ ସମଲେଶ୍ୱରୀ ଦେବୀପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା।
- ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଲପାଲି, ବରଗଡ଼, ସମୟ: ସକାଳ ୭ଟା।
- ଉଚ୍ଛବ ନାଟକ ମହୋତ୍ସବ, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## କଳାହାଣ୍ଡି

- ମା' ତାରିଣୀ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: କେସିଙ୍ଗା ବ୍ଲକ ମଶାଣିବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ସାଧାରଣ ନିର୍ବାଚନ ପାଇଁ ଭାଜପାର ବୁଥସ୍ତରୀୟ ବୈଠକ, ସ୍ଥାନ: ଧର୍ମଗଡ଼ ଦଳୀୟ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଆଦିବାସୀ ମହାମେଳି, ସ୍ଥାନ: କୋମନା ବ୍ଲକ ମିଛାପାଲି ସିବିଡିଓ ଗୃହଠାରେ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଦପଲା ପଞ୍ଚାୟତର ପ୍ରଧାନପାଲି ଗ୍ରାମରେ ଚାରିଶମ୍ଭୁ ମିଳନ, ସ୍ଥାନ: ପ୍ରଧାନପାଲି ଗ୍ରାମ,କଣ୍ଟାମାଲ ବ୍ଲକ, ସମୟ: ଅପରାହ୍ନ ୩ ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ତିଲେଇବନି ବ୍ଲକ ଝରମୁଣ୍ଡା ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର,ସ୍ଥାନ:ବାରକୋଟ ବ୍ଲକ କଣ୍ଠାପାଳି ପଞ୍ଚାୟତ,ସମୟ:ଅପରାହ୍ନ ୪ଟା।

## ଦେବଗଡ଼

- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ପଞ୍ଚମ ଦିବସ,ସ୍ଥାନ:ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣକାଳୀ ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର,ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅନୁକୂଳ ଗ୍ରହସ୍ଥିତି କାରଣରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ସମସ୍ୟା ସମାଧାନରେ ସହାୟକ ହେବ। ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭ କରିବେ। ଖର୍ଚ୍ଚଭାର ବୃଦ୍ଧି କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ଯୋଗୁ ଚିନ୍ତାପ୍ରକଟ କରିବେ। ସଭାସମିତି, ଆଲୋଚନା କ୍ଷେତ୍ରରେ ସମ୍ମାନ ଲାଭ କରିବେ।

**ବୃଷ**
ଚନ୍ଦ୍ରଙ୍କ ଶୁଭପ୍ରଭାବରୁ ନିଜ ଲୋକଙ୍କ ସାହାଯ୍ୟ ସହଯୋଗ କାର୍ଯ୍ୟ ହାସଲରେ ସହାୟକ ହେବ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ନ ହୋଇପାରେ। ଘରର ସମସ୍ୟାରେ ବିଚଳିତ ମନ ବନ୍ଧୁଙ୍କ ସହ ରକ୍ଷ ବ୍ୟବହାରରେ ପ୍ରତିଫଳିତ ହେବ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଆଶା ରହିଛି।

**ମିଥୁନ**
ଆଜି ଚନ୍ଦ୍ର ବିଳାସକାରକ ଗ୍ରହଙ୍କ ରାଶିରେ ଅବସ୍ଥାନ କାରଣରୁ ମିଠା କଥା ଓ ଲୋଭନୀୟ ପ୍ରତିଶ୍ରୁତି ଦେଇ କାମ ହାସଲ କରିପାରନ୍ତି। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସଂଗଠନରେ ସଫଳତା ପାଇବେ।

**କର୍କଟ**
ଆଜିର ଗ୍ରହସ୍ଥିତି ମନକୁ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚାଟ କରି ରଖିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଓ ସାଂଗଠନିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ। କଚେରି ମାମଲା, ଜମିଜମା କାରବାର, ଅର୍ଥ ଲଗାଣ ସଂସ୍ଥାରେ ଟେନସନ୍ ବଢ଼ିଯାଇପାରେ।

**ସିଂହ**
ଦେବଗୁରୁଙ୍କ ପ୍ରଭାବରୁ ଯେମିତି ଚାହିଁବେ ସେମିତି କାମ କରିବାରେ ସଫଳ ହେବେ। ମାତ୍ର ଅଫିସ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବିତ ହେବାର ସମ୍ଭାବନା ଦୁଶ୍ଚିନ୍ତାର କାରଣ ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ଓ ସଭାସମିତିରେ ପ୍ରଶଂସିତ ହେବେ।

**କନ୍ୟା**
ଏକାଧିକଗ୍ରହ ସପ୍ତମସ୍ଥ ଯୋଗୁ ବିବାଦୀୟ ପରିସ୍ଥିତିରେ ଅପଦସ୍ଥ ହୋଇପାରନ୍ତି। କିନ୍ତୁ ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆକସ୍ମିକ ଯାତ୍ରାରେ କେତେକ ପ୍ରତିବନ୍ଧକ ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ତୁଳା**
ଷଷ୍ଠସ୍ଥ ଗ୍ରହଜନିତ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କର୍ମାରମ୍ଭ କରିବା ଭୁଲ୍ ହେବ। ଇଚ୍ଛା ବିରୋଧରେ କୌଣସି କାମ କରିବାକୁ ପଡ଼ିପାରେ, ଯାହାକି ଅଶାନ୍ତିକୁ ଆମନ୍ତ୍ରଣ କରିବ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମି କିଣା ବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ସାହାଯ୍ୟରୁ ଦ୍ରବ୍ୟ ପ୍ରାପ୍ତି ହେବ।

**ବିଛା**
ଆଜି ମଙ୍ଗଳ ସହ ଶନିଙ୍କ ସ୍ଥିତି କାରଣରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟ ଭଲ ରହିବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଶୀଘ୍ର ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଆତ୍ମୀୟଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ଉଚ୍ଚାରୋହୀ ତୃତୀୟସ୍ଥ ଶନି କାରଣରୁ ମାନସିକ ସ୍ଥିତି ସୁଦୃଢ଼ ରହିବ ଓ କାମ ହାସଲରେ କିଛି ଅସୁବିଧା ହେବନାହିଁ। ଆଇନ ଅଦାଲତ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମକର**
ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ ଯୋଗୁ ବନ୍ଧୁ ପରିଜନଙ୍କ ସହ ଆଲୋଚନାରେ ସମୟ କଟାଇବେ। ମାତ୍ର ଶ୍ରବଣା ନକ୍ଷତ୍ରର ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି।

**କୁମ୍ଭ**
ମୁଖଭାବସ୍ଥ ଗ୍ରହମାନଙ୍କ ପ୍ରଭାବରୁ ଆପଣଙ୍କ କଠୋର ବାକ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିବ। ଆକସ୍ମିକ ଭାବରେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁଗହଣରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ବୁଧଙ୍କ ଦୁର୍ବଳତା କାରଣରୁ ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ଯାତ୍ରା, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ଅବଶ୍ୟ ଘଟିବ। ଗବେଷଣା, ଅନୁସନ୍ଧାନ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଏପ୍ରିଲ ୧୩ ତାରିଖ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, ଜାଲିଆନାୱାଲା ବାଗ ଦିବସ, ମା' ଶାରଳାଙ୍କ ଝାମୁଯାତ୍ରା, ଚୈତ୍ର ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୧୦।୪୫ ଗତେ ମିଥୁନ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଉତ୍ତର ଦେଉନାହାନ୍ତି ...

ଦେଉ ନ ଥିବା ଜଣାଇଥିଲେ। ଦେବସହାୟମ୍‌ଙ୍କୁ କ'ଣ ପାଇଁ ଉତ୍ତର ଦିଆଯାଇ ନାହିଁ ବୋଲି ମୁଖ୍ୟ ସୂଚନା ଆୟୁକ୍ତ ହୀରାଲାଲ୍ ସମରିୟା ପଚାରିବାରୁ ଇସିଙ୍କ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସିଆଇସି ନିର୍ବାଚନ କମିଶନଙ୍କ ତତ୍କାଳୀନ ପିଆଇଓଙ୍କ ବ୍ୟବହାରରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଆର୍‌ଟିଆଇ ଆଇନର ଉଲ୍ଲଂଘନ ନେଇ ଲିଖିତ ସ୍ପଷ୍ଟୀକରଣ ମାଗିଥିଲେ। ଆର୍‌ଟିଆଇ ଆବେଦନ ଉପରେ ୩୦ ଦିନ ମଧ୍ୟରେ ଉତ୍ତର ପ୍ରଦାନ କରିବା ନିମନ୍ତେ ସମରିୟା ଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଦେବସହାୟମ ନୁହନ୍ତି,ବିଶିଷ୍ଟ ପ୍ରଯୁକ୍ତି ପେସାଦାର, ଶିକ୍ଷାବିତ୍, ଆଇଆଇଟି ଏବଂ ଆଇଆଇଏମ୍‌ଗୁଡ଼ିକର ପ୍ରଫେସର, ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଫିସରମାନେ ଇଭିଏମ୍ ଏବଂ ଭିଭିପିଏଟିର ବିଶ୍ୱସନୀୟତାକୁ ନେଇ ନିର୍ବାଚନ କମିଶନଙ୍କୁ ଅନେକ ପ୍ରଶ୍ନର ଜବାବ ମାଗିଥିଲେ ମଧ୍ୟ ଉତ୍ତର ଦିଆ ନଯିବାକୁ ନେଇ ସିଆଇସି ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସ ଚିଫ୍ ଡି' ମିଶନ ...

ଏଥିପାଇଁ ସେ ମାନସିକ ରୂପେ ପ୍ରସ୍ତୁତ ଥିଲେ। ତାଙ୍କୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା, ବର୍ତ୍ତମାନ ବ୍ୟକ୍ତିଗତ କାରଣରୁ ତାହା ତୁଲାଇବା ସମ୍ଭବ ନୁହେଁ। ଏଥିପାଇଁ ତାଙ୍କର ଅବଶ୍ୟ ଅବସୋସ ରହିଛି। ଆଇଓଏ ଗତ ମାର୍ଚ୍ଚ ୨୧ରେ ମେରୀକମ୍‌ଙ୍କୁ ଭାରତୀୟ ଅଲିମ୍ପିକ ଆଥ୍‌ଲେଟିକ ଦଳର ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ଦେଇଥିଲା। ଏହି ସେଲିବ୍ରିଟି ବକ୍ସର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବାକୁଥିବା ପ୍ୟାରିସ ଗେମ୍ସ ପାଇଁ ମେରୀକମ୍‌ଙ୍କୁ ଦେଶର ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ପ୍ରଦାନ କରିବା ଯଥାର୍ଥ ଥିଲା। ଉଷା କହିଛନ୍ତି, ତାଙ୍କର ଚିଠି ହସ୍ତଗତ ହେବା ପରେ ମେରୀକମ୍‌ଙ୍କ ସହ କଥା ହୋଇଥିଲେ। ଆମେ ଦୁଃଖର ସହ ଘୋଷଣା କରୁଛୁ ଯେ ଅଲିମ୍ପିକ ପଦକ ବିଜୟିନୀ ବକ୍ସର ତଥା ଆଇଓଏ ଆଥ୍‌ଲେଟ୍ସ କମିଶନ ଚେୟାରମ୍ୟାନ ବ୍ୟକ୍ତିଗତ କାରଣରୁ ତାଙ୍କ ପଦବୀରୁ ଓହରି ଯାଉଛନ୍ତି। ଆମେ ତାଙ୍କ ନିଷ୍ପତ୍ତି ଏବଂ ଗୋପନୀୟତାକୁ ସ୍ୱାଗତ ଜଣାଉଛୁ ବୋଲି ଉଷା ତାଙ୍କର ଏକ ବିବୃତିରେ ପ୍ରକାଶ କରିଛନ୍ତି। ବିଚାରବିମର୍ଶ ପରେ ଠିକଣା ସମୟରେ ମେରୀକମ୍‌ଙ୍କ ସ୍ଥାନରେ ଚିଫ୍ ଡି' କମିଶନ ପଦବୀରେ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆଇଓଏ ପୂର୍ବରୁ ୬ଥର ଅଲିମ୍ପିଆନ ତଥା ଲୁଗର ଶିବ କେଶବନଙ୍କୁ ଡେପୁଟି ଚିଫ୍ ଡି' କମିଶନ ଭାବେ ନିଯୁକ୍ତି ଦେଇଥିବାବେଳେ ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଭେଟେରାନ ଟେନିସ ଖେଳାଳିଙ୍କୁ ଭାରତର ପୁରୁଷ ପତାକା ବାହକ ଘୋଷଣା କରିଛି। ଗେମ୍ସ ପାଇଁ ଅନେକ କୋଟା ପୂରଣ ହୋଇ ନ ଥିବାରୁ ମହିଳା ପତାକା ବାହକଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା କରାଯାଇପାରି ନାହିଁ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଇତିମଧ୍ୟରେ ସମସ୍ତ ବିଭାଗରୁ ମୋଟ ୪୦ରୁ ଉର୍ଦ୍ଧ୍ୱ ଭାରତୀୟ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତ ଅଲିମ୍ପିକ୍ସ ତୁଳନାରେ ଭାରତ ଏଥର ଉନ୍ନତ ପ୍ରଦର୍ଶନ ଆଶା ରଖିଛି। ଗତଥର ଗୋଟିଏ ସ୍ୱର୍ଣ୍ଣ ସହ ଭାରତ ମୋଟ ୭ ପଦକ ହାସଲ କରିଥିଲା।

# ୟୁପିଆଇରେ ଟଙ୍କା କାରବାର ଉପରେ ରହିବ ନଜର

## ପଶ୍ଚିମବଙ୍ଗ ପୋଲିସ ସହ ଓଡ଼ିଶା ପୋଲିସର ସମନ୍ୱୟ ବୈଠକ

- ନିର୍ବାଚନ ସମ୍ପର୍କିତ ହିଂସା ରୋକିବାକୁ ସ୍ୱତନ୍ତ୍ର ଯୋଜନା
- ମାଦକ ଦ୍ରବ୍ୟ ଚୋରା ଚାଲାଣର ସମ୍ବେଦନଶୀଳ ସ୍ଥାନ ଚିହ୍ନଟ
- ଗିରଫ ହେବେ ଆନ୍ତଃରାଜ୍ୟ ଅପରାଧୀ

**କଟକ,୧୨।୪ (କାର୍ତ୍ତିକ ସାହୁ)**

ଆସନ୍ତା ମେ' ଏବଂ ଜୁନ୍‌ରେ ୪ଟି ପର୍ଯ୍ୟାୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ନିମନ୍ତେ ଓଡ଼ିଶା ପୋଲିସ ପକ୍ଷରୁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ପୋଲିସ ସହ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ବୈଠକରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପଶ୍ଚିମବଙ୍ଗ ପୋଲିସର ବରିଷ୍ଠ ଅଧିକାରୀମାନେ ଆଭାସି ଜରିଆରେ ଉକ୍ତ ବୈଠକରେ ଯୋଡ଼ି ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୋଲିସ ମୁଖ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସୀମା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସହିତ ଲାଗିରହିଥିବାରୁ ଏହି ଦୁଇ ଜିଲାରେ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା କରାଯିବା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପଶ୍ଚିମବଙ୍ଗର ଲାଲଗୋଲା, ମୁର୍ଶିଦାବାଦ ଓ ବର୍ଦ୍ଧମାନ ଭଳି ସ୍ଥାନରୁ ବ୍ରାଉନ୍‌ସୁଗାର ଆସୁଥିବାବେଳେ ଏଥିରେ ରୋକ୍ ଲଗାଇବା ଉପରେ ଡିଜିପି ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ଏହି ନିଶା କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ପ୍ରକ୍ରିୟାକୁ ବ୍ୟାପକ କରାଯିବା ଉପରେ ସେ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହମତି ଲୋଡ଼ିଥିଲେ। ସେହିପରି ସୀମାନ୍ତ ଜିଲାଗୁଡ଼ିକର ସୀମା ତନଖି ଫାଟକ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ମିଳିତ ଭାବେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ଼, ବେଆଇନ ମାରଣାସ୍ତ୍ର, ବେଆଇନ ନିଶା ଓ ଟଙ୍କା କାରବାର ଆଦିରେ ଉପରେ ରୋକ ଲଗାଯିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଉଭୟ ରାଜ୍ୟର ଆନ୍ତଃରାଜ୍ୟ ଅପରାଧୀଙ୍କୁ ଗିରଫ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ମାଦକ ଦ୍ରବ୍ୟ ଚୋରା ଚାଲାଣର ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ଓ ନିର୍ବାଚନ ସମ୍ପର୍କିତ ହିଂସା ରୋକିବାକୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ମତ ଉପସ୍ଥାପନ କରାଯାଇଥିଲା। ଉଭୟ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ, ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପରିବେଷଣ, ୟୁପିଆଇ ମାଧ୍ୟମରେ ଟଙ୍କା କାରବାର, ଗଞ୍ଜେଇ ଚୋରାଚାଲାଣ, ସାପ୍ତାହିକ ବୈଠକ, ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ଯୋଜନା, ସମ୍ବେଦନଶୀଳ ସ୍ଥାନ ଓ ପୋଲିଂ ବୁଥଗୁଡିକର ଚିହ୍ନଟ, ୱାରେଣ୍ଟ ଥିବା ଅପରାଧୀ ଏବଂ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍.କେ. ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି(କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ଗୋଇନ୍ଦା) ଅନୁପ ସାହୁଙ୍କ ସମେତ ଉତ୍ତରାଞ୍ଚଳ ରେଞ୍ଜ ଆଇଜି ଦୀପକ କୁମାର ଏବଂ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଏସ୍‌ପି ଉପସ୍ଥିତ ଥିଲେ। ସେହିପରି ପଶ୍ଚିମବଙ୍ଗ ଡିଜିପି ସଞ୍ଜୟ ମୁଖାର୍ଜୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସୀମାନ୍ତ ଜିଲାଗୁଡ଼ିକର ଏସ୍‌ପିମାନେ ବୈଠକରେ ଉପସ୍ଥିତ ଥିଲେ।

# ଉଭୟଙ୍କୁ ପ୍ରତିଶ୍ରୁତି, କାହା ଭାଗ୍ୟରେ ଟିକେଟ

## ନୀଳଗିରି ବିଧାସନସଭା କ୍ଷେତ୍ର

ବାଲେଶ୍ୱର,୧୨।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଟିକେଟକୁ ନେଇ ଲାଗିରହିଛି ଡ୍ରାମା। ଗତ ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିବା ସୁକାନ୍ତ କୁମାର ନାୟକ ଗତ ୨୦୧୯ ନିର୍ବାଚନରେ ନିଜର ପ୍ରାର୍ଥିତ୍ୱ ଅସୁରକ୍ଷିତ ମନେକରି ଭାଜପାରେ ଯୋଗଦେଇ ଟିକେଟ ହାତେଇଥିଲେ। ବିଜେଡି ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁ ସେ ମାତ୍ର ୧,୫୭୭ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ସୁକାନ୍ତ ଗତ ୧୦ବର୍ଷ ମଧ୍ୟରେ ନୀଳଗିରି ଅଞ୍ଚଳରେ ନିଜର ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିପାରିଛନ୍ତି। ଅନ୍ୟପକ୍ଷରେ ସନ୍ତୋଷ ଖଟୁଆ ନୀଳଗିରି ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ୨୦୧୪ରୁ ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତରେ ନିଜ ଫାର୍ମ ହାଉସ୍‌ରେ ରହି ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଗତ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଭାବେ ନୀଳଗିରି ବିଧାନସଭା ଆସନରୁ ପ୍ରାର୍ଥୀ ହେବାର ଏକପ୍ରକାର ସିଦ୍ଧାନ୍ତ ହୋଇଥିବା ବେଳେ ହଠାତ୍ ବିଧାୟକ ସୁକାନ୍ତ ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରୁ ଭାଜପା ତାଙ୍କୁ ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷରେ ସନ୍ତୋଷ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ସୁକାନ୍ତ ଓ ସନ୍ତୋଷଙ୍କ ମଧ୍ୟରେ ଜୋରଦାର ସଂଘର୍ଷ ଦେଖିବାକୁ ମିଳିଥିଲା।



ଇଂ. ସୁକାନ୍ତ ନାୟକ



ସନ୍ତୋଷ ଖଟୁଆ

ସନ୍ତୋଷ ୬୭,୯୪୦ ଭୋଟ୍ ପାଇଥିବା ବେଳେ ସୁକାନ୍ତ ୬୯,୫୧୭ ଭୋଟ ପାଇ ବିଜୟୀ ହୋଇଥିଲେ। ସେବେଠାରୁ ସନ୍ତୋଷ ବିଜେଡିରେ ରହି ଦଳର ସବୁ ସାଙ୍ଗଠନିକ କାର୍ଯ୍ୟ କରିଆସୁଛନ୍ତି। ଦଳର ବରିଷ୍ଠ ନେତାଙ୍କର ମଧ୍ୟ ତାଙ୍କ ଉପରେ ଭରସା ରହିଛି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିବ ବୋଲି ସମର୍ଥକମାନେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ନୀଳଗିରି ବିଧାୟକ ନାୟକ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ପରେ କର୍ମୀ ଓ ନେତାଙ୍କର ସମୀକରଣ ପରିବର୍ତ୍ତନ ହେଉଛି। ସମସ୍ତେ ଦଳର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଦଳର ନିର୍ବାଚିତ ନେତା ଓ କର୍ମୀମାନେ ଖଟୁଆଙ୍କୁ ପ୍ରାର୍ଥୀ କରିବା ନେଇ ଦଳର ମୁଖିଆଙ୍କୁ ଜଣାଇ ଦେଇଥିବା ବେଳେ ସୁକାନ୍ତଙ୍କୁ ଗ୍ରହଣ କରିପାରୁନାହାନ୍ତି। ଗତ ୨୦୧୯ ନିର୍ବାଚନର ଘଡ଼ିସନ୍ଧି ମୁହୂର୍ତ୍ତରେ ସୁକାନ୍ତ ଦଳର କର୍ମୀମାନଙ୍କୁ ଛାଡ଼ି ଦେଇ ଯେଉଁ ବିଶ୍ୱାସଘାତ କରିଛନ୍ତି ସେମାନେ ମନେ ପକାଇ ସଭାସମିତିରେ ବଖାଣୁଛନ୍ତି। ସୁକାନ୍ତଙ୍କ ସହ ଦଳ ଛାଡ଼ି ଭାଜପାକୁ ଯାଇଥିବା କର୍ମୀମାନେ ମଧ୍ୟ ବିଜେଡିକୁ ଫେରିଛନ୍ତି। କିନ୍ତୁ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଉଭୟ ନେତା ଓ ସମର୍ଥକ ବାରମ୍ବାର ଶଙ୍ଖ ଭବନ ଗସ୍ତ କରୁଥିବା ଦେଖାଯାଉଛି। ବରିଷ୍ଠ ନେତାମାନେ ଉଭୟଙ୍କୁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରୁଛନ୍ତି। ଏପରିକି ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। ଖଟୁଆ ବିଭିନ୍ନ ସ୍ଥାନରେ ସଭା ଓ କର୍ମୀ ସମ୍ମିଳନୀ ନାମରେ ଶକ୍ତି ପ୍ରଦର୍ଶନ କରୁଛନ୍ତି ତ, ସୁକାନ୍ତ ବିଜେଡିର କର୍ମୀ ଓ ନେତାଙ୍କୁ ମନାଇବାରେ ବ୍ୟସ୍ତ ରହୁଛନ୍ତି। ଟିକେଟ ୱାର୍‌ର ଏହି ହାଇଡ୍ରାମାରେ କାହାର ବିଜୟ ହେବ, ଆଉ କିଏ ନିରାଶ ହେବେ ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟରେ ଭାଜପା ଓ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା ନ କରି ଜାଲ ପକାଇ ବସିଛନ୍ତି, କିଏ ଖସିବ ଏବଂ କାହା ଜାଲରେ ପଡ଼ିବ ତାକୁ ନେଇ ରାଜନୈତିକ ପଶାପାଲିରେ ଗୋଟି ବନାଇବା ସୁଯୋଗରେ ରହିଛନ୍ତି ଉଭୟ ଦଳ।

# ବିଜେଡି ଗୋଷ୍ଠୀ କନ୍ଦଳ ଟାଳିବାକୁ ପ୍ରସନ୍ନ କାର୍ଡ

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର), ଭୁବନେଶ୍ୱର(ଅନିଲ ଦାସ)

## ସମ୍ବଲପୁର ବିଧାନସଭା ଆସନ

### ନିଜ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୋଷ

ବିଜେଡି ଗୁରୁବାର ସମ୍ବଲପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ରେଢ଼ାଖୋଲ ଓ ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀ ପୁନର୍ବାର ରେଢ଼ାଖୋଲ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସମ୍ବଲପୁର ବିଧାନସଭା ଆସନରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସମ୍ବଲପୁରକୁ ନେଇଥିବା ଦଳୀୟ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପକାଇବା ଲକ୍ଷ୍ୟରେ ବିଜେଡି ପ୍ରସନ୍ନ କାର୍ଡ ଖେଳିଥିବା ଚର୍ଚ୍ଚା ହେଉଛି।

ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ବିଜେଡିରେ ଗୋଷ୍ଠୀ କନ୍ଦଳ ଚରମସୀମାରେ ପହଞ୍ଚିଥିଲା, ଯାହା ଥମିବାର ନାଁ ନେଉ ନ ଥିଲା। ସମ୍ବଲପୁର ବିଧାନସଭା ଆସନରେ ତିନି ପ୍ରମୁଖ ଆଶାୟୀଙ୍କ ମଧ୍ୟରେ ଥିଲେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଓ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ। ଏହାମଧ୍ୟରେ ବିଧାୟକ ରୋହିତ ପୂଜାରୀଙ୍କୁ ତାଙ୍କ ନିଜ ନର୍ବାଚନମଣ୍ଡଳୀ ରେଢ଼ାଖୋଲରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମାତ୍ର ଏହାପୂର୍ବରୁ ଡା. ପାଣିଗ୍ରାହୀ ଓ ସିଦ୍ଧାର୍ଥ ଦାସଙ୍କ ସମର୍ଥକମାନେ ନିଜ ନେତାଙ୍କ ପାଇଁ ଟିକେଟ୍ ଦାବି କରି ପରୋକ୍ଷରେ ପରସ୍ପରକୁ ବିରୋଧ କରିଥିଲେ, ଯାହା ବିଜେଡି ଶୀର୍ଷ ନେତୃତ୍ୱଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ରାଜ୍ୟରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ନବୀନ ପଟ୍ଟନାୟକଙ୍କୁ ଏକ ବିରଳ ରେକର୍ଡର ଅଧିକାରୀ କରିବା ଲକ୍ଷ୍ୟ ରଖିଛି ବିଜେଡି। ତେଣୁ କୌଣସି ପ୍ରକାର ବ୍ୟତିକ୍ରମ ଘଟି ବିଜେଡି ଭୋଟ୍‌କୁ ଯେପରି ପ୍ରଭାବିତ କରା ନ ଯାଏ, ସେଥିପ୍ରତି ବିଜେଡି ରାଜ୍ୟ ନେତୃବର୍ଗ ସବୁ ପ୍ରକାର ରଣନୀତି ଆପଣାଇଛି। ଏହି ଦୃଷ୍ଟିରୁ ସମ୍ବଲପୁରରେ ଲାଗିରହିଥିବା ଗୋଷ୍ଠୀ ବିବାଦର ଅନ୍ତ ଘଟାଇବା ପାଇଁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏଠାରୁ ପ୍ରାର୍ଥୀ କରିବାକୁ ଦଳ ନିଷ୍ପତ୍ତି ନେଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଅତୀତରେ ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁର ଲୋକ ସଭା



ପ୍ରସନ୍ନ ଆଚାର୍ଯ୍ୟ

ଆସନରୁ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଲଗାତର ତିନିଥର ସାଂସଦ ନିର୍ବାଚିତ ହେବା ସହ ୨୦୦୯ରେ ରେଢ଼ାଖୋଲ ଆସନରୁ ନିର୍ବାଚିତ ହୋଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ଏହି ଅବଧି ମଧ୍ୟରେ ବର୍ତ୍ତମାନ ଗୋଷ୍ଠୀ ବିବାଦରେ ଲିପ୍ତ ଦଳୀୟ ନେତା ବା ନେତ୍ରୀ କୌଣସି ନା କୌଣସି ସମୟରେ ପ୍ରସନ୍ନଙ୍କ ଦ୍ୱାରା ଉପକୃତ ହୋଇଛନ୍ତି। ଫଳରେ ତାଙ୍କୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ପ୍ରସନ୍ନ ରାଜନୀତିରେ ଅଭିଜ୍ଞ ଓ ଦଳୀୟ ଶଙ୍କଟ ଟାଳିବା କ୍ଷେତ୍ରରେ ତାଙ୍କୁ ନିୟୋଜିତ କରାଯାଇଥିବା ଅତୀତରେ ଦେଖିବାକୁ ମିଳିଛି। ତେଣୁ ଅନ୍ତତଃ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଲାଗି ରହିଥିବା ଗୋଷ୍ଠୀ ବିବାଦ ଟାଳିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରସନ୍ନଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ବିଧାନସଭା ଆସନରେ ତାଙ୍କୁ ପ୍ରାର୍ଥୀ କରିଥିବା ଚର୍ଚ୍ଚା ହେଉଛି। ଏଥିସହିତ ସମ୍ବଲପୁର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଭୋଟ ବଢ଼ାଇବାରେ ପ୍ରସନ୍ନଙ୍କ ଯୋଗଦାନ ରହିବ ବୋଲି ଶୀର୍ଷ ନେତୃତ୍ୱ ଚିନ୍ତା କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ପ୍ରସନ୍ନ ରେଢ଼ାଖୋଲ ବିଧାନସଭା ଆସନ ପାଇଁ ଆଶାୟୀ ଥିଲେ। ହେଲେ ସମ୍ବଲପୁର ବିଧାନସଭା ଆସନରୁ ତାଙ୍କୁ ପ୍ରାର୍ଥୀ କରାଯିବା ପରେ ସେ ଅସନ୍ତୋଷ ବ୍ୟକ୍ତ କରିଥିବା ନେଇ ଚର୍ଚ୍ଚା ହେଉଛି। ଏପରି କି ସେ ଶୁକ୍ରବାର ନବୀନ ନିବାସ ଯାଇ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିବା କୁହାଯାଉଛି। କିନ୍ତୁ ସେଠାରେ କ’ଣ କଥାବାର୍ତ୍ତା ହୋଇଛି, ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇ ନାହିଁ।

# ଭାଜପାରେ କୁଲେସିକା, ପ୍ରଣବଙ୍କୁ କଲେ ଟାର୍ଗେଟ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ବରିଷ୍ଠ ନେତୃବୃନ୍ଦଙ୍କ ଗହଣରେ କୈଳାସ କୁଲେସିକା ଦଳରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର(ସୁନିତ୍ ମିଶ୍ର)/କୋରାପୁଟ (ଅମିତାଭ ବେହେରା), ୧୨।୪

- କୋଟିଏ ଟଙ୍କା ନେଇ ଚୁପ୍ ରହିବାକୁ ଅଫର ଦେଇଥିଲେ ବବି
- ଲକ୍ଷ୍ମୀପୁରରୁ ଭାଜପା ଟିକେଟରେ ଲଢ଼ିପାରନ୍ତି

ବିଜେଡି ଛାଡ଼ି କୋରାପୁଟ ଜିଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଗୁରୁବାର ରାତିରେ କୁଲେସିକା ଭାଜପାରେ ଏକୁଟିଆ ମିଶିଥିବା ବେଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବିଧିବଦ୍ଧ ସାମିଲ ହୋଇଛନ୍ତି। ତାଙ୍କ ସହ ବ୍ଲକ ବିଜେଡି ସଭାପତି ପ୍ରମୋଦ ଖରା ଏବଂ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଅନେକ ଶହ ସମର୍ଥକ ମଧ୍ୟ ଭାଜପାରେ ମିଶିଛନ୍ତି। ବିଜେଡି ଛାଡ଼ିବା ପରେ କୁଲେସିକା ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ସେ କହିଛନ୍ତି, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେ ରକ୍ଷା କରିବେ ବୋଲି ତାଙ୍କର ଆଶା ଥିଲା। ହେଲେ ସେହି ଆଶା ତାଙ୍କର ଧୂଳିସାତ ହୋଇଯାଇଛି। ତାଙ୍କ ବିଶ୍ୱାସରେ ବିଷ ଦିଆଯାଇଛି। ସେ ବିଜେଡିରେ ମିଶିବାକୁ ଅନୁରୋଧ କରି ନ ଥିଲେ। ବିଜେଡିରେ ମିଶିବାକୁ ତାଙ୍କୁ ଆହ୍ୱାନ କରାଯାଇଥିଲା। ବିଜେଡିରେ ମିଶିବା ପରେ ଲକ୍ଷ୍ମୀପୁରରେ ପ୍ରାର୍ଥୀ କରାଯିବ ବୋଲି ପ୍ରଣବ ତାଙ୍କୁ କହିଥିଲେ। ଏବେ ଲକ୍ଷ୍ମୀପୁରରେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରାଯିବା ପରେ ତାଙ୍କୁ ପ୍ରଲୋଭନ ଦେଖାଯାଇଛି। ତାଙ୍କୁ କୋଟିଏ ଟଙ୍କା ଦିଆଯିବ ବୋଲି ପ୍ରଣବ କହିଥିବା କୁଲେସିକା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ସରକାର ହେବା ପରେ ଏସ୍‌ଡିସି ଉପଦେଷ୍ଟା ପଦ ଦିଆଯିବ ବୋଲି ମଧ୍ୟ କହୁଛନ୍ତି। ଟିକେଟ ନ ଦେଇ ଏଭଳି ଲାଳସା ଦେଖାଉଛନ୍ତି। ଲକ୍ଷ୍ମୀପୁରର ପ୍ରାର୍ଥୀ ନ କରି କୋଟିଏ ଟଙ୍କାରେ କିଣିବାକୁ ଯେଉଁ ପ୍ରୟାସ କଲେ ତାହା ତାଙ୍କ ହୃଦୟକୁ ବାଧିଲା। ତାଙ୍କ ଲୁହ ବିଜେଡି ଉପରେ ପଡ଼ିବ। ସେମାନଙ୍କ ଉପରେ ଅଭିଶାପ ପଡ଼ିବ। ବିଜେଡି ଲକ୍ଷ୍ମୀପୁରରେ ହାରିବ, ଭାଜପା ସେଠାରେ ଜିତିବ ବୋଲି କୁଲେସିକା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ କଂଗ୍ରେସ ଛାଡ଼ି କୈଳାସ କୁଲେସିକା ବିଜେଡିରେ ମିଶିଥିଲେ। ସେ ଲକ୍ଷ୍ମୀପୁରରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ହେଲେ ଗୁରୁବାର ବିଜେଡି ପ୍ରଭୁ ଜାନିଙ୍କୁ ଲକ୍ଷ୍ମୀପୁର ପାଇଁ ପ୍ରାର୍ଥୀ କରିଛି। ଏହି ଘୋଷଣା ପରେ କ୍ଷୋଭ ପ୍ରକାଶକରି ସେ ବିଜେଡିରୁ ଇସ୍ତଫା ଦେଇଥିଲେ। କୁଲେସିକା ୨୦୧୪ରେ ଲକ୍ଷ୍ମୀପୁରରୁ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ କୁଲେସିକା କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ପ୍ରଭୁ ଜାନିଙ୍କଠାରୁ ମାତ୍ର ୨୨୯ ଖଣ୍ଡ ଭୋଟରେ ହାରିଥିଲେ।

# ବିଜେଡିରେ କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ

ଭୁବନେଶ୍ୱର,୧୨।୪(ଅନିଲ ଦାସ)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ଶୁକ୍ରବାର ଶଙ୍ଖଭବନଠାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ସେ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଦେବାଶିଷ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ସେ କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ ବୋଲି କହିଛନ୍ତି।

# ଚ୍ୟାଉ ପଟ୍ଟନାୟକଙ୍କ ଆଶୀର୍ବାଦ ନେଲେ ପ୍ରଦୀପ

ବ୍ରହ୍ମପୁର,୧୨।୪ (ଅଶୋକ କୁମାର ସାହୁ)

ବ୍ରହ୍ମପୁରରେ ବିଜେଡି ଓ ଭାଜପା ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ଶୁକ୍ରବାର ମେଡିକାଲ ଛକରେ ପ୍ରଚାର ବେଳେ ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ବିଧାନସଭା ପ୍ରାର୍ଥୀ କେ. ଅନିଲ ବିଜେଡିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଥିବା ଦେଖାଯାଇଥିଲା। ସକାଳେ କମାପଲ୍ଲୀ ପରିବା ମାର୍କେଟରେ ପ୍ରଦୀପ ଓ ଅନିଲ କୁମାର ପରିବା ବିକାଳିମାନଙ୍କୁ ଭୋଟଭିକ୍ଷା କରିଥିଲେ। ସେପଟେ ଚ୍ୟାଉ ପଟ୍ଟନାୟକ ପ୍ରାତଃଭ୍ରମଣକାରୀ ଓ ଚା ଖଟିକୁ ଯାଇ ନିଜ ଦଳ ସପକ୍ଷରେ କହି ଭୋଟ ଭିକ୍ଷା କରୁଥିବା ବେଳେ ଏଭଳି ରୋଚକ ପରିସ୍ଥିତି ଉପୁଜିଥିଲା।



ଭାଜପାର ପ୍ରଦୀପ ପାଣିଗ୍ରାହୀ ଓ କେ. ଅନିଲ ବିଜେଡିର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

# ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

### ‘ପ୍ରଧାନ ଶିକ୍ଷକଙ୍କୁ ବିଜେଡି ସପକ୍ଷରେ କାମ କରିବାକୁ ଷଡ଼ଯନ୍ତ୍ର’

ରାଜ୍ୟ ସରକାର ଲଜ୍ଜାର ସବୁ ସୀମା ଅତିକ୍ରମ କରିଗଲେଣି। ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଜାତୀୟ ନିର୍ବାଚନ କମିଶନ ୮ ଜଣ ଅଫିସରଙ୍କୁ ବଦଳିକଲେ। ସମସ୍ତ ସରକାରୀ ପୋର୍ଟାଲରୁ ୫-ଟିର ଉଲ୍ଲେଖକୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ପରେ ରାଜ୍ୟ ସରକାର ବାଧହୋଇ ତାହା ହଟାଇଥିଲେ। ଏହାସତ୍ତ୍ୱେ ପ୍ରଶାସନର ଚେତା ପଶିଲା ନାହିଁ। ଗତ ୧୦ ତାରିଖରେ ପ୍ରଶାସନ ଏକ ଚିଠି ଲେଖିଛି। ଏହି ଚିଠିରେ ୯୩ଟି ବ୍ଲକ୍‌ର ଯେତେସବୁ ମୋ ସ୍କୁଲର ୫-ଟିରେ ରୂପାନ୍ତରୀକରଣ ହୋଇଛି ସେ ସ୍କୁଲଗୁଡ଼ିକର ତର୍ଜମା ପାଇଁ ୯୩ ଜଣ ବ୍ୟକ୍ତି ବିଶେଷଙ୍କୁ ନିଯୁକ୍ତି କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ଏମାନଙ୍କ ମଧ୍ୟରେ ଅଧିକାଂଶ ସ୍ୱେଚ୍ଛାସେବୀ ବା ପରାମର୍ଶଦାତା ବୋଲି ଉଲ୍ଲେଖ ଅଛି। କିନ୍ତୁ ବାସ୍ତବରେ ବିଜେଡିର କେତେଜଣ ସ୍ଥାନୀୟ କର୍ମୀ ତର୍ଜମା ଆଳରେ ପ୍ରଧାନ ଶିକ୍ଷକମାନଙ୍କୁ ବିଜେଡି ସପକ୍ଷରେ କାମ କରିବାକୁ ଚାପ ପକାଇବା ପାଇଁ ଏହା ଏକ ହୀନ ଷଡ଼ଯନ୍ତ୍ର ବୋଲି ଭାଜପା ଅଭିଯୋଗ କରିଛି। ଏହି ଅଭିଯୋଗ ନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଶୁକ୍ରବାର ଫେରାଦ ହୋଇଛି। ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ବିଜେଡି ନିର୍ବାଚନ ବୈତରଣୀ ପାରହେବା ପାଇଁ ସବୁ ସୀମା ଉଲ୍ଲଂଘନ କରୁଛି। ଉଦାହରଣ ସ୍ୱରୂପ, ସୁନ୍ଦରଗଡ଼ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ଏବଂ ଭଷ୍ମା ଥାନାର ଭାରପ୍ରାପ୍ତ ଅଧିକାରୀ ରାମପ୍ରସାଦ ନାଗ ବିଜେଡିର ସାଧାରଣ କର୍ମୀଙ୍କଠାରୁ ଅଧିକ ଉତ୍ସାହିତ ହୋଇ ନିର୍ବାଚନରେ ଦଳୀୟ କାର୍ଯ୍ୟ କରୁଛନ୍ତି। ଏହି ୨ ଜଣ ନିର୍ବାଚନମଣ୍ଡଳୀର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଧମକ ଦେଉଛନ୍ତି। ଏହାଦ୍ୱାରା ସରକାରୀ କର୍ମଚାରୀଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଛି। ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୧୭୧(ସି)ରେ ମକଦ୍ଦମା ରୁଜୁ କରାଯାଉ ବୋଲି ଭାଜପା ଦାବି କରିଛି।

# ନବୀନ ନିବାସରେ ସିନେମା କଳାକାର

## ରୋଚକ ହେବ ନିର୍ବାଚନ ପ୍ରଚାର

ଭୁବନେଶ୍ୱର,୧୨।୪(ଅନିଲ ଦାସ)



ନବୀନ ନିବାସ ଯାଉଛନ୍ତି ଅଭିନେତ୍ରୀ, ଅଭିନେତା ଓ କଳାକାର।

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତାଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆସନ୍ତା ନିର୍ବାଚନରେ ଉଭୟ ଦଳ ଅଭିନେତ୍ରୀ, ଅଭିନେତାଙ୍କୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯୋଜନା କରିଛନ୍ତି। ତେବେ ଗତ ନିର୍ବାଚନରେ ଯେଉଁ ଓଡ଼ିଆ ସିନେମା କଳାକାର ବିଜେଡିରେ ଥିଲେ ଚଳିତ ନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ଖାଲିସ୍ଥାନ ପୂରଣ କରିବାକୁ ବିଜେଡି ନୂତନ କଳାକାରଙ୍କୁ ନିୟୋଜିତ କରିବା ନେଇ ଚର୍ଚ୍ଚା ହେଉଛି। ଶୁକ୍ରବାର ନେତା, କର୍ମୀଙ୍କ ବଦଳରେ ନବୀନ ନିବାସରେ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ, ଅଭିନେତା, କଣ୍ଠଶିଳ୍ପୀମାନଙ୍କୁ ଦେଖିବାକୁ ମିଳିଥିଲା। କଳାକାରଙ୍କ ମଧ୍ୟରେ ଥିଲେ ବାବୁଶାନ୍, ଅମ୍ଲାନ୍ ଦାସ, ଶୈଳେନ୍ଦ୍ର, ପପୁ ପମ୍‌ପମ୍, ଅଶ୍ୱିନୀ ତ୍ରିପାଠୀ, ପ୍ରଜ୍ଞା, ଭୂମିକା, ସୁପ୍ରିୟା, ପ୍ରେରଣା, ତାରିକ ଅଜିଜ ପ୍ରମୁଖ । ସମସ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ନବୀନ ନିବାସ ଭିତରକୁ ଯାଇଥିଲେ। ସେଠାରେ ଦୀର୍ଘ ସମୟ ଧରି ବୈଠକ ହୋଇଥିଲା । କଳାକାରଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଲୋଚନା କରିଥିବା କୁହାଯାଉଛି । ବୈଠକ ପରେ ଅଭିନେତ୍ରୀ ଓ ଅଭିନେତା ବାହାରକୁ ଆସି ଗଣମାଧ୍ୟମଙ୍କୁ ମାପିଚୁପି ମତାମତ ଦେଇଥିଲେ। ଅଭିନେତା ପପୁ ପମ୍‌ପମ୍ କହିଥିଲେ, ପ୍ରଚାର ପ୍ରସାର ପାଇଁ ଡାକି ନ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ବାବଦରେ ଆଲୋଚନା ପାଇଁ ଆସିଥିଲୁ। ଅଭିନେତ୍ରୀ ସୁପ୍ରିୟା କହିଥିଲେ, ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନ ସାର୍ ଡାକିଥିଲେ। ୨୦୨୪ରୁ ୨୦୩୪ ବର୍ଷ ଭିତରେ ଓଡ଼ିଶାରେ କ’ଣ ବିକାଶ ହୋଇପାରିବ, ତାହା ଉପରେ ଆଲୋଚନା ହୋଇଥିଲା। ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି, ନବୀନ ପଟ୍ଟନାୟକ ସାର୍ ଆମ ପାଇଁ ଅନେକ କିଛି କରିଛନ୍ତି। ପୂର୍ବରୁ ଯାହା ସବୁ ହୋଇଛି, ତାହାର ପ୍ରେଜେଣ୍ଟେଶନ ହୋଇଥିଲା, ଯାହାକୁ ଆମେ ସମସ୍ତେ ଦେଖିଲୁ। ଏହାଛଡ଼ା ଆଗକୁ ଆଉ କ’ଣ ବିକାଶ ହୋଇପାରିବ,ସେ ବିଷୟରେ ଆଲୋଚନା ହୋଇଥିଲା। ତେବେ ୨୦୧୯ ନିର୍ବାଚନରେ ବିଜେଡିରେ ଥିବା ବରିଷ୍ଠ ଅଭିନେତା ଏବଂ ତାରକା କଳାକାର ଚଳିତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ବ୍ରହ୍ମପୁର ଏମ୍‌ପି ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି, ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ଏବଂ ଅରିନ୍ଦମ ରୟ ଗତ ନିର୍ବାଚନରେ ବିଜେଡି ପାଇଁ ଭୋଟରଙ୍କୁ ଆକର୍ଷିତ କରିବାରେ ବଡ଼ ଭୂମିକା ଗ୍ରହଣ କରୁଥିଲେ। ଏହାଛଡ଼ା ଭାଜପାରେ ପୂର୍ବରୁ ଶ୍ରୀତମ ଦାସ, ପିଙ୍କି ପ୍ରଧାନଙ୍କ ଭଳି କଳାକାର ମଧ୍ୟ ରହିଛନ୍ତି। ସେମାନଙ୍କୁ କାଉଣ୍ଟର କରିବା ପାଇଁ ବିଜେଡି ବର୍ତ୍ତମାନର ଲୋକପ୍ରିୟ ଅଭିନେତ୍ରୀ ଓ ଅଭିନେତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଯୋଜନା କରୁଥିବା ନେଇ ଚର୍ଚ୍ଚା ହେଉଛି।

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ । ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ । ସେଠାରେ ହିଁ ମୋତେ ଦେଖିପାରିବ । -ଶ୍ରୀମା

-ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ବିଲ୍ୱବରଣ ଓ ବର୍ଷ ଶେଷ



# ଜମି ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣାରେ ଏକ ବହୁଚର୍ଚ୍ଚିତ ଜମି କିଣାବିକାରେ ଜଣେ ବରିଷ୍ଠ ମହିଳା ଆଇଏଏସ୍ ଅଧିକାରୀ, ତାଙ୍କ ସ୍ୱାମୀ ଏବଂ ଜଣେ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଜଡ଼ିତ ରହିବା ତଥା ଜମି କିଣାବିକାକୁ ପଞ୍ଚକୁଲା ରାଜସ୍ୱ ଅଧିକାରୀ ବନ୍ଦ କରିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି । ପଞ୍ଚକୁଲା ନିକଟରେ ଏକ ରାଜ ପରିବାର ମାଲିକାନାରେ ଥିବା ଏହି ୧୪ ଏକର ଜମିର କିଣାବିକା ଉପରେ ଗତବର୍ଷ ସେପ୍ଟେମ୍ବରରେ ଅମ୍ବାଲା ଡିଭିଜନାଲ କମିଶନର ରେଣୁ ଫୁଲିଆ ଏକ ଦଶନ୍ଧିର ପୁରୁଣା ଆଇନଗତ ପ୍ରତିବନ୍ଧକ ଉଠାଇଦେବା ପାଇଁ ଅର୍ଦ୍ଧନ୍ୟାୟିକ ନିଷ୍ପତ୍ତି ନେବା ପରେ ଏହା ଆଲୋଚନାର ପରିସରକୁ ଆସିଥିଲା । ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଶଶି ଗୁଲାଟିଙ୍କ ଭାଇଙ୍କର ଏକ ଆବେଦନକୁ କେନ୍ଦ୍ରକରି ମାତ୍ର ୧୬ ଦିନ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଏହି ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ପରେ ରେଣୁଙ୍କ ସ୍ୱାମୀ, ବର୍ତ୍ତମାନର ରାଜ୍ୟ ସୂଚନା କମିଶନର ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଏସ.ଏସ୍. ଫୁଲିଆ ଏହି ଜମିରୁ ୫ ଏକର କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସରକାରୀ ରେକର୍ଡ ଅନୁଯାୟୀ, ଶଶି ଗୁଲାଟି ଏହି ଜମି ମାଲିକାନା ପାଇଥିଲେ । କିନ୍ତୁ ଏଠାରେ ସମସ୍ୟା ହେଉଛି: ପଞ୍ଚକୁଲାର କିଛି ଅଞ୍ଚଳରେ ଜମି କିଣାବିକା ଉପରେ ୨୦ ବର୍ଷର ପ୍ରତିବନ୍ଧକ ରହିଛି । ପଞ୍ଚକୁଲାର ଏସ୍‌ଡିଏମ୍‌କୁ ଅତିରିକ୍ତ ଜମିର ପୁନଃ ମୂଲ୍ୟାଙ୍କନ କରିବା ପାଇଁ ଫେବୃଆରୀ ୨୦୨୩ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ନିର୍ଦ୍ଦେଶ ଦେବା ଯୋଗୁ ସ୍ଥିତି ଖରାପ ହୋଇଥିଲା । ଅମ୍ବାଲା କମିଶନରଙ୍କ ନିକଟରେ ହୋଇଥିବା ଆବେଦନରେ ଶଶି ଗୁଲାଟିଙ୍କ ପରିବାର ସ୍ଥଗିତାଦେଶ ହଟାଇବାକୁ ଯୁକ୍ତି କରିଥିଲେ । ସ୍ଥଗିତାଦେଶ ରଦ୍ଦ କରିବାକୁ ରେଣୁ ଫୁଲିଆଙ୍କ ନିଷ୍ପତ୍ତି ସେପ୍ଟେମ୍ବର ୨୦୨୩ରେ ଏକ ଅର୍ଦ୍ଧନ୍ୟାୟିକ ଆଦେଶ ମାଧ୍ୟମରେ ସାମ୍ନାକୁ ଆସିଥିଲା । ସେ କହିଥିଲେ ଯେ ଏହି ଜମି ଅନୁମତିପ୍ରାପ୍ତ ଅଞ୍ଚଳରେ ରହିଛି । ପୁଣି ଦର୍ଶାଇଥିଲେ ଯେ, କ୍ରୟ ପାଇଁ ସମସ୍ତ ସରକାରୀ ଅନୁମତି ମିଳିଛି । କିନ୍ତୁ ବିବାଦ ଥମିବାର ନାଁ ଧରୁନାହିଁ ।

### ଏୟାରପୋର୍ଟରେ ଡ୍ରାମା

ଗୁଆହାଟୀରେ ବିମାନବନ୍ଦରର ଡ୍ରାମା ଅଭିଯୋଗ ଓ ଅନୁସନ୍ଧାନରେ ଶେଷ ହୋଇଛି । ଏଥିରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ତୁରନ୍ତ ପଦ ଛାଡ଼ିବାକୁ ପଡ଼ିଛି । ଏହି ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ଶୀଘ୍ର ତାଙ୍କ ମୂଳ କ୍ୟାଡର ଉତ୍ତରପ୍ରଦେଶକୁ ଫେରାଇ ଦିଆଯିବା ସହ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ରୁ ବିଦା କରାଯାଇଛି । ଅବଶ୍ୟ ଏହାର କୌଣସି କାରଣ ଦିଆଯାଇ ନାହିଁ, କିନ୍ତୁ ଏହା ଯେଉଁଠୁ ଆରମ୍ଭ ହୋଇଥିଲା ତାହାକୁ ଦେଖିଲେ ଏହି ଘଟଣା ରହସ୍ୟମୟ ଲାଗିବ । ଭିସ୍ତାରା ଏୟାର ପାଇଲଟଙ୍କ ଷ୍ଟ୍ରାଇକ ହୁଏତ ଏହି 'ସଙ୍କଟ'କୁ ଫିକା କରିଦେଇଥାଇପାରେ । ତଥାପି କ'ଣ ଘଟିଥିଲା ସେ ବିଷୟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ଗୃହ ମନ୍ତ୍ରଣାଳୟ ପ୍ରକାଶ କରିବାକୁ ଅନିଚ୍ଛୁକ ଥିଲେ ବି କିଛି ରୋଚକ ତଥ୍ୟ ବାହାରକୁ ଆସୁଛି । ଯାହା ଏବେ ଜଣାପଡ଼ିଛି, ଗୁଆହାଟୀ ବିମାନବନ୍ଦର ପୋଲିସ ମୁଖ୍ୟ ରାଜ୍ୟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, ଉତ୍ତର-ପୂର୍ବ ଜୋନର ସିଆରପିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ଗୁଆହାଟୀ ବିମାନବନ୍ଦରରେ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେଇଛନ୍ତି । ଜଣେ ମହିଳା ପୋଲିସ ଅଧିକାରୀ ଏହା ଉପରେ ପ୍ରାଥମିକ ଅନୁସନ୍ଧାନ କରିଥିଲେ । ତେବେ ଘଟଣାରେ ଥିବା ମହିଳା ଜଣକ ଏହି ମାମଲାକୁ ଆଗକୁ ନ ବଢ଼ାଇବାକୁ ନିଷ୍ପତ୍ତି ନେବା ଯୋଗୁ ପୋଲିସ ଅଧିକାରୀ ଜଣକ ରକ୍ଷା ପାଇଯାଇଥିଲେ । କ୍ଷମା ପ୍ରାର୍ଥନା ଘଟଣାର ଅନ୍ତ ଘଟାଇଥିଲା ଓ ଏବାବଦରେ କୌଣସି ମାମଲା ପଞ୍ଜୀକୃତ ହୋଇ ନ ଥିଲା । ଘଟଣାର ସମାଧାନ ହୋଇସାରିଥିଲେ ବି ଅଧିକାରୀ ଜଣକ ପଦବୀ ଛାଡ଼ି ତାଙ୍କ ଅସ୍ଥାୟୀ ନିଯୁକ୍ତିରୁ ବିଦାୟ ନେଇଛନ୍ତି । ବର୍ତ୍ତମାନ ତାଙ୍କର କ'ଣ ହେବ, ତାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେବ । କିନ୍ତୁ ବର୍ତ୍ତମାନ ପାଇଁ ସେ ନିଜ ରାଜ୍ୟରେ ଅପେକ୍ଷା କରି ରହିବେ ।

### ରେଡ୍ଡୀଙ୍କ ପାଇଁ ସମସ୍ୟା

ସାଧାରଣ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରେ ଏପି ମେଡ୍‌ଟେକ ଜୋନ୍ ପ୍ରତିଷ୍ଠାର ତଥାକଥିତ ଅନିୟମିତତାକୁ ନେଇ ନିକଟରେ ଗୁଞ୍ଜରଣ ଉଠିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠିର ଦୁରୁପଯୋଗ ଉପରେ ବି ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ପୁନମ ମାଲାକୋଣ୍ଡିଆ ଏବଂ ଏପି ମେଡ୍‌ଟେକ ଜୋନ୍ ସିଇଓ ଜିତେନ୍ଦ୍ର କୁମାର ଶର୍ମାଙ୍କ ସମେତ ଅନେକ ପ୍ରମୁଖ ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି । ଏପି ମେଡ୍‌ଟେକ ଜୋନ୍‌କୁ ନେଇ ଉଠିଥିବା ଅଭିଯୋଗଗୁଡ଼ିକ ସ୍ୱାସ୍ଥ୍ୟସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ପାଣ୍ଠି ଆବଣ୍ଟନ ଏବଂ ତାହାର ବିନିଯୋଗର ଉତ୍ତରଦାୟିତ୍ୱ ଏବଂ ତଦାରଖ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାସହ ନିର୍ବାଚନ ଋତୁରେ ଏହି ପ୍ରସଙ୍ଗ ମୁଖ୍ୟତଃ ସରକାରୀ ବିରୋଧୀ ହାୱାର ସମ୍ମୁଖୀନ ହେଉଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ୱାଇ.ଏସ୍.ଜଗନମୋହନ ରେଡ୍ଡୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି । ତିନି ସପ୍ତାହ ମଧ୍ୟରେ କାଉଣ୍ଟର-ଆଫିଡାଭିଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିଷ୍ପତ୍ତି ଏହି ସମସ୍ୟାର ତ୍ୱରିତ ସମାଧାନ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି । ରାଜ୍ୟ ସରକାର ତାଙ୍କ ଭାବମୂର୍ତ୍ତିର ବଡ଼ କ୍ଷତି ନ କରି ଏହି ପ୍ରସଙ୍ଗ ଶୀଘ୍ର ଥମିଯାଉ ବୋଲି ଆଶା କରୁଥିବାବେଳେ ବିରୋଧୀମାନେ ସରକାରକୁ ସାମ୍ନାକୁ ଆଣି ହୁଏତ ଖୁସି ହେଉଥିବେ ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | | | | | | | |
| | | | 7 | | 1 | 3 | | |
| | 4 | | | | 2 | | | |
| 3 | | 2 | | | | 1 | 9 | 7 |
| | | | | | | | | |
| | | | 2 | | | | 3 | |
| 2 | | 5 | 8 | | 3 | | | 6 |
| | | 8 | | | | | 4 | 1 |
| | 6 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 7 | 3 | 2 | 8 |
| 6 | 7 | 5 | 8 | 2 | 3 | 1 | 9 | 4 |
| 2 | 8 | 3 | 1 | 9 | 4 | 6 | 5 | 7 |
| 4 | 3 | 7 | 9 | 8 | 5 | 2 | 6 | 1 |
| 1 | 5 | 6 | 4 | 3 | 2 | 8 | 7 | 9 |
| 8 | 2 | 9 | 7 | 1 | 6 | 5 | 4 | 3 |
| 7 | 4 | 2 | 3 | 6 | 1 | 9 | 8 | 5 |
| 3 | 6 | 8 | 5 | 7 | 9 | 4 | 1 | 2 |
| 5 | 9 | 1 | 2 | 4 | 8 | 7 | 3 | 6 |

ଗତକାଲିର ଉତ୍ତର

# ଦଳ ବଦଳ: ପଥ ଓ ପଥିକ



ଡ. ଗୌରୀଶଙ୍କର ସାହୁ

ଫରାସୀ ନାଟ୍ୟକାର ଅଏଜେନ୍ ଆୟୋନେସ୍କୋ କହିଥିଲେ, 'ବିଚାରଧାରା ଯେଉଁମାନଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନ କରେ, ସ୍ୱପ୍ନ ଓ ପୀଡ଼ା ସେମାନଙ୍କୁ ନିକଟତର କରାଏ ।' ଏଇ ଯେମିତି ଜଣକୁ ଦେଖିଲେ ଆର ଜଣଙ୍କର ନାହି ତେଉଁଥିବା ରାଜନୈତିକ ଦଳଗୁଡ଼ିକ ସାଧାରଣ ନିର୍ବାଚନ ପୂର୍ବରୁ ପରସ୍ପରର ତୁଙ୍ଗନେତାମାନଙ୍କୁ ବଡ଼ ଆଦରରେ କୋଳାଇ ନେଉଛନ୍ତି ଓ ନିଜ ଦଳର ବିଧାୟକ, ସାଂସଦ ପ୍ରାର୍ଥୀ କରୁଛନ୍ତି । ଅନ୍ୟ ଦଳର ନେତା, ସେମାନଙ୍କ ସ୍ତ୍ରୀ, ପୁଅ, ପୁତୁରାମାନଙ୍କୁ ଟିକେଟ ମିଳିବାର ପାର୍ଶ୍ୱ ପ୍ରତିକ୍ରିୟାସ୍ୱରୂପ ନିଜ ଦଳର ପୁରୁଣା ଓ ଯୋଗ୍ୟ ନୂଆ ନେତା ଓ କର୍ମୀମାନେ କୋଣଠେସା ହେବା ସ୍ୱାଭାବିକ । ଭାଜପା, ବିଜେଡି ଓ କଂଗ୍ରେସ ପ୍ରଭୃତି ପ୍ରମୁଖ ଦଳ ଭଙ୍ଗାଗଢ଼ାର କାରିଗରି କାମରେ ବ୍ୟସ୍ତ ଥିବାବେଳେ ଭୋଟର ଓ କର୍ମୀମାନେ ଜଳକା !

ଜୀବନରେ କେବେ ନିର୍ବାଚିତ ହୋଇ ବିଧାନସଭା ବା ସଂସଦକୁ ଯାଇ ନ ଥିବା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଝିଅ ୨୪ ଜାନୁଆରୀ ୧୯୬୬ରେ ଅପ୍ରତ୍ୟାଶିତ ଭାବେ କଂଗ୍ରେସ ସାଂସଦମାନଙ୍କ ନେତ୍ରୀ ହେଲେ ଓ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସିଲେ । କାହାପାଇଁ ଏ ସ୍ୱପ୍ନାତୀତ ସଫଳତା ଥିଲା ତ ଆଉ କାହା ପାଇଁ ଅସହ୍ୟ ପୀଡ଼ା । କଂଗ୍ରେସର ଅନ୍ତରୀଣ ସମୀକରଣ ଏହି ସ୍ୱପ୍ନ ଓ ପୀଡ଼ା ଚାରିପାଖରେ ଘୂରି ବୁଲିବାକୁ ଲାଗିଲା । ୧୯୬୭ ଚତୁର୍ଥ ସାଧାରଣ ନିର୍ବାଚନରେ କଂଗ୍ରେସ ୫୨୩ରୁ ମାତ୍ର ୨୮୩ଟି ଲୋକ ସଭା ଆସନରେ ବିଜୟୀ ହେଲା, ଯାହା ବହୁମତର ପାଖାପାଖି ଉପରକୁ ଥିଲା । ଏହା ରାଜ୍ୟ ରାଜନୀତିରେ ପ୍ରତିଫଳିତ ହେଲା ।

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୧୪ ଦିନ ନ ପୂରୁଣୁ କଂଗ୍ରେସ ବିଧାୟକ ଦଳ ନେତା ଭାଗବତ ଦୟାଲ ଶର୍ମା ଗାଦିଚ୍ୟୁତ ହେଲେ ଓ ୧୨ ଜଣ ଜନସଂଘ, ୧୮ ଜଣ ସ୍ୱାଧୀନ ତଥା ଅନ୍ୟାନ୍ୟ ଛୋଟମୋଟ ଦଳଙ୍କ ସହ ମିଶି କଂଗ୍ରେସରୁ ୧୨ ଜଣ ବିଧାୟକ ନେଇ ବାହାରି ଆସିଥିବା ବରିଷ୍ଠ ପ୍ରାକ୍ତନ କଂଗ୍ରେସ ନେତା ରାଓ ବୀରେନ୍ଦ୍ର ସିଂ ୨୪ ମାର୍ଚ୍ଚ ୧୯୬୭ରୁ ୨ନଭେମ୍ବର ୧୯୬୭ ପର୍ଯ୍ୟନ୍ତ ହରିୟାଣାର ମୁଖ୍ୟମନ୍ତ୍ରୀ ରହିଲେ । ମାର୍ଚ୍ଚ ୧୯୬୭ରେ ନଅ ଘଣ୍ଟା ଭିତରେ ହାସନପୁର ବିଧାୟକ ଗୟାଲାଲ ଚାରିଥର ଆନୁଗତ୍ୟ ବଦଳାଇ ଶେଷରେ ଯେତେବେଳେ ବୀରେନ୍ଦ୍ର ସିଂଙ୍କୁ ସମର୍ଥନ କଲେ, ବୀରେନ୍ଦ୍ର ସିଂ ଗଣମାଧ୍ୟମ ଆଗରେ କହିଥିଲେ, 'ଗୟାରାମ ଏବେ ଆୟାରାମ' ।

ଏପଟେ ପଶ୍ଚିମବଙ୍ଗରେ କଂଗ୍ରେସର ୧୨୭ରୁ



୧୭ ଜଣ ବିଧାୟକଙ୍କୁ ନେଇ ବାହାରି ଆସି ବାଂଲାକଂଗ୍ରେସ ଦଳ ଗଢ଼ି ସିପିଆଇ (୪୩), ସିପିଏମ୍ (୧୬), ଫରୱାର୍ଡ ବ୍ଲକ୍ (୧୩), ଏସ୍‌ୟୁସିଆଇ(୪), ଅନ୍ୟାନ୍ୟ ଛୋଟ ଦଳମାନଙ୍କୁ ନେଇ ୟୁନାଇଟେଡ୍ ଫ୍ରଣ୍ଟ ଗଢ଼ି ବାଂଲାକଂଗ୍ରେସ ନେତା ଅଜୟ ମୁଖାର୍ଜୀ ୯ ମାସ ମୁଖ୍ୟମନ୍ତ୍ରୀ ରହିଲେ । ୨୮୦ ସଦସ୍ୟବିଶିଷ୍ଟ ବିଧାନସଭାରେ ବାଂଲାକଂଗ୍ରେସରୁ ୧୬ଜଣ ବିଧାୟକଙ୍କୁ ଆଣି ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ବାମଦଳମାନଙ୍କ ସହ ମିଶି ପ୍ରୋଗ୍ରେସିଭ୍ ଡେମୋକ୍ରାଟିକ୍ ଫ୍ରଣ୍ଟର ନେତା ଭାବେ ମୁଖ୍ୟମନ୍ତ୍ରୀ ରହିଲେ୨୧ ନଭେମ୍ବର ୧୯୬୭ରୁ ୪ ମାସ । ସେପଟେ ବିହାରରେ ୩୧୮ରୁ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ମେଣ୍ଟ ୟୁନାଇଟେଡ୍ ଫ୍ରଣ୍ଟର ମୁଖ୍ୟମନ୍ତ୍ରୀ ମହାମାୟା ପ୍ରସାଦ ସିହ୍ନାଙ୍କ ସରକାର ମାତ୍ର ୧୧ ମାସ ତିଷ୍ଠିପାରିଲା । ଯାଦବ ଜାତିର ଜମିଦାର ନେତା ବାବୁ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳ ୟୁନାଇଟେଡ୍ ଫ୍ରଣ୍ଟର ୩୮ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ ଓ ୧୨୮ଟି ଆସନରେ ଜିତିଥିବା କଂଗ୍ରେସ ସମର୍ଥନରେ ମାତ୍ର ୪୭ ଦିନ ମୁଖ୍ୟମନ୍ତ୍ରୀ ରହିଲେ । ଭୋଳାପାଶ୍ୱାନ ଶାସ୍ତ୍ରୀ ମଧ୍ୟ ଏହି ସମୟରେ ଦୁଇ ଥର, ମୋଟ୍ ଉପରେ ୧୦୦ ଦିନ ମୁଖ୍ୟମନ୍ତ୍ରୀ ହୋଇଥିଲେ କଂଗ୍ରେସ ସମର୍ଥନରେ ।

ଉତ୍ତର ପ୍ରଦେଶର କଂଗ୍ରେସ ନେତା ଚୌଧୁରୀ ଚରଣ ସିଂ କଂଗ୍ରେସରୁ ୧୭ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ ଓ ମଧ୍ୟପ୍ରଦେଶର କଂଗ୍ରେସ ନେତା ଡ. ଗୋବିନ୍ଦ ନାରାୟଣ ସିଂ ୩୬ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ । ଉତ୍ତର ପ୍ରଦେଶରେ ଜନସଂଘର ୯୮ ବିଧାୟକ, ସଂଘଟ ସୋସାଲିଷ୍ଟ ପାର୍ଟିର ୪୪ ବିଧାୟକ, ବାମଦଳ ଓ ଅନ୍ୟାନ୍ୟ ଦଳକୁ ନେଇ ୟୁନାଇଟେଡ୍ ଫ୍ରଣ୍ଟ ଗଢ଼ି ଚୌଧୁରୀ ଚରଣ ସିଂହ ୩ ଏପ୍ରିଲ ୧୯୬୭ରୁ ୧୧ ମାସ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ରହିଲେ । ଏପଟେ ୩୦ ଜୁଲାଇ ୧୯୬୭ରୁ ୮ ମାସ ମଧ୍ୟପ୍ରଦେଶରେ ୟୁନାଇଟେଡ୍ ଫ୍ରଣ୍ଟର ମୁଖ୍ୟମନ୍ତ୍ରୀ ରହିଲେ ଡ. ଗୋବିନ୍ଦ ନାରାୟଣ ସିଂହ ।

ସେପଟେ ପଞ୍ଜାବର ନ୍ୟାୟମୂର୍ତ୍ତି ଗୁରୁନାମ ସିଂଙ୍କ ୟୁନାଇଟେଡ୍ ଫ୍ରଣ୍ଟ ସରକାର ମାତ୍ର ୯ ମାସ କ୍ଷମତାରେ ନ ରହୁଣୁ ଲଛମନ ସିଂ ଗିଲ୍ ୧୬ ଜଣ ବିଧାୟକଙ୍କୁ ନେଇ ବିଦ୍ରୋହ କଲେ ଓ କଂଗ୍ରେସ ସମର୍ଥନରେ ମୁଖ୍ୟମନ୍ତ୍ରୀ ହେଲେ । ମାତ୍ର ୯ ମାସ ମଧ୍ୟରେ ମଧୁଚନ୍ଦ୍ରିକାର ଅବସାନ ହେଲା ଓ କଂଗ୍ରେସ ଲଛମନ ସିଂ ସରକାର ଭାଙ୍ଗିଦେଲା । ଲଛମନ ସିଂ ଗିଲ୍ ଓ ଭୋଳାପାଶ୍ୱାନ ଶାସ୍ତ୍ରୀ ସରକାରରେ ଦଳବଦଳ କରିଥିବା ସମସ୍ତ ବିଧାୟକ (ଯଥାକ୍ରମେ ୧୮,୫୧) ମନ୍ତ୍ରୀପଦ ପାଇଥିଲେ । ପଶ୍ଚିମବଙ୍ଗରେ ବାମଦଳମାନେ ନିଜ ସୁବିଧାରେ ଦୁଇଟି ଭିନ୍ନ ଭିନ୍ନ ସରକାର ଗଢ଼ିଥିବାବେଳେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ପଞ୍ଜାବ, ହରିୟାଣାରେ ବାମଦଳ, ଦକ୍ଷିଣପନ୍ଥୀ ଦଳ, ନିର୍ଦ୍ଦଳୀୟ ଓ ଅନ୍ୟ ଦଳମାନେ ଏକାଠି ସରକାର ଚଳାଇଥିଲେ । ଏଇ ଆରମ୍ଭର ଶେଷ ଏଯାଏ ହୋଇନି ।

କିମାଶ୍ଚର୍ଯ୍ୟମ୍, ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ଭୟ ଯୋଗୁ ହେଉ ବା ଲୋଭ ଯୋଗୁ ଜନତା ପାର୍ଟିର ହରିୟାଣା ମୁଖ୍ୟମନ୍ତ୍ରୀ ଭଜନଲାଲ ୨୨ ଜାନୁୟାରୀ ୧୯୮୦ରେ ଜନତା ପାର୍ଟିର ୩୭ ଜଣ ବିଧାୟକଙ୍କୁ ନେଇ ଜନତା ପାର୍ଟି ଛାଡ଼ି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଛତ୍ରଛାୟା ତଳେ ପ୍ରଥମେ ଦୁଇ ବର୍ଷ ଓ ନିର୍ବାଚନ ପରେ ପୁଣି ୪ ବର୍ଷ ମୁଖ୍ୟମନ୍ତ୍ରୀ ରହିଲେ ।

ଓଡ଼ିଶାରେ ନିର୍ବାଚନ ପରେ ଦଳବଦଳ କରି ସରକାର ଗଢ଼ିବାର ଇତିହାସ ନାହିଁ କହିଲେ ଚଳେ । କେବଳ ୧୯୭୨ରେ ଦଳବଦଳ ପାଇଁ ବିଶ୍ୱନାଥ ଦାସ ସରକାର ଭାଙ୍ଗିଥିଲା । ବିଜେଡିରେ ମିଡ୍‌ନାଇଟ୍ ଅପରେଶନ ବିଫଳ ହୋଇଥିଲା ।

ଏବେ କିଛିବର୍ଷ ହେଲା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଦଳବଦଳ ଓ ସଦ୍ୟ ଯୋଗଦେଇଥିବା ନେତାଙ୍କୁ ପ୍ରମୁଖ ଦଳଗୁଡ଼ିକ ଟିକେଟ ଦେବା ଶୁଭଙ୍କରୀ ଭବିଷ୍ୟତର ସୂଚନା କେବେ ନୁହେଁ । ହିନ୍ଦ୍ ସ୍ୱରାଜ ପୁସ୍ତକରେ 'ସ୍ୱରାଜ' ସମ୍ବନ୍ଧରେ ଆଲୋଚନା କଲାବେଳେ ମହାତ୍ମା ଗାନ୍ଧୀ କହିଛନ୍ତି, ''ଇଂରେଜ ଶାସନ ପଦ୍ଧତି ବଜାୟ ରଖି ଇଂରେଜମାନଙ୍କୁ ଦେଶରୁ ତଡ଼ିବା ବାଘ ପ୍ରବୃତ୍ତିକୁ ସ୍ୱୟଂ ଆହରଣ କରି ବାଘକୁ ଘଉଡ଼ାଇ ଦେବା ସଙ୍ଗେ ସମାନ ।'' ଅନ୍ୟ ଦିଗରୁ ଦେଖିଲେ ଯେଉଁ ଦଳର, ଯେଉଁ ସରକାର ନୀତି, କାର୍ଯ୍ୟପଦ୍ଧତି ଓ ଚରିତ୍ରକୁ ଆର ଦଳଟି ବିରୋଧ କରି ଭୋଟ ଭିକ୍ଷା କରୁଛି, ସେଇ ଦଳର ପ୍ରାକ୍ତନ କର୍ମୀ ଓ ନେତାମାନଙ୍କ ନେତୃତ୍ୱରେ ସରକାର ଗଢ଼ି, ଭିନ୍ନ ଏକ ନେତୃତ୍ୱ, ଭିନ୍ନ ଏକ ସରକାର ଦେଇପାରିବ କି? ଏଇ ଦଳଡିଆଁ ଜନପ୍ରତିନିଧିମାନଙ୍କୁ ନେଇ ପାଞ୍ଚ ବର୍ଷ ଚଳାଇବା ବେଳେ ସେମାନଙ୍କ ପୂର୍ବଦଳର ଅବଗୁଣ, ଅନୀତି, ଚରିତ୍ର ଏଇ ସରକାରକୁ ସଂକ୍ରମିତ କରିବ ନାହିଁ କି?

ମୋ : ୭୯୭୮୪୧୨୮୩୫

# ଯନ୍ତ୍ର ମାନବ ମାଗେ ଅଧିକାର



ଡ. ନରେନ୍ଦ୍ର ସେଠୀ

କିଛିଦିନ ତଳେ ସାଉଦି ଆରବ ସୋଫିଆ ନାମକ ଏକ ରୋବୋକୁ ନିଜ ଦେଶର ନାଗରିକତା ପ୍ରଦାନ କରିବା ପରେ ତାହା ଅନେକ ଲୋକଙ୍କ ଭ୍ରୂକୁଞ୍ଚନ କରିଥିଲା । ସୋଫିଆ ଏମିତି ଏକ ରୋବୋ ଯିଏ ଚିତ୍ର ଆଙ୍କିବା ଓ କଥା କହିବା ସହିତ ଏକ ମା' ହେବାର ଅଭିଳାଷ ମଧ୍ୟ ପ୍ରକଟ କରୁଥିଲା । ତେବେ ସୋଫିଆ ଏକ ଦେଶର ନାଗରିକ ହୋଇଯିବା ପରେ ଏକ ଯନ୍ତ୍ର ମାନବ ହୋଇ ମଧ୍ୟ ତା'ର ଆଇନ ଅନୁସାରେ ସେ ଦେଶର ସବୁ ଅଧିକାର ମିଳିବା କଥା । କିନ୍ତୁ ସତରେ କ'ଣ ସୋଫିଆ ବିବାହ କରି ମା' ହେବାର ଅଭିଳାଷ ପୂରଣ କରିପାରିବ ନା ଭୋଟଦାନର ଅଧିକାର ପାଇପାରିବ! ଏହି ପରିସ୍ଥିତି ନ୍ୟୁଜିଲାଣ୍ଡ ଦେଶରେ ନିର୍ମିତ ସାମ ଦି ରୋବୋ ନାମକ ଅନ୍ୟ ଏକ ଯନ୍ତ୍ର ମାନବ ପାଇଁ ଉପୁଜିଛି ଯିଏ ବିଶ୍ୱର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ରାଜନେତା ଭାବରେ ସେହି ଦେଶରେ ଆଖ୍ୟା ପାଇଛି । ଯଦି କଥା ସାହିତ୍ୟ କିମ୍ବା ଶବ୍ଦକୋଷକୁ ଅଣ୍ଡାଳିବା ରୋବୋ ମାନେ ଏକ ଯନ୍ତ୍ର, ଯିଏ ଅନେକ ଜଟିଳ କାମ ନିଜେ ସୁଚାରୁ ଭାବେ କରିପାରେ । କିନ୍ତୁ ରୋବୋକୁ ଏକ ଯନ୍ତ୍ର ଭାବରେ ଉପସ୍ଥାପିତ କରି ଶବ୍ଦକୋଷ ବିଶେଷଜ୍ଞମାନେ ଅଟକି ଯିବା ବେଳେ ଆଇନ ବିଶାରଦ ଓ ବିଜ୍ଞାନ ଜଗତ ଉଭୟ ସୋଫିଆ ଓ ସାମକୁ ଆଇନ ଅଧିକାର ଥିବା ଯନ୍ତ୍ର ମାନବ ଭାବରେ ବିବେଚନା କରୁଛନ୍ତି । ଏହା ସତ୍ୟ ଯେ ଆମ ଦେଶରେ ପବିତ୍ର ଗଙ୍ଗା ନଦୀ ଓ ଭଗବାନ ରାମ ଲାଲାଙ୍କୁ ମଧ୍ୟ ଆଇନ ଅଧିକାର ଦିଆଯାଇଛି । ସେପରି ସ୍ଥଳରେ ଶବ୍ଦକୋଷ ବିଶେଷଜ୍ଞ, ଆଇନ ବିଶାରଦ ଓ ବିଜ୍ଞାନ ଜଗତ ରୋବୋକୁ ଏକ ଆଇନ ଅଧିକାର ଥିବା ଯନ୍ତ୍ର ମାନବ ଭାବେ ବିବେଚନା କରିବା ଯୁକ୍ତିଯୁକ୍ତ ଲାଗେ । ଏହି ବର୍ଷ ଆରମ୍ଭରେ ଏକ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋ ଓକିଲ ଭାବରେ ଆମେରିକାର ଏକ ଗୁପ୍ତ ନ୍ୟାୟାଳୟରେ ନିଜକୁ ଉପସ୍ଥାପିତ କରିବାର ଚେଷ୍ଟା ଚାଲୁଥିଲାବେଳେ ଆଇନଜୀବୀମାନଙ୍କ ଧମକ ଯୋଗୁ ଶେଷ ମୁହୂର୍ତ୍ତରେ ଓହରି ଦିଆଯାଇଥିଲା । ତେବେ ଏହାକୁ ବିଜ୍ଞାନ ଇତିହାସରେ ଏକ ଐତିହାସିକ ଦିନ ଭାବରେ ବିବେଚନା କରାଗଲା ।

ତେବେ ରୋବୋ ତିଆରି କରୁଥିବା ନୂତନ ଜ୍ଞାନ କୌଶଳ ଉପରେ ଆଇନଗତ ଅଧିକାର ନେଇ ମଧ୍ୟ ଏକ ସମସ୍ୟା ଉପୁଜିଛି । ରୋବୋର ନିଜସ୍ୱ ଆଇନଗତ ଅଧିକାର ରହିବ ନା ନାହିଁ ତା' ଉପରେ ନାନା ମୁନି ନାନା ମତ ରହିଛି । ୨୦୧୫ ରେ ରୋବୋ ପ୍ରଥମ କରି ଏକ ଆତ୍ମ-ସଚେତନତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ୟୁରୋପୀୟ ୟୁନିଅନ ଆଇନ ବ୍ୟାପାର କମିଟି ଏହାର ରିପୋର୍ଟରେ ଅତି ଆଧୁନିକ ସ୍ୱୟଂ ଚାଳିତ ରୋବୋକୁ ନିର୍ଦ୍ଦିଷ୍ଟ କିଛି ଆଇନ ଅଧିକାର ସହିତ ଯନ୍ତ୍ର ମାନବର ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ । ଯେହେତୁ ମଣିଷ ଜୀବନର ପ୍ରତ୍ୟେକ ସ୍ତରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରବେଶ ଫଳରେ ଦିନକୁ ଦିନ ମଣିଷ ଓ ଯନ୍ତ୍ର ମାନବ ଭିତରେ ଥିବା ବିଭାଜନ ରେଖା ଫିକା ହେବାରେ ଲାଗିଛି ଓ ରୋବୋ ସବୁ କାମ କରିପାରୁଛି ଯାହା ମଣିଷ



କରେ, ତେଣୁ ଏହାକୁ ଆଇନଗତ ଅଧିକାର ଦେବାରେ ଭୁଲ୍ ରହିଲା କେଉଁଠି । ଭାରତୀୟ ଆଇନ ବ୍ୟବସ୍ଥା ଓ ନ୍ୟାୟାଳୟ ଏପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋ ଦ୍ୱାରା ତିଆରି କାର୍ଯ୍ୟର ବୌଦ୍ଧିକ ସମ୍ପତ୍ତି ଅଧିକାର ବିଷୟରେ କିଛି ସ୍ପଷ୍ଟ କରିନାହିଁ, ତେବେ ନିକଟ ଅତୀତରେ ଏ ବିଷୟରେ ନିଶ୍ଚିତ ତର୍ଜମା ହେବ । ଏପରିକି ଆମେରିକାରେ ଯନ୍ତ୍ର ମାନବ ଦ୍ୱାରା ହୋଇଥିବା ମୂଲ୍ୟବାନ କାର୍ଯ୍ୟକୁ ଆଇନଗତ ସୁରକ୍ଷା ଦିଆଯାଇ ନାହିଁ । କିନ୍ତୁ ଭବିଷ୍ୟତରେ ରୋବୋ ଦ୍ୱାରା ହେବାକୁ ଯାଉଥିବା ବେକାରି ସମସ୍ୟା କିମ୍ବା ଅନିୟନ୍ତ୍ରିତ ବିନାଶକାରୀ ଶକ୍ତିର କ୍ଷମତା ରଖିଥିବା ସ୍ୱୟଂଚାଳିତ ଯାନ୍ତ୍ରିକ ଯୋଦ୍ଧାଙ୍କ ଭୟକୁ ଦେଖି ଏହା ବିଡ଼ମ୍ବନାର ବିଷୟ ହୋଇପାରେ ଯେ ରୋବୋ ଆଇନ ଅଧିକାର ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବିତର୍କର ବିଷୟ ପାଲଟିଛି । ଆମ ସମାଜରେ କଷ୍ଟ ଓ ଯନ୍ତ୍ରଣାକୁ ଅନୁଭବ କରିପାରୁଥିବା, ବାହ୍ୟ କ୍ରିୟାର ପ୍ରତିକ୍ରିୟା କରିବା ଭଳି ଚେତନା ଥିବା ଜୀବକୁ ଆଇନଗତ ଅଧିକାର ମିଳିଥାଏ । କିନ୍ତୁ ରୋବୋ ହସ ଖୁସି ଦୁଃଖ ଯନ୍ତ୍ରଣା ଭଳି ଚେତନାକୁ ଅନୁଭବ କରିପାରୁ ନ ଥିବାରୁ ଏହାକୁ ଆଇନଗତ ଅଧିକାର ଦେବା ନିରର୍ଥକ ବୋଲି କେହି କେହି ମତବ୍ୟକ୍ତ କରିଛନ୍ତି । ଏକ ଜୀବ ଯନ୍ତ୍ରଣା ଓ କଷ୍ଟକୁ ପସନ୍ଦ କରେନା କାରଣ ଏହାର ମସ୍ତିଷ୍କ ତାକୁ ସୁସ୍ଥ ଓ ନୀରୋଗ ରହି ବଞ୍ଚିବାକୁ ଚେତାଇଥାଏ, ଯାହା ଫଳରେ ମଣିଷ ସମେତ ସମସ୍ତ ଜୀବ ନିଜକୁ ସବୁ ବାହ୍ୟ ଉଲ୍ଲଂଘନରୁ ମୁକ୍ତ ରଖିବାକୁ ସ୍ୱତଃ ପ୍ରସ୍ତୁତ ରହେ ଯାହା ତାକୁ ଯନ୍ତ୍ରଣା ଓ କଷ୍ଟ ଦିଏ । କିନ୍ତୁ ଏକ ଯନ୍ତ୍ର ମାନବ ବା ରୋବୋ ଯନ୍ତ୍ରଣା, କଷ୍ଟ , ହସ ଖୁସି ଭଳି ଚେତନାକୁ ଅନୁଭବ କରିପାରେନି । ଯଦି ନିକଟରେ ମଣିଷ ଭଳି ଯନ୍ତ୍ରଣା ଓ କଷ୍ଟର ଅନୁଭବ ମଧ୍ୟ ରୋବୋ କରିପାରିବ ସେତେବେଳେ ରୋବୋକୁ ଆଇନଗତ ସୁରକ୍ଷା ଦେବାକୁ ଆମେ ପ୍ରସ୍ତୁତ ତ ?

ନିକଟରେ ଆମେରିକାର ପେନ୍‌ସିଲଭାନିଆରେ ସ୍ୱୟଂଚାଳିତ ଜିନିଷ ପହଞ୍ଚେଇବା ରୋବୋ ଡ୍ରୋନଗୁଡ଼ିକୁ ରାସ୍ତାର ଦୁଇ କଡ଼ରେ ଥିବା ଚାଲିବା ରାସ୍ତାରେ ଯିବା ପାଇଁ ଅନୁମତି ପ୍ରଦାନ କରି ପଥଚାରୀ ଭାବରେ ବିବେଚନା କରାଯିବା ଓ ମାନବ ପଥଚାରୀ ସମକକ୍ଷ ତୁଳନା କରିବା ଏକ ଯୁଗାନ୍ତକାରୀ ଘଟଣା । ଚଳିତ ଶତାବ୍ଦୀର ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିଙ୍ଗ ସମଗ୍ର ମାନବ ଉପରେ ରୋବୋର ଆଧିପତ୍ୟ ହେବ ବୋଲି ଯେଉଁ ଭବିଷ୍ୟବାଣୀ କରିଥିଲେ ତାହା କେବଳ ଏକ କାଳ୍ପନିକ ଚଳଚ୍ଚିତ୍ରର ଦୃଶ୍ୟ ହୋଇପାରେ । ଯଦିଓ ଏକ ରୋବୋ ମଣିଷଠାରୁ ଅଧିକ ଜଟିଳ କାର୍ଯ୍ୟ ଖୁବ୍ ସହଜରେ କରିପାରେ, ମାତ୍ର ଶେଷରେ ଏହା ମଣିଷ ଦ୍ୱାରା ଖଞ୍ଜାଯାଇଥିବା ଅନେକ ଟିକିନିଖି କଳ କବ୍‌ଜାର ଏକ ସମାହାର ମାତ୍ର ଯାହାଠାରେ ରକ୍ତ ମାଂସରେ ଗଢ଼ା ମଣିଷ ଭଳି ଚେତନା ନାହିଁ । ତେଣୁ ଏହାକୁ ଆଇନର ଅଧିକାର ଦେବା ପୂର୍ବରୁ ତର୍ଜମା କରିବାର ସମୟ ଆସି ପହଞ୍ଚିଛି ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେଉଛି ଭାରତ । ଅନେକ ସମସ୍ୟା ମଧ୍ୟରେ ଦେଶ ଛନ୍ଦି ହୋଇଥିବାବେଳେ ସେଥିମଧ୍ୟରେ ଶିଶୁ ଚାଲାଣ ଏକ ଚିନ୍ତାଜନକ ବିଷୟ ହୋଇଛି । ଦେଶରୁ ବର୍ଷକୁ ପ୍ରାୟ ୧,୩୫, ୦୦୦ ପିଲା ବାହାରକୁ ଚାଲାଣ ହେଉଥିବାବେଳେ ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ହେଉଛନ୍ତି ଝିଅ । ଏଭଳି ବେଆଇନ ଚାଲାଣକୁ ରୋକିବା ଲାଗି ପ୍ରଶାସନିକ ପଦକ୍ଷେପ ନିଆଯାଉଥିଲେ ବି ଏଥିରେ ଆଶାନୁରୂପ ସଫଳତା ମିଳିପାରୁନାହିଁ । କିନ୍ତୁ ଏ ଦିଗରେ ଜଣେ ମହିଳାଙ୍କ ପ୍ରଚେଷ୍ଟା ଏକ ଉଦାହରଣ ସୃଷ୍ଟି କରିଛି । ଆସାମର ପଲ୍ଲବୀ ଘୋଷ ଦେଶର ବିଭିନ୍ନ ଅଞ୍ଚଳରେ ୭୫,୦୦୦ ମହିଳାଙ୍କୁ ନେଇ ଏକ ଆର୍ମି ଗଠନ କରିଛନ୍ତି, ଯାହା ଶିଶୁ ବିଶେଷକରି ଝିଅ ଚାଲାଣ ରୋକିବାରେ ପ୍ରଶଂସନୀୟ କାର୍ଯ୍ୟ କରିପାରିଛି । ପଲ୍ଲବୀ 'ଇମ୍ପାକ୍ଟ ଆଣ୍ଡ ଡାଇଲଗ୍ ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ମହିଳା ସେନାର ପରିଚାଳନା କରିବା ସହ ଏବେ ସୁଦ୍ଧା ୧୦,୦୦୦ ପିଲାଙ୍କୁ ଉଦ୍ଧାର କରିସାରିଲେଣି । କେବଳ ଉଦ୍ଧାର କାର୍ଯ୍ୟରେ ସୀମିତ ରହିନାହାନ୍ତି ପଲ୍ଲବୀ ବରଂ ସେମାନଙ୍କୁ ମଧ୍ୟ ଥଇଥାନ କରାଇବା ବ୍ୟବସ୍ଥା କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୭୫

- ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ରାଜସ୍ୱ ସମ୍ପର୍କୀୟ ତଥ୍ୟ ଓ ସର୍ଭେ ମ୍ୟାପ ଆନ୍ଧ୍ରପ୍ରଦେଶ ସରକାରଙ୍କଠାରୁ ମଗାଇଛନ୍ତି ।
- ବିଶ୍ୱ ତେଲୁଗୁ ସମ୍ମିଳନୀ ଉପଲକ୍ଷେ ଡାକତାର ବିଭାଗ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଡାକଟିକେଟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ।
- ବାଂଲାଦେଶରେ ୧୦ ଦିନ ପରିଭ୍ରମଣ ପାଇଁ ବିଦେଶୀ ପର୍ଯ୍ୟଟକମାନଙ୍କର ଭିସା ନେବା ଆବଶ୍ୟକ ହେବ ନାହିଁ ବୋଲି ବାଂଲାଦେଶ ସରକାରଙ୍କ ନିଷ୍ପତ୍ତି ।

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ-ପଥେ !
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷମତା ଲୋଭର ବିକୃତ ମାନସିକତା

ମହାଶୟ,

ନିଜ ଦଳପ୍ରତି ବିଦ୍ରୋହ ମନୋଭାବ ପୋଷଣ କରି ଦଳବଦଳ କରୁଥିବା ନେତାମାନେ କେବଳ ସମଗ୍ର ରାଜନୈତିକ ସ୍ଥିତିକୁ କଳୁଷିତ କରନ୍ତିନାହିଁ, ବରଂ ନିଜର ରାଜନୈତିକ ଜୀବନର ଆତ୍ମ-ପରିଚୟ ଓ ଆତ୍ମବିଶ୍ୱାସକୁ ମଧ୍ୟ ଦେଶର ଜନତାଙ୍କ ସମ୍ମୁଖରେ ବିଶ୍ୱାସ-ଅବିଶ୍ୱାସର ବାତାବରଣ ସୃଷ୍ଟି କରିଥାଆନ୍ତି । କ୍ଷମତା ଲୋଭରେ ବଶୀଭୂତ ହୋଇ ଯେଉଁ ପ୍ରାର୍ଥୀମାନେ ଦଳ ପରିତ୍ୟାଗ କରୁଛନ୍ତି ସେମାନେ ଦେଶ ସେବାରେ ବ୍ରତୀ ହେବା ଓ ନ ହେବା ଉପରେ ସୃଷ୍ଟି କରେ ପ୍ରଶ୍ନବାଚୀ ? କ୍ଷମତା ରାଜନୀତିରେ ଦଳ ବଦଳ କରୁଥିବା ରାଜନେତାମାନେ ଏକଦା ଦିନେ ବିଜୟ ଲାଭ କରି ନିଜ ନିର୍ବାଚନମଣ୍ଡଳୀର ପ୍ରଗତିରେ ପାରଦର୍ଶିତା ଦେଖାଉଥିଲେ । ସେମାନେ କୌଣସି ନା କୌଣସି କାରଣରୁ ନିଜ ଦଳକୁ ପରିତ୍ୟାଗ କରି ଅନ୍ୟ ଦଳରେ ଯୋଗଦେଉଛନ୍ତି । ଦଳବଦଳ ଗଣତାନ୍ତ୍ରିକ ଦୃଷ୍ଟିରେ ଯଦିଓ ବିଜ୍ଞ ରାଜନୀତିଜ୍ଞମାନଙ୍କ ସ୍ୱାର୍ଥ ନିହିତ ଏକ ରାଜନୈତିକ ପ୍ରକ୍ରିୟା ତେବେ ଏହାର ଯଥାର୍ଥତା ନାହିଁ ବୋଲି ମନେହୁଏ । ଦଳ ବଦଳ କରି ନ ଥିବା ରାଜନେତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶବୋଧତା ନିଶ୍ଚିତଭାବେ ମହାନ୍ । ନିର୍ବାଚନ ସମୟରେ ନେତାଙ୍କ ଦଳ ଡିଆଁ ଗ୍ରହଣୀୟ ନୁହେଁ । ଦଳତ୍ୟାଗୀ ବିଦ୍ରୋହୀ ନେତାଙ୍କୁ ନୂତନ ଦଳରେ ସାମିଲ କରିବା ପୂର୍ବରୁ ସେମାନେ କେଉଁ କାରଣରୁ ନିଜର ପୁରୁଣା ଦଳକୁ ପରିତ୍ୟାଗ କରିଛନ୍ତି ତା'ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବା ଆବଶ୍ୟକ । କାରଣ ଦଳ ବଦଳାଉଥିବା ନେତାମାନେ ବିଶେଷତଃ ପଞ୍ଚତନ୍ତ୍ର କାହାଣୀର ଚତୁର ମର୍କଟ-ବୁଦ୍ଧିହୀନ ଲୋଭୀ କୁମ୍ଭୀର ସଦୃଶ ବୋଲି କହିବା ମୋର ବ୍ୟକ୍ତିଗତ ମତ, ଯାହା କି ଗଣତନ୍ତ୍ରରେ ନିର୍ବାଚନ ରାଜନୀତିର ଜନତା ଦରବାରରେ ଔପଚାରିକ ଭାବେ ବିଚାରଯୋଗ୍ୟ ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ଷତିପୂରଣ ନ ମିଳିଲେ ରେଳରୋକୋ

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)


ବୈଠକରେ ଯୋଗ ଦେଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ବରଗଡ଼ ଜିଲାରେ ଆଉ କିଛିଦିନ ପରେ ରବି ଧାନ ଅମଳ ଜୋର୍ ଧରିବ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଗତ ଖରିଫ ଫସଲକ୍ଷତିର କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ଶୁକ୍ରବାର ଏ ନେଇ ଜିଲାପାଳ ଆଦିତ୍ୟ ଗୋୟାଲଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ ବସିଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ତୁରନ୍ତ ପ୍ରଦାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖ ସୁଦ୍ଧା ବୀମା କ୍ଷତିପୂରଣ ନ ମିଳିଲେ ଚାଷୀମାନେ ୧୯ତାରିଖ ରେଳରୋକୋ ଆନ୍ଦୋଳନ କରିବାରୁ ଚେତାବନୀ ଦେଇଛନ୍ତି।

ଗତ ଖରିଫ ଫସଲ ଅମଳ ଚାଲିଥିବା ସମୟରେ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ସେହି ସମୟରେ କୃଷି ଏବଂ ରାଜସ୍ୱ ବିଭାଗ କ୍ଷେତ୍ର ପରିଦର୍ଶନ କରି ୪୧ହଜାର ହେକ୍ଟର ଜମିରେ ୩୩ପ୍ରତିଶତରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ପାଖକୁ ପ୍ରାଥମିକ ରିପୋର୍ଟ ପଠାଇଥିଲେ। ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସେ ବାବଦକୁ ୫୮ କୋଟି କ୍ଷତିପୂରଣ ମିଳିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିପୂରଣ ବାବଦକୁ ମାତ୍ର ୪୦୦ ହେକ୍ଟର ଜମି ପାଇଁ କେବଳ ୪୫ଲକ୍ଷ ଟଙ୍କା ମିଳିଛି। ଏଭଳି ଟାଳଟୁଳ ନୀତିକୁ ନେଇ ଚାଷୀ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି ଏବଂ କ୍ଷତିପୂରଣ ଦାବିରେ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଜମିରେ କଟା ହୋଇ ନଷ୍ଟ ହୋଇଥିବା ଧାନ ଫସଲ କ୍ଷତିପୂରଣ ପାଇଁ ନିୟମ ମୁତାବକ କ୍ଷତି ହେବାର ୭୨ ଘଣ୍ଟା ମଧ୍ୟରେ ପ୍ରଭାବିତ କୃଷକ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇବେ ଏବଂ ବିଭାଗୀୟ ଅଧିକାରୀମାନେ ୧୦ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ୧୫ ଦିନ ମଧ୍ୟରେ କ୍ଷତିପୂରଣ ଦେବା ବ୍ୟବସ୍ଥା ଅଛି। କିନ୍ତୁ ଅଧିକାରୀମାନଙ୍କ ଖମାଖିଆଲି ମନୋଭାବ କାରଣରୁ କ୍ଷତିଗ୍ରସ୍ତ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିଲାର ୫୬ ହଜାର ଚାଷୀ ଆବେଦନ କରିଥିବାବେଳେ ସମସ୍ତ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ ନ କରି ଅନେକ ଦିନ ପରେ କୃଷକମାନଙ୍କୁ ନ ଜଣାଇ କେବଳ ଡ୍ରୋନ କ୍ୟାମେରାରେ ସର୍ଭେ କରାଯାଇଛି ଏବଂ ସେହି ରିପୋର୍ଟ ଗ୍ରହଣୀୟ ନୁହେଁ ବୋଲି ଚାଷୀ ପ୍ରତିନିଧିମାନେ କହିଛନ୍ତି ।

## ତ୍ରିପାକ୍ଷିକ ବୈଠକରେ ଚାଷୀଙ୍କ ଚେତାବନୀ

ବୈଠକରେ ଚାଷୀ ପ୍ରତିନିଧିମାନେ କହିଥିଲେ, ଗତ ଫେବୃଆରୀ ୨୭ ତାରିଖ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସମାବେଶ କରି ୧୫ ହଜାର ଚାଷୀ ଲିଖିତ କ୍ଷତିପୂରଣ ଦାବି କରିଥିଲେ। ଏହା ପରେ ମାର୍ଚ୍ଚ ୧ତାରିଖ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ୧୦ ଦିନ ମଧ୍ୟରେ କ୍ଷତିପୂରଣ ଦେବା ପାଇଁ କମ୍ପାନୀ ପ୍ରତିନିଧି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପୂରଣ ନ ହେବାରୁ ମାର୍ଚ୍ଚ ୧୩ରୁ ମୁଖ୍ୟ ଜିଲା କୃଷି କାର୍ଯ୍ୟାଳୟ, ଅତାବିରା ତହସିଲ, ଭେଡେନ ତହସିଲ ଅଫିସରେ ତାଲା ବନ୍ଦ କରି ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳଙ୍କ ସହିତ ୩ଥର ଆଲୋଚନା ହୋଇଛି। କୌଣସି ସୁଫଳ ନ ମିଳିବାରୁ ହଜାର ହାଜର ଚାଷୀ ଥାନାରେ ଏତଲା ମଧ୍ୟ ଦେଇଛନ୍ତି। କିନ୍ତୁ ସମସ୍ୟାର ସମାଧାନ ହୋଇପାରି ନ ଥିବା ଯୋଗୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଆସନ୍ତା ସୋମବାର ପର୍ଯ୍ୟନ୍ତ ଫସଲ ବୀମା ଏବଂ ଇନପୁଟ ସବସିଡି ପ୍ରଦାନ କରା ନ ଗଲେ ଆନ୍ଦୋଳନକୁ ଦୁର୍ବାର କରିବା ପାଇଁ ବୈଠକରେ ଚାଷୀମାନେ ଚେତାବନୀ ଦେଇଥିଲେ। ଗଣତାନ୍ତ୍ରିକ ଉପାୟରେ ଜାତୀୟ ସମ୍ପତି ନଷ୍ଟ ନ କରି ଆସନ୍ତା ୧୬ତାରିଖ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଙ୍ଗଠନ ତରଫରୁ ବରଗଡ଼ ରେଳ ଷ୍ଟେଶନଠାରେ ରେଳରୋକୋ କରିବେ ବୋଲି ଚାଷୀମାନେ ଚେତାଇ ଦେଇଥିଲେ। ତେବେ ଜିଲାପାଳ ଆସନ୍ତା ୧୮ ତାରିଖ ସୁଦ୍ଧା ଚାଷୀଙ୍କୁ ବୀମା କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପି କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ କମ୍ପାନୀକୁ କଳା ତାଲିକା ଭୁକ୍ତ କରିବା ପାଇଁ ଜିଲାପାଳ ତାଗିଦ କରିଥିଲେ। ଏହା ସହିତ ଚାଷୀମାନଙ୍କୁ ୧୬ତାରିଖ ରେଳରୋକୋକୁ ସ୍ଥଗିତ କରିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଚାଷୀମାନେ ୧୮ ତାରିଖ ସୁଦ୍ଧା ବୀମା କ୍ଷତିପୂରଣ ନ ମିଳିଲେ ୧୯ତାରିଖ ରେଳରୋକୋ କରିବା ପାଇଁ ନିଷ୍ପତ୍ତି ନେଇ ଜିଲାପାଳଙ୍କୁ ଲିଖିତ ଭାବେ ସଙ୍ଗଠନ ପକ୍ଷରୁ ଜଣାଇ ଦେଇଥିଲେ। ସଂଯୁକ୍ତ କୃଷକ ସଙ୍ଗଠନ ସଦସ୍ୟ ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ସୁଧାଂଶୁ ଦୀପ, ବୀରେନ୍ଦ୍ର କର, ସୁବାସ ବିଶ୍ୱାଳ, ସୁରେଶ ନିକେଷ୍ଟି, ନିରଞ୍ଜନ ପଧାନ, ରାଧେଶ୍ୟାମ ନାୟକ, ତପନ ମିଶ୍ର, କାରଣ ସାହୁ, ସୁବୋଧ ଦାସ, ସୁବାସ ପଧାନ, ସୁଶାନ୍ତ ଗଡତିଆ, ପ୍ରଭାତ ସାହୁ ଉପସ୍ଥିତ ଥିଲେ ।

# ବରଗଡ଼ରେ ବିଜେଡି କର୍ମୀ ସମ୍ମିଳନୀ

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଶୁକ୍ରବାର ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ବିକାଶ ଏକ ନିରନ୍ତର ପ୍ରକ୍ରିୟା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ବିକଶିତ ହେଉଛି। ଆଗାମୀ ଦିନରେ ଜନସାଧାରଣଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ବରଗଡ଼ରେ ବିକାଶର ଯୁଗାନ୍ତକାରୀ ପରିବର୍ତ୍ତନ ହେବ। ଆଜି ରାଜ୍ୟର ପ୍ରତିଟି କ୍ଷେତ୍ରରେ ବିକାଶ ଆଖି ଆଗରେ ରହିଥିବାବେଳେ ବରଗଡ଼ ଜିଲାର ମଧ୍ୟ ସାମଗ୍ରିକ ବିକାଶର ଚିତ୍ର ଜନସାଧାରଣଙ୍କ ସମ୍ମୁଖରେ ରହିଛି। ବିକାଶକୁ ଦେଖି ବିରୋଧୀମାନେ ବିଚଳିତ ହୋଇ ପଡ଼ିଛନ୍ତି ଏବଂ ନ ଦେଖିଲା ଭଳି ଅଭିନୟ କରୁଛନ୍ତି ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ସଭା ପରିଚାଳନା କରିଥିଲେ। ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର ଉପସ୍ଥିତ ରହି ଆଶୀର୍ବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ, ଜିଲା ପରିଷଦ ସଦସ୍ୟା ପୁଷ୍ପା ଭୋଇ, ପ୍ରଭାସିନୀ ପ୍ରଧାନ, ଗୋବିନ୍ଦ ସାହୁ, ମିନାକ୍ଷୀ ପାଣ୍ଡେ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସରପଞ୍ଚ ସୁଷମା ଆଚାର୍ଯ୍ୟ, ସୁନୀତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଝାମୁଯାତ୍ରା ପାଇଁ ବୀରମହାରାଜପୁର ଉତ୍ସବମୁଖର


ଅମରପାଲିରେ ଦଣ୍ଡ ଦଳ ଶୋଭାଯାତ୍ରାରେ ଯାଉଛନ୍ତି ।

ଅମରପାଲି,୧୨।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଗାଁ ଗାଁରେ ଏବେ ଝାମୁ ଯାତ୍ରା ଚାଲିଛି। ଏଥିପାଇଁ ବୀରମହାରାଜପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ଲୋକେ ନିଷ୍ଠା ଓ କାଷ୍ଠାର ସହିତ ଏହାକୁ ପାଳନ କରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଦଣ୍ଡ ଦଳ ପ୍ରତିଦିନ ଗାଁ ଗାଁ ବୁଲି ସେଠାରେ ପାଣିଦଣ୍ଡ,ଷୋଳ ସୁଆଙ୍ଗ ଆଦି କରୁଛନ୍ତି। ଅଞ୍ଚଳର କୁଞ୍ଜାପାଲି, ଗୌଡ଼ଗାଡ, କେଶଲଗା, ବଡ଼ମାଲ, କୁହିଦାଦର, ମୟୂରକଟା ( ସାହାଜଲଥା), ଚୌକା, ମୁର୍ଚ୍ଛୁଣ୍ଡି, ସୁନାରିବେର୍ଣ୍ଣି,ସୁବଳୟା, ଉଫୁଲା, ଟିଁପିପାଲି, ଗୋଧନେଶ୍ୱର, ଶେରଗେଡା, ଆମ୍ବସଓରଭଟା, ଟେଭାପଦର, ପିତାମହୁଲ ଆଦି ଗ୍ରାମରେ ଥିବା ଶିବମନ୍ଦିରରୁ ଦଣ୍ଡ ଦଳ ବାହାରି ଏବେ ଗାଁ ଗାଁ ବୁଲୁଛନ୍ତି। ସକାଳୁ ବାନା, ବୈରଖ, ଛତିଛତ୍ର, ଚାମର ଆଳଟ ଧରି ଗ୍ରାମରେ ପ୍ରବେଶ କଲା ପରେ ସେଠାରେ ପାଣି ଢାଳି ସ୍ୱାଗତ କରାଯାଉଛି। ମଧ୍ୟାହ୍ନରେ ଧୂଳି ଦଣ୍ଡ ସହିତ ତେର ଭୁକ୍ତା ( ବ୍ରତାଧାରୀ)ମାନେ ବିଭିନ୍ନ ପ୍ରକର ଶିବ ସେବା କରିଥାନ୍ତି। ପୁଣି ରାତିରେ ଷୋଳ ସୁଆଙ୍ଗ ନୃତ୍ୟ ପରିବେଷଣ କରାଯାଉଛି। ଏଥିରେ ପରଭା ନୃତ୍ୟ, ହାଡ଼ି ହାଡିଆଣୀ, ଶିବ ପାର୍ବତୀ, ଫକୀର ଫକିରାଣୀ, ଶାଳୀ ଭିଣେଇ, ଦିଅର ଭାଉଜ, ଶବର ଶବରୁଣୀ, ସାପୁଆ ସାପୁଆଣି, ପତର ସହୁରା ପତରସହୁରାଣୀ, ବୀଣାକାର ବୀଣାକାରୁଆଣୀ ଆଦି ସୁଆଙ୍ଗ ରାତି ତମାମ ପରିବେଷଣ ହେଉଛି। ଲୋକେ ମାନସିକ କରି ଆଶୀର୍ବାଦ ନେଉଛନ୍ତି। କେତେକ ଦଣ୍ଡ ଦଳ ମାସାଧିକ କାଳ ଗ୍ରାମ ଗ୍ରାମ ବୁଲି ଦଣ୍ଡ ନୃତ୍ୟ ପରିବେଷଣ କରୁଥିବା ବେଳେ ଆଉ କେତେକ ୧୫ ରୁ ୨୦ ଦିନ ହେଲା ଗ୍ରାମରୁ ଗ୍ରାମକୁ ଯାଉଛନ୍ତି। ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତିରେ ମେରୁ ଯାତ୍ରା ହେବ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମାସିକ ପ୍ରଧାନଶିକ୍ଷକ ସମ୍ମିଳନୀ

ଘଣ୍ଟାପଡ଼ା,୧୨।୪(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ହାଇସ୍କୁଲର ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ସ୍କୁଲ କ୍ଲବ, ବୁକ ବ୍ୟାଙ୍କ, ବିଦ୍ୟାଳୟର ସମସ୍ତ ଆସବାବପତ୍ରର ସୁପରିଚାଳନା ଓ ଏହାର ରକ୍ଷଣାବେକ୍ଷଣ ଉପରେ ଆଲୋଚନା ହୋଇଥିଲା । ସେହିପରି ଓସେପା ପକ୍ଷରୁ ସିମରନଜିତ୍ ସିଂ ସମ୍ମିଳନୀରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ନୂଆଁପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି ଧନ୍ୟବାଦ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଲିପୁନ ପ୍ରଧାନ ଓ ସନ୍ତୋଷ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ପରିବେଶ, ଇ-ଲାଇବ୍ରେରୀ, କମ୍ପ୍ୟୁଟର ହଲ, ବିଜ୍ଞାନ ପରୀକ୍ଷାଗାର, ସ୍ମାର୍ଟ ବୋର୍ଡ ସହ ଶ୍ରେଣୀ କୋଠରୀ,ଭୋକେଶନାଲ ଲ୍ୟାବ୍, ଶୌଚାଳୟ ଆଦି ବୁଲି ଦେଖି ପ୍ରତିକ୍ରିୟାରେ ଖୁସି ପ୍ରକଟ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ସାଂସ୍କୃତିକ କାର୍ଯ୍ୟକ୍ରମ ଉଛବ ଉଦ୍‌ଘାଟିତ



ସୋହେଲା, ୧୨।୪(ଅଶ୍ୱିନୀ କୁମାର ପାତ୍ର): ବରଗଡ ଜିଲା ସୋହେଲା ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଉଚ୍ଛବ-୨୦୨୪ ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଚେତନା ମଣ୍ଡପରେ ଅନୁଷ୍ଠିତ ଉତ୍ସବକୁ ପୂଜା କମିଟି ସଭାପତି ପ୍ରକାଶ ଦେବତା, ସମ୍ପାଦକ ଦିଲୀପ ଖମାରୀ, ବରିଷ୍ଠ ସଦସ୍ୟ ଟଙ୍କଧର ଝାଙ୍କର, ନଥୁରାମ ଅଗ୍ରୱାଲ, ଡାକ୍ତର ଶିଶିର ସାହୁ, ଗୋବିନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିପ୍ଳବୀ କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇଥିଲେ ଡକ୍ଟର ତୁଷାରକାନ୍ତ ସାହୁ। ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ ପାଣିଗ୍ରାହୀ। ଉଦ୍‌ଘାଟନୀ ସନ୍ଧ୍ୟାରେ ମହାଦେବ ସୁନାଙ୍କ ଦ୍ୱାରା ପରିଚାଳିତ ନୃତ୍ୟ ଚେତନା ପକ୍ଷରୁ ଡାପ ଓ ଡାଲଖାଇ ନୃତ୍ୟ କଳାକାରମାନେ ପରିବେଷଣ କରିଥିଲେ। ଡ୍ରାମା ଚେତନା ପକ୍ଷରୁ ରାଜେଶ କାରିଆଙ୍କ ରଚିତ ଓ ଡକ୍ଟର ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ନାଟକ ତାହି ମଞ୍ଚସ୍ଥ ହୋଇଥିଲା।

# ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ମିଶ୍ରଣ ପର୍ବ


ବରଗଡ଼ରେ ବିଜେଡିର ମିଶ୍ରଣ ପର୍ବ ।

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅନ୍ନପୂର୍ଣ୍ଣା ପେଲେସରେ ଶୁକ୍ରବାର ବିଜେଡ଼ିର ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥି ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର ମଧ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ଦଳର ମିଶ୍ରଣ ପର୍ବ ହୋଇଥିଲା। ଏଥିରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୟାଁ, ଦେଓଗାଁ, କଟାପାଲି, ଧାଙ୍ଗେର ଆଦି ପଞ୍ଚାୟତର ଶତାଧିକ ଅନ୍ୟଦଳର କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ବିଧାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ଯୋଗଦାନ କରିଥିଲେ। ଅଶ୍ୱିନୀ ବାଗ, ଗୋବିନ୍ଦ ଛତର, ପିଙ୍କୁ ଚାନ୍ଦ, ଦିଲ୍ଲୀପ ଭୋସାଗର, ବିଶ୍ୱ ଭୋଇ, ଜୟନ୍ତ ସ୍ୱାଇଁ, କରୁଣାକର ବିଶି, କ୍ଷୀରୋଦ୍ର ଭୋଇ, ସାଧୁ ବେହେରା, ପ୍ରେମାନନ୍ଦ ସ୍ୱାଇଁ, ଗୁଣ ମହାକୁଡ଼, ଭୁତଲୁ ସୁନା, କୃପା ପ୍ରଧାନ, ବଳରାମ ମେହେର ପ୍ରମୁଖ ନୂତନଭାବେ ଦଳରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ରହିଛନ୍ତି। ବିଧାୟକ ଆଚାର୍ଯ୍ୟ ସେମାନଙ୍କୁ ସ୍ୱାଗତ କରିଥିଲେ।

# ସବୁ ଆସନରେ ପ୍ରାର୍ଥୀ ଦେବ ବିଏସ୍‌ପି

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ବିଏସ୍‌ପି ନେତୃବୃନ୍ଦ।

ବରଗଡ଼ ଜିଲାର ସମସ୍ତ ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି(ବିଏସ୍‌ପି) ଦଳୀୟ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିବ। ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଏସ୍‌ପିର ଜିଲା ସଭାପତି ଅଜୟ କୁମ୍ଭାର ଏହି ସୂଚନା ଦେଇ କହିଥିଲେ, ଆଗାମୀ ସାଧାରଣ ନିର୍ବାଚନରେ ଦଳର ବରଗଡ଼ ଲୋକସଭା ପ୍ରାର୍ଥିଭାବେ ଟଙ୍କଧର କଣ୍ଟା ନିର୍ବାଚନ ମଇଦାନକୁ ଓହ୍ଲାଇବେ। ସେହିପରି ପଦ୍ମପୁର ବିଧାନସଭାରୁ ରୂପଧର କୁମ୍ଭାର, ବିଜେପୁର ବିଧାନସଭାରୁ ମିଳନ ମହତ୍ତମ, ବରଗଡ଼ ବିଧାନସଭାରୁ ଦେବକୁମାର କୁମ୍ଭାର, ଅତାବିରା ବିଧାନସଭାରୁ ଜୟଶଙ୍କର ସିହ୍ନା ଏବଂ ଭଟଲି ବିଧାନସଭାରୁ ନାରାୟଣ ଭେସ୍ରା ଦଳୀୟ ପ୍ରାର୍ଥିଭାବେ ନିର୍ବାଚନ ଲଢ଼ିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ବରଗଡ଼ ଚିନିକଳ, ସୂତାକଳ, ସାର କାରଖାନାର ପୁନରୁଦ୍ଧାର, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୨୦୦ ଟଙ୍କା, ବେକାର ଯୁବତୀ, ଯୁବକଙ୍କୁ ରୋଜଗାର ଆଦିକୁ ବିଏସ୍‌ପି ନିର୍ବାଚନୀ ପ୍ରସଙ୍ଗ ରଖିବ ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ପ୍ରଭାରୀ ଜୟରାମ ବାଘ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର, ଜିଲା ଉପସଭାପତି ଧବଳେଶ୍ୱର ମହାନନ୍ଦ, ବରପାଲି ବ୍ଲକ ସଭାପତି ତରୁଣ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ୨୬ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲସ୍ତଲା ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ଏବଂ ଲସ୍ତଲା ଯୁବଗୋଷ୍ଠୀ ପକ୍ଷରୁ ଶିବିରରେ ୨୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ସେନା ଅଧିକାରୀ ଖିରେଶ୍ୱର ପ୍ରଧାନ, ଗିଲୁ ନାଏକ, ରାଜୁ ମହାକୁର ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ନିଷ୍ଠା ପରିବାର ଲସ୍ତଲା ଯୁବଗୋଷ୍ଠୀକୁ ଏକ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲା।

# ବିଜେଡି କର୍ମୀ ନିରଞ୍ଜନଙ୍କ ପରଲୋକ

ଘଣ୍ଟାପଡା,୧୨ ।୪( ପ୍ରଭାତ କୁମାର ସାହୁ) ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଗ୍ରାମର ବିଜେଡି କର୍ମୀ ନିରଞ୍ଜନ ରଣା(୪୭)ଙ୍କ ଗୁରୁବାର ଦିନ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ ମାସ ୩୧ ତାରିଖ ଦିନ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ L ଶୁକ୍ରବାର ଅପରାହ୍ନରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ସୁଜିତ କୁମାର ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ମହୀଧର ରଣାଙ୍କ ସହ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନିରଞ୍ଜନଙ୍କ ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି ।



# ଗରୁଡ଼ ଖମ୍ବ ପ୍ରତିଷ୍ଠା ମହୋତ୍ସବ


ଗରୁଡ଼ ଖମ୍ବ ପ୍ରତିଷ୍ଠା ମହୋତ୍ସବରେ ପୂଜାର୍ଚ୍ଚନା ।

ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ପରିସରରେ ଗୁରୁବାର ନୂତନ ଗରୁଡ଼ ଖମ୍ବର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗରୁଡ଼ ଖମ୍ବ ନିର୍ମାଣ ପାଇଁ ଆବଶ୍ୟକ ମାର୍ବଲ ପାଇଁ ମାହେଶ୍ୱରୀ ଗ୍ରୁପର ଡାଇରେକ୍ଟର ଫକୀର କର୍ଣ୍ଣ ଏବଂ ସ୍ତ୍ରୀ ସନ୍ତୋଷିନୀ ୭୦ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଷ୍ଠା ମହୋତ୍ସବରେ ମାହେଶ୍ୱରୀ ଗ୍ରୁପର ଡାଇରେକ୍ଟର କର୍ଣ୍ଣଙ୍କ ସମେତ ମନ୍ଦିର କମିଟିର ସଭାପତି କୁଳମଣି ପ୍ରଧାନ, ସଭ୍ୟ ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଯଶରାଜ ପ୍ରଥମ

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)


ଯଶରାଜ୍ ମହାକୁର ।

ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟରେ କେଭିଏସ୍ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃଷି ପ୍ରକଳ୍ପ ପାଇଁ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ଯଶରାଜ୍ ମହାକୁର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରଦର୍ଶନୀରେ ୨୫ଟି ରାଜ୍ୟର କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରୁ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପରେ ଯଶରାଜ ଆସନ୍ତା ଜୁଲାଇ ମାସରେ ନୂଆଦିଲ୍ଲୀ ଠାରେ ଏନ୍‌ସିଇଆରଟି ତରଫରୁ ଆୟୋଜିତ ହେବାକୁ ଥିବା ଜାତୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯଶରାଜ ହେଉଛନ୍ତି ସୋନପୁର ସହର ଶାନ୍ତିନଗରପଡାର ରଶ୍ମିତା ପାତ୍ର ଓ ଜୟକୃଷ୍ଣ ମହାକୁରଙ୍କ ପୁଅ। ଏହି ସଫଳତା ପାଇଁ ଯଶରାଜ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ ମହାପାତ୍ର, ଗାଇଡ୍ ଶିକ୍ଷୟିତ୍ରୀ ପୁନମ ପଟେଲ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମା' ବାପାଙ୍କୁ ଶ୍ରେୟ ଦେଇଛନ୍ତି ।

# ଧ୍ୱଂସ ପାଇବାକୁ ଯାଉଛି ନନ୍ଦନବନ

ବୌଦ୍ଧ,୧୨।୪(ଅଜିତ କୁମାର ବାରିକ)


ବୀରନରସିଂହପୁରଠାରେ ଥିବା ନନ୍ଦନବନ ।

ବୌଦ୍ଧ ଜିଲାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଜିଲାରେ ଅକ୍ୱି-ଟୁରିଜିମ୍ ପ୍ରକଳ୍ପ ସ୍ଥାପନ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ ହାତକୁ ନେଇଛି । ଏହି ପରିପ୍ରେକ୍ଷୀରେ ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ନନ୍ଦନବନ ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ନନ୍ଦନବନରେ ପୂର୍ବରୁ ରହିଥିବା ଘଞ୍ଚ ଜଙ୍ଗଲ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ପ୍ରଶାସନର ଲକ୍ଷ୍ୟ ଏହି ନନ୍ଦନବନ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଜିଲା ଓ ଅଞ୍ଚଳର ବିକାଶ ହେବା ସହିତ ବହୁ ଲୋକ କର୍ମନିଯୁକ୍ତି ପାଇପାରିବେ । ନନ୍ଦନବନରେ ବନ୍ୟଜନ୍ତୁଙ୍କ ପାଇଁ ସଫାରି, ହୋଟେଲ ଓ ପାର୍କ ନିର୍ମାଣ ସହ ବୋଟିଂ ସୁବିଧା କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାର ଖସଡା ପ୍ରସ୍ତୁତ କରାଯାଇଛି। ଏହା ମଧ୍ୟରେ ପ୍ରକଳ୍ପ କାମ କିଛିଟା ହୋଇଛି । କିନ୍ତୁ ଜଙ୍ଗଲରୁ ଅବାଧ ଗଛକଟା ଯୋଗୁ ଏବେ ଦିନକୁ ଦିନ ଲୋକଙ୍କ ଆଶା ମଉଳିବାରେ ଲାଗିଛି । ଅଞ୍ଚଳର ବିକାଶ ପାଇଁ ସ୍ଥାନୀୟ ଅଞ୍ଚଳର ନୂଆପଡା, ବିରାମଚନ୍ଦ୍ରପୁର, ବିରନରସିଂହପୁର, ଖଜୁରୀପଡା ଓ ପଙ୍କୁଆଳ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଜଙ୍ଗଲର ସୁରକ୍ଷା କରି ଆସୁଥିବା ବେଳେ ପ୍ରଶାସନ ନନ୍ଦନବନ ପ୍ରକଳ୍ପ ପାଇଁ ଗ୍ରାମର ଜଙ୍ଗଲଗୁଡିକ ହାତକୁ ନେଇଯାଇଥିଲା । ତେବେ ବନବିଭାଗର

## ଚୋରା କାଠ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି

ଖାମଖିଆଲି ମନୋଭାବ ଯୋଗୁ ୧୫୦୦ ଏକର ଗ୍ରାମ୍ୟ ଜଙ୍ଗଲ ଶିକାରୀ ଓ କାଠମାଫିଆଙ୍କ ଚରାଭୂଇଁ ପାଲଟିଛି। ନିକଟସ୍ଥ ବିରନରସିଂପୁରର ସେଣ୍ଟ୍ରାଲ ନର୍ସରୀଠାରେ ବନବିଭାଗ ବହୁ ସମୟରେ ସଚେତନତା କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ଏଥିପ୍ରତି ଅଧିକାରୀଙ୍କ ଆଦୌ ଦୃଷ୍ଟି ପଡୁ ନ ଥିବା ଦେଖାଯାଉଛି । ବନ ବିଭାଗ ଉପରେ ଆଶା ଓ ବିଶ୍ୱାସ ରଖି ଗ୍ରାମବାସୀ ସୁରକ୍ଷିତ ଜଙ୍ଗଲକୁ ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ତେବେ ବନବିଭାଗ ଜଙ୍ଗଲକୁ ଉପଯୁକ୍ତ ସୁରକ୍ଷା ଦେଇ ନ ପାରି ଚୋରା କାଠ ବ୍ୟବସାୟୀମାନଙ୍କ ହାତକୁ ଟେକି ଦେଇଥିବା ସାଧାରଣରେ ଆଲୋଚନା ହେଉଛି । ଯଥାଶୀଘ୍ର ଜଙ୍ଗଲ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ଛେଣ୍ଡରେ କାରରେ ଅଗ୍ନିକାଣ୍ଡ

ରାଉରକେଲା,(ସଙ୍ଗୀତା ଜେନା): ଶୁକ୍ରବାର ଅପରାହ୍ନରେ ଛେଣ୍ଡ ଥାନା ଅନ୍ତର୍ଗତ ଛେଣ୍ଡ ମେନ୍‌ରୋଡରେ ଠିଆ ହୋଇଥିବା ଏକ କାର ନଂ ଓଡ଼ି ୧୪ ଏସି ୭୭୨୭ ରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ। ଘଟଣାସ୍ଥଳରେ ଏକ ଘରୋଇ ୱାଟର ଟ୍ୟାଙ୍କର ଯାଉଥିବା ବେଳେ ସେଥିରେ ନିଆଁ ଲିଭାଯାଇଥିଲା। ପରେ ରାଜ୍ୟ ଅଗ୍ନିଶମର ଗାଡ଼ି ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। କାରର ଇଞ୍ଜିନ୍ କ୍ଷତିଗ୍ରସ୍ତ ହୋଇଛି।

### ସଂକ୍ଷେପରେ

## ଗୋଟିଏ ନମ୍ବରରେ ୨ଟି ଟେମ୍ପୋ, ଥାନାରେ ଅଭିଯୋଗ

ବଡ଼ଗାଁ,୧୨।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପାଣ୍ଡେରପାଲି ଗ୍ରାମର ଜଣେ ଯୁବକଙ୍କ ଟେମ୍ପୋ ନମ୍ବର ଲଗାଇ ଝାରସୁଗୁଡ଼ାର ଜଣେ ବ୍ୟକ୍ତି ଧରା ପଡ଼ିବା ପରେ ଘଟଣା ପଦାକୁ ଆସିଛି। ସୂଚନା ଅନୁଯାୟୀ, ପାଣ୍ଡେରପାଲି ଗ୍ରାମର ସୁଧୀର କୁମାର ଦେଓଙ୍କ ଏକ ଟେମ୍ପୋ (ନଂ.ଓଡି ୧୬,ସି..୨୯୯୪) ଅଛି। ଗତ ୩୦ରେ ଝାରସୁଗୁଡ଼ା ଟ୍ରାଫିକ ପୋଲିସର ଜଣେ ଅଧିକାରୀ ସୁଧୀରଙ୍କୁ ଫୋନ କରି ଟେମ୍ପୋରେ ଜଣେ ବ୍ୟକ୍ତିଙ୍କ ବ୍ୟାଗ ରହିଯାଇଛି ବୋଲି କହିଥିଲେ। ସୁଧୀର ତାଙ୍କ ଟେମ୍ପୋ କିଛିଦିନ ହେଲା ଘରୁ ବହାରିନାହିଁ କହିବା ପରେ ଏ ବିଷୟରେ କାହାକୁ କିଛି ନ କହିବାକୁ ପରାମର୍ଶ ଦେଇଥିଲେ। ପୋଲିସ ତଦନ୍ତ କରି ସୁଧୀରଙ୍କ ଟେମ୍ପୋ ନମ୍ବରକୁ ଝାରସୁଗୁଡ଼ାର ଜଣେ ବ୍ୟକ୍ତି ଲଗାଇଥିବା ଜାଣିପାରିଥିଲା। ସେହି ଟେମ୍ପୋକୁ ଜବତ କରିବା ପରେ ସୁଧୀର ତାଙ୍କ ଟେମ୍ପୋ ନେଇ ଝାରସୁଗୁଡ଼ା ଟାଉନ ଥାନାକୁ ଯାଇଥିଲେ। ସେଠାରେ ଗୋଟିଏ ନମ୍ବରରେ ୨ଟି ଟେମ୍ପୋ ଦେଖିଥିଲେ। ପୋଲିସ ଜାଲିଆତି କରିଥିବା ଟେମ୍ପୋକୁ ଜବତ କରିଛି। ସୁଧୀରଙ୍କ ଟେମ୍ପୋ ଝାରସୁଗୁଡ଼ା ଯାଇ ନ ଥିଲେ ମଧ୍ୟ ୧୭/୧୧/୨୨ ରେ ୧୦ ହଜାର ୫୦୦ ଟଙ୍କା ଫାଇନ ହୋଇଛି। ଏ ସମ୍ପର୍କରେ ସେ ବଡ଼ଗାଁ ଥାନାରେ ଲିଖିତ ଜଣାଇଛନ୍ତି।

## ରାମ ନବମୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)

ରାମ ନବମୀ ଉତ୍ସବ ପାଳନ ପାଇଁ ବାରକୋଟ ବ୍ଲକ ସରୁଆଳି ପଞ୍ଚାୟତ ସଦର ମହକୁମା ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୧୭ରୁ ୯ ଦିନ ଧରି ପାଳନ ହେବାକୁ ଥିବା ରାମ ନବମୀ ଉତ୍ସବକୁ ଅଧିକ ଜାକ ଜମକରେ ପାଳନ ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତ ବର୍ଷ ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହିତ ଘଣ୍ଟବାଦ୍ୟ, ସଙ୍କୀର୍ତ୍ତନ, ଛଉ ନୃତ୍ୟ ଓ ଦହଲା ଆଦି ସମେତ ପ୍ରସିଦ୍ଧ ଗଉଡବାଡି ଆୟୋଜନ ସହିତ ଫ୍ରୀ ଶୋ' ଅପେରା ଆୟୋଜନ ନିମନ୍ତେ ସ୍ଥିର କରାଯାଇଥିଲା। ସେହିପରି ଚଳିତ ବର୍ଷର ଉତ୍ସବ ଆୟୋଜନ ନିମନ୍ତେ ଆୟୋଜକ କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଆଲୋକ କୁମାର ପ୍ରଧାନ, ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ, ସମ୍ପାଦକ ଭାବେ ପ୍ରଫୁଲ୍ଲ ମହାକୁଲ, କାର୍ଯ୍ୟକାରୀ ସମ୍ପାଦକ ଭାବେ ପରମେଶ୍ୱର ନାଏକ ଓ ନିରଞ୍ଜନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ଦୋଳ ଗୋବିନ୍ଦ ନାୟକ, ବିଷ୍ଣୁ ବାରିକ, ନାରାୟଣ ବିଶ୍ୱାଳ, ଗଙ୍ଗାଧର ସାହୁ, ଧରଣୀଧର ଦାସ, ଠଣ ସୁନ୍ଦର ବେହେରା, ପ୍ରଦୀପ ପ୍ରଧାନ ଓ ଅଜିତ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଗ୍ରାମରେ ଥିବା ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତଃ ପୁରୁଷୋତ୍ତମ ମହାକୁଳଙ୍କ ସ୍ମୃତିଚାରଣ କରାଯାଇଥିଲା।

# ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ

ସମ୍ବଲପୁର,୧୨।୪(ଭବାନୀ ଶଙ୍କର ଭୋଇ)


ବୈଠକରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ।

### ରେଢ଼ାଖୋଲ ନିର୍ବାଚନମଣ୍ଡଳୀ

### ■ ଦୁର୍ନୀତି ଅଭିଯୋଗ ଆଣିଲେ କର୍ମୀ

ଯୁଯୁମୁରା ବ୍ଲକ କେଶାପାଲି ପଞ୍ଚାୟତର ଗିଦମାଲଠାରେ ଶୁକ୍ରବାର ଭାଜପାର ପଞ୍ଚାୟତ ସ୍ତରୀୟ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚାର ପୂର୍ବତନ ଉପସଭାପତି ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଆଗାମୀ ନିର୍ବାଚନରେ କେନ୍ଦ୍ରରେ ମୋଦି ସରକାରକୁ କିଭଳି ପୁର୍ନବାର ବିଜୟୀ କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଏହାସହ ରେଢ଼ାଖୋଲ ବିଧାନସଭା ଆସନରେ ଭାଜପା ପକ୍ଷରୁ ଦେବେନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥୀ କରାଯିବା ନେଇ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକବର୍ଷରେ ସମ୍ବଲପୁର ସାଂସଦ ପାଣ୍ଠିରୁ ସାଂସଦଙ୍କ ପ୍ରତିନିଧି ଭାବେ ହରିଲୁଟ କରିଥିବା ବ୍ୟକ୍ତିଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ସମର୍ଥନ କରାଯାଇପାରିବ ନାହିଁ ବୋଲି ବୈଠକରେ କର୍ମୀମାନେ ମତପ୍ରକାଶ କରିଥିଲେ।

ଯୁଯୁମୁରା ବ୍ଲକରେ ୧୮ ପଞ୍ଚାୟତ ରହିଥିବା ବେଳେ ମାତ୍ର ତିନୋଟି ପଞ୍ଚାୟତରେ ବନ୍ଧ ଖନନ ନାମରେ ଏକକୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜାଲିଆତି ବିଲ କରି ଟଙ୍କା ହଡ଼ପ କରାଯାଇଥିବା ଆଲୋଚନା ହୋଇଥିଲା। ଏଭଳି ଦୁର୍ନୀତି ଯୋଗୁ ଭାଜପା ପ୍ରତି ଲୋକଙ୍କ ବିଶ୍ୱାସ କମୁଥିବାରୁ ଏଥିପ୍ରତି ରାଜ୍ୟ ପଦାଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ଦେବେନ୍ଦ୍ର ଯଦି ଦୁର୍ନୀତିରେ ଲିପ୍ତ ନାହାନ୍ତି ତେବେ ଚୁପ ନ ରହି ନିଜର ସ୍ୱଚ୍ଛତା ପ୍ରମାଣ କରନ୍ତୁ ବୋଲି ଭାଜପା କର୍ମୀମାନେ ବୈଠକରେ ଦାବି କରିଛନ୍ତି। ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିବାରୁ ଯୁଯୁମୁରା ମଣ୍ଡଳର ବହୁ ପଦାଧିକାରୀ କିଛିଦିନ ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହାସତ୍ତ୍ୱେ କାହିଁକି ଦଳ ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେଉଛି ବୋଲି କର୍ମୀମାନେ ପ୍ରଶ୍ନ କରିଛନ୍ତି। ନିଜ ଦଳର ନେତାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ରହିଥିବା ବେଳେ କେଉଁ ମୁହଁରେ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବୁ ବୋଲି ବୈଠକରେ କର୍ମୀମାନେ ଆଲୋଚନା କରିଥିଲେ। ବୈଠକ ପରେ ଗଣମାଧ୍ୟମକୁ ଦେଇଥିବା ବିବୃତିରେ କୁହାଯାଇଛି ଯେ, ଦେବେନ୍ଦ୍ର ମହାପାତ୍ର ଲୋକଙ୍କ ସହ ଜଡିତ ନ ଥିବା ବେଳେ ତାଙ୍କ ଜନସମ୍ପର୍କ ଅନ୍ୟ ନେତାଙ୍କ ତୁଳନାରେ ନଗଣ୍ୟ। ଭାଜପାର ଶୀର୍ଷ ନେତୃତ୍ୱ ରେଢ଼ାଖୋଲର ବିଧାୟକ ପ୍ରାର୍ଥୀଙ୍କୁ ବଦଳାଇ କୌଣସି ଯୋଗ୍ୟ ପ୍ରାର୍ଥୀଙ୍କୁ ଦେଲେ ଦଳ ନିଶ୍ଚିତ ବିଜୟୀ ହୋଇପାରିବ ବୋଲି କୁହାଯାଇଛି। ଯଦି ତାଙ୍କୁ ପରିବର୍ତ୍ତନ ନ କରନ୍ତି ଶାସକ ଦଳ ପ୍ରତି ରହିଥିବା ଅସନ୍ତୋଷ ଭାଜପା ପ୍ରାର୍ଥୀଙ୍କ ବଦଳରେ କଂଗ୍ରେସ ଦଳକୁ ସୁହାଇବ ବୋଲି ଭାଜପାର କର୍ମୀମାନେ ମତପୋଷଣ କରିଛନ୍ତି। ଏହି ବୈଠକରେ ପୂର୍ବତନ ଜିଲା କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଅମରେଶ ପ୍ରଧାନ, ଆଶୀର୍ବାଦ ପ୍ରଧାନ, ଶୁଶୀଳ ମହାକୁଡ, ଅଜୟ ପ୍ରଧାନ, ଦୀପକ ପ୍ରଧାନ, ଅଭିମନ୍ୟୁ ସେଠୀ, ବୃନ୍ଦାବନ ବଗର୍ତ୍ତୀ ପ୍ରମୁଖଙ୍କ ସମେତ ବହୁ ପୁରୁଣା ଭାଜପା କର୍ମୀ ସାମିଲ ହୋଇଥିଲେ।

## ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ଣ୍ଣେସ, ଆନୁଷଙ୍ଗିକ ବିଭାଗ ପାଇଁ କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନା କର୍ମଶାଳା

ରାଉରକେଲା,୧୨।୪(ବିପ୍ଲବ ରଞ୍ଜନ ଦାଶ)



ଆର୍‌ଏସ୍‌ପି ଏଚ୍‌ଆରଡି କେନ୍ଦ୍ର ଠାରେ ଦୈନିକ ୧୩ହଜାର ଟନ୍ ହଟ ମେଟାଲ ଉତ୍ପାଦନ ଲକ୍ଷ୍ୟ ସନ୍ଦର୍ଭରେ ବ୍ଲାଷ୍ଟ ଫର୍ଣ୍ଣେସ, କଞ୍ଚାମାଲ ପ୍ରବନ୍ଧନ ବିଭାଗ, କାକ୍ ଓଭେନ,ସିଂଟର ପ୍ଲାଣ୍ଟ, ବିଆଇଏମ୍ ଓ ବିଓଏମ. ଟିଏଣ୍ଡଆରଏମ, ଆରଏଣ୍ଡସି ଲ୍ୟାବ,ଏମଏସ, ସିସି(ଡବ୍ଲ୍ୟୁ) ବିଭାଗ ନିମନ୍ତେ ଏକ କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆଇରନ ବିଭାଗର ସିଜିଏମ ବିଶ୍ୱରଞ୍ଜନ ପଲାଇ, ଗୁଣବତ୍ତା ବିଭାଗର ସିଜିଏମ୍ ଆଡିଷ ଚନ୍ଦ୍ର ସରକାର, ଏଚଆରଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀଙ୍କ ସମେତ କାରଖାନାର ଅନ୍ୟ ଆନୁଷାଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀ ତଥା ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହିଥିଲେ। କର୍ମଶାଳାରେ କାରଖାନା ତଥା ଅନ୍ୟ ଆନୁଷାଙ୍ଗିକ ବିଭାଗର ମୋଟ ୩୮ଜଣ ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନକୁ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଡିଜିଏମ୍ ସରୋଜ କୁମାର ଅମାତ ପରିଚାଳନା କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ଅଧିକାରୀମାନେ ଏକ୍ସପର୍ଟ ଇନପୁଟ ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ପ୍ରତିଦିନ ୧୩ହଜାର ୫ଶହ ଟନ୍ ମେଟାଲ ଉତ୍ପାଦନ ହାସଲ ସମ୍ବନ୍ଧୀୟ ଆହ୍ୱାନ ଉପରେ ଆଲୋଚନା ହୋଇଥିଲା। ପ୍ରତିନିଧିମାନେ ଦାୟିତ୍ୱଶୀଳ ରୂପେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୟ ସୀମା ମଧ୍ୟେ ଧାର୍ଯ୍ୟ ଏବିପି ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ। ପରେ ସିଣ୍ଡିକେଟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ନେତୃତ୍ୱଙ୍କ ଦ୍ୱାରା କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଥିଲା। ପରେ ଏନେଇ ସିଣ୍ଡିକେଟ ଆଲୋଚନା ଅନୁଷ୍ଠିତ ହେଲା ଓ ନେତୃତ୍ୱଙ୍କ ଦ୍ୱାରା କାର୍ଯ୍ୟ ଯୋଜନା ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପ୍ରତ୍ୟେକ କାର୍ଯ୍ୟ ଯୋଜନାର ସମୀକ୍ଷା କରି ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ଜିଏମ ଇନଚାର୍ଜ ପି.କେ ମହାପାତ୍ର ସଭାକୁ ସ୍ୱାଗତ କରିଥିଲେ। ଏଚଆରଡିସି ବିଭାଗ ସିନିୟର ମ୍ୟାନେଜର ଅର୍ଣ୍ଣପୂର୍ଣ୍ଣାଙ୍କ ସହଯୋଗରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ ସମୀର କୁମାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ

ଲହୁଣୀପଡା,୧୨।୪(ଦାଶରଥି ପଣ୍ଡା)



ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଘୁଷୁରୀ ପୋଷ ଫୁଟବଲ ଖେଳ ପଡ଼ିଆଠରେ ଶୁକ୍ରବାର ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଅଛି ଏବଂ ସଂଗଠିତ ହୋଇ କାମ କଲେ ନିଶ୍ଚୟ ବଣାଇଁ ବିଧାନ ସଭା ଆସନ ସହ ସୁନ୍ଦରଗଡ ଲୋକସଭା ଆସନ ମଧ୍ୟ ଜିତିବା। ଏଭଳି ଦୃଢୋକ୍ତି ପ୍ରକାଶ କରିଛନ୍ତି ଅନୁଷ୍ଠିତ ଇଣ୍ଡିଆ ଗଠବନ୍ଧନ କର୍ମୀ ସମ୍ମୀଳନୀରେ ମଞ୍ଚାସୀନ ମେଣ୍ଟର ନେତୃବୃନ୍ଦ। ଶଙ୍ଖପୋଷ ସରପଞ୍ଚ ପ୍ରେମନାଥ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମୀଳନୀରେ ଗଠବନ୍ଧନର ସିପିଆଇଏମ ଦଳ ପକ୍ଷରୁ ବର୍ତ୍ତମାନର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ପ୍ରମୋଦ ସାମଲ, ଲହୁଣୀପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ଶୁସିଳା ମୁଣ୍ଡା,ସାନ ରକ୍ସି ସରପଞ୍ଚ ଆନନ୍ଦ ମାସି ହରୋ, ପୂର୍ବତନ ଶଙ୍ଖପୋଷ ସରପଞ୍ଚ ବାଲମା ମୁଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ, କୁନ୍ତଳା ମାହାନ୍ତ, ବିଷିକେଷନ ଗଞ୍ଜୁ, ଛୋଟରାୟ ମାହାନ୍ତ, ରମେଶ ଚନ୍ଦ୍ର ମାହାନ୍ତ, କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ପିସିସି ସଭ୍ୟ ଯୁଧିଷ୍ଠିର ତ୍ରିପାଠୀ, ଲହୁଣୀପଡା ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ନାୟକ ପ୍ରମୁଖ ନେତୃମଣ୍ଡଳୀ ମଞ୍ଚାସୀନ ଥିଲେ। ଏହି ସମ୍ମୀଳନୀରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜନବିରୋଧୀ ନିତି ବିରୋଧରେ ନେତୃମଣ୍ଡଳୀ ବର୍ଷି ଥିଲେ। ଏହି ସମ୍ମୀଳନୀରେ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ରହି ଇଣ୍ଡିଆ ଗଠବନ୍ଧନର ବଣେଇଁ ବିଧାନସଭା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଏବଂ ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀଙ୍କୁ ସମର୍ଥନ ଜଣାଇଥିଲେ। ଏହି ସମ୍ମିଳନୀରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନେତୃମଣ୍ଡଳୀ କର୍ମୀଙ୍କୁ ବୁଝାଇଥିଲେ। ସଙ୍ଗଠିତ ହୋଇ କାମ କଲେ ବିଜୟ ସୁନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ମୀଳନୀ ପୂର୍ବରୁ ହଜାର ହଜାର କର୍ମୀ ପାରମ୍ପରିକ ଆଦିବାସୀ ବାଦ୍ୟ ନୃତ୍ୟ ପଦଯାତ୍ରାରେ ନେତୃମଣ୍ଡଳୀଙ୍କୁ ପାଛୋଟି ଆଣିଥିଲେ। ଓମନ୍ତ କୁମାର ମାହାନ୍ତ, ରମାକାନ୍ତ ପାତ୍ର ରୀଙ୍କୁ ମାହାନ୍ତ, ଗଜେନ୍ଦ୍ର ତନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ୪୮ ଘଣ୍ଟା ପରେ ମୃତଦେହ ଉଦ୍ଧାର

### ମାଛ ଧରିବାକୁ ଯାଇ ନଦୀରେ ଯୁବକ ନିଖୋଜ ଘଟଣା

ରାଜଗାଙ୍ଗପୁର,୧୨।୪(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ କାଂଶବାହାଲ ଡ୍ୟାମରେ ମାଛ ଧରିବାକୁ ଯାଇ ନଦୀରେ ଯୁବକ ବୁଡିଯିବା ଘଟଣାର ୪୮ ଘଣ୍ଟାପରେ ଅର୍ଥାତ୍ ଶୁକ୍ରବାର ମୃତଦେହ ଜବତ ହୋଇଛି। ମୃତକ ହେଲେ ଡୁଡି ବରଗଡା ଗ୍ରାମର ବିଲଚୁଷ ଟିର୍କି(୩୨)। ଫାଣ୍ଡି ଅଧିକାରୀ ପ୍ରଭ ଶିମରନ ସିଂ, ଏଏସଆଇ ସେଲେସ ରାଉତ ଦମକଳ ବାହିନୀ ସହ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଲଚୁଷ ସାଙ୍ଗଙ୍କ ସହ କାଂଶବାହାଲ ଡ୍ୟାମର ଭେଡିକୁଦର ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ ଟାରେ ସେ ପାଣିକୁ ଗାଧୋଇବା ପାଇ ପଶିଥିଲେ, ହେଲେ ଆଉ ବାହାରି ନ ଥିଲେ। ଏନେଇ ସନ୍ଧ୍ୟାରେ ରାଜଗାଙ୍ଗପୁର ଥାନାରେ ଖବର ଦିଆଯାଇଥିଲା। ମଙ୍ଗଳବାର ସକାଳୁ ପୋଲିସ ପ୍ରଶାସନ ଓ ଦମକଳବାହିନୀ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ବୁଧବାର ଓ ଗୁରୁବାର ଓଡ୍ରାଫ ଟିମ ଖୋଜାଖୋଜି ଆରମ୍ଭ କରିଥିଲେ। କିନ୍ତୁ ସଫଳ ହୋଇ ନ ଥିଲେ। ୪୮ ଘଣ୍ଟା ପରେ ବିଲଚୁଷଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ଫାଣ୍ଡିକୁ ଖବର ଦେଇଥିଲେ।

## କୋଏଲନଦୀରେ ବୁଡ଼ି ବୃଦ୍ଧ ମୃତ

ରାଉରକେଲା, ୧୨।୪(ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅନ୍ତର୍ଗତ କୋଏଲ ନଦୀରେ ଗାଧୋଇବା ବେଳେ ଶୁକ୍ରବାର ଜଣେ ବୃଦ୍ଧ ବୁଡ଼ି ପ୍ରାଣ ହରାଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲିର ଦାରା ସିଂହ ଲାଗୁରୀ(୫୩)। ଶବକୁ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୨/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ଦାରାସିଂ ଶୁକ୍ରବାର ପୂର୍ବାହ୍ନରେ କୋଏଲନଦୀ ପାର କରି ରିୟୁଁ ଗ୍ରାମକୁ ଯାଇଥିଲେ। ମଧ୍ୟାହ୍ନରେ ସେ ଫେରିବା ବାଟରେ କୋଏଲନଦୀରେ ଗାଧୋଇଥିଲେ। ସେଠାରେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ପ୍ରାୟ ମଧ୍ୟାହ୍ନ ସାଢ଼େ ୨ଟାରେ ସେକ୍ଟର-୨୦ ବୈକୁଣ୍ଠ ଘାଟ ନିକଟରେ ତାଙ୍କ ମୃତଦେହ ଲାଗିଥିବା ଦେଖାଯାଇଥିଲା। ସେଠାରେ ସ୍ଥାନୀୟ ଲୋକ ପୋଲିସକୁ ସୂଚନା ଦେଇଥିଲେ।

## କୁସୁମ, ଜୁଏଲଙ୍କ ନିର୍ବାଚନ ପ୍ରଚାର



ସୁନ୍ଦରଗଡ଼,୧୨।୪(ଜୟ ନାରାୟଣ ମେଣ୍ଡୁଲି)

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟ ଜୋର ଧରିଛି। ଭାଜପା ପ୍ରାର୍ଥୀ କୁସୁମ ଟେଟେ ଗତକିଛି ଦିନ ଧରି ବିଭିନ୍ନ ଗ୍ରାମକୁ ଗ୍ରାମ ବୁଲି ନିଜ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଇଛନ୍ତି। ବିଭିନ୍ନ କୀର୍ତ୍ତନ ମଣ୍ଡପରେ ପହଞ୍ଚି ସ୍ଥାନୀୟ ଜନ ସାଧାରଣଙ୍କ କଥା ବୁଝିବା ସହ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଏହି ଭିତରେ ମଝାପଡ଼ା ପଞ୍ଚାୟତର ଅମସରଙ୍ଗାଠାରେ ଏକ ବିଶାଳ ଦିବାରାତ୍ର ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଯୋଉଁ କପର ନାମ ଆୟୋଜକ ମାନେ କୁସୁମ ଟେଟେ କପ ରଖିଥିଲେ। ସେହିଭଳି ଶୁକ୍ରବାର ଏମପି ପ୍ରାର୍ଥୀ ଜୁଏଲ ଓରାମଙ୍କ ସହ କୁସୁମ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଅଉଁଲାବାହାଲ ଗ୍ରାମରେ ମା' ମାଣିକେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭାଗନେଇ ପୂଜାର୍ଚ୍ଚନା କରିବା ସହ ଘରକୁ ଘର ବୁଲି ଭୋଟ ମାଗିଛନ୍ତି।

## ୧୪ରେ ଆଦର୍ଶ ପାଠାଗାରର ବିଷୁବ ମିଳନ ପର୍ବ

ରାଉରକେଲା,୧୨।୪(ବିପ୍ଲବରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରାର ବିଷୁବ ମିଳନ ପର୍ବ ଆସନ୍ତା ୧୪ତାରିଖ ପାଠାଗାରର ଆଦର୍ଶ ସାହିତ୍ୟ ଘର ଠାରେ ପାଳନ ହେବ। ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥି ଏବଂ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ। ଚଳିତବର୍ଷ ଏନେଇ ପାଠାଗାର ତରଫରୁ ପ୍ରାକ୍ତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି ମୁଖ୍ୟଅତିଥି ଭାବେ ସମ୍ମିଳିତ ହେବା ସହିତ କବି ଶ୍ରୀଦେବଙ୍କୁ ଚଳିତବର୍ଷ ବିଷୁବ ସମ୍ମାନ-୨୦୨୪ରେ ସମ୍ମାନିତ କରିବେ। ସେହିଭଳି ଭାବେ ଏହି ଅବସରରେ ପାଠାଗାର ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ଚନ୍ଦନ ସ୍ମୃତୀ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ମନୋଜ୍ଞ କବିତା ପାଠୋତ୍ସବ ସହିତ ପଣା ସେବନର ଆୟୋଜନ ହେବା ନିର୍ଦ୍ଧାରିତ ଥିବା କୁହାଯାଇଛି।

## ନବୀନଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ନିର୍ବାଚନ ଲଢ଼ିବୁ: ରୋହିତ

ରାଉରକେଲା,୧୨।୪(ଦିନେଶ ମିଶ୍ର)


ଖବରଦାତା ସମ୍ମିଳନୀରେ ରୋହିତ ଜୋସେଫ ତିର୍କୀ ଓ ଅନ୍ୟମାନେ।

ରାଉରକେଲା ସେକ୍ଟର-୮ ସ୍ଥିତ ଜେଏମ୍‌ଏମ୍ କାର୍ଯ୍ୟାଳୟ ପରିସରରେ ବୀରମିତ୍ରପୁର ବିଜେଡି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଭାବେ ଘୋଷିତ ହୋଇଥିବା ରୋହିତ ଜୋସେଫ ତିର୍କୀଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ ବୀରମିତ୍ରପୁରର ଲୋକପ୍ରିୟ ବରିଷ୍ଠ ନେତା ଜର୍ଜ ତିର୍କୀ ଉପସ୍ଥିତ ରହି ବିଜେଡିକୁ କିଭଳି ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଓ ତାଙ୍କ ପୁତ୍ର ରୋହିତ କିଭଳି ବୀରମିତ୍ରପୁରର ଦଳୀୟ କର୍ମୀଙ୍କୁ ନେଇ ବୀରମିତ୍ରପୁରର ସାମୂହିକ ବିକାଶ କରିବେ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବୀରମିତ୍ରପୁରର ସମିତି ସଭ୍ୟ ଓ ସରପଞ୍ଚ ସଦସ୍ୟଙ୍କ ସହ ଜିଲା ପରିଷଦର ସମସ୍ତ କର୍ମୀ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ନିର୍ବାଚନ ବୈତରଣୀରେ କିଭଳି ପାରିହେବ ସେନେଇ ଦଳୀୟ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ମତ ପ୍ରକାଶ କରିଥିଲେ। ୧୧ଟି ୱାର୍ଡକୁ ନେଇ ବୀରମିତ୍ରପୁର ମ୍ୟୁନିସିପାଲଟି ହୋଇଥିବାବେଳେ ବିଭିନ୍ନ ୱାର୍ଡରେ ବାସ କରୁଥିବା ଭୋଟରମାନଙ୍କୁ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଯିବ। ଏହା ସହିତ ଆଦିବାସୀ ଓ ମହିଳାମାନଙ୍କ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ନେଇ ଦଳୀୟକର୍ମୀ ଏଥର ମଇଦାନକୁ ଓହ୍ଲାଇବ ବୋଲି ରୋହିତ କହିଥିଲେ। ଏଥିସହ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବସବାସ କରୁଥିବା ଦଳୀୟ ପୁରୁଣାକର୍ମୀଙ୍କୁ କିଭଳି ଏକତିତ୍ର କରି ସେମାନଙ୍କୁ ନେଇ ଦଳ କିଭଳି ଆଗକୁ କାର୍ଯ୍ୟ କରିବ ଓ କିଭଳି ଏହି ନିର୍ବାଚନ ମଣ୍ଡଳୀରେ ଦଳ ବାଜିମାରିବ ତାହାକୁ ନେଇ ବିଭିନ୍ନ ସମିତି ସଭ୍ୟ ଓ ସରପଞ୍ଚମାନେ ସେମାନଙ୍କର ମତ ରଖିଥିଲେ। ଜର୍ଜ ତିର୍କୀଙ୍କ ସମର୍ଥନ ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ସହ ଦଳୀୟ କର୍ମୀଙ୍କ ସହଯୋଗ ବିଜେଡିକୁ ବିଜୟ ନିଶ୍ଚିତ କରିବ ବୋଲି ରୋହିତ ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଜୟଡେଗାର ସମିତି ସଭ୍ୟା ପୁଷ୍ପା ହରୋ, ମମତା କିଣ୍ଡୋ, ବଡିଆ ଲାକ୍ରା, ପରବେଜ ଖାନ, ମହେଶ ସାହୁ, ଅନାମ ସାହୁ, ବେନଜିନ୍ ମିଞ୍ଜ, ଜୋହରନ୍ ସାହୁ, ସରପଞ୍ଚ ବିଜୟ ଲୁଗୁନ, ଅଶ୍ୱନି କେରକେଟ୍ଟା, ମାଥିୟାସ୍ ଲାର୍କା, ଆଶିଷ ଟୋପ୍ପୋ, ସଞ୍ଜୟ ଲୁଗୁନ, ନରେଶ ସୁରାନ୍‌ଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

## ସରକାର ପରିବର୍ତ୍ତନ କରିବା ସମୟ ଆସିଛି

ବଡ଼ଗାଁ,୧୨।୪(ଅଶୋକ ଷଡ଼ଙ୍ଗୀ)


ସମ୍ମିଳନୀରେ ଉପସ୍ଥିତ କର୍ମୀ।

### କଂଗ୍ରେସର କର୍ମୀ ସମ୍ମିଳନୀ

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଇତମା ବସଷ୍ଟାଣ୍ଡ ନିକଟରେ ଶୁକ୍ରବାର ପୂର୍ବାହ୍ନରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁ, ଉପ ସଭାପତି ଅଶୋକ ବେହେରା, କୋଷାଧ୍ୟକ୍ଷ ପ୍ରଶାନ୍ତ ଦାସ, ସମିତି ସଭ୍ୟ ଲଳିତ ଏକ୍କା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସାରଥୀ ପାଣ୍ଡେ, ସୁଧୀର କେରକେଟା, ମହେଶ ସାହୁ, ରମେଶ ବେହେରା, ଉଦିତ ପ୍ରତାପ ଦେଓ, ନାଥନିଏଲ ହାଁସଦା, ଚୈତନ୍ୟ ବେହେରା, ଲାଲିନ୍ଦ୍ର ଦାସ, ହେମନ୍ତ ବିଶି, ଡିଲେଶ୍ୱର୍ ରୋହିଦାସ, ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ସା, ସଭାନେତ୍ରୀ ତାରାମଣି ଡୁଙ୍ଗଡୁଙ୍ଗ, ବରିଷ୍ଠ ନେତ୍ରୀ ଅହଲ୍ୟା ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସଭାରେ କଂଗ୍ରେସ କର୍ମୀ ଅଶୋକ ରାଜ ତଳସରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଶାସନ ସମୟରେ କ'ଣ ସବୁ ବିକାଶ ହୋଇଥିଲା କହିଥିଲେ। ବିଜେଡିର ଏମପି ପ୍ରାର୍ଥୀ ଦିଲ୍ଲୀପ ତିର୍କୀ ଗତ ୫ ବର୍ଷ ମଧ୍ୟରେ କେବେ ଆସୁ ନ ଥିଲେ। ଏବେ ପ୍ରାର୍ଥୀ ହୋଇଥିବାରୁ ଆସୁଛନ୍ତି। କଂଗ୍ରେସ ସର୍ବଦା ଆଦିବାସୀ, ଦଳିତ, ଗରିବଙ୍କ ପାଇଁ କାମ କରିଆସିଛି ବୋଲି ସେ କହିଥିଲେ। ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁ କହିଥିଲେ, ହକି ତାରକା ପ୍ରବୋଧ ତିର୍କି ଜଣେ ଯୁବ ପ୍ରାର୍ଥୀ। ତାଙ୍କୁ ସମସ୍ତ କର୍ମୀ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। କଂଗ୍ରେସ ଅମଳରେ ଯାହାସବୁ କମ ମୂଲ୍ୟରେ ମିଳୁଥିଲା ତାହା ବର୍ତ୍ତମାନ ଆକାଶଛୁଆଁ ହେଲାଣି। କଂଗ୍ରେସ ସରକାର ଆସିଲେ ସବୁ ବର୍ଗର ଲୋକେ କ'ଣ ସୁବିଧା, ସହଯୋଗ ପାଇବେ ବୁଝାଇ ଏହି ଗ୍ୟାରେଣ୍ଟି ପ୍ରତିଶ୍ରୁତିକୁ ଭୋଟରଙ୍କୁ ବୁଝାଇବାକୁ କର୍ମୀଙ୍କୁ କହିଥିଲେ। ସମିତି ସଭ୍ୟ ଲଳିତ ଏକ୍କା ଦରଦାମ ବୃଦ୍ଧି ଯୋଗୁ ଗରିବ ପରିବାର କିପରି ସମସ୍ୟାରେ ପଡିଛନ୍ତି କହିଥିଲେ। ପ୍ରଲୋଭନରେ ନ ପଡ଼ି କର୍ମୀମାନେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ତାରାମଣି ଡୁଙ୍ଗଡୁଙ୍ଗ ଓ ବରିଷ୍ଠ କର୍ମକର୍ତ୍ତା ଅଶୋକ ବେହେରା କହିଥିଲେ, ସରକାର୍ ପରିବର୍ତ୍ତନ କରିବାର ସମୟ ଆସି ଯାଇଛି। ଏହି ସରକାର୍‌କୁ ନ ହଟାଇଲେ ଆମ ମାନଙ୍କ ସମସ୍ୟାର ସମାଧାନ ହେବନାହିଁ। ରାହୁଲ ସରକାର୍ ନ ଆସିଲେ ଆମେ ବିପଦରେ ପଡ଼ିବା। ଏକ ପ୍ରକାର ପରାଧୀନ ହୋଇଯିବା। ଏଥିସହ ସେ ବିଜେଡି ଓ ଭାଜପା ସରକାରଙ୍କ ଦୁର୍ବଳତା ଉପରେ ଆଲୋଚନା କରିଥିଲେ। ପ୍ରାର୍ଥୀ ପ୍ରବୋଧଙ୍କ ସହିତ ମଞ୍ଚାସୀନ ଅତିଥିମାନେ ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର୍‌ର ଅପାରଗତା ଉପରେ ଆଲୋଚନା କରିଥିଲେ। କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ ମହିଳା, ବୃଦ୍ଧା, ବୃଦ୍ଧ, ଯୁବକ, କୃଷକ ଓ ଗରିବ ପରିବାରଙ୍କ ପାଇଁ କ'ଣ ଯୋଜନା କରାଯାଇଛି ଓ କିପରି ଲାଭ ପାଇବେ ବୁଝାଇଥିଲେ। ଏହି ସମ୍ମିଳନୀରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୨ଗିରଫ

ଟିଟିଲାଗଡ଼, ୧୨ା୪(ଶରତ ମିଶ୍ର)

ଟିଟିଲାଗଡ଼ ଏବଂ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ଶୁକ୍ରବାର ମିଳିତ ଚଢ଼ାଉ କରି ଟିଟିଲାଗଡ଼ ଥାନା ଅନ୍ତର୍ଗତ ଖୋଲାଣ ଏବଂ ଭାଟିପଡାରୁ ବ୍ୟାପକ ମଦ ଜବତ କରିଛି। ଭାଟିପଡାର ରଘୁ ମନହିରାଙ୍କ ଦୋକାନରେ ଚଢ଼ାଉ ସହ ୫୨.୯୫୦ଲିଟର ବିଅର ଏବଂ ୨୨.୩୬୦ ଲିଟର ବିଦେଶୀ ମଦ ଜବତ ହୋଇଛି । ସେହିପରି ଖୋଲାଣ ଗ୍ରାମର ବଳରାମ ସ୍ୱାଇଁଙ୍କ ଦୋକାନରେ ଚଢ଼ାଉ କରି ୧୩ ଲିଟର ବିୟର ଜବତ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ସାହୁ ଏବଂ ବଙ୍ଗୋମୁଣ୍ଡା ଅବକାରୀ ଅଧିକାରୀ ସୁମିତ ସାହୁ ତଥା ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

### ଗାଡ଼ିରୁ ଗଞ୍ଜେଇ ଜବତ ଘଟଣା, ୩ ଗିରଫ

ଦେଓଗାଁ, ୧୨ା୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୁତିଆରବାହାଲ ଛକରେ ପୋଲିସ ପାଟ୍ରୋଲିଂ ସମୟରେ ଏକ ଚାରିଚକିଆ ଗାଡିରୁ ଗଞ୍ଜେଇ ଜବତ ଘଟଣାରେ ଶୁକ୍ରବାର ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଚାଣ୍ଡିପଦର ଗାଁର ଅଜିତ ଯୋଷୀ(୩୧), ସୁରେନ୍ଦ୍ର ପ୍ରଧାନୀ (୪୮) ଓ କନ୍ଧେନବାହାଲି ଗାଁର ସରବିନ୍ଦ ସାହୁ (୩୮) । ଏନେଇ ଥାନାରେ ଏକ ମାମଲା(୮୭/୨୪)ରୁଜୁ ହୋଇଥିବା ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ଭୁତିଆରବାହାଲ-କୁଡାସିଂହା ଛକ ନିକଟରେ ପାଟ୍ରୋଲିଂ ପୋଲିସ ଦୁଷୁରା ପଟରୁ ଗାଡି(ନଂ ଓଡି୧୭ଏକ୍ସ ୦୧୯୦)ରୁ ୨ଟି ଗାଡିରେ ଥିବା ୨୫କେଜି ୯ଶହ ଗ୍ରାମ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଧରିଥିଲା ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ର

କେସିଙ୍ଗା, ୧୨ା୪(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ତାରିଣୀ ଛକ୍‌ରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର କଳସ ଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଯାଇଛି। ତାରିଣୀ ଛକଠାରୁ କଳସ ଯାତ୍ରା ଆରମ୍ଭ ହୋଇ ଗ୍ରାମର କଟାବନ୍ଧରୁ ଜଳ ସଂଗ୍ରହ କରାଯାଇ ପୁଣି ତାରିଣୀ ଛକରେ ଜଳ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ନାମଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହେବ। ଏଥି ପାଇଁ ନାମ ସଂକୀର୍ତ୍ତନ ପାଇଁ ଦୂର ଦୁରନ୍ତରୁ ସଂକର୍ତ୍ତନ ଦଳ ନିମନ୍ତ୍ରଣ କରାଯାଇଛି। ଷୋହଳ ନାମ ଯଜ୍ଞରେ କର୍ତ୍ତା ଭାବେ ରାମେଶ୍ୱର ସାହୁ ଓ ପୁଷ୍ପବତୀ ସାହୁଙ୍କୁ କମିଟି ପକ୍ଷରୁ ମନୋନୀତ କରାଯାଇଛି।

### ନିମ୍ନ ଇନ୍ଦ୍ର କଲୋନୀକୁ ନିର୍ମାଣ ରାସ୍ତା ଦୂରବସ୍ଥା




ଖଡ଼ିଆଳ, ୧୨ା୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗଡରାମୁଣ୍ଡା ଗ୍ରାମପଞ୍ଚାୟତରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ କଲୋନୀ ହୋଇଛି। ଏହି କଲୋନୀକୁ ବହୁ ବର୍ଷ ପୂର୍ବେ ନିର୍ମାଣ ସଡ଼କ ଏବେ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ନିମ୍ନ ଇନ୍ଦ୍ର କଲୋନୀକୁ ଯାତାୟାତ ପାଇଁ ନିର୍ମାଣ ହୋଇଥିବା ସଡ଼କ ଦୂରବସ୍ଥା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ନିର୍ମାଣ କାର୍ଯ୍ୟ ପାଇଁ ଚୁକ୍ତି ସମୟ ସୀମା ଶେଷ ହେବାକୁ ବସିଥିବା ବେଳେ ସଡ଼କ ନିର୍ମାଣ ସାତ ସପନ ହୋଇପଡିଛି। ତିଖଲି ନିମ୍ନ ଇନ୍ଦ୍ର ଜଳ ସେଚନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ଅଞ୍ଚଳବାସୀ ଆନ୍ଦୋଳନ ପନ୍ଥା ପାଇଁ ପ୍ରସ୍ତୁତ ହୋଇଛନ୍ତି।

# ରାସ୍ତା, ପାଣି ପାଇଁ ଭୋଟ ବର୍ଜନ ଚେତାବନୀ

**ଦୁନ୍ଦେଲମାଲ ପଞ୍ଚାୟତ ଦୁଣ୍ଡା ଗ୍ରାମବାସୀ**

- **୨ଥର ଭୋଟ ବର୍ଜନ କଲେଣି, ଚେତୁନି ପ୍ରଶାସନ, ରାଜନେତା**

ଭବାନୀପାଟଣା, ୧୨ା୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ଦୁଣ୍ଡା ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ରାସ୍ତା ଓ ପାନୀୟ ଜଳ ସଂଘର୍ଷ କରୁଛନ୍ତି। ହେଲେ ପ୍ରଶାସନ ନା ରାଜନେତା ସେମାନଙ୍କ କଥାକୁ କେହି ଶୁଣୁନାହାନ୍ତି। ଏହି ବ୍ୟତିକ୍ରମ ନେଇ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ୨ଥର ଭୋଟ ବର୍ଜନ କରିସାରିଛନ୍ତି। ତା'ପରେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ ପୁଣିଥରେ ଭୋଟ ବର୍ଜନ ପାଇଁ ଗ୍ରାମବାସୀ ସଜବାଜ ହେଉଛନ୍ତି। ଏ ନେଇ ଶୁକ୍ରବାର ଗ୍ରାମବାସୀ ଏକ ବ୍ୟାନର ଧରି ସୂଚନା ଦେଇଛନ୍ତି। ଜୁନାଗଡ଼ ବ୍ଲକ୍ର ଦୁଣ୍ଡା ଗାଁ ହେଉଛି ଏକ ବଣପାହାଡ଼ଘେରା ଦୁର୍ଗମ ଅଞ୍ଚଳ। ଏଠାରେ ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୫୦୦ରୁ ଅଧିକ ପରିବାର ବାସ କରୁଛନ୍ତି। ଗାଁରୁ ଦୁନ୍ଦେଲମାଲ ପଞ୍ଚାୟତ ଅଫିସ ୧୬ କି.ମି. ଦୂର ଓ ଜୁନାଗଡ଼ ବ୍ଲକ ଅଫିସ ୨୬ କି.ମି. ଦୂର। ରାସ୍ତା ନ ଥିବାରୁ ଲୋକେ ପାହାଡ଼ ଚଢ଼ି ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରିଥାନ୍ତି। ଜରୁରୀକାଳୀନ ସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ରୋଗୀ,




ଦୁଣ୍ଡା ଗ୍ରାମବାସୀ ଭୋଟ ବର୍ଜନ ପାଇଁ ସଜବାଜ।

ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ଥୁଆମୂଳ ରାମପୁର ଅଞ୍ଚଳ କିଆପଦର ଦେଇ ୩୭ କି.ମି. ଭବାନୀପାଟଣା ଡାକ୍ତରଖାନାକୁ ନେଇଥାନ୍ତି। ଗାଁରେ ୨ ନଳକୂଅ ଓ ଗୋଟିଏ ସୌରଶକ୍ତିଚାଳିତ ପମ୍ପ ରହିଛି। ତନ୍ମଧ୍ୟରୁ ଗୋଟିଏ ନଳକୂଅ ଓ ସୌରଶକ୍ତିଚାଳିତ ପମ୍ପ ଖରାପ ହୋଇଛି। ଫଳରେ ଗ୍ରାମବାସୀ ନାଳର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଦୂଷିତ ପାନୀୟ ଜଳ ଯୋଗୁ ଗାଁର ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେବଳ ୨୦୨୨ରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ୧୦ଜଣଙ୍କ ମୃତ୍ୟୁ ହୋଇଛି। ଏବେବି ଗାଁର ୩୦ରୁ ଅଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଛନ୍ତି। ଏହି ଗ୍ରାମବାସୀଙ୍କ ପାଇଁ ମୋବାଇଲ ନେଟୱର୍କ ସାତ ସପନ ହୋଇଛି। ଏହି ଅଞ୍ଚଳ ପାଇଁ ତଳଦୁଣ୍ଡାରେ ବୁଥ ଥିବାବେଳେ ୧୪୩ଜଣ ପୁରୁଷ ଓ ୧୭୧ ଜଣ ମହିଳା ମିଶି ୩୧୪ ଜଣ ଭୋଟର ଅଛନ୍ତି। ନିର୍ବାଚନ ଆସିଲେ ନେତାମାନେ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇ ଭୋଟ ନିଅନ୍ତି। ଭୋଟ ସରିଲେ ପ୍ରତିଶ୍ରୁତି ଭୁଲି ଯାଆନ୍ତି। ୨୦୨୨ରେ ଦୁଣ୍ଡା ଗ୍ରାମକୁ ନିର୍ବାଚନ ସମୟରେ ପୋଲିଂ ପାର୍ଟି ଯାଇଥିଲେ। ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ଫଳରେ ପୋଲିଂ ପାର୍ଟି ଫେରି ଯାଇଥିଲେ। ପରେ ପୁଣି ଲୋକଙ୍କୁ ମନାଇ ଭୋଟ ଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହି ଭୋଟ ଦେଇ ନ ଥିଲେ। ରାସ୍ତା ନିର୍ମାଣ ଓ ପାନୀୟ ଜଳର ସୁବିଧା ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ବିଧାୟକ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନ ହେବାରୁ ପୁଣି ଥରେ ଭୋଟ ବର୍ଜନ କରିବେ ବୋଲି ଗତ ସୋମବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଟ୍ରକ୍ ସହ ଖଇର କାଠ ଜବତ, ୨ଗିରଫ

ପାଟଣାଗଡ଼, ୧୨ା୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ପୋଲିସ ଏକ ଖଇର କାଠ ବୋଝେଇ ଟ୍ରକକୁ ଗୁରୁବାର ରାତିରେ କୁବଥର୍ଲା ଛକରୁ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକ ଓ ତାଙ୍କୁ ସହଯୋଗୀକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଖଗେଶ୍ୱର ମେହେର ଓ ଅନୀଲ କୁମାର। ହରିଶଙ୍କର ଦୁର୍ଲାମାଳ ସଂରକ୍ଷିତ ଜଙ୍ଗଲରୁ ଏହି କାଠ ଅଞ୍ଚଳର ଜଣେ କାଠ ମାଫିଆଙ୍କ ମାଧ୍ୟମରେ ହରିୟାଣା ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ପାଟଣାଗଡ଼ ପୋଲିସ ଗୁରୁବାର ରାତିରେ ପଟ୍ରୋଲିଂ ସମୟରେ ହରିଶଙ୍କର-ଖପ୍ରାଖୋଲ ରାସ୍ତାପଟୁ ଆସୁଥିବା ଏକ ବାରଚକିଆ ଟ୍ରକ (ନଂ.ଏଚଆର. ୪୬ଡି୭୦୯୨)କୁ ବଥର୍ଲା ଛକରେ ଅଟକାଇଥିଲା। ତଲାସୀ ପରେ ଟ୍ରକରେ ବିପୁଳ ପରିମାଣର ଖଇର କାଠଥିବା ଦେଖିବାକୁ ମିଳିଥିଲା। ଗାଡି ଚାଳକ ଓ ତାଙ୍କ ସହଯୋଗୀ କାଠ ଚାଲାଣ ସମ୍ପର୍କରେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଘଟଣାସ୍ଥଳରୁ ପୋଲିସର ଉକ୍ତ ଟିମ ଖଇର କାଠ

**ହରିୟାଣା ଚାଲାଣ ହେଉଥିଲା**



ବୋଝେଇ ଟ୍ରକ ସହ ଚାଳକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କଠାରୁ ଜଣାପଡିଛି। ହରିଶଙ୍କର ଅଞ୍ଚଳର କାଠ ମାଫିଆଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି।

# ଡବଲ ଇଞ୍ଜିନ ସରକାର ହେଲେ ସବୁ ସମସ୍ୟାର ଅନ୍ତ ହେବ: ମାଳବିକା

ନୂଆପଡ଼ା, ୧୨ା୪(ମକାରୁ ବେମାଲ)

ନୂଆପଡା ନିର୍ବାଚନମଣ୍ଡଳୀରେ ଭାଜପାର ଉଭୟ ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କ ବିଜୟୀ କରିବା ପାଇଁ କର୍ମୀ ପ୍ରଚାର କାର୍ଯ୍ୟକୁ ଜୋର ଦେଇଛନ୍ତି। ଗୁରୁବାର କଳାହାଣ୍ଡି ଏମପି ପ୍ରାର୍ଥିନୀ ମାଳବିକା ସିଂଦେଓ ଓ ନୂଆପଡା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଜିଲା ପାର୍ଟି କାର୍ଯ୍ୟାଳୟଠାରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ପତୋରା ଯୋଗେଶ୍ୱର ବାବାଙ୍କୁ ଦର୍ଶନ କରି ଶତାଧିକ ସମର୍ଥକଙ୍କ ସହ ଗାଁ ଗାଁ ବୁଲି ପ୍ରଚାର କରିଛନ୍ତି। ଜିଲା କାର୍ଯ୍ୟାଳୟରୁ ବାଇକ ରାଲିରେ ବାହାରି ସାରାବଙ୍ଗ, ପଞ୍ଚମପୁରଦ, ଭେରା ଗାଁ ଦେଇ ପତୋରାଠାରେ ଯୋଗେଶ୍ୱର ବାବା ମନ୍ଦିରରେ ଦର୍ଶନ କରି ଧରମବନ୍ଧା,ତୋର୍ଲା, ଭଇଷମୁଣ୍ଡି, ଡୁମେରପାଣି, ଗୋତମା, ଖରିଆର ରୋଡ, ଜେଜରା, ବୁଢିପାଳି ହୋଇ ପରକୋଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ କର୍ମୀ ସମ୍ମିଳନୀ କରି



ପ୍ରଚାର ମଇଦାନରେ ଶତାଧିକ କର୍ମୀଙ୍କ ସହ ଏମ୍‌ପି ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀ।

ନୂଆ ଓ ପୁରୁଣା ସମସ୍ତ କର୍ମକର୍ତ୍ତାଙ୍କୁ ସାଙ୍ଗରେ ନେଇ ପାର୍ଟିକୁ ମଜଭୁତ କରିବାକୁ ପଡିବ। କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନାକୁ ଭୋଟରଙ୍କୁ ଅବଗତ କରି ନୂଆ ଓ ପୁରୁଣା ସମସ୍ୟା ଉପରେ ଦୃଷ୍ଟି ଦେବାକୁ ପଡିବ। ଉପାନ୍ତ ଆଦିବାସୀ ଅଞ୍ଚଳରେ ବହୁ ସମସ୍ୟା ରହିଛି। ଭାଜପା କ୍ଷମତାକୁ ଆସିଲେ ସବୁ ସମସ୍ୟାର ଅନ୍ତ ହୋଇଯିବ। ୨୪ ବର୍ଷ ଶାସନ କାଳରେ ସରକାର ସମସ୍ୟା ସମାଧାନ କରି ପାରିଲା ନାହିଁ। ଡବଲ ଇଞ୍ଜିନ ସରକାର ହେଲେ କେନ୍ଦ୍ର ତଥା ରାଜ୍ୟର ସବୁ ସମସ୍ୟା ଦୂର ହେବା ସହ ନୂଆଁ ନୂଆଁ ଯୋଜନା ସବୁ ପ୍ରଣୟନ ହୋଇ ଲୋକଙ୍କ ପାଖକୁ ପହଞ୍ଚାଇବୁ ବୋଲି ଏମପି ପ୍ରାର୍ଥିନୀ ସିଂଦେଓ କହିଥିଲେ। ଏହି ସମୟରେ ଅର୍କ କେଶରୀ ସିଂଦେଓ, ସୋନିଆ ଜୈନ, ସରିତା ସିଂ, ରାଜେଶ୍ୱରୀ ସାହୁ, ରାଜେଶ୍ୱରୀ ଠାକୁର, ସାବେତ୍ରୀ ଠାକୁର, ଜିଲା ସଭାପତି ସୁବ୍ରତ ଠାକୁର, ସମ୍ପାଦକ ତୁଳସ ପଟେଲ, ସଦାନନ୍ଦ ଯୋଷି, କମଲେସ ଦୀକ୍ଷିତ, ଗୋଲଡି ଅଗ୍ରୱାଲ ଓ ଶତାଧିକ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ନିମ୍ନମାନର ରାସ୍ତା କାମ ଅଭିଯୋଗ

କୋମନା, ୧୨ା୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ଗ୍ରାମପଞ୍ଚାୟତ ଦୁହେଲପଡାଠାରୁ ଚୋହୋକୋ ପଡ଼ା ରାସ୍ତା କାମରେ ଅନିୟମିତତା ହୋଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ମେଟାଲ ଯେତେ ପରିମାଣରେ ପଡିବା କଥା ପଡ଼ିନାହିଁ। ମୋରୁମ ପକାଇବା ବଦଳରେ ମାଟି ପକାଇ ଦେଇଥିବାରୁ ପ୍ରାକ ଶିକ୍ଷା ପାଇଁ ଅଙ୍ଗନୱାଡି ସେଣ୍ଟର ଯିବା ପାଇଁ କୁନିକୁନି ଶିଶୁମାନଙ୍କ ସହିତ ସାଧାରଣ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏ ନେଇ କୁରେଶ୍ୱର ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚରିବାରୁ ମୁଁ ଏଠିକି ଆସିବା ପୂର୍ବରୁ କାର୍ଯ୍ୟାଦେଶ ମଞ୍ଜୁର ହୋଇ ସାରିଥିଲା ଓ ସେ କାମର ବିଲ ହୋଇ ନ ଥିବା ପ୍ରକାଶ କରିଥିଲେ। ଅପରପକ୍ଷ ଦୁହେଲପଡା ଗ୍ରାମର ଚେରୁ ଭୋଇ, ମାନସିଂହ ଭୋଇ, ରୁଦ୍ରମଣୀ ଭୋଇ, ଶୋଭାରାମ ଅହୀର, ପ୍ରସନ୍ନଭୋଇ, ଗିରେନ ଅହୀର ବେଣୁଧର ରାଉତ ଦିଗାମ୍ବର ଭୋଇ, ବୈଶାଖୁ ଅଦା, ପଦୁରାମ ଭୋଇ ଏହାର ଉଚିତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# କଣ୍ଟାବାଞ୍ଜିରେ ବିଜେଡି କର୍ମୀ ସମ୍ମିଳନୀ

**ଆୟୁବ ଖାଁଙ୍କୁ ଟିକେଟ ଦେବାକୁ ଦାବି କଲେ ସମର୍ଥକ**

କଣ୍ଟାବାଞ୍ଜି, ୧୨ା୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ସ୍ଥାନୀୟ ମୁସଲିମ ସରେଇରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା ବଙ୍ଗୋମୁଣ୍ଡା ଓ ମୁରିବାହଲ ବ୍ଲକ ସହ କଣ୍ଟାବାଞ୍ଜି ଏନଏସିର ଦଳୀୟ କର୍ମୀ ଉପସ୍ଥିତ ଥିଲେ। ମୁରିବାହଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର ସମ୍ମିଳନୀରେ ବକ୍ତବ୍ୟ ରଖି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିରେ କୌଣସି ଫାଟ ନ ଥିବା କହିଥିଲେ। ପୂର୍ବତନ ବିଧାୟକ ଆୟୁବ ଖାଁ ଏହି ଏକମାତ୍ର ନେତା ଯିଏ ଏହି ନିର୍ବାଚନ ମଣ୍ଡଳୀର ନେତୃତ୍ୱ ନେଇ ପାରିବେ ଓ ବିଜୟୀ ହେବାର ଦକ୍ଷତା ରଖନ୍ତି ବୋଲି କହିଥିଲେ। ଏଣୁ ଦଳ ଚଳିତ ନିର୍ବାଚନରେ କଣ୍ଟାବାଞ୍ଜି କ୍ଷେତ୍ରରୁ ଆୟୁବ ଖାଁଙ୍କୁ ଟିକେଟ ଦେବାକୁ ସେ ଦାବି କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଧିଷ୍ଠିର ପୁଟେଲ, ଲାଲଚାନ୍ଦ ପୁଟେଲ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ବେଡା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁବ ଖାଁ କହିଥିଲେ ଏହି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସେ ସମର୍ପିତ। ବିଗତ ଦିନରେ ଅଞ୍ଚଳବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ ଦିଗରେ ସେ କାର୍ଯ୍ୟ କରି ଆସିଛନ୍ତି। ବିଜେଡି ସରକାରର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି। ଏହି ଧାରା ମଧ୍ୟ ଆଗକୁ ବଜାୟ ରହିବ ବୋଲି କହିଥିଲେ। ତେବେ ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ନେତା ତଥା ଅନ୍ୟତମ ଆଶାୟୀ ଅଜୟ ଦାସ କିମ୍ବା ତାଙ୍କ ସମର୍ଥକ ସାମିଲ ହୋଇ ନ ଥିଲେ। ସଭାକୁ ଫିରୋଜ ଖାଁ ସଞ୍ଚାଳନ କରିଥିଲେ।

# ନିଷ୍ପତ୍ତି ଅପେକ୍ଷାରେ ଆଶାୟୀ ପ୍ରାର୍ଥୀ

ନୂଆପଡ଼ା, ୧୨ା୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଷମୁଣ୍ଡି ଭଇଷିପାଠ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଭାଜପାର ଅସନ୍ତୋଷଙ୍କ ପକ୍ଷରୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଶତାଧିକ ଅସନ୍ତୋଷ କର୍ମକର୍ତ୍ତା ସାମିଲ ହୋଇଥିଲେ। ଭାଜପା ଦଳରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରସନ୍ନ ପାଢୀ ଓ ଯଦୁମଣି ପାଣିଗ୍ରାହୀ ଟିକେଟ ଦୌଡରେ ରହିଥିଲେ। ଯେତେବେଳେ ଏମପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ ଘୋଷଣା ପରେ ଅଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ୩ ତାରିଖରେ ଭାଜପା ପ୍ରାର୍ଥୀ ଅଭିନନ୍ଦନଙ୍କୁ ଜିଲା କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ଆଶାୟୀ ପ୍ରାର୍ଥୀ ବିରୋଧ କରି କୋମନା ବ୍ଲକ କୁରୁମପୁରି



ଭାଜପାର ଅସନ୍ତୋଷ ଗୋଷ୍ଠୀ ସଭା କରୁଛନ୍ତି।

ପଞ୍ଚାୟତ ଘାଟିପଡା ସାଇ କଲେଜଠାରେ ଏକ ପ୍ରତିବାଦ ସଭା କରି ଅଭିନନ୍ଦନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଭୁବନେଶ୍ୱର ଯାଇ ଭାଜପା ମୁଖପାତ୍ରଙ୍କୁ ସାକ୍ଷାତ କରି ବିରୋଧ କରିବୁ ବୋଲି ନିଷ୍ପତ୍ତି ନେଇଥିଲେ। ଭାଜପା ଅସନ୍ତୋଷ ଦଳ ଶତାଧିକ ସମର୍ଥକଙ୍କ ସହ ଭୁବନେଶ୍ୱର ଯାଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସାକ୍ଷାତ କରି ଦୀର୍ଘ ସମୟ ଆଲୋଚନା କରିଥିଲେ। ରାଜ୍ୟ ସଭାପତି ସାମଲ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ରାଷ୍ଟ୍ରୀୟ ନେତୃବୃନ୍ଦଙ୍କୁ ଲିଖିତ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନୂଆପଡାରେ ପରିବାର ରାଜନୀତିରୁ ଊର୍ଦ୍ଧ୍ୱରେ ଯୋଗ୍ୟ ତଥା ବିଜୟ ସମ୍ଭାବନା ପ୍ରାର୍ଥୀଙ୍କୁ ଟିକଟ ଦିଆଯାଉ, ପ୍ରାର୍ଥୀତ୍ୱକୁ ପରିବର୍ତ୍ତନ କରି ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦ ପୁନର୍ବିଚାର କରିବା ପାଇଁ ପାଢୀ ଦାବି କରିଥିଲେ। ନୂଆପଡା ନିର୍ବାଚନମଣ୍ଡଳୀରେ ଦୁର୍ବଳ ପ୍ରାର୍ଥୀ ଦେଇ ବିଜେଡି ସହ ଟକ୍କର କରି ପାରିବ ନାହିଁ। ଏହାର ପ୍ରଭାବ ଲୋକ ସଭା ନିର୍ବାଚନରେ ପଡିବ ବୋଲି ପାଣିଗ୍ରାହୀ ଅଭିଯୋଗ କରିଥିଲେ। ଆମର ଦାବି ଉପରେ କେନ୍ଦ୍ର ତଥା ରାଜ୍ୟ ନେତୃବୃନ୍ଦ କ'ଣ ନିଷ୍ପତ୍ତି ନେଉଛନ୍ତି, ତାହାକୁ ଅପେକ୍ଷାରେ ରହିଛୁ। ଯଦି କୌଣସି ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ବିଚାର କରାଯିବ ବୋଲି ପାଢୀ କହିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ପାଳିତ

ଖଡ଼ିଆଳ, ୧୨ା୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଓଡ଼ିଶା ପଶ୍ଚିମ ସହ ପ୍ରାନ୍ତ ସମ୍ପର୍କ ପ୍ରମୁଖ ପୁସ୍ତମ ସୁନାନୀ, ମୁଖ୍ୟବକ୍ତା ଭାବେ ମାର୍ଗଦର୍ଶନ କରିଥିଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଟିଟିଲାଗଡ଼ ରାଜିବ ଲୋଚନ ପାଢ଼ୀ, ସ୍ୱାଗତ ଅଭିଭାଷଣ ଓ ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ଏବଂ ସଭାପତି ଦିଲୀପ ତ୍ରିବେଦୀ ଆର୍ଶିବଚନ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା ସମିତି କୋଷାଧକ୍ଷ ଗରୁଡେଶ୍ୱର ଗହିର। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିଥିଲେ।

# ଭାଜପାର ବୁଥ୍ ସମାବେଶ, ମିଶ୍ରଣ ପର୍ବ



ସମାବେଶରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ମୁରିବାହାଲ, ୧୨ା୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ମଣ୍ଡଳ ବିଟାବନ୍ଦ ଗ୍ରାମ ଖେଳ ପଡିଆରେ ଶୁକ୍ରବାର ଭାଜପାର ବୁଥ୍ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ହଳଦୀ ମଣ୍ଡଳ ଅଧୀନ ୭ ଗ୍ରାମ ପଞ୍ଚାୟତର ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ସଭାରେ ମଣ୍ଡଳ ସଭାପତି ଇଶର ପୁଟେଲ ସଭାପତିତ୍ୱ କରିଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସଙ୍ଗୀତ କୁମାରୀ ସିଂଦେଓ ସମାବେଶରେ ବକ୍ତବ୍ୟ ରଖି ଆସନ୍ତା ମେ ୨୦ ତାରିଖରେ ହେବାକୁ ଥିବା ନିର୍ବାଚନରେ ଉଭୟ ବିଧାୟମ ପ୍ରାର୍ଥୀ ଲକ୍ଷ୍ମଣ ବାଗ ଓ ତାଙ୍କୁ ଏମ୍‌ପି ଭାବେ ବିଜୟୀ କରି ନରେନ୍ଦ୍ର ମୋଦୀଙ୍କ ବିକାଶରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ବରିଷ୍ଠ ନେତା ବାଳକୃଷ୍ଣ ପୁଟେଲ, ପୂରଣ ବାଗ, ମହିଳା ନେତ୍ରୀ କୁମୁଦିନୀ ଭୋଇ, ରମ୍ଭା ପାଣିଗ୍ରାହୀ, ହସିତା ବେହେରା, ମହାଦେବ ଟାହାଣୀ, ସୁରେଶ ଭୋଇ, ରାଜୀବ କୁମାର ମହାନ୍ତି ପ୍ରମୁଖ ସଙ୍ଗଠନକୁ ମଜଭୁତ କରିବା ସହ କେନ୍ଦ୍ର ସରକାରଙ୍କ ବିକାଶକୁ ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ବିଜେଡି ଛାଡି ୪୦୩ ଜଣ କର୍ମୀ ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ରହିଛନ୍ତି ବାଙ୍କେଲ ସରପଞ୍ଚ ଲଳିତ ଦୋରା, ବିଶିଷ୍ଟ ଆଇନଜୀବୀ ରଏବାରୁ ପୁଟେଲ। କାର୍ଯ୍ୟକ୍ରମକୁ ହଳଦୀ ମଣ୍ଡଳ ଉପସଭାପତି ସରୋଜ ବାଗ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ସୁବାସ ପୋଢ଼, କୈବଲ୍ୟ ବେହେରା, ଲାଲୁ ବହାଦୁର ପୁଟେଲ, ପାଦେ ତାଣ୍ଡି, ଗିରିଧାରୀ କମ୍ପ ଏଥିରେ ସହଯୋଗ କରିଥିଲେ।

# କାଳବୈଶାଖୀ ପ୍ରଭାବରେ ଧାନ, ପନିପରିବା ଚାଷ ନଷ୍ଟ

ନୂଆପଡ଼ା, ୧୨ା୪(ମକାରୁ ବେମାଲ)

ନୂଆପଡା ଜିଲାରେ ଚାରି ଦିନରୁ ଊର୍ଦ୍ଧ୍ୱ ହେବ ଅଦିନିଆ ଲଗାଣ ବର୍ଷା ଲାଗି ରହିଥିବାରୁ ଧାନ ସହ ଅର୍ଥକାରୀ ଫସଲ ନଷ୍ଟ ହୋଇଛି। ଧାନ କିଆରିରେ ବର୍ଷା ପାଣି ଜମି ରହିଥିବାରୁ କାଟିଥିବା ଗଜା ହେବା ସହ କୁଆପଥର ମାଡରେ ଧାନ ଝଡି ଯାଇ ପନିପରିବା ପଟିସଡି ନଷ୍ଟ ହେବାରେ ଲାଗିଛି। ସୋମବାର ଆକାଶ ମେଘୁଆ ଦେଖା ଯାଇ ମଙ୍ଗଳବାରଠାରୁ ଅଦିନିଆ ଲଗାଣ ବର୍ଷା ଓ କୁଆପଥର ମାଡ ଲାଗି ରହିଛି। କାଳବୈଶାଖୀ ଯୋଗୁ ସ୍ଥାନେ ସ୍ଥାନେ ଗଛ ଭାଙ୍ଗିବା ସହ



ବାଇଗଣ ଚାଷ ପଟିଶଡି ନଷ୍ଟ ହୋଇଛି।

ଘର ଛପର ପଡି ଯାଇଛି। ଅଧିକ କରି କୋମନା ବ୍ଲକରେ କୁଆପଥର ମାଡ ହୋଇଛି। ସାହଜଟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ଚାଷ କରିଛନ୍ତି। କୁଆପଥର ମାଡରେ ଧାନ ଝଡି ଯାଇଛି। ସେହିପରି ନୂଆପଡା ଓ କୋମନା ବ୍ଲକର ଅଧିକାଂଶ ଗାଁରେ ପନିପରିବା ଚାଷ କରାଯାଇଛି। ଚାଷ କିଆରିରେ ବର୍ଷା ପାଣି ଜମି ରହିବା ଯୋଗୁ ଚାଷ ସବୁ ଖରାପ ହେବାରେ ଲାଗିଛି। କୁଆପଥର ମାଡରେ ବାଇଗଣ, ଫୁଲକୋବି, ପାତଳଘଣ୍ଟା ଫାଟି ଯାଇ ନଷ୍ଟ ହେବାରେ ଲାଗିଛି। ଚାଷୀମାନେ କୃଷି ବିଭାଗ ଓ ଉଦ୍ୟାନ ବିଭାଗରୁ ଉଚ୍ଚ ମାନର ବିହନ ନେଇ ଚାଷ କରିଥିଲେ। ଏ ସବୁକୁ ଦୃଷ୍ଟିରେ ରଖି ବିଭାଗୀୟ ପକ୍ଷରୁ କ୍ଷୟକ୍ଷତି ଉପରେ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ଗୋଡ଼ଭଗା ସମଲେଇ ମନ୍ଦିରରେ ଗରୁଡ଼ ସ୍ତମ୍ଭ ସ୍ଥାପିତ



ଗରୁଡ଼ ସ୍ତମ୍ଭ ସ୍ଥାପନ ଅବସରରେ କର୍ତ୍ତାକର୍ତ୍ତ୍ରୀଙ୍କ ସହ ଅତିଥି।

ସରଣ୍ଡା, ୧୨ା୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଗୋଡ଼ଭଗା ମା' ସମଲେଇ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଗରୁଡ଼ ସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ସମାଜସେବୀ ଫକୀର କର୍ଣ୍ଣ ଏବଂ ତାଙ୍କ ପତ୍ନୀ ସନ୍ତୋଷିନୀ କର୍ଣ୍ଣ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ବହନ କରିଥିଲେ। ପଣ୍ଡିତ ପ୍ରଭାକର ଶତପଥୀ ପୂଜାପାଠ ସହ ହୋମଯଜ୍ଞ ସମାପନ କରିଥିଲେ। ଏଥିରେ କୁଳମଣି ପ୍ରଧାନ, ସୁରେଶ ଦାଶଙ୍କ ସମେତ ସମଲେଇ ମନ୍ଦିର ପରିଚାଳନା କମିଟି ଓ ଗୋଡ଼ଭଗା ମା' ଦୁର୍ଗାପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚିନାବାଦାମ ଫସଲ ନଷ୍ଟ କଲେ ଜଙ୍ଗଲୀ ବାର୍ହା



**କୁଚିଣ୍ଡା,୧୨।୪(ବିରଞ୍ଚି ଦର୍ଡା):** କୁଚିଣ୍ଡା ରେଞ୍ଜ ଅଧୀନସ୍ଥ କୁଚିଣ୍ଡା ବ୍ଲକର ସାତକମା (ବିଜାଡିହି) ଗ୍ରାମରେ ଜଙ୍ଗଲୀ ବାର୍ହାଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। ନିକଟସ୍ଥ ଜଙ୍ଗଲରୁ ଗୁରୁବାର ରାତିରେ ବାର୍ହା ପଲ ଆସି ବିଜାଡିହିରେ ଖରାଟିଆ ଚିନାବାଦାମ ଚାଷ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ୨୦ରୁ ୨୫ଟିକିଆ ବାର୍ହା ପଲ ରାତିରେ ଆସୁଥିବା ବେଳେ ଏବେ ଚିନାବାଦାମ ଅମଳ ଯୋଗ୍ୟ ହୋଇଥିବାରୁ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ବାର୍ହା ପଲ କିଆରିରେ ପଶି ଚିନାବାଦାମକୁ ଦଳି ନଷ୍ଟ କରିବା ସହ ଖାଇଦେଉଥିବା ଚାଷୀମାନେ କହିଛନ୍ତି। ବାର୍ହା ପଲ ବିଜାଡିହିର ସନ୍ତୋଷ ଖର୍ସେଲ, କେଦାର ପଟେଲ, ଶୋଭାରାମ ବାଘ, ହରିଲାଲ ପରୁଆ, ନିରୋଧ ପରୁଆ, ଦିଲୀପ ଖର୍ସେଲ, ମୋହନଲାଲ ପରୁଆ, ଜଗତ ବନ୍ଧୁ ପରୁଆଙ୍କ ପ୍ରାୟ ୧୨ଏକର ଚିନାବାଦାମ ଫସଲ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ବନବିଭାଗ ଏହାର ତଦନ୍ତ କରି କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।

### ରାଜ୍ୟରେ ପୋଲିସ ଅସୁରକ୍ଷିତ: ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର,୧୨।୪ (ଭବାନୀ ଶଙ୍କର ଭୋଇ):** ବରଗଡ଼ ଜିଲା ଝାରବନ୍ଧ ଥାନା ନିତ୍ୟାନନ୍ଦପୁର ଗାଁରେ ସ୍ଥାନୀୟ ପୋଲିସ ଆକ୍ରମଣର ଶୀକାର ହେବା ଘଟଣାରେ ଚିନ୍ତାପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ପୋଲିସ ଅସୁରକ୍ଷିତ ହୋଇପଡ଼ିଛି। ଗଞ୍ଜେଇ ବେପାରୀଙ୍କୁ ଧରିବାକୁ ଯାଇଥିବା ବେଳେ ମହିଳା ଥାନାଧିକାରୀଙ୍କୁ ଏକ ଘରେ ବନ୍ଦୀ କରିବା ସହ ଅନ୍ୟ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏହା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି। ଏହା କ'ଣ ସରକାରଙ୍କ ଦୀର୍ଘ ୨୫ ବର୍ଷ ଶାସନର ଉପଲବ୍ଧି କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

### ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

**ସମ୍ବଲପୁର,୧୨।୪(ବି.ଶଙ୍କର):** ସମ୍ବଲପୁର ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ଶୁକ୍ରବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଓକିଲମାନଙ୍କ ଉପସ୍ଥିତିରେ ଜିଲା ଓକିଲସଂଘ ସଭାପତି ସତ୍ୟନାରାୟଣ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫୌଜଦାରି ଆଇନ, ଏଫ୍ଆଇଆର୍, ବେଲ, ସମନ, ୱାରେଣ୍ଟ, ଇ ଅପିଲ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ପରିଚାଳନା କରିଥିଲେ।

### ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ ଓଡ଼ିଶା ଇତିହାସରେ ବିରଳ

**ସମ୍ବଲପୁର,୧୨।୪ (ଭବାନୀ ଶଙ୍କର ଭୋଇ):** ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ଗୁରୁବାର ସାମାଜିକ ସଙ୍ଗଠନ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ଆବାହକ ବେଣୁଧର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଜିଏମ୍ କଲେଜ ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାମ୍ରାଜ୍ୟବାଦ ବିରୋଧରେ ପଣ୍ଡିତ ମିଶ୍ରଙ୍କ ସଂଗ୍ରାମ ଓଡ଼ିଶା ଇତିହାସରେ ବିରଳ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ପଣ୍ଡିତ ମିଶ୍ର ରାଜନୈତିକ ହିଂସାର ଶିକାର ହୋଇଥିବା ବେଳେ ତାଙ୍କର ଜୀବନ ସଂଗ୍ରାମ ଉପରେ ଅଧିକ ଗବେଷଣା କରାଯିବାର ଆବଶ୍ୟକତା ରହିଥିବା ମଞ୍ଚର ସଦସ୍ୟମାନେ ଦାବି କରିଥିଲେ।

# ବିଦ୍ୟାଳୟସ୍ତରରେ ମାଗଣା ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠାକୁ ଗୁରୁତ୍ୱ

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମୀକ୍ଷା ବୈଠକ

**ସମ୍ବଲପୁର,୧୨।୪(ବି.ଶଙ୍କର)**



ସମୀକ୍ଷା ବୈଠକରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ।

ଧନକଉଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ସପ୍ତମ ସମୀକ୍ଷା ବୈଠକ ଶୁକ୍ରବାର ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସେବଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ଦୀପକ ରାୟ ଯୋଗଦାନ କରିଥିଲେ। ବିଇଓ ଭୋଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବିଦ୍ୟାଳୟସ୍ତରରେ ମାଗଣା ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା ଓ ଛାତ୍ରୀଛାତ୍ରଙ୍କ ପାଇଁ ସେହି ପୁସ୍ତକଗୁଡ଼ିକର ସହଜ ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ନୃସିଂହ ଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଲ୍ଲଭ ମେହେର ଷଷ୍ଠ ବୈଠକର ଉପଲବ୍ଧି, ଗୃହୀତ ପ୍ରସ୍ତାବଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ଧାରଣା ଦେଇଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ବିଦ୍ୟାଳୟସ୍ତରରେ ଗଠିତ ବିଭିନ୍ନ କ୍ଲବ ଓ ହାଉସଗୁଡ଼ିକର ଠିକ ପରିଚାଳନା ଉପରେ ଆଲୋଚନା କରିଥିଲେ। ହୀରାକୁଦ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର ୫ଟିବିଦ୍ୟାଳୟରେ ଆସବାବପତ୍ର ରକ୍ଷଣାବେକ୍ଷଣ ଉପରେ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା ବିଦ୍ୟାଳୟ ବିମୁଖ ଛାତ୍ରୀଛାତ୍ରଙ୍କୁ ପୁନର୍ବାର କିପରି ବିଦ୍ୟାଳୟ ଅଭିମୁଖୀ କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସସ୍ମିତା ପାଟଯୋଶୀ, ସଂଯୁକ୍ତା ସାହୁ, ବିଆର୍‌ସିସି ରମେଶ ଚନ୍ଦ୍ର ମିଶ୍ର, ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିନ୍ନି ବାଡ଼ା, ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କରଣ ଶର୍ମା, ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହା, ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନର ପ୍ରଧାନଶିକ୍ଷୟିତ୍ରୀ ତାରାବତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼େଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ବିଦ୍ୟାଳୟରେ ଶିଶୁମାନଙ୍କୁ ସ୍ୱାଗତ କରାଯାଉଛି।

**ଝାରସୁଗୁଡ଼ା, ୧୨।୪ (ସଞ୍ଜୟ ମାଲି)**

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ଶୁକ୍ରବାର ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ଦିନରେ ୪୬ ଜଣ ଦିବ୍ୟାଙ୍ଗ ଶିଶୁ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୫ ଜଣ ନିଜ ଶ୍ରେଣୀରେ ପ୍ରବେଶ କରିଛନ୍ତି। କେତେଜଣ ଦିବ୍ୟାଙ୍ଗ ଶିଶୁଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାବେଳେ ଆଉ କେତେକଙ୍କ ଆବଶ୍ୟକ କାଗଜାତ ନ ଥିବାରୁ ମନୋନୟନ କମିଟି ସେମାନଙ୍କୁ ବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ବାହାରେ ରଙ୍ଗୋଲି ସହ କଳସ ସ୍ଥାପନ କରି ଦିବ୍ୟାଙ୍ଗ ପିଲାମାନଙ୍କୁ ବନ୍ଦାପନା କରି ଶିକ୍ଷୟିତ୍ରୀଶିକ୍ଷକ ସ୍ୱାଗତ କରିଥିଲେ। ଅଧ୍ୟକ୍ଷା ନମିତା ନାଥଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଲୋଚନା ସାହୁ, ସସ୍ମିତା ବରାଳ, ଉପେନ୍ଦ୍ର ଭଇଁଶା, ପଲ୍ଲବୀ ଭୋଇ, ପ୍ରୀତିରାଣୀ ଦାଶ, ଲକ୍ଷ୍ମୀପ୍ରିୟା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନବ ଦାସ ହତ୍ୟା ମାମଲାର ୧୨ତମ ସାକ୍ଷ୍ୟ ଗ୍ରହଣ

**ଝାରସୁଗୁଡ଼ା, ୧୨।୪ (ସଞ୍ଜୟ ମାଲି)**

ଝାରସୁଗୁଡା ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ୧୨ତମ ସାକ୍ଷ୍ୟ ଗ୍ରହଣ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ ଲମଟିବାହାଲର ଅମରେନ୍ଦ୍ର ନାଥଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ପୋଲିସ ଏଏସ୍ଆଇ ଗୋପାଳ ଦାସ ଭର୍ଚୁଆଲ ମୋଡରେ କୋର୍ଟରେ ହାଜର ହୋଇଥିଲେ ବୋଲି ଗୋପଳଙ୍କ ଓକିଲ ନରେଶ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୩ ଜାନୁଆରୀ ୨୯ରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଝାରସୁଗୁଡ଼ାରୁ ବ୍ରଜରାଜନଗର ଅଭିମୁଖେ ବାହାରିଥିଲେ। ବ୍ରଜରାଜନଗର ଗାନ୍ଧୀ ଛକଠାରେ ସେ କାର୍‌ରୁ ଓହ୍ଲାଇବା ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ଏଏସ୍ଆଇ ଗୋପାଳ ଦାସ ନିଜ ସର୍ଭିସ ରିଭଲଭରରୁ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେହିଦିନ ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଭାର ନେଇଥିଲେ ମଧ୍ୟ ଅଦ୍ୟାବଧି ହତ୍ୟା ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ।

## ସୁରେଶ ପୂଜାରୀଙ୍କ ପ୍ରାର୍ଥୀତ୍ୱକୁ ବିରୋଧ

**ବ୍ରଜରାଜନଗର,୧୨।୪(ବିଜୟ ବରାଡ଼)**



ସୁରେଶଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ବାହାରିଥିବା କର୍ମୀମାନେ।

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ବ୍ଲକ ଓ ୧୯ଖଣ୍ଡ ମୌଜାର ଭାଜପା ସମର୍ଥକମାନେ ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଛନ୍ତି। ଏହାକୁ ନେଇ ଶୁକ୍ରବାର ଲଖନପୁର ବ୍ଲକର କଣ୍ଡେଇକେଲା, ରେମତା, ଚାରପାଲି, ବାଡିମ୍ବାଲ, ଭିକାମପାଲି, ମାଛିଦା, ଅତାବିରା, ପଞ୍ଚାଗାଁ, କାତରଭାଗା, ଜାମଗାଁ ଆଦି ପଞ୍ଚାୟତର ଶତାଧିକ ମହିଳାପୁରୁଷ ଏକାଠି ହୋଇଥିଲେ। ପରେ ସେମାନେ ବ୍ରଜରାଜନଗରସ୍ଥିତ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂଙ୍କ କାର୍ଯ୍ୟାଳୟକୁ ଯାଇ ସୁଜିତ ସ୍ୱାଧୀନ ଭାବରେ ଲଢନ୍ତୁ ବୋଲି ଅଡିବସିଥିଲେ। ସେମାନେ ଅଭିଯୋଗ କରିଥିଲେ, ରାଜ୍ୟ ସଭାପତିଙ୍କ ପ୍ରାର୍ଥୀ ଚୟନକୁ ଆମେ ବିରୋଧ କରୁଛୁ। ଭାଜପା ପକ୍ଷରୁ ସୁରେଶ ନିର୍ବାଚନ ଲଢିଲେ ଲଖନପୁର ବ୍ଲକ ତଥା ୧୯ଖଣ୍ଡ ମୌଜାରୁ କେହି ତାଙ୍କୁ ସମର୍ଥନ କରିବେ ନାହିଁ। ଦୀର୍ଘ ୪ବର୍ଷ ହେବ ସୁଜିତ ତାଙ୍କ ପାଖରେ ଛିଡା ହୋଇଛନ୍ତି। ତେଣୁ ରାଜ୍ୟ ନେତୃତ୍ୱ ପ୍ରାର୍ଥୀ ବଦଳାଇ ଦିଅନ୍ତୁ ବୋଲି ଦାବିକରିଥିଲେ। ଏ ସମ୍ପର୍କରେ ସୁଜିତ କହନ୍ତି, ସେ ନିର୍ଦ୍ଦଳୀୟ ଲଢ଼ି ଦଳ ବିରୋଧୀ କାର୍ଯ୍ୟ କରିବେ ନାହିଁ। ଦଳର ଶୀର୍ଷ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାକୁ ସେ ମାନିବେ ବୋଲି କହିଛନ୍ତି। ସୁରେଶ ପୂଜାରୀଙ୍କୁ ପଚାରିବାରେ କର୍ମୀମାନଙ୍କୁ ବୁଝାଶୁଝା କରି ଆଗକୁ ବଢ଼ିବେ ବୋଲି ପ୍ରକାଶ କରିଛନ୍ତି।

## ଏସ୍‌ୟୁ ଏସ୍‌ଟିଏସ୍‌ସି କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୨।୪(ବି.ଶଙ୍କର):** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଏସ୍‌ଟିଏସ୍‌ସି କର୍ମଚାରୀ ସଂଘର ୩୪ତମ ପ୍ରତିଷ୍ଠା ଦିବସ ଓ ମହାତ୍ମା ଜ୍ୟୋତିବା ଫୁଲେଙ୍କ ୧୯୭ତମ ଜୟନ୍ତୀ ଗୁରୁବାର ପାଳିତ କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ସଂଘ ସଭାପତି ନିହାଲ ସିଂ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାତା ସଭ୍ୟ ଶିବଶଙ୍କର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଚରଣ ଗୋପାଳ ସେଠୀ ବାର୍ଷିକ ବିବରଣୀ ପାଠ କରି ଏସ୍‌ଟିଏସ୍‌ସି କର୍ମଚାରୀଙ୍କୁ ନିଜ ହକ ପାଇଁ ମିଳିତ ଭାବରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ବୈଠକ

**ନାକଟିଦେଉଳ,୧୨।୪(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ସରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକରେ ଥିବା ୫-ଟି ରୂପାନ୍ତରିତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ଅବକାଶରେ ୫-ଟି ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ସମସ୍ତ ଉପକରଣ ଯଥା ଇ-ଲାଇବ୍ରେରି, ପାଠାଗାର, ବିଜ୍ଞାନଗାର, ଶୌଚାଳୟ, କ୍ରୀଡ଼ା ଉପକରଣର ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କ ନାମ ଲେଖାଯିବା, ବିଦ୍ୟାଳୟରେ ମାଗଣା ପାଠ୍ୟ ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରିସର୍ଚ୍ଚ ପର୍ସନ ଭାବେ ଅରୁଣ ପ୍ରଧାନ ବିଭିନ୍ନ ବିଷୟରେ ତାଲିମ ଦେଇଥିଲେ। ଏହି ବୈଠକରେ ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧିମାନେ ଯୋଗଦେଇଥିଲେ।

## କିଶୋର ମହାନ୍ତିଙ୍କ ଜୟନ୍ତୀ ପାଳିତ



କିଶୋରଙ୍କ ପ୍ରତିମୂର୍ତ୍ତି ତଳେ ବିଧାୟିକା ଅଳକାଙ୍କ ସହ ଅନ୍ୟ ନେତୃବୃନ୍ଦ।

**ବ୍ରଜରାଜନଗର,୧୨।୪(ବିଜୟ ବରାଡ଼)**

ସ୍ୱର୍ଗତ କିଶୋର ମହାନ୍ତିଙ୍କ ୬୬ତମ ଜୟନ୍ତୀ ଅବସରରେ ଶୁକ୍ରବାର ବ୍ରଜରାଜନଗର ଖଲିଆକାନୀଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କ ସହଧର୍ମିଣୀ ବିଧାୟିକା ଅଳକା ମହାନ୍ତି କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, କିଶୋର ଝାରସୁଗୁଡ଼ା ଜିଲା ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ। ତାଙ୍କର ଦେହାନ୍ତ ବ୍ରଜରାଜନଗରବାସୀଙ୍କ ପ୍ରଭୁତ କ୍ଷତି ଘଟାଇଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରି ଦ୍ୱିତୀୟ ଥର ଲଢ଼ିବା ପାଇଁ ଆଶୀର୍ବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶମୁଖୀ କାର୍ଯ୍ୟଧାରାକୁ ଆଗେଇନେବା ପାଇଁ ଗତ ଦୁଇବର୍ଷ ହେବ ସେ କାର୍ଯ୍ୟ କରିଆସୁଛନ୍ତି। ଲୋକଙ୍କ ଆଶୀର୍ବାଦ ନେଇ ଆମକୁ ଆଗକୁ ବାଢ଼ିବାକୁ ହେବ ବୋଲି କହିଥିଲେ। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ଯାଜ୍ଞସେନୀ ଓରାମ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ଓଡ଼ିଶା କୋଲ ମଜଦୁର ସଂଘ ସଦସ୍ୟ ସଦାନନ୍ଦ ବିଶି, ବାବୁ ବଞ୍ଚୋର, ବରିଷ୍ଠ ସଦସ୍ୟ କୁଳମଣି ଦାସ, ନୃପ ତାଣ୍ଡିଆ, ନାରୀ ନେତ୍ରୀ ସାଧନା ସାମନ୍ତରାୟ, ନଳିନୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ସମ୍ବଲପୁରୀ ଧନୁଯାତ୍ରା କମିଟି ଆୟୋଜିତ ସମ୍ବର୍ଦ୍ଧନା ସଭା।

**ସମ୍ବଲପୁର,୧୨।୪(ବି.ଶଙ୍କର)**

ସମ୍ବଲପୁରୀ ଧନୁଯାତ୍ରା କମିଟି ଆୟୋଜନରେ କଳାକାର ସମ୍ବର୍ଦ୍ଧନା ସଭା ଜିଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସଞ୍ଜୟ କୁମାର ବାବୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ସତ୍ୟରଞ୍ଜନ ବେହେରା, ନାଟ୍ୟକାର ପ୍ରଶାନ୍ତ କୁମାର ମହାରଣା, ଶ୍ରମିକ ନେତା ଗୋକୁଳ ମେହେର, ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧନୁଯାତ୍ରାର ବିଭିନ୍ନ ଭୂମିକାରେ ଅଭିନୟ କରିଥିବା କଳାକାରମାନଙ୍କୁ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଚଳିତବର୍ଷ ସମ୍ବଲପୁରରେ ପ୍ରଥମଥର ଆରମ୍ଭ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରା କଳାକାର ଓ କମିଟି କର୍ମକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ସଫଳତା ପାଇଛି, ଯାହା ଅନ୍ୟମାନଙ୍କ ସକାଶେ ଉଦାହରଣ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟି ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ସନ୍ତୋଷ ରାୟଗୁରୁ, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରିୟଙ୍କା ପ୍ରଧାନ, ଯୋଗେଶ ନନ୍ଦ, ଓମ୍ ସାଇରାମ ଓ ସତ୍ୟବ୍ରତ, ଘୁନୁ ଚରଣ ପାଢ଼ୀ, ଲଳିତ ମୋହନ ବେବର୍ତ୍ତା, ସତ୍ୟନାରାୟଣ ସାହୁ, ତର୍ପଣ ପ୍ରଧାନ, ସୌରୀନାରାୟଣ ପାଣିଗ୍ରାହୀ, ପ୍ରମିଳା ବେହେରା, ସୁସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ। ଶେଷରେ ନିଶିକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ମିଶ୍ରଣ ପର୍ବ

**ଝାରସୁଗୁଡ଼ା, ୧୨।୪ (ସଞ୍ଜୟ ମାଲି)**

ଝାରସୁଗୁଡ଼ା ବେହେରାମାଲଠାରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ତଥା ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୫୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ବିଜେଡିରେ ଯୋଗ ଦେଇଛନ୍ତି। ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ନୂତନ ଭାବରେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଦୀପାଳି କହିଥିଲେ, ଝାରସୁଗୁଡ଼ାରେ ବିଜୁ ଜନତା ଦଳକୁ ଆହୁରି ସଶକ୍ତ ହୋଇଛି। ଓଡିଶାବାସୀଙ୍କ ବିଶ୍ୱାସର ପ୍ରତୀକ ହେଉଛନ୍ତି ନବୀନ ପଟ୍ଟନାୟକ। ରାଜ୍ୟବାସୀଙ୍କ ଭଲପାଇବା ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି । ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ବିଜୟୀ ହେବା ସହ ପୁଣି ଥରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟର ଉନ୍ନତି ଓ ପ୍ରଗତୀ ପାଇଁ କାର୍ଯ୍ୟ କରିବେ ବୋଲି ଦୀପାଳି କହିଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃବୃନ୍ଦ।

## ଅଦୃଶ୍ୟ ନାଟ୍ୟ ଆଶ୍ରମର ସଫଳତା

**ସମ୍ବଲପୁର,୧୨।୪(ବି.ଶଙ୍କର)**

ଗତ ଫେବୃୟାରୀ ୨୩ରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ସଞ୍ଚାର ବିଭାଗ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଡ୍ରମା ବିଭାଗ ଚୟନ ପରୀକ୍ଷାରେ ସମ୍ବଲପୁରର ସାଂସ୍କୃତିକ ଅନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ଭାଗ ନେଇ କୃତକାର୍ଯ୍ୟ ହୋଇଛି। ଏହି ଅନୁଷ୍ଠାନ ଆଗାମୀ ତିନିବର୍ଷ ପାଇଁ ମନ୍ତ୍ରଣାଳୟ ସହିତ ପଞ୍ଜୀକୃତ ହୋଇଛି। ଫଳରେ ଆଗାମୀ ଦିନଗୁଡିକରେ ଦଳ ନାଟକ ମଞ୍ଚସ୍ଥ କରିବା ସହ ମନ୍ତ୍ରଣାଳୟର ବିଭିନ୍ନ ସଚେତନତା କାର୍ଯ୍ୟ କରିବ। ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ପରୀକ୍ଷାରେ ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ ଅତୀଶ କୁମାର ଶତପଥିଙ୍କ ନେତୃତ୍ୱରେ ୧୨ ଜଣିଆ ଦଳର ପ୍ଲାବନ ମିଶ୍ର, ନରେନ୍ଦ୍ର ବେହେରା, ଶୁଭମ ମେହେର, ରାହୁଲ ଗୁପ୍ତା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁର, ସଂକେତ ପୁରୋହିତ, ଘନଶ୍ୟାମ ମେହେର, ଆଦିତ୍ୟ ସାହା, ହେମସାଗର ମହାନନ୍ଦ, କାର୍ତ୍ତିକ ମେହେର ଯୋଗଦେଇ ଏହି ସଫଳତା ହାସଲ କରିଥିଲେ। ଶୁକ୍ରବାର ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନଙ୍କୁ ସହରର ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଦିଆଯାଇଛି।



ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ରାକେଶ



@ କିରଣ



@ ସ୍ୱସ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାର୍ଥୀ ଚୟନରେ ଅବିଚାର ଅଭିଯୋଗ ଆଣିଲେ

ବଲାଙ୍ଗୀର,୧୨।୪(ବୀରେନ୍ଦ୍ର କୁମାର ଝାଙ୍କର)



ଭଗବତୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଭାଜପା ପ୍ରାର୍ଥୀ ଅନନ୍ତ ଦାଶ ଓ ତାଙ୍କ ସମର୍ଥକ।

- ଭାଜପା ପୂର୍ବତନ ବିଧାୟକ ପ୍ରାର୍ଥୀ ସମର୍ଥକଙ୍କ ମେଳି
- ସମାବେଶରେ ଯୋଗଦେଲେ ଭାଜପାର ୪ ମଣ୍ଡଳ ସଭାପତି
- ଏମ୍‌ପି ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ କଲେ ବିଷୋଦ୍‌ଗାର

ବଲାଙ୍ଗୀର ଭାଜପାରେ ଗୋଷ୍ଠୀକନ୍ଦଳ ଦିନକୁ ଦିନ ମୁଖର ହେବାରେ ଲାଗିଛି। ଦୁଇଦିନ ପୂର୍ବରୁ ଭାଜପା ପୂର୍ବତନ ଜିଲା ସଭାପତି ପ୍ରଭାସ ପାଣିଗ୍ରାହୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଶୁକ୍ରବାର ସ୍ଥାନୀୟ ଭଗବତୀ କଲ୍ୟାଣ ମଣ୍ଡପରେ ଭାଜପା ଯୁବନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଅନନ୍ତ ଦାଶଙ୍କ ଶତାଧିକ ସମର୍ଥକ ଏକ ସମାବେଶ କରି ଦଳୀୟ ଏମପି ଏବଂ ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ବୈଠକରେ ସେମାନେ ନିଜର ଅସନ୍ତୋଷ ଜାହିର କରିବା ସହ ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନରେ ଘୋର ଅବିଚାର ହୋଇଛି ବୋଲି କହିଛନ୍ତି। ଯେଉଁମାନେ ଏହି ଅବିଚାର କରିଛନ୍ତି ତାଙ୍କ ବିରୁଦ୍ଧରେ ଅସନ୍ତୋଷ ଜାହିର କରିବା ଏବଂ ତାଙ୍କ ନିଷ୍ପତ୍ତିକୁ ତର୍ଜମା କରିବା ତୃଣମୂଳ କର୍ମୀଙ୍କ ରହିଛି ବୋଲି କହିଛନ୍ତି। ଭାଜପା ନେତା ଅନୀଲ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଚୁଡାପାଲି ମଣ୍ଡଳ ସଭାପତି ଗୁଣନିଧି ପଟେଲ, କୁଡାସିଂହା ମଣ୍ଡଳ ସଭାପତି ଉଗ୍ରସେନ ପାତ୍ର, ଦେଓଗାଁ ମଣ୍ଡଳ ସଭାପତି ଗଣେଶ ବାଗ, ବନ୍ଧପଡା ମଣ୍ଡଳ ସଭାପତି ଅଶୋକ ସାଏ, ନାରୀନେତ୍ରୀ ଗୀତାଞ୍ଜଳି ବେହେରା, ରୀନା ଭୋଇ, ମମତା ଗଡନାୟକ, ନିରଞ୍ଜନ ସେଲମା, ବନବିହାରୀ ପଟେଲ, ଗୋପୀନାଥ କ୍ଷେତୀ ଓ ଲୋକନାଥ ଭୋଇ ମଞ୍ଚାସୀନ ହୋଇଥିଲେ। ବୈଠକରେ ଚଳିତ ନିର୍ବାଚନରେ ଅନନ୍ତ ଦାଶଙ୍କୁ ଦଳୀୟ ପ୍ରାର୍ଥୀ କରା ନ ଯିବାରୁ ସମର୍ଥକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳିକି ସେମାନେ ବଲାଙ୍ଗୀର ଏମପି ତଥା ଚଳିତ ନିର୍ବାଚନରେ ଏମପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଏବଂ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀଙ୍କ ବିରୁଦ୍ଧରେ ମଧ୍ୟ ବୈଠକରେ ଅସନ୍ତୋଷ ଜାହିର କରିଥିଲେ। ପୂର୍ବତନ ବିଧାୟକ ପ୍ରାର୍ଥୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ତାଙ୍କ ଟିକଟ କଟାଯାଇଥିବାରୁ ସେ ଦୁଃଖିତ ନାହାନ୍ତି। ତେବେ ତାଙ୍କ ବଦଳରେ ଯାହାଙ୍କୁ ପ୍ରାର୍ଥୀ କରାଯାଇଛି ତାଙ୍କୁ ଟିକଟ ଦେବା ପୂର୍ବରୁ ତାଙ୍କ ବିଷୟରେ ସବିଶେଷ ବିଚାର କରାଯିବା ଆବଶ୍ୟକ ଥିଲା। ସେ ଦଳରେ କେବେଠାରୁ ଅଛନ୍ତି, କେବେ ଦଳ ଛାଡି ପୁଣି କେବେ ଦଳରେ ମିଶିଛନ୍ତି। ଏହା ପୂର୍ବର ନିର୍ବାଚନ ଗୁଡିକରେ ସେ କ'ଣ କରିଥିଲେ ସେ ବିଷୟରେ ସମସ୍ତେ ଜାଣିଥିଲେ ବି ତାଙ୍କୁ କିଭଳି ଏଥର ଦଳ ପ୍ରାର୍ଥୀ କଲା ବୋଲି ପ୍ରଶ୍ନ କରିଥିଲେ। ଭାଜପାରେ ସେ ଏବଂ ତାଙ୍କ ସମସ୍ତ ସମର୍ଥକ ରହିବେ ଏବଂ ଦଳ ଆଦେଶ ଦେଲେ ବଲାଙ୍ଗୀରରେ ନହେଲେ ଜିଲା ବାହାରେ ଦଳ ପାଇଁ କାର୍ଯ୍ୟ କରିବା ବୋଲି କହିଥିଲେ। ବୈଠକରେ ଭାଜପା ନେତୃତ୍ୱ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ଏବଂ ବିଧାନସଭା ପ୍ରାର୍ଥୀ ଚୟନରେ ଯେଉଁ ଅବିଚାର କରିଛନ୍ତି ତାକୁ ସମାଲୋଚନା କରିଛନ୍ତି। ଯୁବନେତା ଦାଶ ଏହା ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ ବୋଲି ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ ମଧ୍ୟ ଆଜିର ବୈଠକ ଯେ ଭାଜପାର ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସ୍କୁଲ ଗେଟ, ପାଚେରି କାମକୁ ନେଇ ବିଡିଓଙ୍କୁ ଫେରାଦ

ଲୋଇସିଂହା,୧୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅଧୀନ କେଉଁଟପାଲି ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଗେଟ ଓ ପାଚେରି ନିର୍ମାଣକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଛି । ଉକ୍ତ କାମକୁ ସ୍କୁଲ ପରିଚାଳନା କମିଟି ହାତରେ ନ୍ୟସ୍ତ ପାଇଁ ଶୁକ୍ରବାର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରିଚାଳନା କମିଟି ସଭାପତି ବାହାଦୂର ନନ୍ଦ। କମିଟି ଦ୍ୱାରା କାମ କରାଗଲେ ଉନ୍ନତ ମାନର ହେବ ବୋଲି ବିଡିଓଙ୍କୁ ଦେଇଥିବା ଦରଖାସ୍ତରେ ସେ ଉଲ୍ଲେଖ କରିଛନ୍ତି। ଉକ୍ତ ହାଇସ୍କୁଲ ୫-ଟିରେ ଅନ୍ତର୍ଭୁକ୍ତ ହୋଇ କାମ ଚାଲିଛି । ଏବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସ୍କୁଲର ଗେଟ ଓ ପାଚେରି ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଅନୁଦାନ ମିଳିବା ପରେ ପାଚେରି ନିର୍ମାଣ ପାଇଁ ଜନୈକ ବ୍ୟକ୍ତି ନିହ ଖୋଳିଛନ୍ତି। ଖୋଳିବା ବେଳେ ସେଠାରେ ଥିବା କେତେକ ଗଛକୁ କାଟି ଦିଆଯାଇଛି। ଏହାକୁ ନେଇ ସ୍କୁଲ ପରିଚାଳନା କମିଟି ଅସନ୍ତୋଷ ପ୍ରକାଶ କରିଛି। ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ଅଜାଣତରେ ଉକ୍ତ କାମ କରାଯାଉଛି ବୋଲି ପରିଚାଳନା କମିଟି ସଭାପତି ନନ୍ଦ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦଙ୍କୁ ପଚାରିବାରୁ ପରିଚାଳନା କମିଟି ସଭାପତିଙ୍କଠାରୁ ଘଟଣା ସମ୍ପର୍କରେ ବୁଝିବି ବୋଲି କହିଥିଲେ। ବିଡିଓ ଅକ୍ଷୟପାଣି ଉଡୁ କହିଛନ୍ତି ଅଭିଯୋଗ ପାଇଲା ପରେ ବିଭାଗୀୟ ଯନ୍ତ୍ରୀଙ୍କୁ କାମ ସ୍ଥଗିତ ରଖିବାକୁ କହିଛି। ଅପରପକ୍ଷେ ବନ ବିଭାଗ ଖବର ପାଇ ଘଟଣାସ୍ଥଳକୁ ଯାଇ କଟାଯାଇଥିବା ଗଛକୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଜିମା ଦେଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ ।

# ଆଦିବାସୀ ଭୋଟର ଉପରେ ସବୁ ପ୍ରାର୍ଥୀଙ୍କ ନଜର

ନୂଆପଡ଼ା,୧୨।୪(ମକାରୁ ବେମାଲ)

ନୂଆପଡା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସରଗରମ ହେବାରେ ଲାଗିଛି। ରାଜନୈତିକ ଦଳ ପ୍ରାର୍ଥି ଓ କର୍ମୀମାନେ ଗାଁ ଗାଁ ଯାଇ ସଭା ସମିତି କରି ଭୋଟରଙ୍କୁ ହାତେଇବା ପାଇଁ ଲାଗିଛନ୍ତି। ନୂଆପଡା ବିଧାନ ସଭା କ୍ଷେତ୍ରରେ ହେବିୱେଟ ନେତାମାନେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ହେବିୱେଟ ପ୍ରାର୍ଥୀମାନଙ୍କୁ ଦେଖି ବିଗ ଫାଇଟ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ବିଜେଡିରୁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଓ କଂଗ୍ରେସରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ରୋଡ ଉପରେ ପଚାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଜେଡି ଗାଁ ଗାଁ ଯାଇ ସଭା ସମିତି କରିବାରେ ଲାଗିଛି। କଂଗ୍ରେସ ବନ୍ଦ କବାଟ ଭିତରେ ପ୍ରଚାର କରୁଛି। ନୂଆପଡା ବିଧାନ ସଭା କ୍ଷେତ୍ରରେ ବର୍ତ୍ତମାନ ସୁଧା ମୋଟ ୨ ଲକ୍ଷ ୪୨ ହଜାର ୮୬୬ ଭୋଟର ରହିଥିବା ବେଳେ ଆଦିବାସୀ ଭୋଟ ୧ ଲକ୍ଷ ୩ ହଜାର ରହିଥିବାରୁ ସବୁ ପ୍ରାର୍ଥୀ ଆଦିବାସୀ ଭୋଟ ଉପରେ ନଜର ରଖିଛନ୍ତି। ପ୍ରାର୍ଥୀ ଘୋଷଣା ପରେ ୩ ପ୍ରମୁଖ ଦଳରେ ବିଦ୍ରୋହ ସୃଷ୍ଟି ହୋଇ ଆଶାୟୀ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ନେଇ ଦଳ ଗଠନ କରି ଚାଲିଛନ୍ତି। କଂଗ୍ରେସରେ ଆଶାୟୀ ପ୍ରାର୍ଥୀ ଭାବେ ଟିକଟ ପାଇଁ ଆବେଦନ କରିଥିବା ଘାସିରାମ ମାଝି ଜିଲା ସବୁ ଆଦିବାସୀଙ୍କୁ ନେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଆସିବା ପାଇଁ ସଜବାଜ ହୋଇ ଆଦିବାସୀମାନଙ୍କୁ ଏକତ୍ରିତ କରିବାରେ ଲାଗିଛନ୍ତି। ଜିଲା ଆଦିବାସୀ କଲ୍ୟାଣ ସଂଘ ସମର୍ଥନ ଦେଇ ଆଦିବାସୀ ମେଳି କରିବାରେ ଲାଗିଛି। ଘାସିରାମଙ୍କ ନିର୍ବାଚନୀ ବିଗୁଲ ବଜାଇଲା ପରେ ନୂଆପଡା ରାଜନୀତି ସମୀକରଣ ବଦଳି ଯାଇଛି। ଭାଜପା ଟିକଟ ପାଇଁ ଆଶାୟୀ ଥିବା ପ୍ରାର୍ଥୀ ଅସନ୍ତୋଷ ହୋଇ ନିର୍ବାଚନୀ ମଇଦାନକୁ ଓହ୍ଲାଇବା ସମ୍ଭାବନା ରହିଛି। ଆଗକୁ ଦେଖା ଯାଉ ହେବିୱେଟ କି ସ୍ୱାଧୀନ ପ୍ରାର୍ଥୀ କିଏ ବିଜୟ ମକୁଟ ପିନ୍ଧିବାରେ ସକ୍ଷମ ହେଉଛି।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌୫୪-ଏଏମ୍‌ଏନ୍-ସିଏଲ୍‌ଏନ୍-କ୍ଲଷ୍ଟର୪-୨୪, ତାରିଖ: ୧୦।୦୪।୨୦୨୪।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୧୦୯୬ ଦିନ ଅବଧି ପାଇଁ ବଡ଼ବିଲ, ଝିଙ୍କପାଣି, କେନ୍ଦପୋଷି, ମାଲୁକା, ଡାଙ୍ଗୋଆପୋଷି, ନୋଆମୁଣ୍ଡି, ବଡ଼ ଜାମଦା, ଗୁଆ, ଦେଓଝର, ମୁର୍ଗା ମହାଦେବ ରୋଡ୍, ବାଂଶପାଣି, ଜାରୋଲି ଏବଂ ଚାଇବାସା ରେଳ ଷ୍ଟେଶନଗୁଡ଼ିକରେ ପରିଣାମ ଆଧାରିତ ମାନୁଆଲ୍ ସଫେଇ ଓ ରକ୍ଷଣାବେକ୍ଷଣ। **ବିଭାଗୀୟ ମୂଲ୍ୟ:** ₹୧,୨୧,୯୩,୬୪୬.୬୪। **ଅମାନତ ରାଶି:** ₹୨,୧୧,୦୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୫।୨୦୨୪ରିଖ ୧୨.୩୦ ଘଟିକା। **ୱେବ୍‌ସାଇଟ୍ ବିବରଣୀ: www.ireps.gov.in**
ବି.ଦ୍ର.: ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରଙ୍କୁ **www.ireps.gov.in**ରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ପଡ଼ିବ। **(PR-32)**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଗଣେଷ ଷ୍ଟୋର, ରସୁଲଗଡ଼ ଛକ, ଡାଲିଗ୍ରଉଳ ଓ ଷ୍ଟେସ୍‌ନାରୀ ଗୋଦାମ ପାଇଁ ୪ ଅଭିଜ୍ଞ ପିଲା ଆବଶ୍ୟକ । ଦରମା ୧୦,୦୦୦ ରୁ ୧୩,୦୦୦ ପର୍ଯ୍ୟନ୍ତ । ରହିବା ଖାଇବା ସବୁ ମାଗଣା ।
Mob. - 9938540795

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

# ମା' ତାରିଣୀ ଅଷ୍ଟ ଚଣ୍ଡୀଙ୍କ ଚୈତ୍ର ମହୋତ୍ସବ

ରିଷିଡ଼ା,୧୨।୪(ସୁଶାନ୍ତ ମଲ୍ଲିକ)



ଚୈତ୍ର ମହୋତ୍ସବ ଶତର ଯାତ୍ରାରେ ଭାଜପାର ଏମ୍‌ପି ପ୍ରାର୍ଥିନୀ, ପୂର୍ବତନ ଏମ୍‌ପି ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିରଠାରେ ମା' ତାରିଣୀଙ୍କ ଚୈତ୍ର ମହୋତ୍ସବରେ ଶୁକ୍ରବାର ଦେବଦେବୀଙ୍କ ନଗର ପରିକ୍ରମା ଶତରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶକ୍ତି ପୀଠ ଦେବୀ ବରୁଆମାନଙ୍କ ଦେହରେ ସବାର ହୋଇ କାଳିସୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରା ଶକ୍ତିପୀଠରୁ ଗ୍ରାମରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରାଯାଇଛି। ଏଥିରେ ଭକ୍ତଙ୍କ ସମେତ କଳାହାଣ୍ଡିର ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଏବଂ ଭାଜପାର କଳାହାଣ୍ଡି ଲୋକ ସଭା ପ୍ରାର୍ଥିନୀ ମାଳବିକା ଦେଓ ସାମିଲ ହୋଇଥିଲେ। ରିଷିଡା ମୁଖ୍ୟ ରାସ୍ତାରେ କଳସ ସ୍ଥାପନ କରି ଦେବଦେବୀଙ୍କୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା, ଉପ ସଭାପତି ସୁଶାନ୍ତ ମଲ୍ଲିକ, ସମ୍ପାଦକ କୁଞ୍ଜବିହାରି ରଣା, ସହ ସମ୍ପାଦକ ଲମ୍ବଧର ରଣା, କୋଷାଧ୍ୟକ୍ଷ ମହେନ୍ଦ୍ର ପ୍ରଧାନୀ, ବରୁଆ ସୁମନ୍ତ ଭୋଇ, ଟୁନୁ ପଟ୍ଟନାୟକ, କଫୁଳ ରଣା, ସିବୁ ରଣା, ସେବାୟତ ତଥା ପୂଜକ ରଞ୍ଜନ ରଣା ଶେଷଦେବ ରଣା, ଦୟାନିଧି ରଣା, ପୀତାମ୍ବର ରଣା, ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିଷ୍ଣୁ ରଣା, ସୂର୍ଯ୍ୟମଣି ରଣା, ହରି ବାରିକ, ପ୍ରସନ୍ନରଣା, ତାରା ଭୋଇ, କୁନି ଭୋଇ, ରମେଶ ବାରିକ, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ।

## କଂଗ୍ରେସରେ ଯୋଗଦେଲେ ଯୁବ ବିଜେଡି ନେତା



ବିଧାୟକ ନରସିଂହ ମିଶ୍ରଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେଉଛନ୍ତି ଯୁବ ବିଜେଡି ନେତା।

ଦେଓଗାଁ,୧୨।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଶିକ୍ଷା ପ୍ରତିନିଧି ତଥା ଯୁବନେତା ସଞ୍ଜୟ ହୋତା ଶୁକ୍ରବାର ନିଜର କେତେକ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ କଂଗ୍ରେସରେ ଯୋଗଦାନ କରିଛନ୍ତି। ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ କରି ହୋତାଙ୍କ ସହ ଟିଙ୍କୁ ଅଗ୍ରୱାଲ, ରାଜ କିଶୋର ସାହୁ, କେଶବ ରଣା, ଜିତେନ୍ଦ୍ର ରଣା, ସାଗରପାଲିର ଅଜୟ ସିଂ ପ୍ରଧାନୀ, କରୁଆଁଝରର ଯୁବନେତା ଅନ୍ତ ପଧାନ ଏବଂ ସହଯୋଗୀମାନେ ନରସିଂହ ମିଶ୍ରଙ୍କ ଉପସ୍ଥିତିରେ ତାଙ୍କ ବାସଭବନରେ ଦଳରେ ଯୋଗଦାନ କରିଥିଲେ। ମିଶ୍ର ସମସ୍ତ ନେତୃବୃନ୍ଦଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଦେଓଗାଁ ବ୍ଲକରେ କଂଗ୍ରେସ ଦଳକୁ ବିଜୟୀ କରିବାପାଇଁ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ଗୁଡଭେଲା,୧୨।୪ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ବିଭିନ୍ନ ଗ୍ରାମରେ ଶୁକ୍ରବାର ଭାଜପାର ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନବୀନ ଜୈନ ପ୍ରଚାର ଆରମ୍ଭ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ବିଜେଡି ସରକାର ୨୪ବର୍ଷରେ ଯାହା ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହାଠୁ ଅଧିକ କାର୍ଯ୍ୟ ହେବ ବୋଲି ପ୍ରଚାର କାଳରେ ଲୋକଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲେ। ତୁଷୁରା ସହରରେ ଭାଜପାର ଦଳୀୟ କାର୍ଯ୍ୟାଳୟକୁ ଏହି ଅବସରରେ ଜୈନ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାପରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆଁପଡା ଗ୍ରାମରେ ରାଜ ମେହେରଙ୍କ ନେତୃତ୍ୱରେ ବିଭିନ୍ନ ଦଳର ପ୍ରାୟ ୧୧୦ ଜଣ ପୁରୁଷ ମହିଳା ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦାନ କରିଥିଲେ। ପରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଟାଣ୍ଡିଗାଁ, କୁକେଡମାଳ, ଲୁର୍କୀ, ସମରା, ବଙ୍ଗୋମୁଣ୍ଡା, ନରସିଂହପୁର, ଟପରାମୁଣ୍ଡା, ଡଙ୍ଗାପଥର, ସିନ୍ଦିରାବାହାଲି ଗ୍ରାମରେ ପ୍ରଚାର କରିଥିଲେ ଜୈନ। ଏହି ସମୟରେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ସରପଞ୍ଚ କୁଞ୍ଜବିହାରୀ ସାହୁ, ଏମ୍‌ପି ପ୍ରତିନିଧି ଦୀନବନ୍ଧୁ ବେହେରା, ଅମରେଶ କେଡିଆ, ଦୀପକ ଅଗ୍ରୱାଲ, ଜିତେନ୍ଦ୍ର ମହାପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର, କାଳିଆ ସାହୁ, ରୁଣୁ ଗୋପାଳ ସାହୁ, ନରେଶ ସାହୁ, ବିଜୟ ଛତ୍ରିଆ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ସେଠ, ମହେଶ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

**ODISHA PUBLIC SERVICE COMMISSION**
**NOTICE**
No. : 2002 / PSC, Dt : 12.04.2024
(1R-02-2023-24, DR-V)
**Corrigendum to advertisement No. 27 of 2023-24 for recruitment to the post of Assistant Professor (Stage - 1) (College Branch) of Govt. Degree Colleges under Department to Higher Education.**
No.D: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 30.04.2024** to facilitate the candidates to apply smoothly.
All other terms and conditions of the Advt. No.27 of 2023-24 remain unchanged.
OIPR-12002/11/0007/2425 **Sd./-Secretary**

**MINISTRY OF ROAD TRANSPORT AND HIGHWAYS**
Transport Bhawan, 1, Parliament Street, New Delhi - 110001
**TAHASIL OFFICE, KANIHA**
Land Acquisition Officer and Competent Authority, NH-53 Project, Kaniha, Dist.: Angul
**PUBLIC NOTICE**
**For Land Owners/Persons Interested therein for Delivery of Possession of Land acquired for construction of a Nation Highway**
Kind attention of all land owners/interested persons is invited to the Public Notice published in the following Newspapers informing them regarding.
- Announcement of award.
- Calling upon them to collect the compensation within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Names of the Newspaper in which published | Date of Newspaper |
|---|---|---|
| 01 | Sambad | 05.02.2024 |
| 02 | Dharitri | 05.02.2024 |

The prescribed time of 60 days has expired on 04.04.2024. Accordingly, all the land land owners/interested persons are hereby called upon to hand over the possession of the acquied land to the undersigned immediately, falling which the same shall be taken with the police assistance in accordance with sub-section (2) of Section 3E of the NH Act 1956.
Needless to say, such of the land owners/interested persons who have still not collect their compensation amount, may collect the same on any working day from the office of the undersigned.
Sd./- Tahasildar-cum-CALA-NH-53, Kaniha

ଫର୍ମ ନଂ. ୩
[ ନିୟମାବଳୀ-୧୫(୧)(କ) ଦେଖନ୍ତୁ ]
**ଇନ୍ ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା**
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧
୨୦୨୪ର ମିସ୍ ଅପିଲ ଡାଏରୀ ନଂ. ୨୦୫
ବାଦୀ/ମାନେ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍
-ବନାମ-
ପ୍ରତିବାଦୀ/ମାନେ: ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍ ଏବଂ ଅନ୍ୟମାନେ
ପ୍ରାପ୍ତେଷୁ,
(ସମସ୍ତ ପ୍ରତିବାଦୀମାନଙ୍କ ନାମ)
୧) **ତଥାଗତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ -୭୫୧୦୦୩ (ପ୍ରତିବାଦୀ ନଂ. ୨)
୨) **ଅମ୍ରିତା ମହାପାତ୍ର ଓରଫ୍ ମହାନ୍ତି,** ସ୍ୱାମୀ: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୩)
୩) **ତୁଷାର କାନ୍ତି ମହାନ୍ତି,** ପିତା: କୃଷ୍ଣ ମୋହନ ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୪)
୪) **ଉପଗୁପ୍ତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ଏ ୧୭/୮, ସୂର୍ଯ୍ୟନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୬)
୫) **କଲର କମ୍ପ୍ଲେକ୍ସ ପ୍ରା.ଲି.,** ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିନିଧିତ୍ୱ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୯)

**ସମନ**
୧) ଯେହେତୁ ବାଦୀ, ପ୍ରିଜାଇଡିଂ ଅଫିସର, ଡେବଟ୍ସ ରିକଭରି ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ସହାୟତା ବିରୁଦ୍ଧରେ ରିକଭରି ଅଫ୍ ଡେବଟ୍ସ ଆଣ୍ଡ ବ୍ୟାଙ୍କ୍ରପ୍ଟସି ଆକ୍ଟ ୧୯୯୩ର ଧାରା ୨୦ ଅନ୍ତର୍ଗତ ଏକ ଅପିଲ୍ ଫାଇଲ୍ କରିଛନ୍ତି। ଆପଣଙ୍କୁ ଏତଦ୍‌ଦ୍ୱାରା ଏହି ଟ୍ରିବ୍ୟୁନାଲ ସମ୍ମୁଖରେ **ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ଟ୍ରିବ୍ୟୁନାଲର ସୁବିଧା ମୁତାବକ ତତ୍ପରବର୍ତ୍ତୀ କୌଣସି ସମୟରେ **ତା.୦୨.୦୫.୨୦୨୪ରିଖ** ଦିନ ଦାବିର ଉତ୍ତର ପାଇଁ ଏବଂ ଲିଖିତ ବିବୃତି ନେଇ ଦାବିର ଉତ୍ତର ଦେବାପାଇଁ ସମନ ଜାରି କରାଯାଇଛି।
୨) ଅପିଲର ଏକ କପି ଏଥିରେ ସଂଯୁକ୍ତ କରାଯାଇଛି। ଆନେକ୍ସର କପିଗୁଡ଼ିକ ମଧ୍ୟ ଏଥିରେ ସଂଯୁକ୍ତ କରାଯାଇଛି। ଆପଣ ଟ୍ରିବ୍ୟୁନାଲରେ ଉପସ୍ଥିତ ହେବା ପୂର୍ବରୁ ସଂଲଗ୍ନ ଆନେକ୍ସର/କାଗଜପତ୍ରଗୁଡିକ ସଂଗ୍ରହ କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
୩) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀର ତାଲିକା ସହିତ ଫାଇଲ୍ କରିପାରନ୍ତି।
୪) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଫାଇଲ୍ କରିବା ଆବଶ୍ୟକ।
୫) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।
ମୋର ଦସ୍ତଖତ ଏବଂ ସହି ମୋହର ସହ ଟ୍ରିବ୍ୟୁନାଲରେ **ତା.୧୦.୦୪.୨୦୨୪ରିଖରେ** ଆଦିଷ୍ଟ।
ସ୍ୱା/- ରେଜିଷ୍ଟ୍ରାର
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

# ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୫%କୁ ହ୍ରାସ

## ଫେବୃଆରୀରେ ଶିଳ୍ପ ଉତ୍ପାଦନ ୫.୭% ବୃଦ୍ଧି



ନୂଆଦିଲ୍ଲୀ,୧୨।୪

କ୍ରମାଗତ ଭାବେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ(ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟୁଛି। ଏପରିକି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ମାର୍ଚ୍ଚରେ ୪.୮୫%କୁ ହ୍ରାସ ପାଇଛି। ଫଳରେ ଖୁଚୁରା ମୁଦ୍ରାସ୍ଫୀତି ଗତ ୫ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଉଲ୍ଲେଖଯୋଗ୍ୟ, ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ଫେବୃଆରୀରେ ୫.୦୯% ରହିଥିଲାବେଳେ ୨୦୨୩ ମାର୍ଚ୍ଚରେ ଏହା ୫.୬୬% ଥିଲା। ପୂର୍ବରୁ ୨୦୨୩ ଅକ୍ଟୋବରରେ ସିପିଆଇ ଭିତ୍ତିକ ମୁଦ୍ରାସ୍ଫୀତି ସର୍ବନିମ୍ନ ଥିଲା ୪.୮୭ % ରହିଥିଲା।

ସେହିଭଳି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୫୨% ଥିବାବେଳେ ଫେବୃଆରୀରେ ଏହା ୮.୬୬% ହ୍ରାସ ପାଇଛି। ଉଭୟ ପାର୍ଶ୍ୱରେ ମୁଦ୍ରାସ୍ଫୀତି ୦% ରହିଥିବାରୁ ସୁନିଶ୍ଚିତ କରିବାକୁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୁ ଦାୟିତ୍ୱ ଦେଇଛନ୍ତି। ଅପରପକ୍ଷରେ ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଭାରତର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨୦୨୪ ଫେବୃଆରୀରେ ୫.୭%କୁ ବୃଦ୍ଧି ପାଇଛି। ଏପରିକି ଶିଳ୍ପ ଉପାଦାନ ଅଭିବୃଦ୍ଧି ଅନୁଯାୟୀ ମପାଯାଇଥିବା କାରଖାନା ଉତ୍ପାଦନ ଅଭିବୃଦ୍ଧି ୨୦୨୩ ଫେବୃଆରୀରେ ୬% ଥିଲା। ୨୦୨୩ ଅକ୍ଟୋବରରେ ଆଇଆଇପିର ପୂର୍ବର ଉଚ୍ଚତା ୧୧.୯%ରେ ରେକର୍ଡ କରାଯାଇଥିଲାବେଳେ ନଭେମ୍ବରରେ ୨.୫%, ଡିସେମ୍ବରରେ ୪.୨% ଏବଂ ୨୦୨୪ ଜାନୁଆରୀରେ ୪.୧%କୁ ହ୍ରାସ ପାଇଥିଲା। ସେହିପରି ୨୦୨୩-୨୪ ଏପ୍ରିଲ-ଫେବୃଆରୀ ଅବଧିରେ ଶିଳ୍ପ ଉପାଦାନ ଅଭିବୃଦ୍ଧି ୫.୯%କୁ ଛୁଇଁଛି, ଯାହା ପୂର୍ବ ବର୍ଷ ତୁଳନାରେ ୫.୬% ଥିଲା।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୨।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହ୍ରାସ କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୯୩(୭୯୩.୨୫) ପଏଣ୍ଟ କମି ୭୪,୨୪୫(୭୪,୨୪୪.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୩୪(୨୩୪.୪୦) ପଏଣ୍ଟ ହ୍ରାସ ଘଟି ୨୨,୫୧୯ (୨୨,୫୧୯.୪୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ପି.ସି. ଚନ୍ଦ୍ରା ଜୁଏଲର୍ସର ପଣା ସଂକ୍ରାନ୍ତି କଲେକ୍ସନ

ଭୁବନେଶ୍ୱର,୧୨।୪



ପି.ସି.ଚନ୍ଦ୍ରା ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ 'ପଣା ସଂକ୍ରାନ୍ତି' କଲେକ୍ସନର ଅନାବରଣ (ଉନ୍ମୋଚନ) ନିକଟରେ ହୋଇଯାଇଛି। ବିଶେଷକରି ସମସାମୟିକ ମହିଳାଙ୍କ ପାଇଁ ସୂକ୍ଷ୍ମ ଡିଜାଇନ ଏବଂ ହସ୍ତତନ୍ତ ଅଳଙ୍କାର ସହ ସମକକ୍ଷ ପ୍ରକୃତିର ଉପାଦାନଗୁଡ଼ିକ ଦ୍ୱାରା ପ୍ରାୟତଃ ଅନୁପ୍ରାଣିତ ମୟୂର ମୋଟିଫ୍ ଏବଂ ପୁଷ୍ପ ଢାଞ୍ଚା ପରି ଡିଜାଇନଗୁଡ଼ିକ ଜଣେ ମହିଳାଙ୍କ ଭିତର ସୌନ୍ଦର୍ଯ୍ୟକୁ ଏହା ପ୍ରତିଫଳିତ କରିଥାଏ। ସେହିଭଳି ବ୍ରାଣ୍ଡର ନୂତନ କଲେକ୍ସନ ଉଭୟ ୨୨କ୍ୟାରେଟ ସୁନା ଏବଂ ହୀରା ବର୍ଗରେ ଡିଜାଇନ ଓ ଉନ୍ମୋଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଉକ୍ତ ଅଫର ୨୦୨୪ ଏପ୍ରିଲ ୧୩ରୁ ୨୦ ପର୍ଯ୍ୟନ୍ତ ବ୍ରାଣ୍ଡର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏହି ଅଫର ଅନ୍ତର୍ଗତ ସମସ୍ତ ଅଳଙ୍କାରର ଚାର୍ଜ ଉପରେ ୨୦% ଏବଂ ହୀରା ଓ ମୂଲ୍ୟବାନ୍ ପଥରର ମୂଲ୍ୟ ଉପରେ ୧୦% ଅଫର ପ୍ରଦାନ କରାଯାଉଛି। ଅପରପକ୍ଷରେ ଦେଶର ଅଗ୍ରଣୀ ଡିଜାଇନଗୁଡ଼ିକ ସହିତ ଏକ ନୂତନ ଫ୍ୟାଶନ ଶୋ ମଧ୍ୟ ଆୟୋଜିତ ହୋଇଯାଇଛି। ବିଶେଷକରି ହୋଟେଲ ଆଇଟିସି ସ୍ୱାଗତ ପରିସରରେ ଅଭିନେତା ସଂୟମ୍ ସିଦ୍ଧ ଏବଂ ଗ୍ଲୋବାଲ ଡ୍ୟାନ୍ସ ଆଇକନ୍ ଶାଶ୍ୱତ ଜୋଷୀଙ୍କ ଜରିଆରେ ଆମର ନୂତନ ସଂଗ୍ରହ ସହ ଶୋ ଷ୍ଟପରର ଆୟୋଜନ କରାଯାଇଥିଲା।

# ଜେଏସ୍‌ପି ଫାଉଣ୍ଡେଶନର ନୂତନ ପ୍ରକଳ୍ପ

ଭୁବନେଶ୍ୱର,୧୨।୪

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ ତଥା ଜେଏସ୍‌ପି ଫାଉଣ୍ଡେଶନର ନୂତନ ପ୍ରକଳ୍ପ 'ଜିନ୍ଦଲ ଜ୍ଞାନ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କ ଜୀବନଧାରଣ ମାନରେ ଉନ୍ନତ କରିବା ସହ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିବାରିଠାରେ ଏକ ଅତ୍ୟାଧୁନିକ ସହାୟକ ଉପକରଣ ଲାଇବ୍ରେରି 'ଜିନ୍ଦଲ ଜ୍ଞାନ' ନିର୍ମାଣ (ସ୍ଥାପନ) କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଲାଇବ୍ରେରିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ପିର ସଭାପତି(ପ୍ରେସିଡେଣ୍ଟ) ତଥା ଗ୍ରୁପ ସିଏସ୍‌ଆର୍ ହେଡ୍ ପ୍ରଶାନ୍ତ ହୋତାଙ୍କ ସମେତ ଏସ୍‌ଭି ନିର୍‌ତାରର ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ମହାରଣା, ଓଡ଼ିଶା ଆସୋସିଏସନ୍ ଅଫ୍ ଦି ବ୍ଲାଇଣ୍ଡର ସଭାପତି ସନ୍ନ୍ୟାସୀ ବେହେରା ଏବଂ ଉଇ ଫର୍ ୟୁର ସାମ୍ପାଦକ ଅଭୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ସର୍ବଦା ଏକ ଅନ୍ତର୍ଭୁକ୍ତ ଭାରତ ଗଠନ ନିମନ୍ତେ ପ୍ରୟାସରତ ବୋଲି ଜେଏସ୍‌ପିର ସଭାପତି(ପ୍ରେସିଡେଣ୍ଟ) ତଥା ଗ୍ରୁପ୍ ସିଏସ୍‌ଆର୍ ହେଡ୍ ପ୍ରଶାନ୍ତ ହୋତା ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ସେହିଭଳି ଏହି ଲାଇବ୍ରେରି ଏ ଦିଗରେ ଆମର ଅନ୍ୟତମ ପ୍ରୟାସ ହୋଇଥିଲାବେଳେ ଏହି ପାଠାଗାର ଭୁବନେଶ୍ୱରର ଦୃଷ୍ଟିହୀନ ବ୍ୟକ୍ତିଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏକ ମଡେଲ ଭାବେ କାର୍ଯ୍ୟ କରିବ ବୋଲି ଆମେ ଆଶା କରୁଛୁ। ଉନ୍ନତ ଜ୍ଞାନକୌଶଳ ବ୍ୟବହାରକରି ଦୃଷ୍ଟିହୀନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ଏହି ଲାଇବ୍ରେରିରେ ୧୦୦ରୁ ଅଧିକ ଅତ୍ୟାଧୁନିକ ସହାୟକ ଉପକରଣ ରହିଛି। ଏପରିକି ସ୍କ୍ରିନ୍ ରେକଗ୍ନିସନ୍ ଡିଭାଇସ୍, ମୋବିଲିଟି ଏଡ୍ସ ଏବଂ ଯୋଗାଯୋଗ ଉପକରଣ ବିଭିନ୍ନ ଅତ୍ୟାଧୁନିକ ଉପକରଣଗୁଡ଼ିକୁ ଭାରତ ଏବଂ ବିଦେଶର ବିଭିନ୍ନ ଅଞ୍ଚଳରୁ ଅଣାଯାଇଛି। ସେହିପରି ଦୃଷ୍ଟିହୀନ ବ୍ୟକ୍ତିମାନେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଆବଶ୍ୟକତା କ୍ଷେତ୍ରରେ ସହାୟତା ପାଇଁ ଏହି ଅତ୍ୟାଧୁନିକ ଉପକରଣଗୁଡ଼ିକୁ ବ୍ୟବହାର କରିପାରିବେ।

# ଅନୁଗୋଳରେ କଲ୍ୟାଣ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

## ସୋନାକ୍ଷୀ ସିହ୍ନାଙ୍କ ଦ୍ୱାରା ବ୍ରାଣ୍ଡର ୬ଷ୍ଠ ଶୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୪ (ଅଭୟ ଦାଶ)



କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଅନୁଗୋଳର ଶଙ୍କର ସିନେମା ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର କର୍ତ୍ତୃପକ୍ଷଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶାର ଅନୁଗୋଳଠାରେ ଆମର ନୂତନ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଓଡ଼ିଶାରେ ଆମର ଭୌଗୋଳିକ ଉପସ୍ଥିତିକୁ କ୍ରମାଗତ ଭାବେ ବିସ୍ତାରକରି ଆମେ ଆମର ଅଭିବୃଦ୍ଧି ଯାତ୍ରା ଜାରି ରଖିଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ବଡ଼ ସଫଳତା ହାସଲ କରିଛୁ ଏବଂ ଗ୍ରାହକ ଶପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ମଧ୍ୟ ବଡ଼ ପଦକ୍ଷେପ ନେଇଛୁ। ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ଶପିଂ ଅନୁଭୂତି ପ୍ରଦାନ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଆଗାମୀ ଦିନରେ କମ୍ପାନୀର ବିଶ୍ୱାସ ଏବଂ ସ୍ୱଚ୍ଛତାର ମୂଳ ମୂଲ୍ୟବୋଧ ପ୍ରତି ସଚ୍ଚୋଟ ରହିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ଶୋ'ରୁମ୍‌ର ଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ବିଶେଷକରି କଲ୍ୟାଣ ସ୍ପେଶାଲ ଗୋଲ୍ଡ ବୋର୍ଡ ରେଟ୍,ଯାହା ବଜାରରେ ସର୍ବନିମ୍ନ ଏବଂ ସମସ୍ତ କମ୍ପାନୀ ଶୋ'ରୁମ୍‌ରେ ସମାନ ମାନକ ହୋଇଥିବାବେଳେ ଗହଣା କ୍ରୟ ଉପରେ ଏହା ଲାଗୁହେବ ବୋଲି ମଧ୍ୟ ଘୋଷଣା କରାଯାଇଛି। ଏହି ଅଫର କେବଳ ସୀମିତ ସମୟ ପାଇଁ ବୈଧ ରହିଛି। ଏଠାରେ କଲ୍ୟାଣର ଲୋକପ୍ରିୟ ବ୍ରାଣ୍ଡ ତେଜସ୍ୱୀ (ପୋଲକି ଗହଣା), ମୁଦ୍ରା (ହାତତିଆରି ଆଣ୍ଟିକ୍ ଗହଣା), ନିମାହ (ମନ୍ଦିର ଗହଣା), ଗ୍ଲୋ (ଡ୍ୟାନ୍‌ସିଂ ହୀରା), ଜିଆ (ସଲିଟାୟାର ଭଳି ହୀରା ଗହଣା), ଅନୋଖି (ଅନକଟ ହୀରା), ଅପୂର୍ବା (ସ୍ୱତନ୍ତ୍ର ଅବସର ପାଇଁ ହୀରା), ହୀରା (ଦୈନିକ ବ୍ୟବହାର ହୀରା ଗହଣା), ରଙ୍ଗ (ପ୍ରିସିଅସ୍ ଷ୍ଟୋନ୍ ଗହଣା) ଏବଂ ନିକଟରେ ଉନ୍ମୋଚନ ହୋଇଥିବା ଲିଲା (ହୀରା ଓ ସେମି-ପ୍ରିସିଅସ୍ ଷ୍ଟୋନ ଗହଣା) ଆଦି ରହିବ।

## ବଜାରରେ ଟିରାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୨।୪



ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା 'ଟିରା'ର ନୂତନ ଉତ୍ପାଦ 'ଟିରା ଟୁଲ୍‌ସ' ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ବ୍ରାଣ୍ଡ୍ ଉଚ୍ଚମାନର ଉତ୍ପାଦଗୁଡ଼ିକର ଏକ କ୍ୟୁରେଟେଡ୍ ଚୟନ ସହ ବିନା ସୌନ୍ଦର୍ଯ୍ୟର ରୁଟିନ୍‌କୁ ବଢ଼ାଇଥାଏ। ଏପରିକି ସୌନ୍ଦର୍ଯ୍ୟ ଶିଳ୍ପରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ସେଟ୍ ହୋଇଥିବା ଟିରା ସାମଗ୍ରୀଗୁଡ଼ିକ ଯତ୍ନର ସହ ନିର୍ମିତ ହୋଇଥିଲାବେଳେ ଆନୁଷଙ୍ଗିକ ସାମଗ୍ରୀକୁ ଏହା ଅନ୍ତର୍ଭୁକ୍ତ କରିଥାଏ। ସେହିଭଳି ପ୍ରୋ ମେକ୍‌ଅପ୍ ବ୍ରସ୍‌ଠାରୁ ଆରମ୍ଭକରି ଫେସିଆଲ୍ ରୋଲର୍ସ ଏବଂ ବିୟୁଟି ସ୍ପଞ୍ଜ ପର୍ଯ୍ୟନ୍ତ ଟିରା ଉପକରଣଗୁଡ଼ିକ ବିଭିନ୍ନ ସୌନ୍ଦର୍ଯ୍ୟ ଆବଶ୍ୟକତା ପୂରଣ ପାଇଁ ଏକ ବ୍ୟାପକ ଚୟନର ପ୍ରତିଶ୍ରୁତି ଦେଇଥାଏ। ଏପରିକି ଉତ୍କର୍ଷ ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତା ଏହାର ସବିଶେଷ ଧ୍ୟାନ ଏବଂ ଗୁଣବତ୍ତା ଉପରେ ଅଦମ୍ୟ ଧ୍ୟାନରେ ସ୍ପଷ୍ଟ ହୋଇଛି। ଟିରା ଉପକରଣ ସଂଗ୍ରହ ମଧ୍ୟରେ ଥିବା ଷ୍ଟାଣ୍ଡ ଆଉଟ୍ ଅଫର ମଧ୍ୟରେ ପ୍ରୋ ଆର୍ଟିଷ୍ଟ୍ରି କିଟ୍ ସାମିଲ ରହିଛି। ଏହି କିଟ୍‌ଗୁଡିକ ବୃତ୍ତିଗତ ମେକ୍‌ଅପ୍ କଳାକାର ଏବଂ ସୌନ୍ଦର୍ଯ୍ୟ ଉତ୍ସାହୀଙ୍କ ଚାହିଦା ପୂରଣ କରିବା ପାଇଁ ସଠିକତା ଏବଂ ବହୁମୁଖିତାକୁ ଏକତ୍ର କରିଥାଏ। ଏହା ସହ ବିୟୁଟି ସ୍ପଞ୍ଜରେ ଅତ୍ୟାଧୁନିକ ଡିଜାଇନ ବୈଶିଷ୍ଟ୍ୟ ଥିବାବେଳେ ଫେସିଆଲ୍ ରୋଲର୍ସ ଏବଂ ଗୁଆ ଶା ଟୁଲ୍ସ ସାଧନଗୁଡ଼ିକ ପ୍ରକୃତ ଜାଡେ ଏବଂ କ୍ୱାର୍ଟଜ୍ ପରି ପ୍ରିମିୟମ୍ ଗୁଣାତ୍ମକ ସାମଗ୍ରୀ ସୁନିଶ୍ଚିତ କରି ଟିରା ଉପକରଣଗୁଡ଼ିକ ନୈତିକ ମାନଦଣ୍ଡକୁ ପ୍ରାଧାନ୍ୟ ଦେଇଥାଏ।

## ନୀତି ରାଜନୀତି

# ବାରବାଟୀ-କଟକ ବିଜେଡିରେ କନ୍ଦଳ

## ଛକାପଞ୍ଝାରେ ଦେବାଶିଷ, ସୁବାସ ଗୋଷ୍ଠୀ

କଟକ,୧୨।୪(ଶିଳ୍ପା ପ୍ରିୟଦର୍ଶିନୀ)



ଦେବାଶିଷ ସାମନ୍ତରାୟ



ସୁବାସ ସିଂ

ନିର୍ବାଚନ ଯେତେ ପାଖେଇ ଆସୁଛି ବାରବାଟୀ-କଟକ ବିଜେଡିରେ ସେତେ ମାତ୍ରାରେ ଗୋଷ୍ଠୀ କନ୍ଦଳ ପଦାକୁ ଆସୁଛି। ଯେମିତିକି ଏଠାରେ ଏବେ ଦୁଇ ସଙ୍ଗଠନ କାମ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ବାରବାଟୀ-କଟକରେ ଗୋଟିଏ ଦିନରେ ଦୁଇଟି କାର୍ଯ୍ୟକ୍ରମ କରାଯାଇଛି ; ହେଲେ ନେତୃବୃନ୍ଦଙ୍କୁ ଏକାଠି ଦେଖିବାକୁ ମିଳିନାହିଁ। କଟକ ସାରଳା ଭବନରେ ବିଜେଡିର ମହିଳା ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଦଳର ବରିଷ୍ଠ ନେତୃବୃନ୍ଦ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ହେଲେ ଏଥିରେ ମେୟର ସୁବାସ ସିଂ ଅନୁପସ୍ଥିତ ଥିଲେ। ଅପରପକ୍ଷରେ ବାଲିଯାତ୍ରା ପଡିଆସ୍ଥିତ କଟକ-ଇନ୍-କଟକ ପରିସରରେ କଟକ ଯୁବ ପରିଷଦର ଇଦ୍ ମିଳନ କାର୍ଯ୍ୟକ୍ରମ ମଧ୍ୟ ମହିଳା ସମାବେଶ ଆରମ୍ଭ ହେବାର କିଛି ସମୟ ମଧ୍ୟରେ ହୋଇଥିଲା। ଏହି ଇଦ୍ ମିଳନ କାର୍ଯ୍ୟକ୍ରମ ମେୟର ସୁବାସଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଥିବାବେଳେ ମେୟର ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଏପରି କି ବିଜେଡିର ପ୍ରାୟ ନେତୃବୃନ୍ଦ ଏଥିରେ ଯୋଗଦେଇଥିଲେ। ହେଲେ କାର୍ଯ୍ୟକ୍ରମରେ ଦେବାଶିଷଙ୍କୁ ଦେଖିବାକୁ ମିଳି ନ ଥିଲା। ମେୟରଙ୍କ ସଙ୍ଗଠନ ଓ ଦେବାଶିଷଙ୍କ ସଙ୍ଗଠନ ପରସ୍ପର ଆୟୋଜନ କରୁଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ରହୁ ନ ଥିବା ବହୁ ପୂର୍ବରୁ ନଜରକୁ ଆସିଛି। ପୂର୍ବରୁ ଟିକେଟ ପାଇଁ ଏପରି ଗୋଷ୍ଠୀ କନ୍ଦଳ ଚାଲିଥିବା ଚର୍ଚ୍ଚା ହେଉଥିଲା। ହେଲେ ଏବେ ପ୍ରାର୍ଥୀ ଘୋଷଣା ସରିଥିବାବେଳେ ପ୍ରାର୍ଥୀଙ୍କୁ ନିଜ ନିଜ ସଙ୍ଗଠନ ସହ ଯୋଡିବା ପାଇଁ ଉଭୟେ ପ୍ରୟାସ ଜାରି ରଖିଛନ୍ତି। ଦେବାଶିଷ ଉପସ୍ଥିତ ଥିବା ମହିଳା ସମାବେଶରେ ବିଜେଡିର ପ୍ରାୟ କର୍ପୋରେଟର ଉପସ୍ଥିତ ଥିଲେ। ହେଲେ କେତେଜଣ କର୍ପୋରେଟରଙ୍କୁ ଦେଖିବାକୁ ମିଳି ନ ଥିଲା। ଠିକ୍ ସେହିପରି ମେୟର ଯୋଗଦେଇଥିବା କାର୍ଯ୍ୟକ୍ରମରେ କିଛି କର୍ପୋରେଟର ଅନୁପସ୍ଥିତ ଥିଲେ। ଏବେ ଦେବାଶିଷ ଓ ସୁବାସଙ୍କ ଏପରି ବିବାଦ ଚର୍ଚ୍ଚାକୁ ଖୋରାକ୍ ଯୋଗାଉଛି। ଏ ନେଇ ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ ସମସ୍ତ ପ୍ରସଙ୍ଗକୁ ଏଡାଇ କହିଛନ୍ତି, ଏହି ମହିଳା ସମାବେଶ ଦଳୀୟ କାର୍ଯ୍ୟକ୍ରମ ଥିଲା। ମହିଳା ସଙ୍ଗଠନ ମେୟରଙ୍କୁ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରିଥିଲେ। ହେଲେ କୌଣସି କାରଣ ଥିବାରୁ ସେ ଉପସ୍ଥିତ ରହିପାରିନାହାନ୍ତି। ଅପରପକ୍ଷରେ ମେୟର ସିଂ ମହିଳା ସମାବେଶ କାର୍ଯ୍ୟକ୍ରମକୁ ଡକାଯାଇଥିବା ପ୍ରଶ୍ନକୁ ଏଡାଇ କହିଛନ୍ତି, ଇଦ୍ ପାଳନ ଏକ ସାମାଜିକ କାର୍ଯ୍ୟକ୍ରମ। ତାଙ୍କୁ ନିମନ୍ତ୍ରଣ କରିଥିବାରୁ ସେଠାରେ ସେ ଉପସ୍ଥିତ ଥିଲେ। ବିଜେଡିରେ ଯେକୌଣସି କାର୍ଯ୍ୟକ୍ରମ ହେଉଛି, ସେ ସମ୍ପର୍କରେ ପୂର୍ବରୁ ଆଲୋଚନା କରାଯାଉଛି। ମହିଳା ସମାବେଶ ସମ୍ପର୍କରେ ଜାଣିଛି। ମହିଳା ସମାବେଶ ସମ୍ପୂର୍ଣ୍ଣ ଭାବେ ରାଜନୈତିକ କାର୍ଯ୍ୟକ୍ରମ ଥିଲା ବୋଲି ସିଂ କହିଛନ୍ତି।

# ମାଦଳର ତାଳେ ତାଳେ ନାଚିଲେ ଜଗନ୍ନାଥ

ପାଟଣା,୧୨।୪(ବୀର କିଶୋର ଦାଶ)



ଲୋକଙ୍କ ସହ ନାଚୁଛନ୍ତି ପାଟଣା ବିଧାୟକ ଜଗନ୍ନାଥ ନାଏକ।

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡିରୁ ଘୋଷିତ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ଭାଜପାରୁ ଆଶାୟୀ ବିଧାୟକ ପ୍ରାର୍ଥୀ ମମିତା ନାଏକ ଓ ଅଖିଳ ଚନ୍ଦ୍ର ନାୟକ, କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ହୃଷୀକେଶ ନାଏକ ଭିନ୍ନ ଭିନ୍ନ ଢଙ୍ଗରେ ଲୋକଙ୍କ ସହ ଯୋଡ଼ି ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଚମ୍ପୁଆ ବ୍ଲକ୍ ପର୍ଶଳା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ବିଜେଡିର ବୁଥସ୍ତରୀୟ ସାଂଗଠନିକ ବୈଠକ ପୂର୍ବରୁ ବିଧାୟକ ଜଗନ୍ନାଥଙ୍କୁ ପାଛୋଟି ନେବାକୁ ଆୟୋଜିତ ମାଦଳ ନାଗରା ନୃତ୍ୟ ଆୟୋଜିତ ହୋଇଥିଲା। ବିଧାୟକ ଜଗନ୍ନାଥ ଏଥିରେ ଯୋଗଦେଇ ମହିଳାମାନଙ୍କ ସହ ହାତରେ ହାତ ମିଶାଇ ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା। ବିଧାୟକଙ୍କ ନୃତ୍ୟର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି କ୍ରମରେ ମମିତା, ଅଖିଳ ଓ ହୃଷୀକେଶ ଉଭୟ ଭାଜପା ଓ କଂଗ୍ରେସରୁ ଟିକେଟ ଆଶାୟୀ ରହିଥିବା ବେଳେ ଉଭୟ ଦଳ ତରଫରୁ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ବି ସେମାନେ ବିଭିନ୍ନ ଗାଁକୁ ଯାଇ ଚବିଶ ପ୍ରହର ଓ ଅଷ୍ଟ ପ୍ରହର ନାମ ସଙ୍କୀର୍ତ୍ତନରେ ଯୋଗଦେଇ ଲୋକଙ୍କ ସହ ଭାବ ବିନିମୟ କରୁଛନ୍ତି।

# ୩ ଦଳର ପ୍ରାର୍ଥୀଙ୍କୁ ବିରୋଧ, ସ୍ୱାଧୀନଙ୍କୁ ସୁହାଇପାରେ

## ପଟାଙ୍ଗି ବିଧାନସଭା କ୍ଷେତ୍ର

ସେମିଳିଗୁଡ଼ା/ସୁନାବେଡ଼ା,୧୧।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଚକ ଦୃଶ୍ୟ ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଘୋଷଣା କରିଥିବା ବିଧାୟକ ପ୍ରାର୍ଥୀଙ୍କୁ ନିଜ ଦଳୀୟ କର୍ମୀ ବିରୋଧ କରୁଛନ୍ତି। ସବୁ ଦଳର କର୍ମୀମାନଙ୍କର ଗୋଟିଏ ଦାବି ପ୍ରାର୍ଥୀଙ୍କୁ ବଦଳାଯାଉ । ହେଲେ କୌଣସି ଦଳ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇ ନ ଥିବାରୁ ଏହାର ଫାଇଦା ସ୍ୱାଧୀନ ପ୍ରାର୍ଥୀ ନେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

୨୦୧୯ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ପିତମ୍ ପାଢ଼ୀ ୫୧,୨୪୪ ଖଣ୍ଡ ଭୋଟ ପାଇ ଜିତିଥିଲେ। କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମ୍ ୪୬, ୯୮୯, ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ୨୫, ୯୫୬ ଏବଂ ବିଏସ୍‌ପିରୁ ମୁରଲୀଧର ଗୁଣ୍ଟା ୪,୧୫୩ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ନନ୍ଦିବାଲି ଚୈତନ୍ୟ ୮,୨୩୮ ଏବଂ କୃଷ୍ଣଚନ୍ଦ୍ର ଜାନି ୩,୫୧୭ ଖଣ୍ଡ ଭୋଟ ପାଇଥିଲେ। ଚଳିତ ଥର କଂଗ୍ରେସ ରାମଚନ୍ଦ୍ର କାଡାମଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି। ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ପିତମ୍ ପାଢ଼ୀଙ୍କ ପରିବର୍ତ୍ତେ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ଦେଇଛି। ଭାଜପା ମଧ୍ୟ ପ୍ରାର୍ଥୀ ବଦଳାଇ ରାମଚନ୍ଦ୍ର ପାଙ୍ଗୀଙ୍କ ଜାଗାରେ ଚୈତନ୍ୟ ହନ୍ତାଳଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ପ୍ରମୁଖ ଦଳ ପ୍ରାର୍ଥୀଙ୍କୁ ପଟାଙ୍ଗୀ ନିର୍ବାଚନମଣ୍ଡଳୀରେ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାଜପା ଆଶାୟୀ ପ୍ରାର୍ଥୀ ନନ୍ଦିବାଲି ଚୈତନ୍ୟ ରାଜ୍ୟ ସଭାପତିଙ୍କୁ ଭେଟି ଚୈତନ୍ୟ ହନ୍ତାଳ ଜାତିଗତ ପ୍ରମାଣପତ୍ର ଜାଲିଆତି କରି ଟିକେଟ ପାଇଥିବା ଅଭିଯୋଗ ଆଣିଛନ୍ତି। ଚୈତନ୍ୟ ହନ୍ତାଳ ୨୦୧୭ରେ କୋରାପୁଟ ବ୍ଲକ୍ ମରିଚମାଳ ପଞ୍ଚାୟତରୁ ହରିଜନ ଆସନରେ ସମିତିସଭ୍ୟ ଭାବେ ଲଢ଼ି ହାରିଥିବାବେଳେ ୨୦୨୪ରେ କିପରି ଜନଜାତି ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଚୈତନ୍ୟ ହନ୍ତାଳଙ୍କୁ ହଟାଇ ତାକୁ ଦଳୀୟ ଟିକେଟ ଦେବାକୁ ନନ୍ଦିବାଲି ଚୈତନ୍ୟ ଅନୁରୋଧ କରିଛନ୍ତି। ସେହିପରି କଂଗ୍ରେସ ଓ ବିଜେଡି ଶିବିରରେ ମଧ୍ୟ ପ୍ରାର୍ଥୀ ଟିକେଟକୁ ନେଇ ଅନୁରୂପ ଅସନ୍ତୋଷ ଲାଗି ରହିଛି। ଏହି ଅସନ୍ତୋଷ ଓ ଦଳୀୟ କନ୍ଦଳର ଫାଇଦା ସ୍ୱାଧୀନ ପ୍ରାର୍ଥୀଙ୍କୁ ଯାଇପାରେ ବୋଲି କୁହାଯାଉଛି।

## ବିଜେଡି ଛାଡ଼ିଲେ ପୂର୍ବତନ କଲମପୁର ବ୍ଲକ ଅଧ୍ୟକ୍ଷ

ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଲମପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ମହେନ୍ଦ୍ର ସାହୁ ଦଳର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ଧର୍ମଗଡରେ ଏକ ଖବରଦାତା ସମ୍ମିଳନୀରେ ମହେନ୍ଦ୍ର ଏହି ସୂଚନା ଦେଇଛନ୍ତି। ସେ ଦୀର୍ଘ ବର୍ଷ ଧରି ଦଳର ଶୃଙ୍ଖଳିତ କର୍ମକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ। ଧର୍ମଗଡ଼ ନିର୍ବାଚନମଣ୍ଡଳୀ ପାଇଁ ସ୍ଥାନୀୟ ପ୍ରାର୍ଥୀ ଦେବାକୁ ଦାବି ହୋଇଥିଲେ ମଧ୍ୟ ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଦଳ ଟିକେଟ ଦେଇଛି। ଏହାସହ ଅଞ୍ଚଳରେ ବିଭିନ୍ନ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ତେଣୁ ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି। ପୂର୍ବଭଳି ସମାଜସେବାରେ ନିଜକୁ ସମର୍ପିତ କରିବେ କହିଛନ୍ତି।

# ଦଳୀୟ ଚିହ୍ନକୁ ସରକାରୀ ଯୋଜନାରେ ବ୍ୟବହାର ଅଭିଯୋଗ

## ବିଜେଡିର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ

କୁଚିଣ୍ଡା,୧୨।୪(ବିରଞ୍ଚି ଦର୍ଜୀ)



ଭାଜପା ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ କରିବାକୁ ଭାରତର ନିର୍ବାଚନ ଆୟୋଗ ପକ୍ଷରୁ ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। କୁଚିଣ୍ଡାରେ ଶାସକ ବିଜେଡି ଦଳୀୟ ଶଙ୍ଖ ଚିହ୍ନକୁ ବିଭିନ୍ନ ସରକାରୀ ଯୋଜନାରେ ବ୍ୟବହାର କରି ଆଦର୍ଶ ଆଚରଣ ବିଧିକୁ ଖୋଲା ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଶୁକ୍ରବାର ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାଏକ କୁଚିଣ୍ଡା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସର୍ବସାଧାରଣରେ ବ୍ୟବହୃତ ପାଣି ସ୍ଥାନ କିମ୍ବା କୌଣସି ସରକାରୀ ଯନ୍ତ୍ରପାତି ଆଦିରେ ରାଜନୈତିକ ଦଳଙ୍କ ଚିହ୍ନ ବ୍ୟବହାର ନ କରିବା ଉପରେ ଭାରତର ନିର୍ବାଚନ ଆୟୋଗ କଟକଣା ଲଗାଇଛନ୍ତି। ମାତ୍ର ଶାସକ ବିଜୁ ଜନତା ଦଳ କୁଚିଣ୍ଡାରେ ବିଭିନ୍ନ ସରକାରୀ ପ୍ରକଳ୍ପ, ସାଇନବୋର୍ଡ, ପରିବହନ ଯାନ ଇତ୍ୟାଦିରେ ଶଙ୍ଖ ଚିହ୍ନକୁ ବିଜ୍ଞାପନ ଭଳି ବ୍ୟବହାର କରୁଛି। ତେଣୁ ଏହା ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଥିବା ଭାଜପା ପ୍ରାର୍ଥୀ ନାଏକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତୁରନ୍ତ ସରକାରୀ ପ୍ରକଳ୍ପ ଏବଂ ସରକାରୀ ଯାନ ଅର୍ଥାତ ଲକ୍ଷ୍ମୀ ବସ୍‌ରେ ଲାଗିଥିବା ଶଙ୍ଖ ଚିହ୍ନକୁ ଅପସାରଣ କରାଯିବାକୁ ନାଏକ ଦାବି କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶୀଳ କର, ନଗର ସଭାପତି କାହ୍ନୁଚରଣ ନାୟକ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ପ୍ରାଣବନ୍ଧୁ ନାଥ, ଶଙ୍କର ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ଲୋଚନ ଶବର ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ହେମସାଗର ଭୋଇ ଏହାର ତଦନ୍ତକରି ପଦକ୍ଷେପ ନେବେ ବୋଲି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଦୁଆ ଲୋକକୁ ମଦ ଯେପରି**
**ଆପୁଆ ଲୋକକୁ ଆପୁ**
**ଗଞ୍ଜେୟା ସଙ୍ଗେ ବିଡ଼ିଆ ମିଶି**
**କଷି ଦେଉଛନ୍ତି ବପୁ।**

ମଦ, ଅଫିମ, ଗଞ୍ଜେଇ ଓ ବିଡ଼ି ଭଳି ନିଶାଦ୍ରବ୍ୟ ଶରୀର ପକ୍ଷେ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଭିନ୍ନ ପ୍ରକାରର ନିଶାସକ୍ତ ବ୍ୟକ୍ତିଙ୍କ ସ୍ୱରୂପକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ମାଘ**
**ଶୀତ ହୁଏ ବାଘ।**

ବରଷକ ଛ ଋତୁ। ଋତୁ ଅନୁସାରେ ଖରା, ବର୍ଷା ଓ ଶୀତକାକର ଆଦି ଆସିଥାଏ ଏବଂ ଯାଇଥାଏ। ତେବେ ମାଘ ମାସରେ ଶୀତର ପ୍ରକୋପ ଅଧିକ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ଫଳ ପଚାଇବାକୁ ରାସାୟନିକ ଦ୍ରବ୍ୟର ବ୍ୟବହାର

- କ୍ୟାଲସିୟମ କାର୍ବାଇଡ କ୍ୟାନସରର କାରଣ
- ବ୍ୟବସାୟୀଙ୍କୁ ଏ ନେଇ ସତର୍କ କରାଯାଇଛି

କେନ୍ଦ୍ରାପଡ଼ା, ୧୨।୪ (ଜଗନ୍ନାଥ ଧଳ)

ରମଜାନ ମାସ ଶେଷ ପରେ ମୁସଲମାନ ସମ୍ପ୍ରଦାୟର ଇଦ୍ ଉଲ୍ ଫିତର ଗୁରୁବାର ସରିଛି। ହିନ୍ଦୁଙ୍କର ନବରାତ୍ର ଚାଲିଥିବା ବେଳେ ପଣା ସଂକ୍ରାନ୍ତି ପର୍ବ ଆସୁଛି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପ୍ରଚୁର ମାତ୍ରାରେ ଫଳ କେନ୍ଦ୍ରାପଡ଼ା ବଜାରକୁ ଆସୁଛି। ତେବେ ଏହି ଫଳ ଆମ ପାଇଁ ବିଭିନ୍ନ ରୋଗର କାରଣ ସାଜିଛି। ଫଳ ପଚାଇବା ପାଇଁ ବ୍ୟବହୃତ କ୍ୟାଲସିୟମ କାର୍ବାଇଡ ବିଭିନ୍ନ ରୋଗ ସହ କ୍ୟାନସରର କାରଣ ହେଉଛି ବୋଲି ଡାକ୍ତର ମତ ଦେଇଛନ୍ତି। ଫଳ ପଚାଇବା ପାଇଁ କ୍ୟାଲସିୟମ କାର୍ବାଇଡ ଓ ଅନ୍ୟ ରାସାୟନିକ ଦ୍ରବ୍ୟର ବ୍ୟବହାର ବନ୍ଦ ପାଇଁ ୨୦୦୬ ମସିହାର ଫୁଡ ସେଫଟି, ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟରେ ବାରଣ ଅଛି। ସେହିପରି ୨୦୧୧ ମସିହା ଫୁଡ ସେଫ୍ଟି (ପ୍ରୋହିବିଶନ ଆଣ୍ଡ ରେଷ୍ଟ୍ରିକ୍ସନ) ରେଗୁଲେଶନ ଅନୁଯାୟୀ, ଏସିଟିଲିନ ଗ୍ୟାସ ବା କ୍ୟାଲସିୟମ କାର୍ବାଇଡକୁ ଖାଦ୍ୟରେ ବ୍ୟବହାର କଲେ ଅଭିଯୁକ୍ତଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି ଉଲ୍ଲେଖ ଅଛି। ମାତ୍ର ବ୍ୟବସାୟୀମାନେ ଆମ୍ବ ସହିତ ଅମୃତଭଣ୍ଡା, କଦଳୀ, ଲିଚୁ ,ସପେଟା ପରି ଫଳକୁ ଏହି ରାସାୟନିକ ଦ୍ରବ୍ୟ ମାଧ୍ୟମରେ ଅସମୟରେ ପଚାଯାଉଛି।

ଏ ସମ୍ପର୍କରେ ଡା. ବୀରେନ୍ଦ୍ର କୁମାର ଦାସ କହିଛନ୍ତି, ଆର୍ସେନିକ ଓ ଫସ୍‌ଫରସ୍ ସମ୍ମିଶ୍ରଣରେ ସୃଷ୍ଟି ହୋଇଥିବା କ୍ୟାଲସିୟମ କାର୍ବାଇଡ ବା ଏସିଟିଲିନ ଗ୍ୟାସ ମାଧ୍ୟମରେ ୱେଲଡିଂ ଓ ପ୍ଲାଷ୍ଟିକ ସାମଗ୍ରୀ ନିର୍ମାଣରେ ବ୍ୟବହାର ହୋଇଥାଏ। ଏହା ବିପଜ୍ଜନକ ରାସାୟନିକ ପଦାର୍ଥ ଲିଷ୍ଟରେ ଅଛି। ଏହାର ସଂସ୍ପର୍ଶରେ ଆସିଲେ ମୁଣ୍ଡ ବୁଲାଇବା, ଚର୍ମ ରୋଗ, ଆଖି ନଷ୍ଟ ପରି ସମ୍ଭାବନା ଥିବା ବେଳେ କ୍ୟାନସର ରୋଗ ସୃଷ୍ଟି ହୋଇପାରେ। ବଜାରରେ ମିଳୁଥିବା ଫଳ ଓ ପନିପରିବାରେ ଏହି ରାସାୟନିକ ଦ୍ରବ୍ୟ ବ୍ୟବହାର ହେଉଥିବାରୁ ଖାଦ୍ୟ ପ୍ରସ୍ତୁତ ପୂର୍ବରୁ ଚଳନ୍ତି ପାଣିରେ ଧୋଇବାକୁ ସେ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ପଣ୍ଡିତ ହୃଷୀକେଶ ରଥ କହିଛନ୍ତି, ପ୍ରକୃତି ଆମକୁ ଋତୁ ଅନୁଯାୟୀ ଫଳ ପ୍ରଦାନ କରେ। ଏହାକୁ ଆମେ ବ୍ୟବହାର କରିବାକୁ ଭାରତୀୟ ସଂସ୍କୃତିରେ ପର୍ବ ପର୍ବାଣି ରଖାଯାଇଛି। ଖରାଦିନେ ଦେହର ଜଳୀୟ ଅଂଶ କମି ଯାଉଥିବାରୁ ଫଳ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସାବିତ୍ରୀ ଅମାବାସ୍ୟା ସୃଷ୍ଟି ହୋଇଛି। ତେବେ କେତେକ କ୍ଷେତ୍ରରେ ଅସମୟରେ ଫଳ ତୋଳି ରାସାୟନିକ ଦ୍ରବ୍ୟ ମାଧ୍ୟମରେ ପଚାଯାଉଛି। ଯାହା କେବଳ ସ୍ୱାଦହୀନ ନୁହେଁ, ଦେହ ପାଇଁ କ୍ଷତି କରୁଥିବା ସେ ମତ ଦେଇଛନ୍ତି। ସହରର ଜଣେ ବ୍ୟବସାୟୀ କହିଛନ୍ତି ଯେ, ଦେହ ସୁସ୍ଥ ପାଇଁ ଫଳ ଖାଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ରାଜ୍ୟରେ ଏହାର ଯଥେଷ୍ଟ ଉତ୍ପାଦନ ନାହିଁ। ଏଥିପାଇଁ ବାହାର ରାଜ୍ୟରୁ ଆଣିବାକୁ ପଡୁଛି। ପରିବହନ ପାଇଁ ଦୁଇରୁ ୫ ଦିନ ପର୍ଯ୍ୟନ୍ତ ଲାଗୁଛି। ଆମ୍ବ, କଦଳୀ, ସପୁରୀ, ସପେଟା ଆଦି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସୁଛି। ଏହି ଫଳକୁ ପାଚିଲା ଆଣି ଏଠାରେ ବିକ୍ରି ପାଇଁ ପ୍ରସ୍ତୁତି ସମୟରେ ଏହା ନଷ୍ଟ ହେଉଛି। ସେହିପରି କିଛିଦିନ ଧରି ପରିବହନରୁ ନିସ୍ତାର ପାଇଁ କଞ୍ଚା ସମୟରୁ ଫଳ ଏଠାକୁ ଆସୁଛି। ତୁରନ୍ତ ପାଚିବା ପାଇଁ କ୍ୟାଲସିୟମ କାର୍ବାଇଡ ବ୍ୟବହାର କରା ନ ଗଲେ କଞ୍ଚା ଫଳ ମଧ୍ୟ ନଷ୍ଟ ହେଉଛି। ଦେହ ପାଇଁ କ୍ଷତିକାରକ ଜାଣିଥିଲେ ମଧ୍ୟ ବ୍ୟବସାୟ ଓ ଗ୍ରାହକଙ୍କ ଚାହିଦା ପାଇଁ ଏହି ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ସେ ସ୍ପଷ୍ଟ କରିଛନ୍ତି। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ଫଳରେ ରାସାୟନିକ ଦ୍ରବ୍ୟ ମିଶା ଯାଉଥିବା ନେଇ ସନ୍ଦେହ ନାହିଁ। ତେବେ ଏହାର ପରୀକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ପରୀକ୍ଷାଗାର ନାହିଁ। ଖାଦ୍ୟ ପଦାର୍ଥରେ ବିଷ ମିଶ୍ରଣର ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥ ପରୀକ୍ଷାଗାରକୁ ଯିବାକୁ ପଡିବ। ଏଥିପାଇଁ ଜିଲାରେ ଏକ ପରୀକ୍ଷାଗାର, ପ୍ରତ୍ୟେକ ବ୍ଲକ ଅଞ୍ଚଳ ପାଇଁ ଫୁଡ ସେଫଟି ଅଫିସରଙ୍କ ଆବଶ୍ୟକତା ଅଛି। ଏ ନେଇ ଜିଲା ପ୍ରଶାସନ ସଚେତନ ନ ହେଲେ ସମସ୍ୟାର ସମାଧାନ ହେବ ନାହିଁ। ଏ ସମ୍ପର୍କରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ପଚାରିବାରେ ପ୍ରତ୍ୟେକ ଫଳ ଦୋକାନରେ ଥିବା ଫଳ କ୍ୟାଲସିୟମ କାର୍ବାଇଡରେ ପଚା ହୋଇ ନ ଥିବା ନେଇ ସୂଚନା ଫଳକ ମାରିବାକୁ ନିୟମ କରାଯାଇଛି। ଏ ସମ୍ପର୍କରେ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି।





ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାସ୍ତାଖୋଳାକୁ କେନ୍ଦ୍ରକରି ବିଜେଡି ନେତାଙ୍କୁ ଆକ୍ରମଣ




ଖବରଦାତା ସମ୍ମିଳନୀର ବିଜେଡି କର୍ମକର୍ତ୍ତା।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ଭାଜପା-ବିଜେଡି ଦୋଷ ଲଦାଲଦି**

ଚାନ୍ଦବାଲି, ୧୨।୪ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଖଡାଳପୋଖରୀ ପଞ୍ଚାୟତ ଗୋପାଳ ସାହିର ମୁଖ୍ୟରାସ୍ତା ଖୋଳାକୁ କେନ୍ଦ୍ରକରି ବିଜେଡି ନେତା ବିବେକାନନ୍ଦ ଦୀକ୍ଷିତଙ୍କୁ ଗୁରୁବାର ଅପରାହ୍ନରେ ଆକ୍ରମଣ କରାଯାଇଛି। ଏହି ଘଟଣାକୁ ନେଇ ଭାଜପା- ବିଜେଡି ଦୋଷ ଲଦାଲଦି ହୋଇଛନ୍ତି। ଏହି ଆକ୍ରମଣରେ ଭାଜପା ନେତାଙ୍କ ଲିଙ୍କ୍ ଥିବା ନେଇ ଶୁକ୍ରବାର ଚାନ୍ଦବାଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ବିଜେଡି ଅଭିଯୋଗ କରିଛି। ଅପରପକ୍ଷେ ଏହି ଘଟଣାରେ ଭାଜପାର କୌଣସି ସମ୍ପୃକ୍ତ ନାହିଁ। ବିଜେଡିର ଅଭିଯୋଗ ଭିତ୍ତିହୀନ ବୋଲି ଦଳୀୟ କାର୍ଯ୍ୟାଳୟରେ ଆହୁତ ଖବରଦାତା ସମ୍ମିଳନୀରେ ଭାଜପା ମଣ୍ଡଳ ସଭାପତି ମିତ୍ରଭାନୁ ଦାସ କହିଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାସ୍ତାଖୋଳାକୁ କେନ୍ଦ୍ରକରି ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ବିବେକାନନ୍ଦଙ୍କ ସହ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ବଚସା ହୋଇଥିଲା। ପରେ ଫୋନ୍‌ରେ ଗାଳିଗୁଲଜ ଓ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଏହି ଗଣ୍ଡଗୋଳରେ ଭାଜପାର ବରିଷ୍ଠ ନେତାଙ୍କ ହାତ ରହିଥିବା ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଖବରଦାତା ସମ୍ମିଳନୀରେ ଆରୋପ କରିଛନ୍ତି। ଅପରପକ୍ଷେ ଏହି ଗଣ୍ଡଗୋଳ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥିବା ବେଳେ ଏହାକୁ ନେଇ ବିଜେଡି ରାଜନୀତି କରୁଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଗୋପାଳସାହି ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ରାସ୍ତାଟି ନିଜ ବ୍ୟକ୍ତିଗତ ଜାଗାରେ ହୋଇଥିବା ଦର୍ଶାଇ ରାସ୍ତାରେ ଗାତ ଖୋଳିଥିଲେ। ଏହି ଘଟଣାକୁ ବିଧାୟକଙ୍କ ପ୍ରତିନିଧି ରାଜନୀତିକରଣ କରି ବିବାଦ ସୃଷ୍ଟି କରିଥିଲେ। ପରେ ଗାତ ଖୋଳିଥିବା ବ୍ୟକ୍ତିଙ୍କୁ ଫୋନ୍‌ରେ ଗାଳିଗୁଲଜ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ପରେ ବ୍ଲକ ପ୍ରଶାସନ ପକ୍ଷରୁ ବାଂଶଡ଼ା ଥାନରେ ଲିଖିତ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ ସଭାପତିଙ୍କୁ ବିଜେଡି ଟାର୍ଗେଟ କରିଥିବା ବେଳେ ଅନ୍ୟପଟେ ଭାଜପା ପକ୍ଷରୁ ବିଧାୟକ ରାୟଙ୍କୁ ସମାଲୋଚନା କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ପାଟଣା, ୧୨।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନ. ଜାତୀୟ ରାଜପଥର ହାତିବାରୀ ନିକଟରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ପାଟଣା ବ୍ଲକ୍ ଚିଲିଦା ଗ୍ରାମର ପ୍ରକାଶ ନାଏକ ଏବଂ ଗୁରୁତର ମହିଳା ସବିତା ନାଏକ। ଉଭୟ ବାଇକ୍‌ରେ ତୁରୁମୁଙ୍ଗା ବଜାରରୁ ଘରକୁ ଫେରିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଛନ୍ତି। ରାଜପଥରେ ଆଇରନ ବୋଝେଇ ଟ୍ରକ ପାର୍କିଂ କରୁଥିବା ଯୋଗୁ ଦୁର୍ଘଟଣା ଘଟିଥିବା ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ତୁରୁମୁଙ୍ଗା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି।

# ଭାଜପା ସପକ୍ଷରେ ପ୍ରଚାର ପାଇଁ ଶପଥ

**କନ୍ଧମାଳ ନିର୍ବାଚନମଣ୍ଡଳୀ**

କନ୍ଧମାଳ, ୧୨।୪ (ଆଦିତ୍ୟେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହୋଇପଡିଛି। କନ୍ଧମାଳ ନିର୍ବାଚନମଣ୍ଡଳୀରେ ଗତ କିଛି ଦିନ ପୂର୍ବରୁ ବିଜେଡିରୁ ସାମୁହିକ ଇସ୍ତଫା ଦେଇଥିବା ଅନେକ ନେତା, ନେତ୍ରୀ, କର୍ମୀ, ସରପଞ୍ଚ, ସମିତି ସଭ୍ୟ ଶୁକ୍ରବାର ଠାରୁ ଭାଜପା ପାଇଁ ପ୍ରଚାର କରିବାକୁ ମନ୍ଦିରରେ ଶପଥ ନେଇଥିବା ଜାଣିବାକୁ ମିଳିଛି। ପୂର୍ବତନ ରାଜ୍ୟ ବୟନିକା ସଭାପତି ତଥା ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଲଢିଥିବା ଶେଷ କୁମାର ମେହେର କିଛି ଦିନ ତଳେ ଭାଜପାରେ ସାମିଲ ହୋଇଥିଲେ । ତାଙ୍କ ସମେତ ଖଲିଆପାଲି ସମିତି ସଭ୍ୟ କେଦାର ସାହୁ, ପୂର୍ବତନ ବୌଦ୍ଧ ଜିଲା ବିଜେଡି ଉପସଭାପତି ତଥା ବିଜୁ କୃଷକ ଜିଲା ସଭାପତି ଶାନ୍ତନୁ ଥାଟି, ବରିଷ୍ଠ ବିଜେଡି ନେତା ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ନାରାୟଣପ୍ରସାଦ ସରପଞ୍ଚ ତାରାକାନ୍ତ ମାଝି, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା ଝାଙ୍କର, ଘିକୁଣ୍ଡି ସମିତି ସଭ୍ୟ ଗଣେଶ୍ୱର ମିଶ୍ର, ଦପଲା ସମିତି ସଭ୍ୟ ସସ୍ମିତା ପୁରୋହିତ, ବହିରା ସରପଞ୍ଚ ଯଯାତି ମଲ୍ଲିକ, ଖମନମୁଣ୍ଡା ପୂର୍ବତନ ସରପଞ୍ଚ ତେଜରାଜ ସାହୁ, ପଲସାଗୋରା ପୂର୍ବତନ ସରପଞ୍ଚ ଗିରିଶ ଦଳବେହେରା, କୁଲୁଡାଯୋର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ରଣାଙ୍କ ସମେତ ବହୁ ଅସନ୍ତୁଷ୍ଟ ବିଜେଡି କର୍ମୀ ଶୁକ୍ରବାର ଅପରାହ୍ନରେ ସୋନପୁର ଜିଲା ଉଲୁଣ୍ଡାସ୍ଥିତ ପ୍ରସିଦ୍ଧ ମା' ମେଟାକାନି ମନ୍ଦିରରେ ପୂଜା ପାଠ କରି ଆଗାମୀ ସାଧାରଣ ନିର୍ବାଚନରେ କନ୍ଧମାଳ ଭାଜପା ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡ଼ାଙ୍ଗଙ୍କ ସମେତ ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପ୍ରଚାର କରିବା ସହ ଜିତାଇବାକୁ ଶପଥ ନେଇଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡ଼ାଙ୍ଗ ସମସ୍ତ ଙ୍କୁ ମା' ମେଟାକାନିଙ୍କ ସିନ୍ଦୁର , ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଭାବଶାଳୀ ନେତାମାନେ ଭାଜପାକୁ ସମର୍ଥନ ଜ୍ଞାପନ କରିବା ଫଳରେ ଦଳର ଶକ୍ତି ବୃଦ୍ଧି ପାଇଥିବା ବରିଷ୍ଠ ଭାଜପା ନେତା ଓମ ପ୍ରକାଶ ମିଶ୍ର, ଶ୍ରୀକାନ୍ତ ମିଶ୍ର କହିଛନ୍ତି । ଏ ନେଇ ଭାଜପା ଶିବିରରେ ଖୁସିର ଲହରୀ ଖେଳିଯାଇଛି।



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡ଼କ ମେଳାର ଶେଷ ଅର୍ଘ୍ୟରେ ଶୁକ୍ରବାର ଜଣେ ଶ୍ରଦ୍ଧାଳୁ ଶରୀରରେ ଲୁହାକଣ୍ଟା ଫୋଡି ଭଗବାନଙ୍କଠାରେ କୁଚ୍ଛ ସାଧନ କରୁଛନ୍ତି।

## ଜୁଆଙ୍ଗ ଜନଜାତି ଗବେଷଣା ପାଇଁ ନୀଳାଦ୍ରିଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

କେନ୍ଦୁଝର, ୧୨।୪ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାର ଅନ୍ୟତମ ପ୍ରାଚୀନ ଜୁଆଙ୍ଗ ଜନଜାତି ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ଜନଜାତି ଗବେଷକ ଡ. ନୀଳାଦ୍ରି ବିହାରୀ ମିଶ୍ରଙ୍କୁ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ନେପାଳର ରାଜଧାନୀ କାଠମାଣ୍ଡୁଠାରେ ବାବୁ ଜଗଜ୍ଜୀବନ ରାମଙ୍କ ୧୧୭ତମ ଜନ୍ମଜୟନ୍ତୀରେ ପାଳିତ ସମତା ଦିବସରେ ନେପାଳ ଜାତୀୟ ସାମାଜିକ ଓ ଦଳିତ କଲ୍ୟାଣ ସଂସ୍ଥାନ ପକ୍ଷରୁ ମିଶ୍ରଙ୍କୁ ଜୁଆଙ୍ଗ କମ୍ପରାଡେ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶିଷ୍ଟ ଆଇନ୍‌ଜୀବୀ ତଥା ସଂସ୍ଥାନ ସଭାପତି ତ୍ରିଲୋକ ଚାନ୍ଦ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତ-ନେପାଳ ମୈତ୍ରୀ ମହାସଂଘ ସଭାପତି ଓମପ୍ରକାଶ ସ୍ୱର୍ଣ୍ଣକାର ଯୋଗଦେଇ ମିଶ୍ରଙ୍କ ଜୁଆଙ୍ଗ ଗବେଷଣାର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ମୀନା ସ୍ୱର୍ଣ୍ଣକାର ଓ ଏସ୍‌ଏନ କୋଲି ଯୋଗଦେଇଥିଲେ। ଗୋବର୍ଦ୍ଧନ କୋଲି ଓ ଏନଏସ ଖୋବା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବ୍ୟତୀତ ନେପାଳ ଓ ବାଂଲାଦେଶର ବିଭିନ୍ନ ଦଳିତ ସଂଗଠନର ପ୍ରତିନିଧି ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଡକ୍ଟର ମିଶ୍ର ଦୀର୍ଘ ଦଶନ୍ଧି ଧରି ଜୁଆଙ୍ଗ ଜନଜୀବନ ଗବେଷଣାରେ ସମ୍ପୃକ୍ତ ଓ ତାଙ୍କର ରଚିତ ନାଲେ, ଆଗ, ବଂସାତି, ଆଞ୍ଚା, ରମାଏ ଓ ଜୁଆଙ୍ଗ ଶବ୍ଦକୋଷ ଆଦି ପୁସ୍ତକ ଜନଜାତି ଗବେଷକ ମହଲରେ ବହୁଳ ଭାବେ ଆଦୃତି ହାସଲ କରିଛି।

# ଗୋଇଠା ମାରି ଭାଙ୍ଗିଲେ ମନ୍ଦିର ଚୂଡ଼ା

**ଗ୍ରାମବାସୀଙ୍କ ଧାରଣା ପରେ ଯୁବକ ଗିରଫ**



ପୀରହାଟ ଥାନା ଆଗରେ ଧାରଣାରତ ଫକୀରପୁର ଗ୍ରାମର ଲୋକେ।

ତିହିଡ଼ି, ୧୨।୪ (ସଞ୍ଜିତ ବଳ)

ମନ୍ଦିର ଉପରକୁ ଚଢ଼ି ଗୋଇଠା ମାରି ନିର୍ମାଣାଧୀନ ଚୂଡ଼ା ଭାଙ୍ଗିଦେଲେ ଯୁବକ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର ଫକୀରପୁର ଗ୍ରାମରେ ଗୁରୁବାର ଏହି ଘଟଣା ଘଟିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗ୍ରାମବାସୀ ଗୁରୁବାର ରାତିରେ ପୀରହାଟ ଥାନା ଆଗରେ ଧାରଣା ଦେଇ ଉକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଶୁକ୍ରବାର ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସାହାପୁର ଗ୍ରାମର ସୁଧାଂଶୁ ଡାଙ୍ଗୁଆ। ଫକୀରପୁର ଗ୍ରାମ୍ୟ ହନୁମାନ ପୂଜା କମିଟି ସଭାପତି ପଞ୍ଚାନନ ନାୟକଙ୍କ ଅଭିଯୋଗକ୍ରମେ ପୀରହାଟ ଥାନାରେ ମାମଲା (ନଂ. ୮୭/୨୪) ରୁଜୁ ହୋଇଛି।

ଫକୀରପୁର ଗ୍ରାମର ଚଢେଇଖିଆପଦା ନିକଟରେ ଥିବା ହନୁମାନଙ୍କ ମନ୍ଦିର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା। ମନ୍ଦିର ପାଇଁ ୩ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିବା ପରେ ସେଠାରେ ଏକ ଫଳକ ଲଗାଯାଇଥିଲା। ମାତ୍ର ସେହି ଅନୁଦାନ ରାଶି ମନ୍ଦିର ନିର୍ମାଣ କାର୍ଯ୍ୟରେ ବିନିଯୋଗ ନ ହୋଇ ଅନ୍ୟତ୍ର ଚାଲିଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗକ୍ରମେ ମନ୍ଦିର ଚୂଡ଼ା ନିର୍ମାଣ କାର୍ଯ୍ୟ ଚାଲିଥିଲା। ଗୁରୁବାର ସୁଧାଂଶୁ ହଠାତ୍ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ ସିଡ଼ି ସହାୟତାରେ ମନ୍ଦିର ଉପରକୁ ଉଠିଯାଇ ଗୋଇଠା ମାରି ମନ୍ଦିର ଚୂଡ଼ାର ଇଟା ଯୋଡ଼େଇକୁ ଭାଙ୍ଗି ତଳକୁ ଖସାଇ ଦେଇଥିଲେ। ଏଥିସହ କାର୍ଯ୍ୟ କରୁଥିବା ରାଜମିସ୍ତ୍ରିଙ୍କୁ ବିଭିନ୍ନ ଧମକ ଦେଇ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଅଜୟ ନାୟକ, ବିକାଶ ନାୟକ, ହୃଷୀକେଶ ନାୟକ, ରତିକାନ୍ତ ବାରିକ, ମନୋଜ ନାୟକ, ପ୍ରଦୀପ ନାୟକ, ଶ୍ରୀଧର ନାୟକ, ସୁଶାନ୍ତ ବେହେରା ପ୍ରମୁଖ ଥାନା ଆଗରେ ଧାରଣା ଦେଇଥିଲେ।

# ଭୁଶୁଡ଼ି ପଡ଼ିବ ଓଡ଼ିଶାର ଦ୍ୱିତୀୟ ପଥର ବନ୍ଧ

**ଗ୍ରାମବାସୀଙ୍କ ପକ୍ଷରୁ ରକ୍ଷଣାବେକ୍ଷଣ ଦାବି**

ରାମଚନ୍ଦ୍ରପୁର, ୧୨।୪ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁ କୁଶେଇ ନଦୀର ଦ୍ୱିତୀୟ ପଥର ବନ୍ଧ ଜରାଜୀର୍ଣ୍ଣ ହୋଇପଡ଼ିଛି। ପ୍ରଶାସନିକ ଅବହେଳା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହୋଇଯାଉଛି। କେତେ ବେଳେ ଭୁଷୁଡ଼ି ପଡ଼ିବ କହି ହେବ ନାହିଁ। ଏ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦରେ ରାଜା ଯଯାତି କେଶରୀ କୁଶେଇ ନଦୀ ନିକଟ ଗ୍ରାମ ଦେଓଗାଁ ସମେତ ପାଖ ଗାଁକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରିଥିଲେ। କଟକ କାଠଯୋଡ଼ି ପଥର ବନ୍ଧ ପରେ ଏହା ଓଡ଼ିଶାର ଦ୍ୱିତୀୟ ପଥର ବନ୍ଧ ବୋଲି କୁହାଯାଉଛି। ଏହି ବନ୍ଧ ୫୦୦ ମିଟର ଲମ୍ବ ହୋଇଥିବା ବେଳେ ନଦୀ ପତନଠାରୁ ପ୍ରାୟ ୧୫ ଫୁଟ ଉଚ୍ଚତାରେ ନିର୍ମାଣ ହୋଇଛି। ଦୁଇପାର୍ଶ୍ୱରେ ଆଡି ବନ୍ଧ ସହ ୧୨ ଫୁଟ ଓସାରର ବନ୍ଧ ଉପରେ ଛୋଟ ଛୋଟ ଗମ୍ବୁଜ ନିର୍ମାଣ କରାଯାଇଥିଲା। ନଦୀ କୂଳରେ ଓଡ଼ିଶାର ସର୍ବ ପୁରାତନ ଶୈବପୀଠ ଶ୍ରୀକୁଶଳେଶ୍ୱରଙ୍କ ମନ୍ଦିର ରହିଛି। ଏହି ପଥର ବନ୍ଧ ଉପରୁ ବନ୍ୟା ପରିସ୍ଥିତି ନିରୀକ୍ଷଣ କରାଯିବାର ବ୍ୟବସ୍ଥା ଥିବା ବେଳେ ନଦୀକୁ ସ୍ନାନ ଶୌଚ ପାଇଁ ଯିବାକୁ ୪ ଗୋଟି ଘାଟର ବ୍ୟବସ୍ଥା ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବନ୍ଧ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଅନାବନା ଗଛଲତା ମାଡିଯାଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଅର୍ଥ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ବିନିଯୋଗ କରାଯାଉଥିବାରୁ ଏହି ପ୍ରାଚୀନ ପଥରବନ୍ଧ ଭୁଶୁଡ଼ି ପଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି। ପଥରବନ୍ଧର ସୁରକ୍ଷା ଜରୁରୀ ହୋଇପଡ଼ିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦେଓଗାଁ ଗ୍ରାମବାସୀ ଚିତ୍ତରଞ୍ଜନ ପତି, ସତ୍ୟ ବଳ, ପ୍ରମୋଦ ଦାସ, ଏକାଦଶୀ ପଣ୍ଡା, ରମେଶ ପତି, ଦୈତାରୀ ପଣ୍ଡା, ଧରମାନନ୍ଦ ପତି ପ୍ରମୁଖ ଦାବି କରିଛନ୍ତି। ଏହି ବିଷୟରେ ଜଳ ସମ୍ପଦ ବିଭାଗୀୟ ଅଧିକାରୀ ଲକ୍ଷ୍ମଣ ମାରାଣ୍ଡିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ।



ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା କୁଶେଇ ନଦୀରେ ହୋଇଥିବା ପଥର ବନ୍ଧ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକ୍ଷ୍ନୌକୁ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ

**ଲକ୍ଷ୍ନୌ, ୧୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଆୟୁଷ ବଦୋନୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ କରିଥିଲା। ଜବାବରେ ଦିଲ୍ଲୀ ଜ୍ୟାକ୍ ଫ୍ରାସର-ମ୍ୟାକ୍‌ଗୁର୍କଙ୍କ ଅର୍ଦ୍ଧଶତକ ଏବଂ ଅଧିନାୟକ ରିଷଭ ପନ୍ତଙ୍କ ଦୃଢ଼ ବ୍ୟାଟିଂ ବଳରେ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ନେଇଥିଲା। ୬ ମ୍ୟାଚରୁ ଏହା ହେଉଛି ଦିଲ୍ଲୀର ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଲକ୍ଷ୍ନୌ ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି। ଦିଲ୍ଲୀ ପକ୍ଷରୁ ଜ୍ୟାକ୍ ସର୍ବାଧିକ ୫୫ (୩୫ ବଲ, ୫ ଚୌକା, ୧ ଛକା) ରନ କରିଥିବାବେଳେ ପନ୍ତ ୨୪ ବଲ୍‌ରୁ ୪୧ (୪ ଚୌକା, ୨ ଛକା) ଓ ପୃଥ୍ୱୀ ଶ' ୨୨ ବଲ୍‌ରୁ ୩୨ (୬ ଚୌକା) ରନ କରି ଦିଲ୍ଲୀ ବିଜୟକୁ ସହଜ କରିଥିଲେ। ଟ୍ରିଷ୍ଟନ ଷ୍ଟବ୍ସ ୯ ବଲ୍‌ରୁ ୧୫ ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ୨ଟି ଏବଂ ନବିନ ଉଲ୍-ହକ୍ ଓ ଯଶ୍ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଲକ୍ଷ୍ନୌ ଓପନିଂ ଯୋଡ଼ିରେ ୨୮ ରନ ସଂଗ୍ରହ କରିଥିଲା। ମାତ୍ର ଓପନର କ୍ୱିଣ୍ଟନ ଡିକକ୍ ଓ ଦେବଦତ୍ତ ପଡିକାଲଙ୍କୁ ପ୍ୟାଭିଲିୟନ ପଠାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଖଲିଲ ଅହମଦ। ଡିକକ୍ ୧୯ ଓ ପଡିକାଲ ୩ ରନ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଦେଖିବାକୁ ମିଳିଥିଲା କୁଲଦୀପଙ୍କ ଯାଦୁ। ସେ ନିଜ ପ୍ରଥମ ଓଭରର ତୃତୀୟ ଓଭରରେ ମାର୍କୁସ ଷ୍ଟୋଇନିସ ଓ ୪ର୍ଥ ବଲ୍‌ରେ ନିକୋଲସ ପୁରନଙ୍କୁ ଆଉଟ କରି ଲକ୍ଷ୍ନୌକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ଷ୍ଟୋଇନିସ ୮ ରନ କରିଥିବାବେଳେ ପୁରନ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। କେବଳ ସେତିକି ନୁହେଁ କୁଲଦୀପ ନିଜ ଦ୍ୱିତୀୟ ଓଭରର ୩ୟ ବଲ୍‌ରେ ଅଧିନାୟକ ଲୋକେଶ ରାହୁଲଙ୍କୁ ପ୍ୟାଭିଲିୟନ ପଠାଇ ଲକ୍ଷ୍ନୌର ଚିନ୍ତା ବଢ଼ାଇ ଦେଇଥିଲେ। ଭଲ ଆରମ୍ଭ କରିଥିବା ରାହୁଲ ୨୨ ବଲ୍‌ରୁ ୫ ଚୌକା ଓ ୧ଛକା ସହାୟତାରେ ୩୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଲକ୍ଷ୍ନୌ ଦୀପକ ହୁଡାଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ଭାବେ ନେଇ ଯାଇଥିଲା। ମାତ୍ର ସେ ମଧ୍ୟ ନିରାଶ କରିଥିଲେ। ସେ ୧୦ ରନକରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରେ କ୍ରୁନାଲ ପାଣ୍ଡ୍ୟାଙ୍କୁ ଆଉଟ କରିଥିଲେ ମୁକେଶ କୁମାର। ଫଳରେ ୧୩ ଓଭର ବେଳକୁ ସ୍କୋର ୯୪/୭ ହୋଇ ଯାଇଥିଲା। ମାତ୍ର ବଦୋନି ଓ ଅର୍ଶଦ ଖାଁଙ୍କ ଅସମାପ୍ତ ୮ମ ଉଇକେଟରେ ୭୩ ରନର ଭାଗୀଦାରି ଯୋଗୁ ଲକ୍ଷ୍ନୌ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ବଦୋନୀ ୩୫ ବଲ୍‌ରୁ ୫୫ ଓ ଅର୍ଶଦ ୨୦ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ୩ଟି, ଖଲିଲ ଅହମଦ ୨ଟି ଏବଂ ଇଶାନ୍ତ ଶର୍ମା ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ୨୦ ଓଭରରେ ୧୬୭/୭ (ଆୟୁଷ ବଦୋନୀ ୫୫*, ଲୋକେଶ ରାହୁଲ-୩୯, କୁଲଦୀପ ଯାଦବ-୩/୨୦, ଖଲିଲ ଅହମଦ-୨/୪୧, ଇଶାନ୍ତ ଶର୍ମା-୧/୩୬, ମୁକେଶ କୁମାର-୧/୪୧)। ଦିଲ୍ଲୀ ୧୮.୧ ଓଭରରେ ୧୭୦/୪ (ଜ୍ୟାକ୍ ଫ୍ରାସର-ମ୍ୟାକ୍‌ଗୁର୍କ-୫୫, ରିଷଭ ପନ୍ତ-୪୧, ପୃଥ୍ୱୀ ଶ'-୩୨, ରବି ବିଷ୍ଣୋଇ-୨/୨୫, ନବିନ ଉଲ୍ ହକ୍-୧/୨୪, ଯଶ୍ ଠାକୁର-୧/୩୧)।



ଉଇକେଟ ନେବାପରେ କୁଲଦୀପ ଯାଦବ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ରାଜସ୍ଥାନ**

ସ୍ଥାନ: ଚଣ୍ଡିଗଡ଼

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୪୩୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | -୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |



କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଡବଲ୍ସ ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀର ପ୍ରଶିକ୍ଷାର୍ଥୀ ହର୍ଷିତା ରାଉତ ଓ ଶ୍ରୁତି ସ୍ୱାଇଁଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଏବଂ ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ସମ୍ବର୍ଦ୍ଧିତ କରୁଛନ୍ତି।

# ଗୋକୁଲମ କେରଳର ସହଜ ବିଜୟ

**କୋଝିକୋଡ୍, ୧୨।୪ (ପି.ଟି.)**

ଗୋକୁଲମ କେରଳ ସହଜ ବିଜୟ ସହ ଆଇ-ଲିଗ୍‌ରେ ଏହାର ଅଭିଯାନ ଶେଷ କରିଛି। ସ୍ଥାନୀୟ ଇଏମ୍‌ଏସ୍ ଷ୍ଟାଡିୟମରେ ଦଳ ଶୁକ୍ରବାର ୬-୧ ଗୋଲ୍‌ରେ ଟ୍ରାଉ ଏଫ୍‌ସି (ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ ଏଫ୍‌ସି)କୁ ହରାଇ ଦେଇଛି। ଶୁକ୍ରବାର ଏହି ବିଜୟ ଦ୍ୱାରା ଗୋକୁଲମ କେରଳ ୨୪ ଟି ମ୍ୟାଚରୁ ୪୨ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଶନିବାର ରିଅଲ କଶ୍ମୀର ଯଦି ନାମଧାରୀ ବିପକ୍ଷ ମ୍ୟାଚରେ ବିଜୟ ହାସଲ ନ କରେ ତେବେ ଗୋକୁଲମ କେରଳ ଏହି ସିଜନରେ ତୃତୀୟ ସ୍ଥାନ ସହ ଅଭିଯାନ ଶେଷ କରିବ। ବିଜୟୀ ଦଳ ପକ୍ଷରୁ ଆଲେକ୍ସ ସାଞ୍ଚେଜ୍ (୧୯ତମ ମିନିଟ), ନୌଫାଲ ପି.ଏନ୍. (୨୮ତମ ଓ ୩୪ତମ), କୋମରନ ତୁର୍ସୁନୋଭ (୩୯ତମ), ମାର୍ଟିଜା ବାବୋଭିଚ୍ (୯୦+୨ତମ) ଏବଂ ନିକୋଲା ଷ୍ଟୋଭାନୋଭିଚ୍ (୯୦+୪ତମ, ପେନାଲ୍ଟି) ପ୍ରମୁଖ ଗୋଲ୍ ସ୍କୋରର ଥିଲେ। ଟ୍ରାଉ ଏଫ୍‌ସି ତରଫରୁ ଏକମାତ୍ର ଗୋଲ୍ ଇସାକ୍ ନୁହୁ ସିଦୁ ୬୧ତମ ମିନିଟ୍‌ରେ ଏକ ପେନାଲ୍‌ଟି ଜରିଆରେ ସ୍କୋର କରିଛନ୍ତି। ଶୁକ୍ରବାର ସୁଦ୍ଧା ପଏଣ୍ଟ ଟେବୁଲରେ ମହମ୍ମଡ଼ାନ ୨୩ ମ୍ୟାଚରୁ ୫୨ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଶ୍ରୀନିଡି ଡେକାନ ୪୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି। ଟ୍ରାଉ ମାତ୍ର ୧୩ ପଏଣ୍ଟ ସହ ଦ୍ୱାଦଶ ସ୍ଥାନରେ ରହିଛି।

# କଳାହାଣ୍ଡି କପ୍: ଭଦ୍ରକ, ଅନୁଗୋଳ, ପାରାଦୀପ ବିଜୟୀ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

କଳାହାଣ୍ଡି କପ୍ ଆନ୍ତଃ ଜିଲା ସିନିୟର କ୍ରିକେଟ ଗୋଲ୍ଡ-ଏ ଲିଗ୍‌ର ୩ଟି ମ୍ୟାଚ କଟକର ୩ଟି ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ, ଅନୁଗୋଳ ଓ ପାରାଦୀପ ଦଳ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଭଦ୍ରକ ୨ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି। ବୌଦ୍ଧ ୫୦ ଓଭରରେ ୮ ଉଇକେଟ ହରାଇ ୨୧୬ ରନ କରିଥିଲା। ଦଳ ପକ୍ଷରୁ ଭେଙ୍କଶେଟ୍ ଭନ୍ଦେ ସର୍ବାଧିକ ୮୨ ରନ କରିଥିଲେ। ଜବାବରେ ଭଦ୍ରକ ୪୪ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ କ୍ଷମା ସାଗର ବଳ ୩୬ ଓ ସ୍ୱୟଂମ୍ଭୁ ପଲାଇ ୩୩ ରନ କରିଥିଲେ। ବୌଦ୍ଧର ସୋମଦେବ ବେହେରା ୩ଟି ଉଇକେଟ ନେଇଥିଲେ। ଡ୍ରିମ୍ସ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ଅନୁଗୋଳ ୧ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କିଟ୍ ୪୭ ଓଭରରେ ୮ ଉଇକେଟ ହରାଇ ୨୮୬ ରନ କରିଥିଲା। ଦଳ ପକ୍ଷରୁ ରାଜେଶ କୁମାର ସାହୁ (୧୦୩ ରନ) ଶତକ ହାସଲ କରିଥିବାବେଳେ ବିଶ୍ୱଜିତ ନନ୍ଦ ୪୮ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଆୟୁଷ ବାରିକ ଓ ରାଜେଶ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ୪୬.୫ ଓଭରରେ ୯ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରି ନେଇଥିଲା। ଆୟୁଷ ବାରିକ ସର୍ବାଧିକ ୪୭ ଓ ଶ୍ରେୟାଂଶ ଭରଦ୍ୱାଜ ୪୬ ରନ କରିଥିଲେ। କିଟ୍‌ର ନୀତୀଶ ସାମନ୍ତରାୟ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପାରାଦୀପ ୫ ଉଇକେଟରେ ବରଗଡ଼କୁ ହରାଇ ଦେଇଛି। ବରଗଡ଼ ୩୮.୫ ଓଭରରେ ୧୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କୌସ୍ତୁଭ ମହର୍ଷି ସର୍ବାଧିକ ୩୯ ରନ କରିଥିଲେ। ବିପକ୍ଷ ଦଳର ଉଦୟ ସାବ୍ୟସାଚୀ ୩ଟି ଉଇକେଟ ନେଇଥିଲେ। ପାରାଦୀପ ୨୮.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଇଲୁ ଗୋଚ୍ଛାୟତ ୪୯ ଓ ଚିତ୍ର ପାତ୍ର ୩୬ ରନ କରିଥିଲେ। ବରଗଡ଼ର କୌସ୍ତୁଭ ମହର୍ଷି ୩ ଉଇକେଟ ନେଇଥିଲେ।



ଆୟୁଷ ବାରିକ



ରାଜେଶ ସାହୁ



ଉଦୟ ସବ୍ୟସାଚୀ

### ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ

# ସିତ୍‌ସିପାସ-ସିନର ସେମିଫାଇନାଲ

**ମୋନାକୋ, ୧୨।୪ (ପି.ଟି.)**

ଦୁଇଥର ଚାମ୍ପିୟନ ଷ୍ଟିଫାନସ ସିତ୍‌ସିପାସ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ କାରେନ ଖାଚାନୋଭଙ୍କ ବିପକ୍ଷରେ ୬-୪, ୬-୨ରେ ବିଜୟ ହାସଲ କରିଛନ୍ତି। ଏହି କ୍ଲେ-କୋର୍ଟ ଇଭେଣ୍ଟର ପରବର୍ତ୍ତୀ ରାଉଣ୍ଡରେ ସେ ଜାନିକ ସିନରଙ୍କୁ ଭେଟିବେ। ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସିନର କ୍ୱାର୍ଟରଫାଇନାଲରେ ୬-୪, ୬-୭ (୬), ୬-୩ରେ ହୋଲ୍‌ଗର ରୁନ୍‌ଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ ଗତବର୍ଷ ସେମିଫାଇନାଲର ପୁନରାବୃତ୍ତି ଥିଲା। ସେଥର ଏହି କ୍ଲେ-କୋର୍ଟ ଟୁର୍ନାମେଣ୍ଟରେ ସିନରଙ୍କୁ କିନ୍ତୁ ରୁନ୍ ହରାଇ ଦେଇଥିଲେ। କଣ୍ଟ୍ରି କ୍ଲବରେ ସିତ୍‌ସିପାସ ପୂର୍ବରୁ ୨୦୨୧ ଓ ୨୦୨୨ରେ ପଛକୁ ପଛ ଦୁଇଥର ଟାଇଟଲ ବିଜୟୀ ହୋଇଥିଲେ। ପୁରୁଷ ସିଙ୍ଗଲ୍ସର ଅନ୍ୟ ଦୁଇଟି ମ୍ୟାଚ ନୋଭାକ ଜୋକୋଭିଚ୍ ବନାମ ଆଲେକ୍ସ ଡି' ମିନାଉର ଏବଂ ଉଗୋ ହମ୍ବର୍ଟ ବନାମ କାସ୍ପର ରୁଡ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହେଉଛି।


## CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**IZUMI JAPANESE LANGUAGE TRAINING BHUBANESWAR**
**ADMISSION OPEN**
For the Japanese Language Course, JLPT (Japanese Language Proficiency Test)
**Levels: N5, N4, N3 and N2**
For details please visit: izumiclasses.com
Ph.: 9741039285, 9945599298

**ମୁଦ୍ରା ଫାଇନାନ୍ସ**
**PM**
**ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
**0674-2580101, 2549949**



REAL ESTATE
**SALE**

Duplex sale at Bhubaneswar @ 57 lakhs only. Contact- 9777433701. D-75945

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

**3BHK flat (BDA approved) sale at Bhubaneswar near Dhauli Chhak. Airport, Railway Station and Kalpana are 10 minute away. Installment and Bank Finance available. For details: 9438109040/ 8144658008.** D-071

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact- 9937161494.** D-039

**Plot for sale near Trisulia, CISF Campus CDA, RERA Approved (RP/07/2023/01069) Price-1000/-. Contact- 7008513309.** D-075

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Buy or sale Property- 8984071303. Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka-950, Janla-1050, Patrapada-2250, Jharpada-3990. D-070

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି **East Facing single plot possession** ଥାଇ ବିକ୍ରି କରିବି। ମୂଲ୍ୟ-**23,60,000/-. Contact- 6370469894.** D-75942

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

GENERAL
**SALE**

Glass Show Case 6.5' x 4', Ph- 7735339577 with Draw & 4wheels. D-042




Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ମନେ ପଡ଼ନ୍ତି

**୪୦ ଦିନର ଶୋକ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମାଥିଆସ କୁଲୁ**

ଆବିର୍ଭାବ- ୦୮।୦୧।୧୯୬୪
ତିରୋଧାନ- ୦୨।୦୩।୨୦୨୪

ତୁମ ବିହୁନେ ଆମେ ଏକାକୀ ହେଲୁ। ତୁମର ଅନୁପସ୍ଥିତି ପ୍ରତ୍ୟେକ ସମୟରେ ଅନୁଭବ ହେଉଛି। ପ୍ରାର୍ଥନା କରୁଛୁ ତୁମେ ପରମେଶ୍ୱରଙ୍କ ସହିତ ଶାନ୍ତିରେ ଥାଅ। ଆମ ପାଇଁ ପରମେଶ୍ୱରଙ୍କୁ ଗୁହାରି କର, ସଂସାର ଦୁଃଖରୁ ତ୍ରାହି ମିଳୁ।

ଇତି ତୁମର: ସ୍ତ୍ରୀ- ଆଶ୍ରୀତା, ପୁଅ- ଆଶିଷ ଓ ପ୍ରତୀକ, ଗେହ୍ଲା ଝିଅ ସାଗରିକା ସହିତ ଅନୁଗ୍ରହ ପରିବାର ପ୍ରାର୍ଥନାଦଳ ଓ ଦବୋରା ପ୍ରାର୍ଥନାଦଳର ସମସ୍ତ ସଭ୍ୟାସଭ୍ୟ।

ଧ-୦୬୨

# ରକ୍ତ ଗୋଲାପ

**ଗଳ୍ପ**

**ସ୍ମୃତି ପଟ୍ଟନାୟକ**



ଖୁବ୍ ସକାଳୁ ସେଦିନ ଉଠିପଡ଼ିଥିଲା ଶୀତଳ। ଛାତ ଉପରକୁ ଗଲା, ପୂର୍ବ ଦିଗରେ ସୂର୍ଯ୍ୟ ଉଇଁବାର ସଂକେତ। ପାଖ ଦେବୀ ମନ୍ଦିରରୁ ଭାସି ଆସୁଥିଲା ଶଙ୍ଖନାଦ। କର୍ପୂର ଆଳତିର ବାସ୍ନାରେ ବିମୋହିତ ହେଇ ପଡୁଥିଲା ଶୀତଳ। ଆଖି ବୁଜି ହେଇ ଆସୁଥିଲା। ଓଃ କି ଶାନ୍ତି! ଆପେଆପେ ପାଟିରୁ ବାହାରି ଆସିଥିଲା ତା'ର। ମନେପଡ଼ିଯାଉଥିଲା କେତେ ସ୍ମୃତିସଜଳଭରା କାହାଣୀ। ଆଜିକୁ ଠିକ୍ ଦଶବର୍ଷ ହେଇଯିବ। ଶୀତଳ ସେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଭଞ୍ଜବିହାର)ର ପି.ଜି. ଶେଷବର୍ଷ ଛାତ୍ରୀ ରସାୟନ ବିଜ୍ଞାନ ବିଭାଗରେ। ହଷ୍ଟେଲରେ ରହୁଥିଲା ସେ। ପ୍ରତିଦିନ ହଷ୍ଟେଲରୁ ଡିପାର୍ଟମେଣ୍ଟ ଯାଇ ଥିଓରି କ୍ଲାସ, ତା'ପରେ ପ୍ରାକ୍ଟିକାଲ ସାରି ହଷ୍ଟେଲ ଫେରିଲା ବେଳକୁ ରାତି ଆଠଟା ହେଇଯାଏ। ତା'ପରେ ଟିକେ ଫ୍ରେଶ୍ ହୋଇ ସେ ଷ୍ଟଡିରୁମ୍‌କୁ ଯାଏ। ସେଠି ବିଭିନ୍ନ ନ୍ୟାଶନାଲ ଓ ଇଣ୍ଟରନ୍ୟାଶନାଲ ଜର୍ନାଲ ସବୁରୁ ଇମ୍ପୋର୍ଟାଣ୍ଟ ଆର୍ଟିକିଲଗୁଡ଼ିକ ପଢ଼େ। ତା'ପରେ ଡାଇନିଂ ହଲ୍‌ରେ ଡିନର୍ ସାରି ରୁମ୍‌କୁ ଆସେ। ତା'ର ରୁମ୍‌ମେଟ୍ ନିଳା ସାଙ୍ଗରେ ଟିକେ ଗପସପ କରି ଶୋଇଯାଏ। ଶୀତଳ ସ୍ୱଭାବରେ ଖୁବ୍ ଚୁପ୍‌ଚାପ୍ ଓ ସରଳ, ସମୟାନୁବର୍ତ୍ତିତା। ସତ୍ୟନିଷ୍ଠତା ତା' ଜୀବନର ମୂଳମନ୍ତ୍ର ଥିଲା ପିଲାବେଳୁ। ଏମିତି ହେଇ ଦିନଗୁଡ଼ିକ ପାର୍ ହେଇଯାଉଥିଲା ଖୁବ୍ ସାବଲିଳ ଭାବେ ଶୀତଳର। ଖୁବ୍ ଖୁସି ଥିଲା ସେ।

ଦିନେ ଶୀତଳ ଡିପାର୍ଟମେଣ୍ଟରୁ ପ୍ରାକ୍ଟିକାଲ କ୍ଲାସ୍ ସାରି ଫେରିଲା ବେଳକୁ କିଛି ଅସାମାଜିକ ଯୁବକ ତା'ର ପଛେ ପଛେ ଆସୁଥା'ନ୍ତି। ବିଭିନ୍ନ ପ୍ରକାରର କମେଣ୍ଟ ବି ଦେଉଥା'ନ୍ତି ତାକୁ। ଶୀତଳକୁ ଭାରି ବ୍ୟସ୍ତ ଓ ଭୟ ବି ଲାଗୁଥାଏ। ସେ ସେମାନଙ୍କୁ କିଛି ବି କହିପାରୁ ନ ଥାଏ। ମନେମନେ ଈଶ୍ୱରଙ୍କୁ ଡାକୁଥାଏ। ଧୀରେ ଧୀରେ ସେମାନେ ସମସ୍ତେ ତା' ଚାରିପଟରୁ ଘେରିଯାଇଥିଲେ। ଶୀତଳର ମନେପଡ଼ିଯାଇଥିଲା ମହାଭାରତରେ ଦେଖିଥିବା ଦ୍ରୌପଦୀଙ୍କ ବସ୍ତ୍ରହରଣ ଦୃଶ୍ୟ। ସେ ଏକଧ୍ୟାନରେ ଈଶ୍ୱରଙ୍କୁ ଡାକୁଥିଲା ମନପ୍ରାଣ ଦେଇ। ସତକୁ ସତ ଚମତ୍କାର ଘଟଣାଟିଏ ଘଟିଲା। ଜଣେ ଯୁବକ ସେଇ ସମୟରେ କାର୍ ଚଲାଇ ସେଇବାଟରେ ଯାଉଥିଲେ। ସେ କାର୍ ଅଟକାଇ ବାହାରି ଆସି ଅସାମାଜିକ ଯୁବକମାନଙ୍କର ପ୍ରତିରୋଧ କରିଥିଲେ ଏକୁଟିଆ। ସେଦିନ ଶୀତଳକୁ ବଞ୍ଚାଇଥିଲେ ସେଇମାନଙ୍କ କବଳରୁ। ଶୀତଳ ଖୁବ୍ ଧନ୍ୟବାଦ ଜଣାଇଥିଲା ହୃଦୟ ଭିତରୁ ତାଙ୍କୁ। ସେଦିନ ତାଙ୍କର ପରିଚୟ ପାଇଲା ପରେ ଶୀତଳର ମନ ଭିତରେ ଜୁଆର ସୃଷ୍ଟି ହେଇଥିଲା। ଆୟୁଷ ପଟ୍ଟନାୟକ, ଆର୍ମି ଅଫିସର। ବହୁତ ଥର ଦେଖା ହୋଇଥିଲା ଦୁହିଁଙ୍କର ସେଇ ଘଟଣା ପରେ। ଏମିତି ହେଇ ଦୁହିଁଙ୍କ ଭିତରେ ସଂପର୍କ ସୃଷ୍ଟି ହେଇଥିଲା। ତା'ପରେ ଦୁହେଁ ବିବାହ କରିଥିଲେ ଦୁଇ ପରିବାରର ସହମତିରେ। ଖୁସି ଖୁସିରେ ସବୁ ସରିଯାଇଥିଲା। ବାହାଘର ପରେ କିଛିଦିନ କଟିଯାଇଥିଲା କେମିତି ଜଣାପଡ଼ି ନ ଥିଲା ଦୁହିଁଙ୍କୁ, ତା'ପରେ ଆୟୁଷ ଚାଲି ଯାଇଥିଲେ ତାଙ୍କ କର୍ମକ୍ଷେତ୍ରକୁ। ଶୀତଳ ରହିଯାଇଥିଲା ଏକା। ଆୟୁଷଙ୍କ ଘରେ ତାଙ୍କ ମାଆଙ୍କ ଛଡ଼ା ଆଉ କେହି ନ ଥିଲେ। ଶୀତଳ ଗୋଟିଏ ରେସିଡେନ୍ସିଆଲ ସାଇନ୍ସ କଲେଜରେ ଜଏନ୍ କରିଥିଲା ଅଧ୍ୟାପିକା ଭାବରେ। ପିଲାମାନଙ୍କୁ ପଢ଼ାଇବାରେ ଖୁବ୍ ଆନନ୍ଦ ମିଳୁଥିଲା। ଆୟୁଷ ବର୍ଷକୁ ଥରେ ଛୁଟି ନେଇ ଓଡ଼ିଶା ଆସୁଥିଲେ, କିଛିଦିନ ରହି କର୍ମକ୍ଷେତ୍ରକୁ ଫେରି ଯାଉଥିଲେ। ସେଇ ସବୁ ଦିନ ବହୁତ ଶୀଘ୍ର ସରିଯାଉଥିଲା। ଶୀତଳ ଆଖିରେ ଆଖିଏ ଲୁହ ନେଇ ଆୟୁଷଙ୍କୁ ବିଦାୟ ଦେଉଥିଲା।

ଗୋଟିଏ ବର୍ଷ ଭାଲେଣ୍ଟାଇନ ଡେ'ରେ ଆୟୁଷ ଓଡ଼ିଶାରେ ଥିଲେ। ଘରେ ସେଲିବ୍ରେସନ କରିଥିଲେ। ସେଦିନ ବି ସେମାନଙ୍କର ବିବାହ ବାର୍ଷିକୀ ଥିଲା, ଆୟୁଷ ସାଧାରଣତଃ ଗମ୍ଭୀର ସ୍ୱଭାବର ଏବଂ ବହୁତ ସିଷ୍ଟମେଟିକ ଓ ଡିସିପ୍ଲିନ୍‌ଡ ପ୍ରତ୍ୟେକ କାମରେ। କେତେଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ଆୟୁଷ ନିଜେ ଘରେ। ସେଦିନ ସବୁ କାର୍ଯ୍ୟକ୍ରମ ଖୁବ୍ ଭଲରେ ସରିଥିଲା। ଶେଷରେ ଥିଲା ଅତି ଆଶ୍ଚର୍ଯ୍ୟ ହେଲା ଭଳି ଘଟଣା। ବନ୍ଧୁବାନ୍ଧବ ଓ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଆୟୁଷ ସ୍ୱଲିଖିତ ସୁନ୍ଦର ଓ ସୁଦୀର୍ଘ କବିତାଟିଏ ଆବୃତ୍ତି କରିଥିଲେ। ଏତେ ମର୍ମସ୍ପର୍ଶୀ କବିତା ଓ ଆବୃତ୍ତି କରିବାର ଶୈଳୀ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଛୁଇଁ ଯାଇଥିଲା ଖୁବ୍ ଗଭୀର ଭାବରେ। ସମସ୍ତଙ୍କ ଆଖିରେ ଲୁହ ଥିଲା କବିତା ଆବୃତ୍ତି ସରିଲା ବେଳକୁ। ସେଦିନ ସମସ୍ତେ ଗଲାପରେ ଆୟୁଷ ରକ୍ତ ଗୋଲାପଟିଏ ଖୋସି ଦେଇଥିଲେ ଶୀତଳର ଜୁଡ଼ାରେ। ସେ ନିଜକୁ ଖୁବ୍ ଭାଗ୍ୟବତୀ ମଣିଥିଲା ସେଦିନ। ହାତପାହାନ୍ତାରେ ସବୁ ସୁଖ ଖେଳି ବୁଲୁଥିଲା। ତା'ର ଦୁଇଦିନ ପରେ କର୍ମକ୍ଷେତ୍ର ଜାମ୍ମୁକାଶ୍ମୀରକୁ ଚାଲି ଯାଇଥିଲେ ଆୟୁଷ। ଆଉ କିଛିଦିନ ପରେ ଯିବାର ଥିଲେ ବି କର୍ତ୍ତବ୍ୟର ଆହ୍ୱାନରେ ସେ ଶୀତଳଠାରୁ ବିଦାୟ ନେଇ ଚାଲିଗଲେ। ସେଇ ବିଦାୟ ଯେ ଶେଷ ବିଦାୟ ହେବ ତା' କାହାକୁ ବା ଜଣାଥିଲା? ଅଦୃଷ୍ଟ ବିଧିର ବିଧାନ କାହାକୁ ବା ଜଣା!

ଶୀତଳ ଭାରି ଖୁସିମନରେ ବିବାହ ବାର୍ଷିକୀର ଫଟୋ ସବୁ ଦେଖୁଥିଲା। ହଠାତ୍ ଟିଭି ଅନ୍ କଲାବେଳକୁ ପ୍ରତ୍ୟେକ ଓଡ଼ିଆ ଚ୍ୟାନେଲରେ ଗୋଟିଏ ନ୍ୟୁଜ୍ ଜାମ୍ମୁକାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣରେ ଓଡ଼ିଆ ଆର୍ମି ଅଫିସର କ୍ୟାପ୍‌ଟେନ ଆୟୁଷ ପଟ୍ଟନାୟକଙ୍କର ମୃତ୍ୟୁ। ଲଥ୍‌କରି ବସିପଡ଼ିଲା ଶୀତଳ ତଳେ ନ୍ୟୁଜ୍ ଶୁଣି ସାରିଲା ପରେ। ମୁଣ୍ଡ ବାଡ଼େଇ ହେଇଗଲା କାନ୍ଥରେ ଢୋ' କରି, ରକ୍ତ ବୋହିଯାଉଥିଲା। ଶୀତଳ ସ୍ଥାଣୁ ପାଲଟି ଯାଇଥିଲା। ଶାଶୁଙ୍କ ଡାକ ତାକୁ ଶୁଭୁ ନ ଥିଲା। ତା'ର ସବୁ ଚେତନା ଶକ୍ତି ଲୋପ ପାଇଯାଇଥିଲା ଧୀରେ ଧୀରେ। ପ୍ରକୃତିସ୍ଥ ହେଇଥିଲା ସେ ତିନିଦିନ ପରେ। ଆୟୁଷଙ୍କର ଡେଡ୍‌ବଡି ଆସିଲା ଓଡ଼ିଶା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ ହେଲା, ଶୀତଳ ପାଇଁ ଦୁନିଆର ସବୁ ସୁଖ ସରିଯାଇଥିଲା। ସେ ନିଶ୍ଚୁପ୍ ପାଲଟି ଯାଇଥିଲା ସେବେଠାରୁ। ଚାରି ବର୍ଷ ହେଲାଣି ସେ ଆୟୁଷଙ୍କର ଅବର୍ତ୍ତମାନରେ କେମିତି ଜିଇଛି ତାହା ସେଇ ସର୍ବଶକ୍ତିମାନ ଈଶ୍ୱରଙ୍କୁ ହିଁ ଜଣା। ଶାଶୁ ଦୁଇ ବର୍ଷ ହେଲାଣି ଚାଲି ଗଲେଣି, ଏତେ ସବୁ କଥା ଭାବି ଚାଲିଥିଲା ଶୀତଳ ଛିଡ଼ା ହୋଇ ଛାତ ଉପରେ। ଚମକି ପଡ଼ିଲା ସେ ଉର୍ବଶୀର ଡାକରେ। ଉର୍ବଶୀର ହାତରେ ରକ୍ତ ଗୋଲାପର ସ୍ତବକଟିଏ। ମାଆ ହାପି ଭାଲେଣ୍ଟାଇନ ଡେ' କହି ରକ୍ତ ଗୋଲାପର ସ୍ତବକଟିକୁ ଖୋସି ଦେଲା ତା' ଜୁଡ଼ାରେ। ଶୀତଳର ଦେହ ଶିରିଶିରି ହେଇଯାଉଥିଲା। ଉର୍ବଶୀ ଆଖିରେ ସେ ଦେଖିପାରୁଥିଲା ତା'ର ସବୁ ସ୍ୱପ୍ନ ଓ ଆକାଂକ୍ଷାର ଚିତ୍ରକଳା। ଉର୍ବଶୀ, ଯାହାକୁ ସେ ନେଇ ଆସିଥିଲା ସାଙ୍ଗରେ ଏକ ମନ୍ଦିର ପରିସରରୁ ଆୟୁଷଙ୍କର ଶେଷଇଚ୍ଛା ପୂରଣ କରିବା ପାଇଁ। ତାଙ୍କର ଖୁବ୍ ଇଚ୍ଛା ଥିଲା ଝିଅଟିଏ ପାଇଁ। ସକାଳୁ ସକାଳୁ ଗୋଟିଏ ଧଳାଲୁଗା ଉପରେ କିଏ ଜଣେ ଶିଶୁକନ୍ୟାଟିକୁ ଶୁଆଇ ଦେଇ ଚାଲି ଯାଇଥିଲା। ଆଜି ଉର୍ବଶୀ ଏତେ ବଡ଼ ହେଇଗଲାଣି! ତା'ର ସବୁ କଥା ବୁଝି ପାରୁଛି। ଉର୍ବଶୀ ଭିତରେ ସେ ଆୟୁଷଙ୍କୁ ଦେଖିପାରୁଛି, ଆଖିରୁ ଥପ୍‌ଥପ୍ ହୋଇ ଲୁହ ଝରି ପଡୁଥିଲା। ଉର୍ବଶୀ ତା'ର ଦୁଇ ହାତରେ ଲୁହ ପୋଛି ଦେଉଥିଲା। ଶୀତଳ ଉର୍ବଶୀକୁ ଜଡ଼ାଇ ଧରିଥିଲା ନିବିଡ଼ ଆଶ୍ଳେଷରେ।

ମୋ: ୯୯୩୮୪୦୯୪୯।

## ଦୃଷ୍ଟାନ୍ତ



**ଲଘୁଗଳ୍ପ**

**ସୁଦର୍ଶନ ମହାପାତ୍ର**

ମେଡିକାଲ କଲେଜର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ବସିଥିଲେ ଚାମ୍ବରରେ। ଚାମ୍ବର ବାହାରେ ବସିଥିଲେ ଜୁନିୟର ଡାକ୍ତରମାନେ। ଶୃଙ୍ଖଳା ରକ୍ଷା ନିମନ୍ତେ ପେସେଣ୍ଟମାନଙ୍କୁ ଜଣକ ପରେ ଜଣେ ଛାଡୁଥିଲେ ଆଟେଣ୍ଡାଣ୍ଟ।

ବୃଦ୍ଧ ବ୍ୟକ୍ତି ଜଣେ ଆଟେଣ୍ଡାଣ୍ଟଙ୍କୁ ମୁଖ୍ୟ ପ୍ରଫେସରଙ୍କ ଚାମ୍ବର ଭିତରକୁ ଯିବାକୁ ଅନୁମତି ମାଗିଲେ। ମୁଖ୍ୟ ପ୍ରଫେସର ନୁହେଁ, ଏଇ ବାହାରେ ବସିଥିବା ଡାକ୍ତରମାନେ ହିଁ ରୋଗୀ ଦେଖିବେ ଏବଂ ସେଥିପାଇଁ ଧାଡ଼ିରେ ଆସିବାକୁ କହି ଆଟେଣ୍ଡାଣ୍ଟ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କଲେ। ହେଲେ ବୃଦ୍ଧ ଜଣଙ୍କ ନଛୋଡ଼ବନ୍ଦା। ବହୁତ କାକୁତିମିନତି ପରେ ଆଟେଣ୍ଡାଣ୍ଟଙ୍କର ଦୟା ହେଲା ବୋଧହୁଏ। ତାଙ୍କୁ ଲାଇନ୍‌ରେ ନ ନେଇ ସିଧା ଡାକ୍ତରଙ୍କ ପାଖରେ ପଡ଼ିଥିବା ଚେୟାରରେ ବସେଇଲା। ଏତିକିବେଳକୁ ଲାଇନ୍‌ରେ ଥିବା ସବୁ ଲୋକ ଏକାଥରକେ ସ୍ୱର ଉତ୍ତୋଳନ କଲେ।

ମୁଖ୍ୟପ୍ରଫେସରଗଣ୍ଡଗୋଳରକାରଣ ଜାଣିବାକୁ ଆଟେଣ୍ଡାଣ୍ଟକୁ ଡକାଇଲେ। ଆଟେଣ୍ଡାଣ୍ଟ ନିଜର ଭୁଲ ସ୍ୱୀକାର କରି ବୃଦ୍ଧ ଜଣକୁ ସାହାଯ୍ୟ କରିଛି ବୋଲି କ୍ଷମାପ୍ରାର୍ଥନା କଲା। ଏଥର ପ୍ରଫେସର ନିଜେ ସେ ବୃଦ୍ଧଙ୍କୁ ଭେଟିବାକୁ ଚାହିଁଲେ।

"ଆଜ୍ଞା ମୁଁ ନୁହେଁ, ମୋ' ସ୍ତ୍ରୀ ଆପଣଙ୍କୁ ଭେଟିବାକୁ ଚାହୁଁଛି। ସେ ବାହାରେ ବସିଛି। ତା'ର ଠିଆ ହେବାକୁ ଶକ୍ତି ନାହିଁ। ତା'ର ଏକା ଜିଦ୍ ଆପଣଙ୍କୁ ଭେଟି ତା' ରୋଗ କଥା କହିବ। କହୁଚି କୈଳାସ ମୋ' ପୁଅର ସାଙ୍ଗ। ମୋତେ ଭଲ କରି ଦେଖିବ। ଆଜ୍ଞା, ତା' ଲାଗି ବେକାରରେ ଯାହା ପାଖରେ ପଇସା ଥିଲା ଅଟୋବାଲା ନେଇଗଲା। ତା' ଚିକିତ୍ସା ପାଇଁ ଆଉ ପଇସା ନାହିଁ।"

ଏଥରପ୍ରଫେସରନିଜେସିଟ୍‌ଛାଡ଼ି ଅଶୀତିପର ସେଇ ବୃଦ୍ଧଙ୍କ ସାଙ୍ଗରେ ବାହାରକୁ ଗଲେ। କହିବା ବାହୁଲ୍ୟ, ବୃଦ୍ଧା ଜଣଙ୍କର ଆରୋଗ୍ୟ ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରି ଘରକୁ ଫେରିବାର ସୁବନ୍ଦୋବସ୍ତ ବି କରିଦେଲେ।

ସବୁ ଲୋକ ଏବଂ ଜୁନିୟର ଡାକ୍ତରମାନେ ଏ ଘଟଣାରେ ଆଶ୍ଚର୍ଯ୍ୟ ହେଲେ। "ସେ ବୃଦ୍ଧ ଦମ୍ପତିଙ୍କର ପୁଅ କରୋନା ସମୟରୁ ଚାଲିଯାଇଛି। ସେ ଯେଉଁ ଡାକ୍ତର କୈଳାସ କଥା କହୁଛନ୍ତି ସେ ବି ଆଉ ଇହଜଗତରେ ନାହାନ୍ତି। କିଛି ସମୟ ପାଇଁ ପଛେ ହେଉ, ତା'ଙ୍କ ପୁଅର ସାଙ୍ଗ ହିସାବରେ ଅଭିନୟ କଲେ କ୍ଷତି କ'ଣ?" ହସି ହସି କହିଲେ ମେଡିସିନ ବିଭାଗର ପ୍ରଫେସର ଡା. କୈଳାସ ମିଶ୍ର।

ମୋ: ୯୪୩୮୧୭୫୫୪୨

## କାଳକାଳକୁ



**"ପଢ଼ିବା ଲାଏକ ବହିଟିର ଖୋରାକ ତୁମେ ହୋଇ ନ ପାର, କିନ୍ତୁ ତାହା ନିଶ୍ଚୟ ତୁମ ଚିନ୍ତାକୁ ଖୋରାକ ଯୋଗାଇବ।"**

**– ହାର୍‌ପର୍ ଲୀ**

**ହାର୍‌ପର୍ ଲୀଙ୍କ** ଜନ୍ମ ୨୮ ଏପ୍ରିଲ ୧୯୨୬ରେ ଓ ପରଲୋକ ୧୯ ଫେବୃଆରୀ ୨୦୧୬ରେ, ଯୁକ୍ତରାଷ୍ଟ୍ର ଆମେରିକାରେ। ତାଙ୍କ ରଚିତ ଉପନ୍ୟାସ 'ଟୁ କିଲ୍ ଏ ମକିଙ୍ଗ୍ ବାର୍ଡ' ୧୯୬୦ରେ ପ୍ରକାଶିତ ଓ ୧୯୬୧ରେ ପୁଲିଜର୍ ପୁରସ୍କାରପ୍ରାପ୍ତ। ତାଙ୍କର ଅନ୍ୟତମ ରଚନା 'ଗୋ ସେଟ୍ ଏ ୱାଚ୍‌ମ୍ୟାନ୍', 'ମକିଙ୍ଗ୍ ବାର୍ଡ'ର ମୂଳ ରୂପ, ଯାହା ୨୦୧୫ରେ ପ୍ରକାଶିତ। ଆମେରିକୀୟ ସାହିତ୍ୟରେ ଜଣେ ସଫଳତମ ଲେଖକ ଭାବେ ଲୀଙ୍କ ସିଦ୍ଧି ବିଶ୍ୱ–ସ୍ୱୀକୃତ।

## ପୁସ୍ତକ ପରିଚୟ

### ସୃଜନ ସମଗ୍ର



**ଲେଖକ:** ଜଫର୍ ଅକବରୀ
**ପ୍ରକାଶକ:** ତୀର ତରଙ୍ଗ ପବ୍ଲିକେଶନ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୮୦୦/–

ଇନର୍, ନିଜକଥା ଓ ମତାମତ ସମ୍ବଳିତ ୨୨ ପୃଷ୍ଠାକୁ ବାଦ୍ ଦେଲେ ବହିଟିରେ ଜଫର୍‌ଙ୍କ ଲେଖା ୮୫୦ ପୃଷ୍ଠା, ଯହିଁରେ ୯ଟି ପ୍ରଶଂସାପତ୍ର ସଂଲଗ୍ନ। ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଚଳିତ ଶତାବ୍ଦୀର ପ୍ରାୟ ଅଢ଼େଇ ଦଶନ୍ଧି ବ୍ୟାପୀ ଲେଖକ ନାନା ଧରଣର ଲେଖା ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମୌଳିକ ଗଳ୍ପ, କବିତା, ସାୟରୀ ତ ଲେଖିଛନ୍ତି। ଏଥିସହିତ 'ଧରିତ୍ରୀ' ଆଦି ଖବରକାଗଜରେ ଅନେକ ସ୍ତମ୍ଭ ରଚନା କରିଛନ୍ତି। ଶିଶୁ ସାହିତ୍ୟ ଓ ଅନୁବାଦରେ ତାଙ୍କର ଏକ ନାଆଁ ଅଛି। ଏସବୁ ପରିଣତ ବୟସରେ ଏକାଠି କରି 'ସୃଜନ ସମଗ୍ର' ପ୍ରକାଶ କରିବା ତାଙ୍କ ସାରସ୍ୱତ ଜାତୀୟ ଦାୟିତ୍ୱବୋଧର ପରିଚୟ ଦିଏ। 'ସୃଜନ ସମଗ୍ର'ରେ ସେ 'ଉର୍ଦ୍ଦୁ ସାହିତ୍ୟର ସଂକ୍ଷିପ୍ତ ଇତିହାସ'କୁ ସାମିଲ କରିଛନ୍ତି, ଯହିଁରେ ଉର୍ଦ୍ଦୁ ଭାଷାର ସୃଷ୍ଟି, ଗତି ଓ ଉର୍ଦ୍ଦୁ ସାହିତ୍ୟର ବିଶିଷ୍ଟ ରଚନାକାର ଓ ରଚନା ସମ୍ପର୍କରେ ତର୍ଜମା ଉର୍ଦ୍ଦୁ ଭାଷା ଜାଣିଥିବା ଓ ଜାଣି ନ ଥିବା ଓଡ଼ିଆ ପାଠିକାପାଠକଙ୍କ ପାଇଁ ଯେ ଉପଯୋଗୀ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଜଫର୍‌ଙ୍କ ସାହିତ୍ୟ–ଭାଷା, ସରଳ, ସ୍ୱଚ୍ଛନ୍ଦ ଓ ଗୀତିମୟ। ତେଣୁ ତାଙ୍କର ଏ ବିପୁଳାୟତନ ଗ୍ରନ୍ଥଟି ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ବ୍ୟାପକ ଗ୍ରାହକତା ଲାଭ କରି ଲେଖକଙ୍କୁ ଓ ଆମ ଭାଷାକୁ ଧନ୍ୟ କରିବ।

### ଜନ୍ମ ହେବା ପରେ



**ସଂକଳକ:** ଭାଗ୍ୟଧର ସାହୁ
**ପ୍ରକାଶକ:** ପଥିକ ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୧୬/–

ଆଲୋଚ୍ୟ ପୁସ୍ତକର ପୂରା ଶୀର୍ଷକଟି ହେଲା– "**ଜନ୍ମ ହେବା ପରେ** ଈଶ୍ୱରଙ୍କ ଆଡ଼କୁ ଆରୋହଣ କରିଯିବାର ରହସ୍ୟ ବିଶ୍ୱଜଗତର ପରମଙ୍କ ପଥଚାରୀ ସଖାରୂପେ ବିଶ୍ୱସ୍ତ ପ୍ରଦୀପ **ମାଟି ନୁହେଁ ମ ମା'ଟି**"। ତିନିଶହ ପୃଷ୍ଠାରୁ କିୟତ୍ ଅଧିକ କଳେବର ବିଶିଷ୍ଟ ଏହି ପୁସ୍ତକଟି ଏକ ମୌଳିକ ପୁସ୍ତକ ନୁହେଁ। ଶ୍ରୀମା, ଶ୍ରୀଅରବିନ୍ଦ ଓ ଚିତ୍ତରଞ୍ଜନ ଦାସଙ୍କ ରଚନା ଓ ଅନୁବାଦିତ ଗ୍ରନ୍ଥରୁ ଉଦ୍ଧୃତିମାନ ଚୟନ କରି ଲେଖକ ତାଙ୍କ ପୁସ୍ତକଟିକୁ ସକାରାତ୍ମକ ଜୀବନଗଠନର ଏକ ମାର୍ଗଦର୍ଶିକା କରି ଗଢ଼ିତୋଳିଛନ୍ତି। ରବୀନ୍ଦ୍ରନାଥଙ୍କ ରଚନା ଓ ସର୍ବୋପରି ଐତରେୟ ବ୍ରାହ୍ମଣର ରୋହିତ ଉପାଖ୍ୟାନର ମୂଳ ଶ୍ଳୋକ, ତା'ର ଅର୍ଥାଦିର ସମାବେଶ ମଧ୍ୟ ପୁସ୍ତକଟିରେ ସଂକଳିତ ହୋଇଛି। ଶ୍ରୀଅରବିନ୍ଦଙ୍କ ବଙ୍ଗଳା ଲେଖା, ମା'ଙ୍କ ସମ୍ପର୍କୀୟ ଲେଖା, ଚିତ୍ତରଞ୍ଜନଙ୍କ ଦ୍ୱାରା ଅନୂଦିତ 'ମାତୃରଚନାବଳୀ', 'ଦିବ୍ୟମୁହୂର୍ତ୍ତ', 'ଶବ୍ଦ ଶତକ', 'ସାବିତ୍ରୀ' ମହାକାବ୍ୟ ଆଦିରୁ ଯେଉଁ ସବୁ ଅଂଶ ଲେଖକ ଚୟନ କରିଛନ୍ତି, ସେସବୁ ଶ୍ରୀମା, ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥ ଓ ଚିତ୍ତରଞ୍ଜନଙ୍କ ମୂଳଲେଖା ପଢ଼ି ନ ଥିବା ପାଠିକାପାଠକଙ୍କ ପାଇଁ ଏକ ଅପୂର୍ବ ଓ ବିରଳ ପ୍ରାପ୍ତି ଭାବେ ଯେ ବିବେଚିତ ହେବ, ଏଥିରେ ସନ୍ଦେହ ନାହିଁ। ଶିକ୍ଷା, ନୈତିକତା ଓ ଆଧ୍ୟାତ୍ମିକତାର ଯେଉଁ ବ୍ୟାଖ୍ୟା ଏଥିରେ ରହିଛି, ତାହା ଛାତ୍ରୀଛାତ୍ର, ଅଭିଭାବକ ତଥା ସଂସାରୀ ମଣିଷମାନଙ୍କ ପାଇଁ ଯେ ଅନୁସରଣୀୟ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଝିମିଟି ଖେଳ

**ହରିଶ୍ଚନ୍ଦ୍ର ବେହେରା**

ପିଲାମାନେ ଖେଳୁଥିଲେ ଝିମିଟି
ପ୍ରତିପକ୍ଷକୁ ହରେଇବାର
କଳାକୌଶଳରେ
ତେଜୀୟାନ୍ ଥିଲା ପଡ଼ିଆ
ଦର୍ଶକଙ୍କ ତାଳିମାଡ଼ରେ
କାହା କାହା ର କ୍ତରେ
ଲାଗି ଯାଉଥିଲା ନିଆଁ।

ବିଚରା ପ୍ରମିଥିଉସ କାହିଁକି
ଚୋରେଇ ଆଣିଲା ନିଆଁ
ସ୍ୱର୍ଗରୁ କେଜାଣି
ସେ କ'ଣ ଜାଣିଥିଲା ଏ ନିଆଁ ଦିନେ
ଜାଳିଦେବ କାହା ହୃଦୟକୁ, ମନକୁ
ଲାଖ ଆଉ ଛଣରେ ତିଆରି
ଗୋଟେ କପଟ ନଅରକୁ।

ଖେଳ ଭିତରେ କେଉଁଠି
ଚକ୍‌ଚକ୍ କରୁଥିଲା ନିଆଁଝୁଲ
ଈର୍ଷା ଅସୂୟା ରିରଂସା ଅହଂକାର
କେଉଁ ଦର୍ଶକ ବା ପଶିପାରିବ
ସାତ ତାଳ ପଙ୍କ ତଳେ
ଫରୁଆର ଗହନକୁ।
ଝିଙ୍କେ ନିଆଁ ସୃଷ୍ଟି କଲା
ସାତ ତାଳ ଗଭୀର ଗୋଟେ ରକ୍ତ ନଈ
ହସ୍ତିନାର ରତ୍ନ ସିଂହାସନକୁ କରିଦେଲା
ଡହ ଡହ ଜଳୁଥିବା ଅହଂକାରର
ଗୋଟେ ଆଗ୍ନେୟଗିରି।

ଅସଂଖ୍ୟ ବିଧବାଙ୍କ କାନ୍ଦରେ
ଲେଖାଗଲା ଗୋଟେ
ନିର୍ବୀର୍ଯ୍ୟ ଇତିହାସ
ବୀରଭୋଗ୍ୟା ଭାରତବର୍ଷରେ
କୁଢ଼େଇ ଗଲା ଗଦା ଗଦା ଶବ
ପାଣ୍ଡବଙ୍କ ଗଳା ପାଖରେ ଅଟକିଗଲା
ବିଜୟୋଲ୍ଲାସର ଲୁହବୋଳା ଜିନ୍ଦାବାଦ।

ଶରଶଯ୍ୟାରେ ଶୋଇ ଶୋଇ
ପିତାମହ ଶୁଣେଇଲେ
ରାଷ୍ଟ୍ର ପାଳନର ଧର୍ମ କଥା।

କିଛି ବିଧବା ଆଉ
କେଇଟା ଲଙ୍ଗଳା ପିଲା
ଏହାଙ୍କୁ ନେଇ ରାଷ୍ଟ୍ର, ଛିଃ ଛିଃ...
ଚାଲ, ଚାଲ ପଳେଇଯିବା ସ୍ୱର୍ଗକୁ
ଯେଉଁଠି ଶୁଭୁ ନ ଥିବ
ଉଡିଆଣି ପିଲା ଆଉ
ବିଧବାଙ୍କ କାନ୍ଦଣା
ଚାଲ ଚାଲ!

ମୋ: ୯୪୩୭୮୧୩୭୦୮

### କାହାଣୀ ସରେନା ତା'ର

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

କେବେ ରାଜଜେମା କେବେ
ମାଲିଆଣୀ
କାହାଣୀ ସରେନା ତା'ର
ଜହ୍ନ ଉଇଁ ଉଇଁ ତା ଧୀନ ନାଚରେ
ଉଛୁଳେ ହୃଦୟ ଘର।

ବାସି ଫୁଲରେ ବି ମହକ ବିତରେ
ମେଘ ହାତେ ଦିଏ ଚିଠି
ମଠେଇ ମନର ପରଦା ଉହାଡ଼େ
ଆଙ୍କେ ଜହ୍ନିଫୁଲ କୋଠି।

ନୀଳ ସରୋବରେ ନୀଳ କଇଁ ଦେଖି
ଭଅଁରକୁ ଡାକି ଆଣେ
ମୁଠାଏ ପ୍ରେମକୁ ଦୂରୁ ଫିଙ୍ଗିଦେଇ
ଲକ୍ଷେ କାହାଣୀ ବୁଣେ।

ମେଘର ମନରୁ ମମତା ଚୋରେଇ
ମାଟିରେ ସପନ ଆଙ୍କେ
ସେଥିପାଇଁ ବୋଧେ ନିଜ ଲୁହ ପିଇ
କା' ଓଠରେ ହସ ଦେଖେ।

କୌତୁକେ ହଜାଇ ହଜାରେ ଦରଜ
ଝରାଏ ସେ ଖୁସି ଝର
କେବେ ରାଜଜେମା କେବେ ମାଲିଆଣୀ
କାହାଣୀ ସରେନା ତା'ର।

ମୋ: ୭୩୭୭୩୧୮୭୮୯

### ଲୁହରେ ଲେଖା ପ୍ରେମକାହାଣୀ

**ଜନ୍ମଜୟ ନାୟକ**

ସନ୍ଦେହ ହୋମରେ ପ୍ରେମର ସମିଧ
ବିଶ୍ୱାସର ପୂର୍ଣ୍ଣାହୁତି,
ଜଳିଜଳି ପୁଣି ହୋଇଯାଏ ତାଜା
ଅତୀତର ସବୁ ସ୍ମୃତି।
ଚନ୍ଦ୍ରସ୍ନାତା ମଧୁରାତି
ପ୍ରଥମ ପ୍ରେମର ଅଭୁଲା ପୀରତି
ଲୁହରେ ହୁଏନି ଇତି।
ବିରହ ଫଗୁଣେ ସନ୍ଦେହୀ ଶ୍ରାବଣେ
ପ୍ରତାରଣା ପ୍ରତିଛବି,
ହୃଦକନ୍ଦେ ଲୁଚେ ମନ କୋହ ଯେତେ
କେମିତି ମୁଁ ଭୁଲିଯିବି?
କାହାକୁ ନେଇ ବଞ୍ଚିବି
ବିରହ ନିଆଁରେ ଆତ୍ମାହୁତି ଦେଇ
ବହୁଦୂର ଚାଲିଯିବି।

ବିଶ୍ୱାସର ଆଶା ଭରିଲା ନିରାଶା
ଭାଙ୍ଗିଗଲା ବାଲିଘର,
ହୁତୁହୁତୁ ଜଳେ ହୃଦୟ ଅନଳେ
ଜୀବନର ଜଉଘର,
ହେଲି ଏବେ ସାତପର
ଶିଥିଳ ହୋଇ ବି ସମ୍ପର୍କ ଶିକୁଳି
ଛିଡୁନି ପ୍ରେମର ଡୋର।

ମୋ' କପାଳ ରେଖା
ଲୁହରେ ତ ଲେଖା
ଅଧୁରା ମୋ' ପ୍ରେମ ନିଶା
ଲୁହର ସ୍ୟାହିରେ କାହାଣୀ ଲେଖିରେ
ସମ୍ପୂର୍ଣ୍ଣ ହେଉନି ଭାଷା
ମନେରହେ କିଛି ଆଶା
ନିୟତିର ଲୀଳା ବିଚ୍ଛେଦର ଜ୍ୱାଳା
ମଶାଣି ମୋ' ଶେଷ ବସା।

ମୋ: ୯୩୩୭୮୦୦୫୬୫

## ଆତ୍ମସନ୍ତୋଷ

**ମିନିଗଳ୍ପ**

**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ସହର ବାହାରେ ଥିବା ଜରାଶ୍ରମକୁ ମାତୃଦିବସ ପାଳନ ଉଦ୍ଦେଶ୍ୟରେ ଗୋଟିଏ ବଡ଼ ପ୍ୟାକେଟ୍ ନେଇ ଆସିଲେ ବ୍ୟକ୍ତି ଜଣକ। ବେଶ ପରିପାଟୀ ଏବଂ ଚାଲିଚଳଣରୁ ବେଶ୍ ଭଦ୍ର ଏବଂ ସଦାଚାରୀ ଜଣାପଡୁଥା'ନ୍ତି ସେ। ଆଶ୍ରମ ପରିଚାଳନାରେ ନିଯୁକ୍ତ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ସମସ୍ତ ମହିଳାଙ୍କୁ ମୁଖ୍ୟ ହଲ୍‌କୁ ଆସିବାକୁ ଅନୁରୋଧ କଲେ ସେ। ସମସ୍ତ ବୃଦ୍ଧାଙ୍କ ମନରେ ଉତ୍ସୁକତା! ବୋଧେ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖାକରିବାକୁ ଆସିଛନ୍ତି! ସେମାନେ କେତେ ଝୁରି ହୁଅନ୍ତି ନିଜ ପିଲା ଏବଂ ଆତ୍ମୀୟମାନଙ୍କୁ, ହେଲେ ବାର୍ଦ୍ଧକ୍ୟରେ ଯେ ସେମାନେ ପରିବାର ପାଇଁ ଅଲୋଡ଼ା ଓ ବୋଝ ହେଉଛନ୍ତି ସେକଥା ଭାବି ତାଙ୍କ ମନ ଖୁବ୍ ବ୍ୟଥିତ ହୁଏ। ମନର କେଉଁ ଗହିରି କୋଣରେ ଆଶା ଥାଏ, କାଳେ କିଏ ଆସି ପୁଣି ଫେରେଇନେବ କି ସେମାନଙ୍କୁ ତାଙ୍କ ନାତିନାତୁଣୀମାନଙ୍କ ପାଖକୁ! ମାତ୍ର ହଲ୍‌ରେ ଏକତ୍ରିତ ହେଲାପରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଦେଖି ସମସ୍ତେ ନିରାଶ ହେଲେ।

ସମସ୍ତଙ୍କ ପାଟିରେ ମିଠା ଗୋଟିଏ ଗୋଟିଏ ଦେଇ ମୁଣ୍ଡିଆ ମରୁଥାଆନ୍ତି ସଜ୍ଜନ ଜଣକ। ସମସ୍ତେ ଖୁସିରେ ତାଙ୍କ ମୁଣ୍ଡରେ ହାତ ବୁଲେଇଆଣି ଆଶୀର୍ବାଦ କରୁଥାଆନ୍ତି। ଆଶିଷ ଓ ଶୁଭକାମନା ଦେଇ ବୃଦ୍ଧାମାନେ ଯେତିକି ଖୁସି ହେଉ ନ ଥା'ନ୍ତି, ସେମାନଙ୍କ ମୁଖମଣ୍ଡଳର ସନ୍ତୋଷ ଦେଖି ବ୍ୟକ୍ତିଜଣଙ୍କ ମୁହଁ ଆହୁରି ଉଜ୍ଜ୍ୱଳ ହୋଇ ଉଠୁଥାଏ।

ଫେରିଲା ବେଳେ ଆଶ୍ରମର କର୍ମଚାରୀ ପଚାରିଲେ, "ସାର୍, ଆପଣଙ୍କର ଏଠି ତ କେହି ନାହାନ୍ତି, ପୁଣି ଆପଣ ଆଜିଭଳି ଦିନରେ ଏଇଠି?"

ମୁଁ ପିଲାଦିନରୁ ମୋ' ମାଆକୁ ଦେଖିନି, ହେଲେ ମାଆର ଶୂନ୍ୟସ୍ଥାନକୁ ସବୁବେଳେ ଅନୁଭବ କରିଛି। ମୋ' ଜନ୍ମଠାରୁ ନେଇ ଆଜି ପର୍ଯ୍ୟନ୍ତ ପାଇଥିବା ପ୍ରତିଟି ସଫଳତା ପଛରେ ମୋ' ମାଆଙ୍କ ଅଦୃଶ୍ୟ ଆଶୀର୍ବାଦକୁ ଅନୁଭବ କରିଛି। ସବୁବେଳେ ମାଆ ସ୍ନେହ ପାଇଁ ଆଶାୟୀ ମୋ' ମନ, ମୋ' ହେତୁ ହେଲା ଦିନଠାରୁ ଯେଉଁ ଜାଗାରେ ବି ଥାଏ, ଆଜି ଦିନରେ 'ମାଆ'ମାନଙ୍କ ସହିତ ମିଶି କିଛି ସମୟ ବିତେଇବା ପାଇଁ ବୃଦ୍ଧାଶ୍ରମକୁ ଚାଲିଆସେ। ଏ ସମସ୍ତଙ୍କ ଭିତରେ ମାଆର ସ୍ୱରୂପ ପାଇ ଖୁବ୍ ସନ୍ତୋଷ ଲାଭ କରେ।



ମାଆବାପାଙ୍କୁ ବୋଝ ମଣୁଥିବା ଏ ସମାଜ ସେମାନଙ୍କୁ ଏଇ ଆଶ୍ରମରେ ଆଣି ଛାଡ଼ି ଦେଉଛନ୍ତି ସିନା, ସେମାନେ ଜାଣିପାରୁନାହାନ୍ତି ସେମାନେ କେତେ ସ୍ନେହାଶିଷଠାରୁ ନିଜକୁ ବଞ୍ଚିତ ରଖୁଛନ୍ତି। ଏମାନଙ୍କୁ ସ୍ନେହ ଦେବା ପରେ ଯେଉଁ ଆତ୍ମସନ୍ତୋଷ ଲାଭ ହୁଏ, ତାହା କେଉଁ ଠାକୁର ପୂଜିଲେ କି ତୀର୍ଥ ଭ୍ରମଣ କଲେ ମିଳିବ ନାହିଁ।

ଆଶ୍ରମର କର୍ମଚାରୀ ସେଦିନ ଭଦ୍ରବ୍ୟକ୍ତି ଗଲା ପରେ ଅନୁଭବ କଲେ ସେଦିନ ବୃଦ୍ଧାଶ୍ରମର ପ୍ରତି ମାଆ ଅନ୍ୟଦିନ ଅପେକ୍ଷା ଅଧିକ ଖୁସି ଜଣାପଡୁଥିଲେ। ଗୋଟିଏ ପୁଅକୁ ଆଶୀର୍ବାଦ କରିବା ପରେ ତାଙ୍କ ମୁଖମଣ୍ଡଳଗୁଡ଼ିକ ପରମ ଆତ୍ମସନ୍ତୋଷରେ ପୁଲକିତ ହୋଇଉଠୁଥିଲା।

ମୋ: ୬୩୭୦୫୧୬୪୭୮

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୩/୨୦୨୪ Bhubaneswar, Saturday, April 13/ 2024


# ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଭିନେଶଙ୍କ ଅଭିଯୋଗ

ନୂଆଦିଲ୍ଲୀ, ୧୨।୪ (ପି.ଟି.)

ବିଶିଷ୍ଟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଅଭିଯୋଗ କରିଛନ୍ତି ଯେ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ତାଙ୍କ ଅଲିମ୍ପିକ ସ୍ୱପ୍ନକୁ ଶେଷ କରିଦେବା ଲାଗି ପ୍ରୟାସ ଚଳାଇଛନ୍ତି। ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ବାଧା ସୃଷ୍ଟି କରାଯାଉଛି। ଧାର୍ଯ୍ୟ ସମୟ ସୀମା ପରେ ସେ ଆବେଦନ କରିଥିବା ଦର୍ଶାଇ ଫେଡେରେଶନ ତାଙ୍କ ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇଛି। ୨୯ ବର୍ଷୀୟା ଫୋଗଟ ୨୦୧୯ ଓ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ର ୫୩ କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାପୂର୍ବରୁ ୨୦୧୮ ଏସିଆନ ଗେମ୍ସ (୫୦କେଜି)ରେ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ତାଙ୍କୁ ଡୋପିଂ ମାମଲାରେ ଫସାଇ ଦିଆଯାଇ ପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ଭାରତୀୟ କୁସ୍ତି ମହାସଂଘ ସଫେଇ ଦେଇ କହିଛି ଯେ, ଫୋଗଟଙ୍କ ଅନୁରୋଧ ମେଲ୍ (ତାଙ୍କ କୋଚ୍ ଓ ଫିଜିଓଙ୍କ ସ୍ୱୀକୃତି ପ୍ରଦାନ ପାଇଁ) ମାର୍ଚ୍ଚ ୧୮ରେ ତାଙ୍କର ହସ୍ତଗତ ହୋଇଥିଲା। ସେତେବେଳକୁ ଖେଳାଳି, କୋଚ୍ ଓ ମେଡିକାଲ ଷ୍ଟାଫ୍‌ଙ୍କ ନାମ ତାଲିକା ଖେଳର ବିଶ୍ୱ ପରିଚାଳନା ପରିଷଦ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିକଟକୁ ପଠାଇ ଦିଆଯାଇ ସରିଥିଲା। କାରଣ ରେଜିଷ୍ଟ୍ରେଶନର ଅବଧି ମାର୍ଚ୍ଚ ୧୧ ରଖାଯାଇଥିଲା। ଆସନ୍ତା ସପ୍ତାହରେ କିରଗିଜସ୍ତାନର ବିଶେକ୍‌ଠାରେ ଆୟୋଜିତ



ଭିନେଶ ଫୋଗଟ

ଏସିଆନ କ୍ୱାଲିଫାଇଂ ଟୁର୍ନାମେଣ୍ଟର ୫୦ କେଜି ଶ୍ରେଣୀ ଅଲିମ୍ପିକ କୋଟା ଉପରେ ଫୋଗଟଙ୍କର ନଜର ରହିଛି। କର୍ତ୍ତୃପକ୍ଷଙ୍କ ଅନୁମତି ପରେ ପଟିଆଲାରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍ସରେ ଫୋଗଟ ୫୩କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେ ସେମିଫାଇନାଲରେ ପରାଜିତ ହୋଇଯାଇଥିଲେ। ଫୋଗଟ ସୋସିଆଲ ମିଡିଆ 'ଏକ୍ସ'ରେ ତାଙ୍କର ଏକ ଲମ୍ବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ସେ ଯେପରି ପ୍ୟାରିସ ଗେମ୍ସରେ ଅଂଶଗ୍ରହଣ କରି ନ ପାରନ୍ତି ବ୍ରିଜ ଭୂଷଣ ଏବଂ ତାଙ୍କର ଡମି ତଥା ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ ସବୁମତେ ଉଦ୍ୟମ କରିବେ। ବ୍ରିଜଭୂଷଣ ଓ ତାଙ୍କ ଗୋଷ୍ଠୀର ପସନ୍ଦ ଅନୁସାରେ ଦଳ ପାଇଁ ସମସ୍ତ କୋଚ୍ ମନୋନୟନ କରାଯାଇଛି। ସେମାନେ ମ୍ୟାଚ ବେଳେ ତାଙ୍କ ପାଣି ଓ ପାନୀୟରେ ହୁଏତ କିଛି ମିଶାଇ ଦେଇ ପାରନ୍ତି ଏବଂ ତାଙ୍କୁ ଡୋପିଂ ମାମଲାରେ ଫସାଇ ଦିଆଯାଇପାରେ। ଫୋଗଟ ଅଭିଯୋଗ କରିଛନ୍ତି ଯେ, ଏପ୍ରିଲ ୧୯ରୁ ଆରମ୍ଭ ହେଉଥିବା ଏସିଆନ ଅଲିମ୍ପିକ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପାଇଁ ତାଙ୍କ କୋଚ୍ ଓ ଫିଜିଓଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ତାଙ୍କ କୋଚ୍ ଓ ଫିଜିଓଙ୍କୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସେ ଏକ ମାସ ହେଲା ଭାରତ ସରକାର (ସାଇ, ଟପ୍ସ)ଙ୍କୁ ଅନୁରୋଧ କରି ଆସୁଛନ୍ତି। ସ୍ୱୀକୃତି ନ ପାଇଲେ ତାଙ୍କ କୋଚ୍ ଓ ଫିଜିଓ ପ୍ରତିଯୋଗିତା ସ୍ଥଳକୁ ଯାଇପାରିବେ ନାହିଁ।

# ଗୁକେଶ ପରାସ୍ତ, ଡ୍ର ରଖିଲେ ପ୍ରଜ୍ଞାନନ୍ଦ

ଟରଣ୍ଟୋ, ୧୨।୪ (ପି.ଟି.)

ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ପରାଜୟ ବରଣ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଫଳରେ ସେ ଯୁଗ୍ମ ଶୀର୍ଷ ସ୍ଥାନରୁ ତଳକୁ ଖସିଛନ୍ତି। ଫ୍ରାନ୍ସର ଫିରୋଉଜା ଅଲିରେଜାଙ୍କ ବିପକ୍ଷ ମ୍ୟାଚରେ ସେ ପରାଜୟ ସ୍ୱାଦ ଚାଖିଛନ୍ତି। ତେବେ ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଆମେରିକାର ଫାବିଆନୋ କରୁଆନାଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଛନ୍ତି।

ଅଲିରେଜାଙ୍କଠାରୁ ପରାସ୍ତ ହେବା ଦ୍ୱାରା ୧୭ ବର୍ଷୀୟ ଗୁକେଶ ୪ ପଏଣ୍ଟ ସହିତ କରୁଆନା ଓ ପ୍ରଜ୍ଞାନନ୍ଦଙ୍କ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷିଆର ଇଆନ ନେପୋମନିଆଚି ୪.୫ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। ସେ ନିଜର ୭ମ ରାଉଣ୍ଡ ମ୍ୟାଚକୁ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଡ୍ର ରଖିଛନ୍ତି। ସେହିପରି ପଏଣ୍ଟ ଭାଗ କରିବା ଦ୍ୱାରା ଆଜରବୈଜାନର ନିଜାତ ଆବାସୋଭ ଓ ଭିଦିତ ଗୁଜରାଠି ୩.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ୫ମ ସ୍ଥାନରେ ରହିଥିବାବେଳେ ନାକାମୁରା ଓ ଅଲିରେଜା ୨.୫ ପଏଣ୍ଟ ସହିତ ୭ମ ସ୍ଥାନ ପାଇଛନ୍ତି। ଆବାସୋଭ ୨ ପଏଣ୍ଟ ସହିତ ଶେଷ ସ୍ଥାନରେ ରହିଛନ୍ତି। ଅଲିରେଜା ଭାଗ୍ୟର ସାଥ୍ ବଳରେ ଗୁକେଶଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ଏହା ଏପରି ଏକ ଦିନ ଥିଲା ଯେଉଁଥିରେ କି ଗୁକେଶ ଯୋଜନା ଅନୁସାରେ ଖେଳିପାରି





ଶୁକ୍ରବାର ସପ୍ତମ ରାଉଣ୍ଡ ମ୍ୟାଚ ଅବସରରେ ଭାରତର ଭିଦିତ୍ ଗୁଜରାଠି ଓ ଆର. ପ୍ରଜ୍ଞାନନ୍ଦ।

ନ ଥିଲେ। ମିଡିଲ ଗେମ୍‌ରେ ସେ ଭଲ ପୋଜିଶନରେ ଥିଲେ ମଧ୍ୟ ସେଥିରୁ ଫାଇଦା ନେଇପାରି ନ ଥିଲେ। ପ୍ରଜ୍ଞାନନ୍ଦ ଫ୍ରେଞ୍ଚ୍ ଡିଫେନ୍ସ ଉପଯୋଗ କରି କରୁଆନାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ୪୧ତମ ମୁଭ୍ ପରେ ଉଭୟ ଖେଳାଳି ପଏଣ୍ଟ ଭାଗପାଇଁ ରାଜି ହୋଇଥିଲେ। ବର୍ଲିନ ଡିଫେନ୍ସରେ ଭିଦିତ ଗୁଜରାଠି ଏକଦା ବିଜୟର ନିକଟତର ହୋଇଥିଲେ ହେଁ ଆବାସୋଭ ଶେଷ ଭାଗରେ ଭଲ ପ୍ରଦର୍ଶନ କରି ମ୍ୟାଚ ଡ୍ର ରଖିଥିଲେ।

## କ୍ୟାଣ୍ଡିଡେଟ୍ସ ଚେସ୍

ମହିଳା ବର୍ଗରେ ଆର୍. ବୈଶାଳୀ ଟୁର୍ନାମେଣ୍ଟରେ ତୃତୀୟ ପରାଜୟ ବରଣ କରିଛନ୍ତି। ଚାଇନାର ଟିଙ୍ଗଜି ଲି ପ୍ରଭାବୀ ପ୍ରଦର୍ଶନ କରି ବୈଶାଳୀଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ଅନ୍ୟ ୩ଟି ବୋର୍ଡରେ ମ୍ୟାଚ ଡ୍ର ରହିଥିଲା। ୭ମ ରାଉଣ୍ଡ ଶେଷରେ ଚାଇନାର ଝୋଙ୍ଗୟି ଟାନ୍ ୦.୫ ପଏଣ୍ଟ ଅଧିକ ପାଇ ଅଗ୍ରଣୀଲାଭ କରିଛନ୍ତି। ସେ ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଜକିନାଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ସେହିପରି ରୁଷିଆର କାଟେରିନା ଲାଗନୋ ଓ ବୁଲଗେରିଆର ନୁର୍ଗିଉଲ ସାଲିମୋଭା ଏବଂ ଆନା ମୁଝଚୁକ୍ ଓ ଭାରତର କୋନେରୁ ହମ୍ପିଙ୍କ ମଧ୍ୟରେ ମ୍ୟାଚ ଡ୍ର ରହିଥିଲା। ଝୋଙ୍ଗୟି ୫ ଓ ଗୋର୍ୟାଚକିନା ୪.୫ ପଏଣ୍ଟ ପାଇ ସାରିଥିବାରୁ ମହିଳା ବିଭାଗରେ ଭାରତର ଟାଇଟଲ ଚ୍ୟାଲେଞ୍ଜ ଏକପ୍ରକାର ଶେଷ ହୋଇଯାଇଛି। ଲାଗ୍‌ନୋ ଓ ଲେଇ ୪ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ତୃତୀୟରେ ରହିଥିବାବେଳେ ସାଲିମୋଭା ୩ ପଏଣ୍ଟ ସହିତ ଏକାକୀ ୫ମ ସ୍ଥାନରେ ରହିଛନ୍ତି। ହମ୍ପି, ବୈଶାଳୀ ଓ ମୁଝିଚୁକ୍ ୨.୫ ପଏଣ୍ଟରେ ଥିବାରୁ ସଫଳ ପ୍ରତ୍ୟାବର୍ତ୍ତନ ପାଇଁ ଖେଳର ଦ୍ୱିତୀୟ ଭାଗରେ ଅଲୌକିକ ପ୍ରଦର୍ଶନ ଆବଶ୍ୟକ କରୁଛନ୍ତି। ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଆଉ ୭ ରାଉଣ୍ଡ ଖେଳ ବାକିଅଛି।

# ଡିଷ୍ଟାନ୍ସ ରନର ଲକ୍ଷ୍ମଣନ ୨ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୧୨।୪ (ପି.ଟି.): ନ୍ୟାଶନାଲ ଆଣ୍ଟିଡୋପିଂ ଏଜେନ୍ସି(ନାଡା) ଡିଷ୍ଟାନ୍ସ ରନର ଜି. ଲକ୍ଷ୍ମଣନଙ୍କୁ ଦୁଇ ବର୍ଷ ବାସନ୍ଦ କରିଛି। ସେ ୧୨ମାସରେ ୩ଥର 'କେଉଁଠାରେ ଅଛି' ନିୟମର ଉଲ୍ଲଂଘନ କରିବା ସହ ଥରେ ଡୋପ୍ ଟେଷ୍ଟରେ ସେ ଉପସ୍ଥିତ ହୋଇପାରି ନ ଥିଲେ। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ଲକ୍ଷ୍ମଣନ ୫୦୦୦ମିଟର ଓ ୧୦,୦୦୦ ମିଟର ରେସ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ୨୦୨୨ର ତୃତୀୟ (ଜୁଲାଇରୁ ସେପ୍ଟେମ୍ବର) ଓ ଚତୁର୍ଥ (ଅକ୍ଟୋବରରୁ ଡିସେମ୍ବର) କ୍ୱାର୍ଟରରେ 'କେଉଁଠାରେ ଅଛି' ରିପୋର୍ଟ କରିବାରେ ବିଫଳ ହୋଇଥିଲେ। ୨୦୨୩ ମାର୍ଚ୍ଚ ୨୬ରେ ହୋଇଥିବା ଡୋପ୍ ଟେଷ୍ଟରେ ସେ ଉପସ୍ଥିତ ନ ଥିଲେ। ୨୦୨୨ ବର୍ଷର ଅଧିକାଂଶ ସମୟ ଲକ୍ଷ୍ମଣନ ନାଡାର ପଞ୍ଜୀକୃତ ଟେଷ୍ଟିଂ ପୁଲ୍ (ଆର୍‌ଟିପି) ଅଂଶବିଶେଷ ଥିଲେ। ୨୦୨୪ ମାର୍ଚ୍ଚ ୧୯ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ନାଡାର ଡୋପିଂ ନିରୋଧୀ ଶୃଙ୍ଖଳା ପ୍ୟାନେଲ ୨୦୨୩ ଅଗଷ୍ଟ ୧୦ରୁ ଦୁଇ ବର୍ଷ ପାଇଁ ବାସନ୍ଦ କରିଛି। ନାଡାର ଆର୍‌ଟିପିରେ ସ୍ଥାନ ପାଇଥିବା ଆଥଲେଟମାନଙ୍କୁ ପ୍ରତି ୩ ମାସ ବ୍ୟବଧାନରେ ନିୟମିତ ଥରେ ଲେଖାଏ 'କେଉଁଠାରେ ଅଛି' ତଥ୍ୟ ଦାଖଲ କରିବାକୁ ହେବ। ଏହି ସମୟ କାଳରେ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ଆଥ୍‌ଲେଟଙ୍କୁ ଡୋପ୍ ଟେଷ୍ଟ ପାଇଁ ୬୦ ମିନିଟ ସମୟ ଦେବାକୁ ପଡ଼ିବ। ଜଣେ ଆର୍‌ଟିପି ଆଥ୍‌ଲେଟ ଯଦି ୧୨ ମାସ ମଧ୍ୟରେ ୩ଥର 'କେଉଁଠାରେ ଅଛି' ନିୟମର ଉଲ୍ଲଂଘନ କରନ୍ତି ତେବେ ସେ ଡୋପିଂ ନିରୋଧୀ ନିୟମର ଉଲ୍ଲଂଘନ କରିଥିବା ଧରି ନିଆଯିବ। ଏଥିପାଇଁ ତାଙ୍କୁ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିବ।






# ଭାରତର କ୍ରମାଗତ ୪ର୍ଥ ପରାଜୟ

ପର୍ଥ, ୧୨।୪

## ଅଷ୍ଟ୍ରେଲିଆ ବିପକ୍ଷ ହକି ଟେଷ୍ଟ ସିରିଜ

ସମ୍ପ୍ରତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ଘରୋଇ ଦଳ ନିକଟରୁ ୧-୩ ଗୋଲରେ ପରାସ୍ତ ହୋଇଛି। ଅଧିନାୟକ ହରମନପ୍ରୀତ ସିଂ ୧୨ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ମାତ୍ର ଏହି ଅଗ୍ରଣୀରୁ ଭାରତ ବିଶେଷ ଫାଇଦା ଉଠାଇପାରି ନ ଥିଲା। ପ୍ରଥମ କ୍ୱାର୍ଟରରେ ଯଦିଓ ଭ୍ରମଣକାରୀ ଦଳ ୧-୦ରେ ଆଗୁଆ ରହିଥିଲା ତେବେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ଜେରେମି ହେୱାର୍ଡ ପେନାଲ୍ଟି କର୍ନରରୁ ଗୋଲଟିକୁ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍କୋର ୧-୧ରେ ବରାବର ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ୨ଟି ଗୋଲ ଦେଇ ଅଷ୍ଟ୍ରେଲିଆ ଏହାର ଜୟଯାତ୍ରା ଅବ୍ୟାହତ ରଖିଥିଲା। ୪୭ତମ ମିନିଟରେ ଜେରେମି ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିବାବେଳେ ୫୪ତମ ମିନିଟରେ ଜ୍ୟାକ ୱେଲ୍ଟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଚଳିତ ସିରିଜରେ ଭାରତର ଏହା କ୍ରମାଗତ ୪ର୍ଥ ପରାଜୟ। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୪-୧ରେ ଅଗ୍ରଣୀଲାଭ କରିଛି। ପ୍ରଥମ ୩ଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୧, ୪-୨ ଓ ୨-୧ ଗୋଲରେ ବିଜୟ ହାସଲ କରିଥିଲା। ଦୁଇ ଦଳ ମଧ୍ୟରେ ୫ମ ତଥା ଅନ୍ତିମ ମ୍ୟାଚ ଶନିବାର ଅନୁଷ୍ଠିତ ହେବ।



ପର୍ଥରେ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭାରତର ତୃତୀୟ ବିଜୟ

ନୂଆଦିଲ୍ଲୀ, ୧୨।୪ (ପି.ଟି.): ବିଲି ଜିନ୍ କିଙ୍ଗ୍ କପ୍ ଟେନିସ ପ୍ରତିଯୋଗିତାରେ ଭାରତ ଏହାର ତୃତୀୟ ବିଜୟ ହାସଲ କରିଛି। ଚାଇନାର ଚାଙ୍ଗଶାଠାରେ ଅନୁଷ୍ଠିତ ଏସିଆ ଓସେନିଆ ଗ୍ରୁପ୍-୧ର ଏକ ମୁକାବିଲାରେ ଭାରତ ୨-୧ରେ ଦକ୍ଷିଣ କୋରିଆକୁ ହରାଇ ଦେଇଛି। ଶୁକ୍ରବାର ଏହି ବିଜୟ ଦ୍ୱାରା ଭାରତ ୩ ବିଜୟ ଓ ଏକ ପରାଜୟ ସହ ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କୋରିଆ ବିପକ୍ଷରେ ବିଶ୍ୱର ୩୭୯ ନମ୍ବର ଖେଳାଳି ଭାରତର ଋତୁଜା ଭୋସେଲ୍ ୬-୨, ୬-୨ରେ ସୋୟୁନ୍ ପାର୍କଙ୍କୁ ପରାସ୍ତ କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ପରବର୍ତ୍ତୀ ସିଙ୍ଗଲ୍ସରେ ଅଙ୍କିତା ରାଇନା ୨-୬, ୩-୬ରେ ସୁଜିଅଙ୍ଗ୍ ଜାଙ୍ଗ୍‌ଙ୍କଠାରୁ ହାରିଯିବାରୁ ମୁକାବିଲା ୧-୧ ସ୍ତରକୁ ଚାଲିଆସିଥିଲା। କିନ୍ତୁ ଅଙ୍କିତା ଡବଲ୍ସରେ ଭଲ ପ୍ରଦର୍ଶନ କରି ଥିଲେ। ସେ ଓ ପ୍ରାର୍ଥନା ଥୋମ୍ବାରେ କୋରିଆର ପାର୍କ ଓ ଡାବିନ୍ କିମ୍‌ଙ୍କୁ ୬-୪, ୬-୪ରେ ହରାଇ ଦେଇଥିଲେ। ଭାରତ ପୂର୍ବରୁ ପ୍ୟାସିଫିକ୍ ଓସେନିଆ (୩-୦) ଓ ଚାଇନିଜ ତାଇପେ (୨-୧)କୁ ପରାସ୍ତ କରିଥିବା ବେଳେ ଚାଇନା (୦-୩)ଠାରୁ ହାରିଯାଇଥିଲା। ୫ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏସିଆ/ଓସେନିଆ ଗ୍ରୁପ୍-୧ ପ୍ରତିଯୋଗିତାର ଶ୍ରେଷ୍ଠ ଦୁଇ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ନିମ୍ନରେ ରହିଥିବା ଦୁଇ ଦଳ ୨୦୨୫ରେ ଗ୍ରୁପ୍-୨କୁ ଖସିଯିବେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ